# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୨୬/୨୦୨୦ (୧୬ ପୃଷ୍ଠା) Sambalpur, Wednesday, February 26 / 2020 ★★

୧୬ଶ ଭାଗ ୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**୩୯ ବର୍ଷରେ ପାଦ ଥାପିଲେ ଶାହିଦ**

ବଲିଉଡ୍ ଷ୍ଟାର ଶାହିଦ କପୁର ୩୯ ବର୍ଷରେ ପାଦ ଦେଇଛନ୍ତି। ସେ ବଲିଉଡ୍ ଫିଲ୍ମ 'ଇଶ୍କ ବିଶ୍କ'ରେ ଡେବ୍ୟୁ କରିଥିଲେ। ପରେ 'ଫିଦା', 'ଜବ୍ ୱି ମିଟ୍', 'କବୀର ସିଂ'ରେ ଅଭିନୟ କରିଥିଲେ।

୦୯

୧୫

**ବିଦେଶରେ ଟି୨୦ଲିଗ୍ ଖେଳିବାକୁ ଚାହାନ୍ତି ପ୍ରଜ୍ଞାନ**

ଭାରତର ପୂର୍ବତନ ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ବିଦେଶରେ ଟି୨୦ ଲିଗ୍ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି।







| DISCIPLINE | VENUE | DATE | | | | |
|---|---|---|---|---|---|---|
| | | 26th Feb. | 27th Feb. | 28th Feb. | 29th Feb. | 1st Mar. |
| BADMINTON | JN INDOOR STADIUM - CUTTACK | 12:00 PM Onwards | | | | |
| JUDO | MULTI PURPOSE - SPORTS HALL, SAHEED NAGAR | | 10:00 AM Onwards | 10:00 AM Onwards | 10:00 AM Onwards | |
| SWIMMING | KALINGA STADIUM | 10:00 AM Onwards | | | | |
| ATHLETICS | KALINGA STADIUM | | | 7:00 AM Onwards | 6:30 AM Onwards | 2:00 PM Onwards |


# ମଡ଼ା ଉପରେ ଶାସନ

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସା ଉଗ୍ରରୂପ ଧାରଣ କରିଛି। ଇତିମଧ୍ୟରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ କନଷ୍ଟେବଲ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇଦିନିଆ ଭାରତ ଗସ୍ତରେ ଥିବା ବେଳେ ଉତ୍ତର-ପୂର୍ବ ଦିଲ୍ଲୀରେ ସ୍ଥିତି ଅଣାୟତ୍ତ ହେବା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ପ୍ରଚାର କରାଗଲା ଯେ, ଟ୍ରମ୍ପ୍‌ଙ୍କ ଆଗମନକୁ ଅନିଷା କରି ସିଏଏ ବିରୋଧୀମାନେ ଏଭଳି ହିଂସା ଭିଆଇଛନ୍ତି। କିନ୍ତୁ ଗତ ଦୁଇଦିନକୁ ଦେଖିଲେ ଶାହିନ୍‌ବାଗ ପ୍ରତିବାଦ ଶାନ୍ତିଶୃଙ୍ଖଳାରେ ଚାଲିଥିବା ବେଳେ ଭାଜପାର ସ୍ଥାନୀୟ ନେତା କପିଲ ମିଶ୍ର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଗସ୍ତ ପୂର୍ବରୁ ମଉଜପୁର ଓ ଜାଫରାବାଦ ଅଞ୍ଚଳର ପ୍ରତିବାଦକାରୀଙ୍କ ବିରୋଧରେ କଠୋର ମନ୍ତବ୍ୟ ଦେଇଥିଲେ। କେବଳ ସେତିକି ନୁହେଁ, ପ୍ରତିବାଦ କରୁଥିବା ସ୍ଥାନ ନିକଟରେ ସିଏଏ ସପକ୍ଷବାଦୀଙ୍କ ଏକ ଶୋଭାଯାତ୍ରାର ଆୟୋଜନ କରାଇ ପରିସ୍ଥିତିକୁ ଅସମ୍ଭାଳ କରିବା ପାଇଁ ଏହି ନେତା ଦାୟିତ୍ୱ ନେଇଥିବା ଭଳି ମନେହୁଏ। ଏଭଳି ଏକ ବିରାଟକାୟ ହିଂସା ଘଟାଇବା କେବେହେଲେ ତାଙ୍କ ନିଜସ୍ୱ ଶକ୍ତିରେ ହୋଇ ପାରି ନ ଥାନ୍ତା। ଏହାପଛରେ କେନ୍ଦ୍ର ପ୍ରଶାସନର ସକ୍ରିୟ ସମର୍ଥନ ରହିଛି ବୋଲି ଦିଲ୍ଲୀ ପୋଲିସ ନିଷ୍କ୍ରିୟତାରୁ ବୁଝାପଡ଼େ। ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଶେଷ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଭାରତ-ପାକିସ୍ତାନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କହିଥିବାରୁ କପିଲଙ୍କୁ ନିର୍ବାଚନ ବେଳେ ପ୍ରଚାର କରିବାରୁ ବାରଣ କରାଯାଇଥିଲା। ସେଭଳି ଜଣେ ବ୍ୟକ୍ତି ସିଏଏ ସପକ୍ଷବାଦୀ ଶୋଭାଯାତ୍ରା କରିବା ପରେ ସଦ୍ୟ ହିଂସାକାଣ୍ଡ ଉପୁଜିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସିଏଏକୁ ଆଇନର ମୋହର ଦେଇଥିବାରୁ ସଂଯମ ରକ୍ଷା କରିବା କଥା। ଦେଶର କୌଣସି ଆଇନ ନାଗରିକଙ୍କୁ ଅଡୁଆରେ ପକାଇଲେ ତାହାକୁ ବିରୋଧ କରାଯିବା ସ୍ୱାଭାବିକ। ଦେଖାଯାଏ କୌଣସି ଚିନ୍ତାଧାରାର ସପକ୍ଷବାଦୀ ଓ ବିପକ୍ଷବାଦୀମାନେ ମୁହାଁମୁହିଁ ହୋଇଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସୁନିଶ୍ଚିତ। ସ୍ଥିତିକୁ ଆକଳନ କରିବା ସହିତ ଠିକ୍ ଭାବେ ପରିଚାଳନା କରିବାର ଦାୟିତ୍ୱ ଦିଲ୍ଲୀ ପୋଲିସ ଉପରେ ନ୍ୟସ୍ତ। ବିଶେଷକରି ରାଜଧାନୀ ପୋଲିସକୁ ସିଧାସଳଖ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପରିଚାଳନା କରୁଥିବାରୁ ତାହାର ବିଫଳତା ଅଧିକ ଚିନ୍ତାଜନକ ହୋଇପଡୁଛି।

**ତଥାଗତ ସତପଥୀ**

ବର୍ତ୍ତମାନ ଭାରତରେ ଭିନ୍ନ ଧରଣର ପରିସ୍ଥିତି ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଗଲାଣି। ନିକଟରେ ସୁପ୍ରିମକୋର୍ଟ ବିଚାରପତି ଅରୁଣ ମିଶ୍ର ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। ସେ ମୋଦିଙ୍କୁ ଅନ୍ତର୍ଜାତୀୟ ସ୍ତରୀୟ ଦିବ୍ୟଦ୍ରଷ୍ଟା ବା ସର୍ବତୋମୁଖୀ ଅସାଧାରଣ ବ୍ୟକ୍ତି ବୋଲି ଅଭିହିତ କରିଥିଲେ। ଜଣେ ବିଚାରପତି ନ୍ୟାୟାଳୟର ସ୍ୱାର୍ଥକୁ ଜଗିବା କଥା। ତା' ପରିବର୍ତ୍ତେ ରାଜନୈତିକ କ୍ଷମତାସୀନ ବ୍ୟକ୍ତିଙ୍କୁ ସମର୍ଥନ କରିବା ଦ୍ୱାରା ତାଙ୍କ ପ୍ରତ୍ୟେକଟି ରାୟ ସନ୍ଦେହ ଘେରରେ ଆସିଯିବ। ହୁଏତ ସେଥିପାଇଁ ଉଭୟ ଭୋଡାଫୋନ୍ ଓ ଏୟାରଟେଲ୍ ବିରୋଧରେ ଜଷ୍ଟିସ୍ ମିଶ୍ରଙ୍କ ରାୟକୁ ଏବେ ସମାଲୋଚନା ଆରମ୍ଭ ହୋଇଛି। ଅତି ସହଜରେ କହିବାକୁ ଗଲେ ତାଙ୍କ ଦ୍ୱାରା ଦିଆଯାଇଥିବା ରାୟର ପ୍ରତିଫଳନ ଭାବେ ଏହି ଦୁଇଟି ମୋବାଇଲ ଟେଲିକମ୍ କମ୍ପାନୀର ଖୁବ୍‌ଶୀଘ୍ର ମୃତ୍ୟୁ ଘଟିବ ଏବଂ କେବଳ ଗୋଟିଏ କମ୍ପାନୀ ଏକଚାଟିଆ ଅଧିକାର ପାଇ ଶକ୍ତିଶାଳୀ ହେବ। ଏଭଳି ପରିସ୍ଥିତି ଘଟିଲେ ସମଗ୍ର ଦେଶବାସୀଙ୍କ କ୍ଷତି ହେବ। ଯଦି ବିଚାରପତିମାନେ ଏପରି ପକ୍ଷପାତିତା କରିବେ ଓ ରାଜନୈତିକ ନେତୃତ୍ୱକୁ ସମର୍ଥନ କରିବେ, ତେବେ ଭାରତର ଗଣତନ୍ତ୍ର ବିପଦରେ ପଡ଼ିଲାଣି ବୋଲି ବୁଝିବାକୁ ହେବ।

ଆମ ମଧ୍ୟରୁ ଅନେକ ହିନ୍ଦୁ ସନ୍ତୋଷଲାଭ କରିଥାଇପାରନ୍ତି ଯେ, ଉତ୍ତର-ପୂର୍ବ ଦିଲ୍ଲୀରେ ଘଟୁଥିବା ଦଙ୍ଗାରେ କେବଳ ମୁସଲମାନ ସମ୍ପ୍ରଦାୟର ମହିଳାମାନେ ଦମନର ଶିକାର ହେଉଛନ୍ତି। କିନ୍ତୁ ଯେଉଁ ଶକ୍ତି ଦେଶରେ ସାମାଜିକ ବିଭାଜନ ସୃଷ୍ଟି କରିବା ପାଇଁ ପଛଘୁଞ୍ଚା ଦେଉନାହିଁ, ସେଭଳି ଗୋଷ୍ଠୀ କେବଳ ମୁସଲମାନଙ୍କୁ ମାରି ସନ୍ତୁଷ୍ଟ ହେବ ନାହିଁ। ଆଜି ଯଦି ମୁସଲମାନ ଶିକାର ହେଉଛନ୍ତି, ତେବେ ଆସନ୍ତାକାଲି ଦଳିତମାନେ ଶିକାର ହେବେ, ତା'ପରେ ଖ୍ରୀଷ୍ଟିଆନ ଶିକାର ହେବେ, ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କୁ ବିରୋଧ କରୁଥିବା ଶ୍ରମିକ ଗୋଷ୍ଠୀ ଶିକାର ହେବେ। ଏହିଭଳି ଗୋଟିଏ ପରେ ଗୋଟିଏ ସଙ୍ଗଠିତ ଗୋଷ୍ଠୀ ଶିକାର ହୋଇ ମରିବା ପରେ ଶେଷକୁ ହିନ୍ଦୁମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ସୃଷ୍ଟି କରାଇ ସପକ୍ଷବାଦୀ ଓ ବିପକ୍ଷବାଦୀ ତିଆରି କରାଯିବ, ଯେଉଁମାନେ ପରସ୍ପରକୁ ମାରିବେ। ଏଭଳି ପରିସ୍ଥିତିରେ ମଡ଼ା ଉପରେ ଶାସନ କରିବା ପାଇଁ ଯେଉଁମାନେ ବଞ୍ଚି ରହିବେ, ସେହିମାନେ ହେବେ କେବଳମାତ୍ର ବିଜୟୀ।

# ଦିଲ୍ଲୀ ଦଙ୍ଗାରେ ୧୩ ମୃତ

**ସିଏଏ ବିରୋଧୀ ହିଂସା**

- ଆଉ ୮ ଜଣଙ୍କ ଜୀବନ ଗଲା
- ୫୦ ପୋଲିସ ସମେତ ୨୦୦ରୁ ଊର୍ଦ୍ଧ୍ୱ ଆହତ
- ୩ ଜିଲାରେ ହାଇଆଲର୍ଟ, ଅନେକ ସ୍ଥାନରେ ୧୪୪ ଧାରା
- ସ୍ଥିତି ସମୀକ୍ଷା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଶାହା-କେଜ୍‌ରିୱାଲ ଆଲୋଚନା
- ଉତ୍ତର-ପୂର୍ବ ଦିଲ୍ଲୀକୁ ସେନାକୁ ହସ୍ତାନ୍ତର କର: ଓୱାଇସି
- ଟ୍ରମ୍ପ୍ କହିଲେ ଭାରତର ଆଭ୍ୟନ୍ତରୀଣ ବିଷୟ



ଉତ୍ତର-ପୂର୍ବ ଦିଲ୍ଲୀ ଜାଫରାବାଦରେ ସିଏଏ ବିରୋଧୀ ହିଂସା ବେଳେ ମୁତୟନ ସଶସ୍ତ୍ର ପୋଲିସ ବଳ।

**ନୂଆଦିଲ୍ଲୀ,୨୫।୨**

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସା ଉଗ୍ରରୂପ ଧାରଣ କରିଛି। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସୋମବାର ସଂଘର୍ଷ ଘଟି ୫ ଜଣଙ୍କ ଜୀବନ ଯାଇଥିବାବେଳେ ମଙ୍ଗଳବାର ଅନ୍ୟ ୮ ଜଣଙ୍କ ମୃତ୍ୟୁ ଘଟିଛି। ୫୦ ପୋଲିସ କର୍ମଚାରୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୪ ସ୍ଥାନରେ କର୍ଫ୍ୟୁ ଜାରି ହୋଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ୱରାଷ୍ଟ୍ରମନ୍ତ୍ରୀ ଜରୁରୀ ବୈଠକରେ ସମୀକ୍ଷା କରିଛନ୍ତି। ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ସେପଟେ ଦୁଇଦିନିଆ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର କହି ବିବାଦରୁ ଦୂରେଇ ଯାଇଛନ୍ତି।

ଜାତୀୟ ରାଜଧାନୀ ଦିଲ୍ଲୀରେ କେନ୍ଦ୍ରର ସିଏଏକୁ ନେଇ ସୋମବାର ଘଟିଥିବା ହିଂସା ଏକପ୍ରକାର ଦଙ୍ଗାର ରୂପ ନେଇସାରିଛି। ଉତ୍ତର-ପୂର୍ବ ଦିଲ୍ଲୀର ମୌଜପୁରରେ ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ଟେକାମାଡ଼, ଭଙ୍ଗାରୁଜା ଓ ଜଳାପୋଡ଼ା କରିବା ସହ ସ୍ଥାନୀୟ ଲୋକଙ୍କୁ ଧମକ ଦେଇଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଛି। ଏହି ଦଙ୍ଗାରେ ଅଦ୍ୟାବଧି ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନ୍ୟୂନ ୧୫ ଜଣଙ୍କ ଦେହରେ ଗୁଳି ବାଜିଛି। ହିଂସାକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକର ପରୀକ୍ଷା ବାତିଲ କରିଦିଆଯାଇଛି। ଲୋକେ ଭୟରେ ବାହାକୁ ନ ବାହାରି ଘରେ ରହିଛନ୍ତି। ସ୍ଥିତି ଆଗକୁ ଅଧିକ ଜଟିଳ ହେବା ଆଶଙ୍କା ଥିବାରୁ ୩ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଏହାସହ ଏକକାଳୀନ କୌଣସି ସ୍ଥାନରେ ୪ ଜଣ ☞ ପୃଷ୍ଠା-୧୧

# ସୋମନାଥଙ୍କୁ ଆଜୀବନ ଜେଲ

- ସେନାରେ ଡାକ୍ତର ଥିଲେ
- ସ୍ତ୍ରୀ ଉଷାଶ୍ରୀଙ୍କୁ ୩୦୦ ଖଣ୍ଡ କରି କାଟିଥିଲେ
- ବିଳମ୍ବ ହେଲେ ବି ନ୍ୟାୟ ମିଳିଛି: ଉଷାଶ୍ରୀଙ୍କ ଭାଇ



ସୋମନାଥ ଓ ଉଷାଶ୍ରୀ (ଫାଇଲ ଫଟୋ)।

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ସ୍ତ୍ରୀ ଉଷାଶ୍ରୀଙ୍କୁ ହତ୍ୟା ପରେ ୩ଶହ ଖଣ୍ଡ କରି କାଟିଥିଲେ ଅବସରପ୍ରାପ୍ତ ସେନା ଡାକ୍ତର ତଥା ଲ୍ୟୁଟନାଣ୍ଟ କଲୋନେଲ ସୋମନାଥ ପରିଡ଼ା। ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ଘଟିଥିବା ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ଖୋର୍ଦ୍ଧା ଜିଲା ଦୌରାଜଜ୍ ଦୋଷୀ ସୋମନାଥଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୬୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ସଜା ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଲୋକନାଥ ମହାପାତ୍ର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିଚାରବେଳେ ଉଷାଶ୍ରୀଙ୍କ ଭାଇ, ପୁଅ, ଝିଅଙ୍କ ସହିତ ୨୪ଜଣଙ୍କ ସାକ୍ଷ୍ୟ ନିଆଯାଇଥିଲା। ଏହାସହ ୨୮ ଡକ୍ୟୁମେଣ୍ଟ, ଫରେନସିକ୍ ରିପୋର୍ଟକୁ ବିଚାରପତି ଅନୁଧ୍ୟାନ କରିବା ପରେ ରାୟ ଶୁଣାଇଥିଲେ। ଆଇପିସି ଦଫା ୩୦୨ (ହତ୍ୟା) ରେ ଆଜୀବନ ସଜା ସହ ୫୦ ହଜାର ଟଙ୍କା ଜରିମାନା, ଦଫା ୨୦୧ (ପ୍ରମାଣ ନଷ୍ଟ)ରେ ☞ ପୃଷ୍ଠା-୧୧





Vencobb FRESH CHICKEN — Taste the difference!

25.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 38 | 77 | 87 |
| DKL | 38 | 77 | 87 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 39 | 79 | 89 |
| BMP | 36 | 75 | 85 |

*Conditions Apply

Issued in the Interest of Consumers




292 CITIES COVERED | 541 SALES & SERVICE OUTLETS | FORD CREDIT | FORD ASSURED Certified Pre-Owned Cars | Search for Ford dealer near me

AUTHORISED FORD DEALERS: BALANGIR: Koshal Chowk, Minerva Ford, ☎: 9619051495. • BALASORE: Near Januganj Golai, Basanti Ford, ☎: 9619049873. • BHUBANESHWAR: Mancheswar Indusrial Estate, Capital Ford: ☎: 9022917371. Patrapada, Khurdha, Trupti Ford: ☎: 8657589340. • CUTTACK: Pratap Nagari, Odisha Ford, ☎: 9022909587. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Conditions and exclusions apply. Ex-showroom price is of Ambiente petrol variant of EcoSport, Aspire, Freestyle, Figo & Diesel Titanium variant of Endeavour. Ford Endeavour BS VI is available only in Diesel. Images and illustrations are for information purposes and are indicative only. Because of changes in conditions and circumstances, Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Always consult an authorised Ford Dealer for the latest information with respect to features, specifications, prices, optional equipment and availability before deciding to place an order. Features may vary from model to model. Colours are indicative only and may vary due to printing constraints. Specifications and features are subject to change without notice. Ford India requests you to follow traffic rules for your safety. For more information contact any Ford authorized dealer or visit website www.india.ford.com. Google and other related marks are trademarks of Google LLC.


**ଭାରତ-ଆମେରିକା ୩ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି**

........୨........

**ମାର୍ଚ୍ଚ ୨୬ରେ ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ନିର୍ବାଚନ**

........୩........



“ଶାନ୍ତି ଓ ସଂହତି ଲାଗି ସରକାରଙ୍କ ସହ କଂଗ୍ରେସ ରହିଛି। ହିଂସାକୁ ରୋକାଯାଇ ଶାନ୍ତିରକ୍ଷା କରାଯାଉ।

-ରଣଦୀପ ସୁର୍‌ଜେୱାଲା, କଂଗ୍ରେସ ମୁଖପାତ୍ର



ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଟ୍ରମ୍ପ୍ ଦମ୍ପତି।



ରାଷ୍ଟ୍ରପତି ଭବନରେ ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ମୋଦି କରମର୍ଦ୍ଦନ କରୁଛନ୍ତି। ନିକଟରେ ଅଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଆମେରିକାର ଫାଷ୍ଟ ଲେଡି ମାଲେନିଆ ଟ୍ରମ୍ପ୍।

# ୩ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି

ନୂଆଦିଲ୍ଲୀ,୨୫।୨

ଭାରତ ଓ ଆମେରିକା ମଧ୍ୟରେ ମଙ୍ଗଳବାର ୩ ବିଲିୟନ ଡଲାରର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏହି ଦୁଇଦିନିଆ ଐତିହାସିକ ଗସ୍ତ ଦୁଇରାଷ୍ଟ୍ରର ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ବିଶ୍ୱସ୍ତରୀୟକୁ ନେଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ପର୍କ କେବଳ ଦୁଇ ଦେଶର ସରକାରଙ୍କ ମଧ୍ୟରେ ସୀମିତ ନ ରହି ଲୋକାଭିମୁଖୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଟ୍ରମ୍ପ୍ ମଧ୍ୟ ବାଣିଜ୍ୟଠାରୁ ନେଇ କଶ୍ମୀର ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସାକୁ ନେଇ ସେ କିଛି କହିବା ପାଇଁ ମନା କରିଦେଇଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

“ଭାରତ-ଆମେରିକା ସମ୍ପର୍କ ଦୁଇ ଦେଶର ସରକାରଙ୍କ ମଧ୍ୟରେ ସୀମିତ ନ ରହି ଲୋକାଭିମୁଖୀ ହେବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

“ପ୍ରଧାନମନ୍ତ୍ରୀ ମୋଦି ଏକ ମହାନ ଦେଶର ଜଣେ ସାହସୀ ନେତା।

-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍‌ଙ୍କୁ ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପ୍ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଟ୍ରମ୍ପ୍ ଦମ୍ପତିଙ୍କୁ ତିନିସେନା ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଟ୍ରମ୍ପ୍ ଦମ୍ପତି ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନା ପରେ ଦୁଇ ନେତା ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଦେଇ ମୋଦି କହିଥିଲେ, ଭାରତ-ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ଦୁଇଦେଶର ରଣନୈତିକ ସହଯୋଗିତାକୁ ପ୍ରତିଫଳନ କରୁଛି। ଡ୍ରଗ୍ ଚାଲାଣ ରୋକିବା ପାଇଁ ମଧ୍ୟ ଆମେ ସହମତ ହୋଇଛୁ। ରାଷ୍ଟ୍ରପତି ଟ୍ରମ୍ପ୍ କହିଥିଲେ, ଭାରତରେ ଦୁଇଦିନର ରହଣି ତାଙ୍କ ପାଇଁ ବିଶେଷ ଆମୋଦଦାୟକ ହୋଇଛି। ବିଶେଷକରି ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ର ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ୧,୨୫,୦୦୦ ଲୋକଙ୍କ ଉପସ୍ଥିତି ତାଙ୍କୁ ବିମୋହିତ କରିଥିଲା ବୋଲି ସେ ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ମୋଦିଙ୍କୁ ଏକ ମହାନ୍ ଦେଶର ଜଣେ ସାହସୀ ନେତା ଭାବେ ଅଭିହିତ କରିଥିଲେ। ଭାରତରେ ମୁସଲିମ ସମ୍ପ୍ରଦାୟ ପ୍ରତି ଭେଦଭାବପୂର୍ଣ୍ଣ ବ୍ୟବହାର ଦେଖାଯାଉଥିବା ନେଇ ପ୍ରଶ୍ନ ହେବାରୁ ଟ୍ରମ୍ପ୍ କହିଥିଲେ, ଆମେ ଧର୍ମୀୟ ସ୍ୱାଧୀନତା ସମ୍ପର୍କରେ ଆଲୋଚନା କରିଛୁ। ଲୋକଙ୍କ ଧର୍ମୀୟ ସ୍ୱାଧୀନତା ବଜାୟ ରହୁ ବୋଲି ମୋଦି ଚାହାନ୍ତି। ଏହି କ୍ଷେତ୍ରରେ ସେ କଠିନ ପରିଶ୍ରମ କରିଛନ୍ତି। ତେବେ ସିଏଏ ନେଇ ଦୁଇନେତାଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇ ନ ଥିବା ସେ ପ୍ରକାଶ କରିଥିଲେ। ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ସମ୍ପର୍କରେ ଟ୍ରମ୍ପ୍ କିଛି କହିବା ପାଇଁ ମନା କରିଦେବା ସହ ଏହାକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ମତ ଦେଇଥିଲେ। ଭାରତରେ ୩୬ ଘଣ୍ଟା ବିତାଇବା ପରେ ମଙ୍ଗଳବାର ରାତି ୧୦ଟା ୩୦ରେ ଟ୍ରମ୍ପ୍ ପରିବାର ଓ ପ୍ରତିନିଧି ଦଳ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।



ରାଷ୍ଟ୍ରପତି ଭବନରେ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରାଯାଉଥିବାବେଳେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେଇ ଛିଡ଼ା ହୋଇଛନ୍ତି ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ଉପଦେଷ୍ଟା ଜାରେଡ୍ କୁଶନର, ତାଙ୍କ ସ୍ତ୍ରୀ ଇଭାଙ୍କା ଟ୍ରମ୍ପ୍ ଏବଂ ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ରବର୍ଟ ଓ’ବ୍ରିଏନ୍ ।

# ହୋସ୍‌ନି ମୁବାରକ୍‌ଙ୍କ ପରଲୋକ

କାଇରୋ, ୨୫।୨(ପି.ଟି.)



ଇଜିପ୍ଟର ପୂର୍ବତନ ରାଷ୍ଟ୍ରପତି ହୋସ୍‌ନି ମୁବାରକ୍‌ଙ୍କ ମଙ୍ଗଳବାର କାଇରୋ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ସେଠାରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ଦୀର୍ଘ ୩୦ ବର୍ଷ ଶାସନ କରିବା ସହ ମଧ୍ୟପ୍ରାଚ୍ୟରେ ସେ ନିଜକୁ ଜଣେ ଦକ୍ଷ ଏକଛତ୍ରବାଦୀ ଶାସକ ଭାବେ ପ୍ରତିପାଦନ କରିବାରେ ସମର୍ଥ ହୋଇଥିଲେ। ୨୦୧୧ରେ ବିଦ୍ରୋହ ମୁଣ୍ଡ ଟେକିବା ସହ ଗଣତନ୍ତ୍ର ସପକ୍ଷବାଦୀମାନେ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୮ ଦିନର ଦେଶବ୍ୟାପୀ ଆନ୍ଦୋଳନ ପରେ ସେନା ପକ୍ଷରୁ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ୨୦୧୨ ଜୁନ୍‌ରେ ମୁବାରକ୍ ଓ ତାଙ୍କ ପୂର୍ବତନ ସୁରକ୍ଷା ମୁଖ୍ୟଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଆଜୀବନ କାରା ଦଣ୍ଡାଦେଶ ଦିଆଯାଇଥିଲା। ୧୮ ଦିନର ବିକ୍ଷୋଭ ସମୟରେ ୯୦୦ ବିକ୍ଷୋଭକାରୀଙ୍କୁ ହତ୍ୟା କରିବା ଅଭିଯୋଗ ତାଙ୍କ ବିରୋଧରେ ଲଗାଯାଇଥିଲା। ମୁବାରକ୍‌ଙ୍କ ଦୁଇ ପୁଅ ଆଲ୍ଲା ଓ ଗମ୍‌ଲାଙ୍କୁ ଦୁର୍ନୀତି ଅଭିଯୋଗରେ ୩ ବର୍ଷ ଜେଲକୁ ପଠାଇ ଦିଆଯାଇଥିଲା। ୨୦୧୫ରେ ଆଲ୍ଲା ଓ ଗମ୍‌ଲା ମୁକ୍ତି ପାଇଥିବା ବେଳେ ମୁବାରକ୍ ୬ ବର୍ଷ ଜେଲରେ କଟାଇବା ପରେ ୨୦୧୭ରେ ମୁକୁଳିଥିଲେ। ନିଜ ଶାସନକାଳ ମଧ୍ୟରେ ମୁବାରକ୍ ଇସ୍‌ଲାମିକ୍ ଆତଙ୍କବାଦଠାରୁ ଦେଶକୁ ଦୂରେଇ ରଖିବାରେ ସମର୍ଥ ହୋଇଥିଲେ। ଆମେରିକାର ଜଣେ ଦୃଢ଼ ସମର୍ଥକ ଭାବେ ସେ କାମ କରୁଥିଲେ। ୧୯୨୮ରେ ଜନ୍ମଗ୍ରହଣ କରିଥିବା ମୁବାରକ୍ ୧୯୮୧ ଅକ୍ଟୋବର ୧୪ରେ ଦେଶର ଉପରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଇସ୍‌ଲାମିକ ଆତଙ୍କବାଦୀମାନେ ରାଷ୍ଟ୍ରପତି ଅନ୍‌ୱର ସଦାତ୍‌ଙ୍କୁ ହତ୍ୟାକରିବା ପରେ ନିଜର ବିଚକ୍ଷଣ ବୁଦ୍ଧି ବଳରେ ସେ ଦେଶର ଏକଛତ୍ରବାଦୀ ଶାସକ ହୋଇ ୩୦ ବର୍ଷ ଇଜିପ୍ଟର ସ୍ୱତନ୍ତ୍ରତା ଓ ବିକାଶକୁ ଗୁରୁତ୍ୱ ଦେଇଆସୁଥିଲେ।

# ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ



- ୩୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଭାରତର ସ୍ଥାନ ୨୧
- ଗାଜିଆବାଦ୍ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର
- ଭାରତ ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ଦେଶ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଦିଲ୍ଲୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ରାଜଧାନୀ ସହର ଭାବେ ପରିଗଣିତ ହୋଇଛି। ୱାର୍ଲ୍ଡ ଏୟାର୍ କ୍ୱାଲିଟି ରିପୋର୍ଟ-୨୦୧୯ ରିପୋର୍ଟ ଅନୁଯାୟୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୩୦ ସହର ମଧ୍ୟରେ ଭାରତର ୨୧ ସହର ରହିଛି। ଗାଜିଆବାଦ୍ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର ଭାବେ ରିପୋର୍ଟରେ ଦର୍ଶାଯାଇଛି। ଏହା ପଛକୁ ରହିଛି ଆମେରିକାର ହ୍ୟୁଷ୍ଟନ୍, ପାକିସ୍ତାନର ଗୁଜ୍‌ରନ୍‌ୱାଲା ଓ ଫୈସଲାବାଦ ଏବଂ ଭାରତର ଦିଲ୍ଲୀସହର। ଭାରତର ଅନ୍ୟ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ରହିଛି ନୋଏଡା, ଗୁରୁଗ୍ରାମ୍, ଗ୍ରେଟର ନୋଏଡା, ବାନ୍ଧୱାରି, ଲକ୍ଷ୍ନୌ, ବୁଲନ୍ଦସହର, ମୁଜାଫରନଗର, ବାଘ୍‌ପତ୍, ଜିଣ୍ଡ୍, ଫରିଦାବାଦ, କୋରଟ୍, ଭିୱାଡି, ପାଟନା, ପଲ୍‌ୱାଲ, ମୁଜାଫରପୁର, ହିସାର, ଯୋଧପୁର ଓ ମୋରାଦାବାଦ। ବିଶ୍ୱର ପଞ୍ଚମ ପ୍ରଦୂଷିତ ଦେଶ ଭାବେ ଭାରତ ସ୍ଥାନ ପାଇଥିବା ବେଳେ ବାଂଲାଦେଶ, ପାକିସ୍ତାନ, ମଙ୍ଗୋଲିଆ ଓ ଆଫଗାନିସ୍ତାନ ପଛକୁ ରହିଛି।

# ୬ ସୁପ୍ରିମକୋର୍ଟ ବିଚାରପତିଙ୍କୁ ସ୍ୱାଇନ୍ ଫ୍ଲୁ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ସୁପ୍ରିମ୍‌କୋର୍ଟର ୬ ଜଣ ବିଚାରପତି ସ୍ୱାଇନ୍ ଫ୍ଲୁ(ଏଚ୍-୧ଏନ୍-୧)ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେମାନଙ୍କର ଚିକିତ୍ସା ପାଇଁ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ ଏକ ବୈଠକ ଡକାଇଥିଲେ। କିଭଳି ବିଚାରପତିଙ୍କ ଚିକିତ୍ସା ଠିକ୍ ଭାବେ କରାଯିବ ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏନେଇ ସେ ପ୍ରଧାନ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ସ୍ୱାଇନ ଫ୍ଲୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସେହିପରି କୋର୍ଟ ନମ୍ବର-୨ରେ ବିଚାରପତି ସଞ୍ଜୀବ ଖାନ୍ନା ମାସ୍କ ପିନ୍ଧି ଶୁଣାଣି କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସିଜେଆଇ ଜଷ୍ଟିସ ବୋବ୍‌ଡେ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ କର୍ମଚାରୀଙ୍କ ସହ ବୈଠକ କରି ଏନେଇ ସଚେତନ କରିଥିଲେ। ସୂଚନାଯୋଗ୍ୟ, କୋର୍ଟଙ୍କ ସମସ୍ତ ବିଚାରପତି, ଓକିଲ ଓ କର୍ମଚାରୀମାନଙ୍କୁ ପ୍ରତିଷେଧକ ଟିକା ଦେବା ଉପରେ ପ୍ରଶାସନ ଚିନ୍ତା କରୁଥିବା କୁହାଯାଉଛି।




[ଇତିହାସର ଆଇନାରେ]

**ଫେବୃୟାରୀ ୨୬ର ପ୍ରମୁଖ ଘଟଣା**

୧୯୬୬ ଫେବୃୟାରୀ ୨୬ରେ ଭାରତର ବିଶିଷ୍ଟ ଲେଖକ ତଥା ରାଜନେତା ବିନାୟକ ଦାମୋଦର ସଭର୍‌କର ପ୍ରାଣ ହରାଇଥିଲେ।

୧୯୯୩ ଫେବୃୟାରୀ ୨୬ରେ ଆମେରିକାର ନ୍ୟୁୟର୍କ ସହରରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ନିକଟରେ ବୋମା ବିସ୍ଫୋରଣ ହୋଇ ୮ ଜଣ ପ୍ରାଣ ହରାଇବା ସହ ହଜାରରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

# ‘ହାପିନେସ୍ କ୍ଲାସ୍’ରେ ମେଲାନିଆ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଦକ୍ଷିଣ ଦିଲ୍ଲୀ ସରକାରୀ ସ୍କୁଲରେ ମଙ୍ଗଳବାର ‘ହାପିନେସ୍ କ୍ଲାସ୍’ରେ ଯୋଗଦେଇ ଖୁସି ପ୍ରକଟ କରିଛନ୍ତି। ପାଠ୍ୟକ୍ରମ ନେଇ ସେ କହିଛନ୍ତି, ଏହା ଛାତ୍ରୀଛାତ୍ରଙ୍କ ଲାଗି ସକାରାତ୍ମକ ଉଦାହରଣ ପାଲଟିଛି। ମେଲାନିଆ ପ୍ରଥମେ ମୋତିବାଗ୍‌ସ୍ଥିତ ସର୍ବୋଦୟ କୋ-ଏଜୁକେଶନାଲ ସିନିୟର ସେକେଣ୍ଡାରୀ ସ୍କୁଲକୁ ଯାଇ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ଛାତ୍ରୀଛାତ୍ରୀଙ୍କୁ ଭେଟିଥିଲେ। ପୂର୍ବରୁ ସ୍କୁଲକୁ ଫୁଲରେ ସଜାଯାଇଥିଲା। ଛାତ୍ରୀଛାତ୍ରମାନେ



ବଂଶୀବାଦନ କରି ତାଙ୍କୁ ସ୍ୱାଗତ କରିଥିଲେ। ପରେ ମେଲାନିଆ ସ୍କୁଲର କ୍ଲାସରୁମ୍‌କୁ ଯାଇଥିଲେ। ଯୋଗ କ୍ଲାସ୍‌ରେ ସେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ହାପିନେସ୍ କ୍ଲାସ୍‌ରେ ଯୋଗଦେଇ ମେଲାନିଆ ସ୍କୁଲ ପ୍ରଶାସନର ସ୍ୱାଗତ ଓ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ଭାରତ ଓ ଆମେରିକା ପତାକା ଧରି ସ୍ୱାଗତ କରିଥିଲେ। ପରେ ସେମାନେ ମେଲାନିଆଙ୍କୁ ମଧୁବଣି ପେଣ୍ଟିଂ ଓ କେତେକ ହାତ ତିଆରି ଉପହାର ପ୍ରଦାନ କରିଥିଲେ। ପ୍ରକାଶଥାଉକି ଏଏପି ପକ୍ଷରୁ ୨୦୧୮ରୁ ଏଭଳି ହାପିନେସ୍ କ୍ଲାସ୍ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ, ଧ୍ୟାନ ସହ କିପରି ଚାପମୁକ୍ତ ରହିପାରିବେ ସେନେଇ ବିଭିନ୍ନ ଶିକ୍ଷା ଦିଆଯାଉଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ କେହଲା ରହିବା ସହ ବର୍ଷା ହେବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ବର୍ଷା ଅନୁଭୂତ ହେବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୧.୨ | ୧୮.୬ |
| ଚାନ୍ଦବାଲି | ୨୧.୨ | ୧୮.୬ |
| କଟକ | ୨୧.୪ | ୧୬.୨ |
| ପାରାଦୀପ | ୨୨.୩ | ୧୯.୧ |
| ଭୁବନେଶ୍ୱର | ୨୦.୬ | ୧୭.୪ |
| ଗୋପାଳପୁର | ୨୬.୪ | ୨୦.୮ |
| ପୁରୀ | ୨୩.୮ | ୧୯.୮ |
| ଅନୁଗୋଳ | ୧୯.୯ | ୧୧.୬ |
| ବାରିପଦା | ୧୯.୫ | ୧୮.୦ |
| ଝାରସୁଗୁଡ଼ା | ୨୦.୨ | ୧୭.୨ |
| କେନ୍ଦୁଝର | ୧୭.୨ | ୧୫.୯ |
| ସମ୍ବଲପୁର | ୨୦.୪ | ୧୬.୦ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୧୯.୯ | ୧୭.୬ |
| ତାଳଚେର | ୨୫.୧ | ୧୭.୫ |
| ଭବାନୀପାଟଣା | ୨୭.୫ | ୧୮.୫ |
| ବଲାଙ୍ଗୀର | ୨୫.୨ | ୧୬.୭ |
| କୋରାପୁଟ | ୨୮.୦ | ୧୭.୦ |
| ଫୁଲବାଣୀ | ୨୨.୬ | ୧୫.୦ |
| ଟିଟିଲାଗଡ଼ | ୨୭.୨ | ୧୩.୫ |
| ମାଲକାନଗିରି | ୩୫.୨ | ୨୦.୨ |
| ସୋନପୁର | ୨୩.୩ | ୧୨.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍

# ୫୫ ଆସନ ପାଇଁ ମାର୍ଚ୍ଚ ୨୬ରେ ଭୋଟ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଆଗାମୀ ଏପ୍ରିଲ ମାସରେ ଖାଲି ହେଉଥିବା ୫୫ ରାଜ୍ୟ ସଭା ଆସନ ଲାଗି ମାର୍ଚ୍ଚ ୨୬ରେ ଭୋଟଗ୍ରହଣ କରାଯିବ। ଏନେଇ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ୧୭ ରାଜ୍ୟର ୫୧ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ଯୋଗୁ ଏପ୍ରିଲ ମାସର ବିଭିନ୍ନ ତାରିଖରେ ଖାଲିପଡୁଛି। ଅନ୍ୟ ୪ ସଦସ୍ୟ ନିଜ ପଦରୁ ଇସ୍ତଫା ଦେବା କାରଣରୁ ଖାଲିପଡ଼ିଛି। ଏହିସବୁ ଆସନରେ ମାର୍ଚ୍ଚ ୨୬ରେ ଭୋଟଗ୍ରହଣ କରାଯିବ। ମାର୍ଚ୍ଚ ୬ରେ ନିର୍ବାଚନ କମିଶନ ଏନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ମାର୍ଚ୍ଚ ୧୩ ସୁଦ୍ଧା ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେବ। ମାର୍ଚ୍ଚ ୨୬ ସନ୍ଧ୍ୟାରେ ଭୋଟଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି



ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି।

ରାଜ୍ୟ ସଭାରେ କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି, ଜେଡିୟୁ ନେତା ତଥା ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଆର୍‌ପିଆଇ ନେତା ତଥା କେନ୍ଦ୍ରମନ୍ତ୍ରୀ ରାମ୍‌ଦାସ ଅଠାୱାଲେ, କଂଗ୍ରେସ ନେତା ମୋତିଲାଲ୍ ଭୋରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ବିଜୟ ଗୋୟଲ, କଂଗ୍ରେସ ନେତ୍ରୀ କୁମାରୀ ଶୈଲଜା ଓ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ପ୍ରମୁଖ।

ମହାରାଷ୍ଟ୍ରର ୭, ତାମିଲନାଡୁର ୬, ପଶ୍ଚିମବଙ୍ଗ ଓ ବିହାରର ୫ ଲେଖାଏ,

**ରାଜ୍ୟ ସଭା ଭୋଟ ଲାଗି ଇସିଙ୍କ ଘୋଷଣା**

ଓଡ଼ିଶା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ୪ ଲେଖାଏ, ଆସାମ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩ ଲେଖାଏ, ତେଲଙ୍ଗାନା, ଛତିଶଗଡ଼, ହରିୟାଣା ଓ ଝାଡ଼ଖଣ୍ଡର ୨ ଲେଖାଏ, ହିମାଚଳପ୍ରଦେଶ, ମଣିପୁର ଓ ମେଘାଳୟର ଗୋଟିଏ ଲେଖାଏ ଆସନ ଲାଗି ଭୋଟ କରାଯିବ। ରାଜ୍ୟ ସଭା ନିର୍ବାଚନରେ ଭାଜପା ଓ କଂଗ୍ରେସ ଅଧିକାଂଶ ଆସନ ଜିତିବା ସମ୍ଭାବନା ଥିବାବେଳେ ଟିଏମ୍‌ସି ଓ ୱାଇଏସ୍‌ଆର୍‌ସି ମଧ୍ୟ ଉଚ୍ଚସଦନର ୨୪୫ ଆସନ ମଧ୍ୟରୁ ଲାଭ ଉଠାଇବା ସମ୍ଭାବନା ରହିଛି।

# ଫୁଲବାଣୀରେ ବର୍ଷା ବିପ୍ରାତ



ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷା ।



ଫୁଲବାଣୀ ସହରରେ ବର୍ଷା ପବନରେ କାର ଉପରେ ଗଛ ଭାଙ୍ଗିପଡିଛି ।

## ସାରା ରାଜ୍ୟରେ ପ୍ରବଳ ବର୍ଷିଲା

- ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ, ଭାଙ୍ଗିଲା ଗଛ, ଉଡ଼ିଲା ଛପର
- ୮ ଶିଶୁ ସମେତ ୧୩ ଆହତ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ମଙ୍ଗଳବାର ସାରା ରାଜ୍ୟରେ ପ୍ରବଳ ବର୍ଷା ହୋଇଥିଲା। ଏହା ସାଙ୍ଗକୁ ଝଡ଼ତୋଫାନ ଏଭଳି ହୋଇଥିଲା ଯେ, କେଉଁଠି ଗଛ ଉପୁଡ଼ିଗଲା ତ ଆଉ କେଉଁଠି ଘର ଛପର, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଫଳରେ ୮ ଶିଶୁଙ୍କ ସମେତ ୧୩ଜଣ ଆହତ ହୋଇଛନ୍ତି। ଅଦିନିଆ ବର୍ଷା ଯୋଗୁ ରାଜ୍ୟର ଅନେକ ସ୍ଥାନରେ ଚାଷୀଙ୍କ ସମେତ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରୁ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଥିଲାବେଳେ ସବୁଠାରୁ କ୍ଷତିଗ୍ରସ୍ତ କରିଛି ଫୁଲବାଣୀ ସହରକୁ।

ଫୁଲବାଣୀ ସହରରେ ମଙ୍ଗଳବାର ସକାଳେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ମାତ୍ର ଅଳ୍ପ ସମୟରେ ସହରର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପ୍ରାୟ ୧୫୦ କି.ମି. ବେଗରେ ପବନ ବହିବା ଯୋଗୁ ସହରର ମୁଖ୍ୟରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାବେଳେ ଗଛଡ଼ାଳ ସବୁ ଭାଙ୍ଗି ପଡ଼ିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବଡ଼ ବଡ଼ ଡ଼ାଳ ଭାଙ୍ଗିପଡ଼ି ରାସ୍ତା ଅବରୋଧ କରିଥିଲା। ସ୍ଥାନୀୟ କଲେଜ ଛକ, ମାଦିକୁନ୍ଦା ଛକ, ଜିରିଙ୍ଗିପଡ଼ା, ଟାଉନ୍ ଥାନା, ଜିଲାପାଳଙ୍କ ଅଫିସ, ଏସ୍‌ପି ଅଫିସ୍, ଏଜେଓ ହାଇସ୍କୁଲ, ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଗଛ ପଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏକ ସ୍କୁଲ ଉପରେ ଗଛ ଭାଙ୍ଗି ପଡ଼ିବାରୁ ସେଠାରେ ୮ ଶିଶୁ ଓ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ସେହିପରି ପିଅନପଡ଼ା କାଳୀମନ୍ଦିର ସାହିର ଏକ ଘର ଉପରେ ଗଛ ପଡ଼ି ୨ ଜଣ ଓ ମେଡିକାଲ ଛକରେ ପରିବା ବିକ୍ରି କରୁଥିବାବେଳେ ଡାଳ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ଅନେକ କାର, ବାଇକ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ ଆକଳନରୁ ସହରରେ ୨୦ ଘର ଭାଙ୍ଗିଥିବା ଫୁଲବାଣୀ ତହସିଲଦାର ଦୀନମଣି ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫୁଲବାଣୀ ସହର ମଧ୍ୟରେ ଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମରାମତି କାର୍ଯ୍ୟରେ ନିୟୋଜିତ ଥିବାବେଳେ ମାଟ୍ରିକ୍ ପରୀକ୍ଷା ଚାଲିଥିବାରୁ ଯଥାଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଇଛି। ଏନେଇ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନ୍ତି ସୂଚନା ଦେଇଛନ୍ତି।

ସେହିପରି ବଲାଙ୍ଗୀରରେ ସୋମବାର ବିଳମ୍ବିତ ରାତିରେ ପ୍ରବଳ ଘୂର୍ଣ୍ଣିଝଡ଼ ସହ ବର୍ଷା ହେବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗି ପଡ଼ିବାରୁ ସହରର ଅର୍ଦ୍ଧାଧିକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସହରର ବିଭିନ୍ନ ଜାଗାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ରାତି ପ୍ରାୟ ୨ଟାରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ସହରର ପ୍ୟାଲେସ ଲାଇନ, ରାମେଶ୍ୱର ନଗର, ମେଘନାଥପଡ଼ା, ଗାନ୍ଧୀନଗର ପଡ଼ା, ସତ୍ୟନାରାୟଣପଡ଼ାଏବଂଅନ୍ୟଅଞ୍ଚଳରେଥିବାବହୁଘରର ଛାତ ଆଜବେଷ୍ଟସ ଉଡ଼ିଯାଇଛି। ରାମେଶ୍ୱର ନଗରରେ କାନ୍ଥ ପଡ଼ିଯିବାରୁ ସୈରେନ୍ଦ୍ରୀ ବରାଡ଼ ନାମକ ଜଣେ ମହିଳା ଗୁରୁତର ଆହତ ହୋଇ ବୁର୍ଲାକୁ ସ୍ଥାନାନ୍ତରଣ ହୋଇଛନ୍ତି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ସୋମବାର ରାତିରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ସୁଦ୍ଧା ସୋନପୁରରେ ସର୍ବାଧିକ ୫୭.୮ ମିମି ବର୍ଷା ହୋଇଛି। ଏହାସହ ବୌଦ୍ଧରେ ୪୫.୨, ଫୁଲବାଣୀରେ ୪୧, ବଲାଙ୍ଗୀରରେ ୩୦, ଅନୁଗୋଳରେ ୨୪.୬, ସମ୍ବଲପୁରରେ ୨୦.୩, ହୀରାକୁଦରେ ୧୯.୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ମଧ୍ୟରେ ସମ୍ବଲପୁରରେ ୨୬, କଟକରେ ୧୭, ନୟାଗଡ଼ରେ ୧୫.୪, କେନ୍ଦୁଝରରେ ୧୪.୨, ହୀରାକୁଦରେ ୧୩.୫, ଭୁବନେଶ୍ୱରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ, ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼ରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ତେବେ ବୁଧବାର ରାଜ୍ୟର ଉପକୂଳ ଓଡ଼ିଶାର କେତେକ ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟରେ ବର୍ଷା ହେବ।

ଅନ୍ୟପଟେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ଉତ୍ତର-ଉପକୂଳ ଓଡ଼ିଶା ସମେତ ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କନ୍ଧମାଳ ଆଦି ଜିଲାରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିବ। ଗୁରୁବାର ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଏବଂ ଶୁକ୍ରବାର କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀରରେ ଘନ କୁହୁଡ଼ି ପରିଲକ୍ଷିତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

# ମାର୍ଚ୍ଚ ୨୬ରେ ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ନିର୍ବାଚନ

- ୧୭ ରାଜ୍ୟର ୫୫ ଆସନରେ ହେବ ଭୋଟ
- ୬ରେ ପ୍ରକାଶ ପାଇବ ବିଜ୍ଞପ୍ତି
- ୧୩ ସୁଦ୍ଧା ସରିବ ନାମାଙ୍କନ, ୧୮ରେ ପ୍ରତ୍ୟାହାର

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ରାଜ୍ୟ ସଭାର ୫୫ ଆସନ ଆସନ୍ତା ଏପ୍ରିଲରେ ଖାଲି ହେବାକୁ ଯାଉଛି। ଏହି ସବୁ ଆସନ ୧୭ଟି ରାଜ୍ୟର ହୋଇଥିବାବେଳେ ଏଥିରୁ ଓଡ଼ିଶାର ୪ଟି ରହିଛି। ଏହି ୫୫ ଆସନରେ ଆସନ୍ତା ମାର୍ଚ୍ଚ ୨୬ରେ ନିର୍ବାଚନ ହେବ ବୋଲି ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଏପ୍ରିଲ ୨ରେ କାର୍ଯ୍ୟକାଳ ଶେଷ ହେଉଥିବା ଓଡ଼ିଶାର ୪ଜଣ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରେ ରଞ୍ଜୀବ ବିଶ୍ୱାଳ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ ସରୋଜିନୀ ହେମ୍ବ୍ରମ ରହିଛନ୍ତି। ସେହିପରି ଗତ ଲୋକ ସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଏମ୍‌ପି ଭାବେ ଅନୁଭବ ମହାନ୍ତି ବିଜୟୀ ହେବାପରେ ତାଙ୍କ ରାଜ୍ୟ ସଭା ଆସନ ଖାଲି ପଡ଼ିଛି। ପୂର୍ବରୁ ସେ ଇସ୍ତଫା ଦେଇସାରିଥିଲେ ମଧ୍ୟ ସେହି ଆସନରେ କେହି ରାଜ୍ୟ ସଭା ଯାଇନାହାନ୍ତି।

ଇସିଆଇଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜ୍ୟ ସଭା ନିର୍ବାଚନ ଲାଗି ମାର୍ଚ୍ଚ ୬ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୧୩ ତାରିଖ ହେଉଛି ନାମାଙ୍କନ ଦାଖଲର ଶେଷ ଦିବସ। ମାର୍ଚ୍ଚ ୧୬ରେ ନାମାଙ୍କନ ଯାଞ୍ଚ ଓ ୧୮ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ ହୋଇଛି। ମାର୍ଚ୍ଚ ୨୬ରେ ସମସ୍ତ ୫୫ ଆସନ ପାଇଁ ଭୋଟଗ୍ରହଣ ହେବ। ଉକ୍ତ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଏବଂ ଅପରାହ୍ନ ୫ଟାରେ ଭୋଟ ଗଣତି କରାଯିବ। ୩୦ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ଇସିଆଇଙ୍କ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ରାଜ୍ୟର ୪ ଆସନ କିଏ, କିଏ ହାତେଇବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଏହି ସମସ୍ତ ଆସନ ବିଜେଡି ହାତକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସଂଖ୍ୟାଦୃଷ୍ଟିରୁ ଦେଖିଲେ ଏଥିରୁ ୩ଟି ଆସନକୁ ବିଜେଡି ଅତି ସହଜରେ ହାତେଇପାରିବ। ଏହାସହ ଯେଉଁ ଗୋଟିଏ ଆସନକୁ ନେଇ ସନ୍ଦେହ ରହିଛି, ତାହା ମଧ୍ୟ ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ବିଧାନସଭାରେ ଭାଜପାର ୨୩ ସଦସ୍ୟ ରହିଛନ୍ତି। ସଂଖ୍ୟାଦୃଷ୍ଟିରୁ ଭାଜପା ଦୁର୍ବଳ ଥିବାବେଳେ ଗୋଟିଏ ଆସନରେ ପ୍ରାର୍ଥୀ ଦେବ ବୋଲି ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି। କଂଗ୍ରେସର ମାତ୍ର ୯ଜଣ ସଦସ୍ୟ ବିଧାନସଭାରେ ଥିବାରୁ ଦଳ ନିର୍ବାଚନରୁ ଦୂରେଇ ରହିବ ବୋଲି ଚର୍ଚ୍ଚା ହେଉଛି। ଯଦି ବାମଦଳ ନେତାଙ୍କ ସମର୍ଥନ ରହେ ତେବେ କଂଗ୍ରେସ ପ୍ରାର୍ଥୀ ଦେଇପାରିବ, ଏନେଇ ଦଳର ଉଚ୍ଚପଦସ୍ଥ ନେତା ନିଷ୍ପତ୍ତି ନେବେ ବୋଲି ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ଏବଂ ସିପିଆଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଆଭିମୁଖ୍ୟ ବିଜେଡି ସପକ୍ଷରେ ଥିବା ଚର୍ଚ୍ଚା ହେଉଛି। ମକରନ୍ଦ ନିଜ ଆଭିମୁଖ୍ୟ ପୂର୍ବରୁ ସରକାରଙ୍କ ସପକ୍ଷରେ ବୋଲି କହିସାରିଛନ୍ତି। ବିଗତ ନିର୍ବାଚନଗୁଡ଼ିକରେ ଶାସକ ଦଳ ପ୍ରାର୍ଥୀ ଚୟନରେ ଚକ୍‌ମା ଦେଇ ଆସିଛି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ଟିକେଟ ଦେବେ ତାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

Kiit HIGHER SECONDARY SCHOOL
FULLY RESIDENTIAL
For XI & XII Science Programme
WISH ALL THE HSC EXAMINEES GRAND SUCCESS
just one step...
SUMMER COURSE
Starts from 15th March - 20
(For the students appearing 10th Board Examination of BSE/ CBSE/ ICSE - 2020)
For Further Details Please Contact:
Kiit Science College, Campus-8, KIIT, Patia, Bhubaneswar, Tel.: 9556383366
Mob.: 9090091591, 9090091589, 9040625707
www.kiitsciencecollege.org, kiitsciencecollege@yahoo.co.in



**ଆଜିର ମନ୍ତବ୍ୟ**

"ମୋଦି-ଟ୍ରମ୍ପ ଆଲୋଚନାରେ ସିଏଏ ପ୍ରସଙ୍ଗ ସ୍ଥାନ ପାଇ ନ ଥିଲା। କେବଳ ଧାର୍ମିକ ସଦ୍‌ଭାବ ଉପରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯାଇଥିଲା।
– ହର୍ଷବର୍ଦ୍ଧନ ଶ୍ରିଙ୍ଗଲା, ବୈଦେଶିକ ସଚିବ


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡ଼ିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**କିଛି ତଥ୍ୟ**

ଡିସେମ୍ବରରେ ୧୨.୬୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।
- ଇଏସ୍‌ଆଇସି ପେରୋଲ ଡାଟା




# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣକଲେ ତରୁଣକାନ୍ତି, କାଳିଚରଣ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମଙ୍ଗଳବାର ୨୦୧୯ ମସିହା ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ମଣ୍ଡି ହାଉସ୍‌ସ୍ଥିତ କମାନୀ ଅଡିଟୋରିୟମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ଗୀତିକାର ଗୁଲ୍‌ଜାର ଏବଂ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଡ଼ିଶାରୁ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର ଏବଂ ସାନ୍ତାଳୀ କଥାକାର କାଳିଚରଣ ହେମ୍ବ୍ରମ୍ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ମିଶ୍ର ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ଭାସ୍ୱତୀ' ପାଇଁ ଏକାଡେମୀ ପୁରସ୍କାର ପାଇଥିବାବେଳେ ସାନ୍ତାଳୀ ଭାଷା ସାହିତ୍ୟରେ ଅବଦାନ ଲାଗି ହେମ୍ବ୍ରମ୍ ପୁରସ୍କାର ଗ୍ରହଣ କରିଥିଲେ।

୧୯୫୦ ଅଗଷ୍ଟ ୨ରେ କେନ୍ଦୁଝର ଜିଲାରେ ଜନ୍ମଗ୍ରହଣ କରିଥିବା ତରୁଣକାନ୍ତି ମିଶ୍ରଙ୍କର ୨୦୦ରୁ ଅଧିକ ଲେଖା ପ୍ରକାଶିତ ହୋଇଛି। 'ଦଣ୍ଡକାରଣ୍ୟ' ପୁସ୍ତକ ପାଇଁ ଖ୍ୟାତିଅର୍ଜନ କରିଥିବା ଏହି ସାହିତ୍ୟିକଙ୍କ କାଳଜୟୀ ରଚନା ମଧ୍ୟରେ ରହିଛି 'ରଜନୀଗନ୍ଧା', 'ସକାଳର ମାନଚିତ୍ର', 'ସଂବହନ', 'ଶରଦଃ ଶତମ୍', 'ଆଜି ରାତିର ଗଳ୍ପ', 'ବହୁବ୍ରୀହି', 'ଭାସ୍ୱତୀ' ଆଦି ରହିଛି। ସେହିଭଳି ସାନ୍ତାଳୀ କଥାକାର କାଳିଚରଣ ହେମ୍ବ୍ରମ୍ ୧୯୬୦ ମେ' ୧ରେ ମୟୂରଭଞ୍ଜରେ ଜନ୍ମଗ୍ରହଣ କରିଥିଲେ। ୧୯୮୨ରେ ଲେଖାଲେଖି ଆରମ୍ଭ କରିଥିବା କାଳିଚରଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଜଣେ ବରିଷ୍ଠ ଅଧିକାରୀଭାବେ କାର୍ଯ୍ୟ କରିଛନ୍ତି। ସାନ୍ତାଳୀ ଭାଷାରେ ବହୁ ସାହିତ୍ୟ ପତ୍ରିକା ପାଇଁ ଲେଖୁଥିବା ଏହି ସାହିତ୍ୟିକଙ୍କ ଭାରତୀୟ କଥାସାହିତ୍ୟ ପ୍ରତି ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଶୁକ୍ର ସହ ଚନ୍ଦ୍ର ଯୋଗ ହେତୁ ଗୃହରେ ଶୁଭକାମରେ ବନ୍ଧୁମିଳନ ନିଶ୍ଚିତ। ଏହିଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବାରେ ଅବହେଳା କରିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସୁସ୍ଥ ପରିବେଶ ଓ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ**
ଗ୍ରହମାନଙ୍କ ଶୁଭସଂସ୍ଥାନ କାରଣରୁ ଏକାଧାରରେ ଅର୍ଥ,ସମ୍ମାନ ଓ ମିତ୍ରବନ୍ଧୁଙ୍କ ସମାଗମରୁ ଖୁସୀ ରହିବେ। ଉଚ୍ଚ ମନୋବଳ ପ୍ରତ୍ୟେକ କାମରେ ଉତ୍ସାହ,ଉଦ୍ଦୀପନା ସୃଷ୍ଟି କରିବ। କୌଣସି ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ସହଯୋଗ କରିପାରେ। ଉଚ୍ଚସ୍ଥ ଶୁକ୍ର ସ୍ୱାସ୍ଥ୍ୟରେ ଉନ୍ନତି, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ।

**ମିଥୁନ**
ଅଷ୍ଟମରେ ଶନି ଧନସ୍ଥାନକୁ ଦୃଷ୍ଟିଦେଉଥିବାରୁ ଧନପ୍ରାପ୍ତିରେ ବିଳମ୍ବ ସହ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହୋଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗ ଲାଭକରି ମାଙ୍ଗଳିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**କର୍କଟ**
ଶନିଙ୍କ ପ୍ରଭାବରେ ଆଳସ୍ୟ ଓ ଅବହେଳା ଯୋଗୁ କାର୍ଯ୍ୟସ୍ଥଗିତ ରହିବା ସହ ତିରସ୍କୃତ ହୋଇପାରନ୍ତି। ଦୀର୍ଘ ଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଅଆଶା ନିରର୍ଥକ ହୋଇପାରେ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣ ବଶତଃ ଓଲଟା କଥା କହି ଅପଦସ୍ତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ଆଜିର ଆବଶ୍ୟକତା ଅନୁଯାୟୀ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ହେବା ସହ ବିବାଦୀୟ ଘଟଣାର ବିଜୟୀ ହେବେ। ପାରିବାରିକ ସ୍ଥିତି.ସ୍ୱାସ୍ଥ୍ୟ ସମସ୍ୟା, ନିର୍ମାଣାଧୀନ କାମ ଓ ନୂତନ ବନ୍ଧୁତ୍ୱ ସ୍ଥାପନ କ୍ଷେତ୍ରରେ ସଫଳତା ପାଇବେ।

**କନ୍ୟା**
ସମସ୍ୟା ଲାଗିରହିଥିଲେ ମଧ୍ୟ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସଫଳତା ଲାଭକରିବେ। ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗଯୋଗ ତଥା ଏଜେନ୍ସିପରୁ ଖୁସି ରହିବେ। ସରକାରୀ ସ୍ତରରୁ ଅଚାନକ ଭାବରେ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ତୁଳା**
ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରି ଖୁସୀ ହୋଇପାରନ୍ତି। ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ଭରସା କରି ଅପେକ୍ଷାରେ ଥିଲେ ମଧ୍ୟ ବନ୍ଧୁମାନଙ୍କ ଠାରୁ ଠିକ୍ ସମୟରେ ସାହାଯ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ।

**ବିଛା**
ପାରିବେଶିକ କୁପ୍ରଭାବରୁ ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ। ପାରିବାରିକ ଜୀବନରେ ବୃଥା ସନ୍ଦେହ ଅଶାନ୍ତିର କାରଣ ପାଲଟିଯିବ। ରାଜନୈତିକ ସ୍ଥିତି ମଜ୍‌ବୁତ୍ ରହିବା ସଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢିବ। ବନ୍ଧୁ ଓ ଆତ୍ମୀୟମାନଙ୍କ ସହଯୋଗରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିବା ସହ ଆଶା ଉଜ୍ଜ୍ୱଳତର ହୋଇପାରେ। ମୂଳା ନକ୍ଷତ୍ର ସରଳବିଶ୍ୱାସ କରି କୌଣସି ଅଜଣା ଅଶୁଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆଜିର ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସନ୍ତୋଷ ପ୍ରକାଶ କରିବେ।

**ମକର**
ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ନିଶ୍ଚିତ କାମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ତଥାପି ନୂତନ କାର୍ଯ୍ୟାରମ୍ଭ, ବନ୍ଧୁସମ୍ପର୍କ, ଯାତ୍ରା ଓ ଆନୁଷ୍ଠାନିକ କାମରେ କିଛି ଅସୁବିଧା ହେବନି।

**କୁମ୍ଭ**
ସ୍ୱାସ୍ଥ୍ୟହାନୀ ସଙ୍ଗକୁ ଖର୍ଚ୍ଚାନ୍ତ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ଶିଳ୍ପ, ବାଣିଜ୍ୟ, ଶେୟାରବଜାର କ୍ଷେତ୍ରରେ କ୍ଷତିର ଆଶଙ୍କା ରହିଛି। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାରେ ଜଣେ ବନ୍ଧୁ ହସ୍ତକ୍ଷେପ କରିପାରନ୍ତି।

**ମୀନ**
ପାପଗ୍ରହ ଯୁକ୍ତ ବୃହସ୍ପତି ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ନିର୍ମାଣକୁ କେନ୍ଦ୍ରକରି ଜମିଜମା ବିବାଦ ସୃଷ୍ଟି ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଫାଲଗୁନ ଶୁକ୍ଳ ତୃତୀୟା ବୁଧବାର, ଫେବୃୟାରୀ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ଅଦ୍ୟ ବିବାହ ପାଣିଗ୍ରହଣ,ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଦିବା ଘ୭।୪୫ମି. ମଧ୍ୟେ ଘ୧୦।୦୩ମି. ଗତେ, ଘ୧୧।୩୬ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୮ମି. ମଧ୍ୟେ ଘ୯।୦୪ମି. ଗତେ ଘ୧୦।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୯ମି. ଗତେ ଘ୧।୨୬ମି. ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**




## BRIDE WANTED

Handsome brahmin boy 1989 5'6", 1/1, M.Tech, U.G.C, Net qualified service, T.G.T (Computer Science DAV) N.T.F.C, Contact Swaymbar, 9861501286, 9583335399. D-60874

Central Government ଚାକିରି 43 ବୟସ୍କ Unmarried Brahmin ପୁଅଙ୍କ ପାଇଁ ଯେ କୌଣସି ଜାତିର ଝିଅ ଦରକାର। 8144890408. D-67935

Wanted fair, goodlooking bride working preferably in IT Sector for handsome karan groom, B.Tech, 29years, 5'9", 15lakhs PA, Software professional, Bangalore, 9348720963. D-68338

ଭୁବନେଶ୍ୱର ସ୍ଥିତ 30,000 ଦରମା, 40 ବୟସ୍କ ବ୍ରାହ୍ମଣ Divorcee ପୁଅଙ୍କ ପାଇଁ ଝିଅ ଦରକାର, 9668488654. D-67933

Brahmin boy 1994/5'8", serving MNC Bhubaneswar requires beautiful bride 8144591758. D-68595

Kaibarta boy/31/5.6, B.Tech Govt. job in Chennai, 8-9 LPA, need a educated beautiful girl (any caste) 8594934817, 8895265673. D-16854

Khandayat boy 1992/ M.Sc, Syndicate Bank Manager. "VAISNABI" 9337336614, 7008967858. D-68594

## GROOM WANTED

Highschool Clerk 41 ବୟସ୍କା ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର, 7381460016. D-67932

ଜାତିବନ୍ଧନ ନାହିଁ। 35, 5'.3", M.A, B.Ed, ମହିଳା ବାଳ ବିକାଶ ସୁପର୍‌ଭାଇଜର, ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16857

32 ବୟସ୍କା ଧୋବା ଅବିବାହିତା Private School Teacher ଝିଅଙ୍କ ପାଇଁ Unmarried ପୁଅ ଦରକାର। 7008080967. D-67934

Wanted Gen/OBC groom (Govt./reputed company service preferred) for a Rangani girl (1982/ Dhanu, PG) Call- 9437178454, 9861182688 (no mediator please). D-59537

Postal Assistant ଭାବରେ କାର୍ଯ୍ୟରତ ଥିବା 47ବର୍ଷର ବିଧବା ମହିଳା ପାଇଁ ବରପାତ୍ର, ଯୋଗାଯୋଗ କରନ୍ତୁ। 8895411143. D-68821

Now Matrimonial ads. only on Wednesday & Sunday Book 1 Get 1 FREE




## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

30'road boundary, gharabari fully developed plot Gudiapokhari (KEC) 9937166932. D-68597

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

4400 sqft. gharabari residential land for sale at Nayapalli, Bhubaneswar. Price - 1.63 Crore, Contact : 6370212755. D-69224

NRI'S Bungalow for sale having area 7114sqft. and built up area 3797sqft. at Sabitri Sadan, Rameswar Patana near Mausima square, Bhubaneswar. For details Contact: 9437220545. D-67110

3BHK Duplex 35,00,000/- finishing Hanspal, low cost plot Atala- 6372150338. D-68668

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.- 550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.- 200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

Duplex for sale at patia, Ragunathpur, Bhubaneswar. Contact to.-7735412646. D-68683

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69225

**Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ କଂକ୍ରିଟରୋଡ୍ ସ୍ଥିତିବାନ ଘରବାରି ପ୍ଲଟ 40'x65' 30ଲକ୍ଷ। 9853966120, 9437177131. D-69013

**ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952.** D-68497

## PURCHASE

Plot required on outright/ sharing basis in Bhubaneswar. Contact: 7978751719. D-67540




Building construction, renovation, repairing, colouring, plumbing work. Contact- mistrilabour.com 9658009658. D-69223

## GENERAL SALE

40KW generator, diesel pump, electrical motor and other accessories for sale near Bhanjanagar, Ganjam District. Contact: 9439852555. D-16890




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Ayurvedic full body massage by ladies, gents therapist. 7008773793 D-60873

Herbal full body massage by smart / expert therapist. Contact: 8338067247. D-69215

Newly open full body massage by ladies, gents therapist. 8018656899 D-60872

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

Newly opening fullbody massage leadies and gents unisex- Mob: 8018855456. D-38568

Monalisa Massage Club: All types body massage with hiprofile smart lady rooms service available- 9708545108. D-16879

## LOST

I Sri Amiya Kumar Khuntia aged about 42 years, S/o- Rabindranath Khuntia resident of plot no. 473, Nageswartangi, P.S- Shree Lingaraj, Bhubaneswar, Dist- Khurda, do hereby solemnly affirm and state as follows:-

That I am the deponent of this affidavit that some relevant document of my office as well as personal document such as Bank signed cheques of Canara bank, Indusind Bank, Punjab and Sindh Bank, Non-Judicial stamp papers etc. have been lost or misplaced somewhere in the month of 5th January 2020 when I was returning from my house to my office. Thereafter I was searching about this but all my attempts went in vain and could not able to find out those documents. D-67111

## AFFIDAVIT

By virtue of this affidavit before Executive Magistrate on Dt.20.02.2020 Kshetramohan Sahu (Old Name), S/o- Sudam Sahu, Vill- Sadenga, PO-Patapur, PS-Kakatpur, Dist- Puri. I have changed my name from Kshetramohan Sahu to Kshetramohan Sahoo (New Name) for all purposes. D-16891

By virtue of affidavit (37/24.02.20), sworn before Executive Magistrate, Bhubaneswar, my minor daughter's name is changed Milan Swadeshna Shivanginee to Shivanginee Behera. Henceforth she shall be known as above for all purposes. Sign- Sharat Chandra Behera. D-65903

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ବିରୋଧୀଙ୍କ ହଇଗୋଳ, ପ୍ରଶ୍ନକାଳ ବରବାଦ

## ବିଧାନସଭାରେ ପୁଣି ଧାନ ତାତି

- ସର୍ବଦଳୀୟ ବୈଠକ ପରେ ଗୃହ ସ୍ୱାଭାବିକ
- ମାର୍ଚ୍ଚ ୩୧ ଯାଏ ଧାନ କିଣା ହେବ
- ଯୋଗାଣ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ ବାଚସ୍ପତି
- ଧାନ କିଣାକୁ ନେଇ ଶୂନ୍ୟକାଳରେ ବିରୋଧୀଙ୍କ ଅସନ୍ତୋଷ



**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ଚାଷୀଙ୍କଠାରୁ ଧାନସଂଗ୍ରହକୁ ନେଇ ବିଧାନସଭାରେ ପୁଣି ହଙ୍ଗାମା ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ସୋମବାର ଗୃହକୁ ଅଚଳ କରିଥିବା ବେଳେ ମଙ୍ଗଳବାର ମଧ୍ୟ ହୋ-ହଲ୍ଲା କରିଛନ୍ତି। ଫଳରେ ଗୃହରେ ପ୍ରଶ୍ନୋତ୍ତର ହୋଇପାରି ନ ଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବାଧ୍ୟହୋଇ ଗୃହ କାର୍ଯ୍ୟ ଆରମ୍ଭ ହେବାର ମାତ୍ର ଅଧମିନିଟ ପରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ୧୦ଟା ୩୦ମିନିଟରେ ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ଆସିଥିଲେ। ସଦସ୍ୟମାନେ ନମସ୍କାର ଜଣାଇ ବାଚସ୍ପତିଙ୍କୁ ସ୍ୱାଗତ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ସଦସ୍ୟ ତାରାପ୍ରସାଦ ବାହିନୀପତି, ମହମ୍ମଦ ମୋକିମ୍, ସୁରେଶ କୁମାର ରାଉତରାୟ, ରମେଶ ଚନ୍ଦ୍ର ଜେନା ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ବ୍ୟାନର ଦେଖାଇ ପ୍ରତିବାଦ କରିଥିଲେ। ଭାଜପା ସଦସ୍ୟ ବିଷ୍ଣୁପଦ ସେଠୀ, ମୋହନ ଚରଣ ମାଝି, ସୁକାନ୍ତ ନାୟକ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ବ୍ୟାନର ଦେଖାଇ ଗୃହର ମଧ୍ୟଭାଗକୁ ମାଡ଼ିଆସିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବାଚସ୍ପତି ସେମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ ବିରୋଧୀଙ୍କ ଉପରେ ପଡ଼ି ନ ଥିଲା। ଚାଷୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଥିଲେ। ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ବାଚସ୍ପତି ପ୍ରଶ୍ନକାଳକୁ ବାତିଲ କରି ଦେଇ ଚାଲିଯାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପୁଣି ହଇଗୋଳ କରିଥିଲେ। ଏହି ଅଚଳାବସ୍ଥା ଦୂର କରିବା ଲାଗି ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ପ୍ରଣବ ପ୍ରକାଶ ଦାଶ, ଦେବୀ ପ୍ରସାଦ ମିଶ୍ରଙ୍କୁ ସର୍ବଦଳୀୟ ବୈଠକରେ ଯୋଗଦେବାକୁ ବାଚସ୍ପତି ନିମନ୍ତ୍ରଣ କରି ଗୃହକୁ ୧୨ଟା ୫୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୫୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ଆଉ ପୂର୍ବଭଳି ହଙ୍ଗାମା କରି ନ ଥିଲେ। ବାଚସ୍ପତି ଘୋଷଣା କରିଥିଲେ ଯେ, ସରକାର ମାର୍ଚ୍ଚ ୩୧ ଯାଏ ଚାଷୀଙ୍କଠାରୁ ଧାନ କିଣିବେ। ଯେଉଁ ଜିଲାରେ ଧାନ ରହିଛି, ସେହି ଜିଲାର ବିଧାୟକମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ, ରାଜ୍ୟ ସରକାର ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ଟୋକନ ପାଇଥିବା ଚାଷୀଙ୍କ ଧାନ ମଧ୍ୟ କିଣାଯାଉନାହିଁ। ଧାନର ରଙ୍ଗ ଖରାପ ଥିବା ଦର୍ଶାଇ ୫ରୁ ୭ କି.ଗ୍ରା. କାଟି ଦେଉଛନ୍ତି। ସରକାର ଚାଷୀମାରଣ ନୀତି ବନ୍ଦ କରି ଧାନ କିଣନ୍ତୁ। ବାଚସ୍ପତି ଏ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ, ସରକାର ଚାଷୀଙ୍କଠାରୁ ଧାନ କିଣିବା ଲାଗି ଠୋସ ପଦକ୍ଷେପ ନିଅନ୍ତୁ। ନଚେତ ଚାଷୀ ପୁଣି ରାସ୍ତାକୁ ଓହ୍ଲାଇବେ। ବିରୋଧୀ ଦଳ ବିଧାନସଭା ଅଚଳ କରିବେ। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ଗଣତନ୍ତ୍ରର ସୁରକ୍ଷା ଲାଗି ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗ ଉଠାଇବେ। ସଂଖ୍ୟାଗରିଷ୍ଠତା ଦେଖାଇ ସରକାର ସବୁକିଛି ଚାପି ଦେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ଲାଗି ଆନ୍ତରିକତାର ସହ କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ଆହୁରି ୪ ଲକ୍ଷ ଚାଷୀ ଧାନ ବିକିପାରି ନାହାନ୍ତି। ସେମାନଙ୍କଠାରୁ ଧାନ କିଣାଯାଉ। ଗତବର୍ଷ ଯେଉଁ ଜିଲାରେ ଧାନ ହୋଇ ନ ଥିଲା, ସେଠାରେ ଧାନ କିଣା ହୋଇଥିବା ସରକାର ଦର୍ଶାଇଛନ୍ତି। ମିଲ୍ ମାଲିକ ୮ରୁ ୧୦ କେ.ଜି. ଧାନ କାଟୁଛନ୍ତି। ଆମକୁ ଭୁତାଇବାକୁ ଉଦ୍ୟମ ନ କରି ଟୋକନ ବ୍ୟବସ୍ଥା ବନ୍ଦ କରନ୍ତୁ। ମିଲ୍ ମାଲିକ କୋଟିପତି ହେଉଥିବା ବେଳେ କାଦୁଅମାଟିରେ ହଳ ଲଙ୍ଗଳ ଧରି ଚାଷ କରୁଥିବା ଚାଷୀ ୧୦୦ ଟଙ୍କା ମଧ୍ୟ ପାଉନାହିଁ। ଏଥର ସରକାରୀ ଦଳକୁ ଗାଁରେ ଚାଷୀ ପୂରାଇ ଦେବେ ନାହିଁ ବୋଲି ସେ କହିଛନ୍ତି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ବାଚସ୍ପତିଙ୍କୁ ଲକ୍ଷ୍ୟ କରି କହିଥିଲେ, ଆମେ ଧାନ କିଣାକୁ ନେଇ ସବୁବେଳେ ଗଣ୍ଡଗୋଳ କରୁଥିବୁ, ଆପଣ ଆମକୁ ବୁଝାଇ ଗୃହ ଚଳାଇବେ। ଏମିତି କେତେଦିନ ଚାଲିବ। ଏହାଦ୍ୱାରା ଚାଷୀଙ୍କର କ'ଣ ଲାଭ ହେଉଛି। ସରକାରୀ ଅଧିକାରୀ ସ୍ଥିର କରିବେ ଚାଷୀଙ୍କ ଧାନ କିଣା। ଅଫିସର କହି ପାରିବେ ଧାନ କେଉଁଟା, ବାଲୁଙ୍ଗା କେଉଁଟା। ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। ଧାନ ସମ୍ପର୍କରେ ଆଲୋଚନା ହେବା ବେଳକୁ ଉପକୂଳ ଓଡ଼ିଶା କଥା ପଡୁ ନାହିଁ। ଏହି ଜିଲାଗୁଡିକରେ ଚାଷୀ ନାହାନ୍ତି କି। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା ଜିଲାର ଧାନ ବାଂଲାଦେଶକୁ ଚାଲିଯାଉଛି। ଏଥିଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯାଉ ବୋଲି ସେ ଦାବି କରିଥିଲେ। ଭାଜପା ସଭ୍ୟ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ, ଭାସ୍କର ମଢ଼େଇ ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଧାନ କିଣା ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀ ପ୍ରସଙ୍ଗ ବାରମ୍ବାର ଗୃହରେ ଉଠୁଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଦଲାଲ ଚାଷୀଙ୍କୁ ଶୋଷଣ କରୁଛି। ସରକାର ଏ ଦିଗରେ ଧ୍ୟାନ ଦେବାକୁ ସେମାନେ ଦାବି କରିଥିଲେ।


## ସ୍ତନ କର୍କଟ ସମ୍ପର୍କରେ ସବୁକିଛି...

Brought to you by: Apollo HOSPITALS BHUBANESWAR

ସ୍ତନ କର୍କଟ ହେଉଛି ଭାରତ ସମେତ ସାରା ବିଶ୍ୱର ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ସବୁଠାରୁ ସାଧାରଣ କ୍ୟାନ୍‌ସର। ସମସ୍ତ କ୍ୟାନସର ମଧ୍ୟରୁ ଏହା ସର୍ବାଧିକ ମହିଳାଙ୍କ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ । ସାରା ବିଶ୍ୱରେ ଗବେଷଣା ପାଇଁ ବର୍ଦ୍ଧିତ ପାଣ୍ଠିଯୋଗାଣ ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ତଥା ଉଭୟ ନିଦାନ ଓ ଚିକିତ୍ସାକୁ ଉନ୍ନତ କରିବାରେ ସହାୟକ ହୋଇଛି । କିଛି ବର୍ଷ ହେଲା ସ୍ତନ କର୍କଟର ଚିହ୍ନଟ ହାର ବୃଦ୍ଧି ପାଇବା ସହ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ନିରନ୍ତର ଭାବେ ହ୍ରାସ ପାଇବାରେ ଲାଗିଛି ।

କିଛି ବର୍ଷ ହେଲା ଭାରତରେ ସ୍ତନ କର୍କଟ ଘଟଣା ଓ ତଦ୍‌ଜନିତ ମୃତ୍ୟୁର ପରିଦୃଶ୍ୟ ମଧ୍ୟ ବଦଳିବାରେ ଲାଗିଛି। ସଚେତନତାର ଅଭାବ ଏବଂ ଯୋଗ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ଅଭାବ କାରଣରୁ ଚିହ୍ନଟ ହେଉଥିବା ପାଖାପାଖି ୬୦-୮୦% ମାମଲା ଆଡ୍‌ଭାନ୍ସଡ୍ ଷ୍ଟେଜ୍‌ରେ ଚିହ୍ନଟ କରାଯାଏ ।

ଅଙ୍ଗ ତଥା ରୋଗର ପ୍ରକୃତି କାରଣରୁ ସଅଳ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ସ୍ତନ କର୍କଟକୁ ବଶବର୍ତ୍ତୀ କରାଯାଇପାରିବ। ସମ୍ବେଦନଶୀଳ ଜନସଂଖ୍ୟାରେ ପର୍ଯ୍ୟାପ୍ତ ସଚେତନତା ସହାୟତାରେ ରୋଗକୁ ଅପେକ୍ଷାକୃତ ସଅଳ ସ୍ତରରେ ଚିହ୍ନଟ କରାଯାଇପାରିବ ଏବଂ ଏହାଫଳରେ ବଞ୍ଚିବାର ହାର ମଧ୍ୟ ବୃଦ୍ଧି ପାଇବ।

**ସ୍ତନ କର୍କଟର ସବୁଠାରୁ ସାଧାରଣ ଲକ୍ଷଣଗୁଡ଼ିକ କ'ଣ ?**

ସ୍ତନ କର୍କଟ ସବୁଠାରୁ ସାଧାରଣ ଭାବେ ସ୍ତନରେ ଏକ ଫୁଲା ବା ଗୋଟାଳି ଭାବେ ଆବିର୍ଭାବ ହୋଇଥାଏ । ସାଧାରଣତଃ ସେହି ଗୋଟାଳି ଯନ୍ତ୍ରଣାବିହୀନ ହୋଇଥାଏ ଏବଂ ହସ୍ତକ୍ଷେପ ଅଭାବ ସହିତ ତାହାର ଆକାର ଧୀରେ ଧୀରେ ବୃଦ୍ଧି ପାଇଥାଏ । ଏହା କାଖତଳ ଫୁଲା, ସ୍ତନାଗ୍ରରୁ ଲାସା ନିର୍ଗତ ହେବା କିମ୍ବା ସ୍ତନରେ ଭଲ ହେଉ ନ ଥିବା ଘା' ଆକାରରେ ମଧ୍ୟ ଉଭା ହୋଇପାରେ। ଅତି ବିକଶିତ ମାମଲାଗୁଡ଼ିକରେ ଏହା ବେକରେ ଫୁଲା, ଅସ୍ଥି ଯନ୍ତ୍ରଣା ଓ ପିଠି ଯନ୍ତ୍ରଣା ଭାବେ ମଧ୍ୟ ଦେଖାଦେଇପାରେ ।



**ସ୍ତନ କର୍କଟର ସନ୍ଦେହ ଥିଲେ କେଉଁ ତଦନ୍ତ କରାଯାଇପାରିବ ?**

ସ୍ତନ କର୍କଟରେ ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଥିବା ପ୍ରତ୍ୟେକ ରୋଗୀଙ୍କୁ ଟ୍ରିପଲ୍ ଟେଷ୍ଟ ନାମରେ ଜଣାଶୁଣା ପରୀକ୍ଷାର ସମ୍ମୁଖୀନ ହେବା ଉଚିତ, ଏହି ପରୀକ୍ଷାରେ ଉଭୟ ସ୍ତନ ଓ କାଖତଳର ଚିକିନିଖି ନିଦାନିକ ପରୀକ୍ଷା, ଉଭୟ ସ୍ତନର ଏକ ରେଡିଓଲୋଜିକାଲ୍ ପରୀକ୍ଷା ଏବଂ ଏକ ପାଥୋଲୋଜିକାଲ୍ ପରୀକ୍ଷା ଅନ୍ତର୍ଭୁକ୍ତ । ସ୍ତନର ରେଡିଓଲୋଜିକାଲ୍ ପରୀକ୍ଷାରେ ଉଭୟ ସ୍ତନର ଏକ ଡିଜିଟାଲ ମାମୋଗ୍ରାମ୍ ଓ ଏକ ଅଲଟ୍ରାସାଉଣ୍ଡ କରାଯାଇଥାଏ । ଉଭୟ ହେଉଛି ଅତି ନିର୍ଭୁଲ୍ ତଦନ୍ତ ଯାହା ସ୍ତନ ଗୋଟାଳିର ଗୁଣଧର୍ମ ନିର୍ଦ୍ଧାରଣ କରିବା ତଥା ନିଦାନିକ ପରୀକ୍ଷାରେ ବାରି ହୋଇ ନ ଥିବା ଗୋଟାଳିଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିଥାଏ । ପାଥୋଲୋଜିକାଲ୍ ପରୀକ୍ଷାରେ ସ୍ତନ ଗୋଟାଳିରୁ FNAC ବା ଛୁଞ୍ଚି ବାୟୋପ୍ସି କରାଯାଏ। ଆମେ ଆମ କେନ୍ଦ୍ରରେ ଗୋଟାଳିରୁ ଟ୍ରୁକଟ୍ ନିଡଲ୍ ବାୟୋପ୍ସି ସଞ୍ଚାଳନ କରିଥାଉ । ଏହି ପଦ୍ଧତି ସଞ୍ଚାଳନରେ ସହଜ, ଶସ୍ତା ଓ ବହିଃରୋଗୀ ଭିତ୍ତିରେ ମଧ୍ୟ ସଞ୍ଚାଳିତ କରାଯାଇପାରେ । ବାୟୋପ୍ସି ନମୁନାରେ ରିସେପ୍ଟର୍ ସ୍ଥିତି (ER, PR ଏବଂ Her-2-neu) ମଧ୍ୟ କରାଯିବା ଉଚିତ।

ଏହା ବ୍ୟତୀତ, ରୋଗର ସ୍ତର ବା ଷ୍ଟେଜ୍ ଭିତ୍ତିରେ ସିଟି ସ୍କାନ୍ କିମ୍ବା ପିଇଟି ସିଟି ସ୍କାନ୍ ମଧ୍ୟ କରାଯାଇପାରେ । **(କ୍ରମଶଃ...)**

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ୧୦ ବର୍ଷରେ ୧୭,୧୨୪ ହେକ୍ଟର ଜଙ୍ଗଲ ଜମି ବରବାଦ୍

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ଖଣି, ଶିଳ୍ପ, ଜଳସେଚନ, ରାସ୍ତା ଏବଂ ରେଳପଥ ନିର୍ମାଣ ଲାଗି ରାଜ୍ୟର ୧୮ ଜିଲାରେ ଗତ ଦଶ ବର୍ଷରେ ୧୭୧୨୪.୭୧୩ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି। ସେହି ଜିଲାଗୁଡିକ ହେଲା ଅନୁଗୋଳ, କଟକ, ଖୋର୍ଦ୍ଧା, ଯାଜପୁର, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ ସୁନ୍ଦରଗଡ଼। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ନିୟମାନୁଯାୟୀ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ଜଙ୍ଗଲ ଅପସାରଣ କରାଯାଇଛି। ୨୦୧୦ରୁ ୨୦୧୮-୧୯ ମଧ୍ୟରେ ଜଙ୍ଗଲ କ୍ଷତିଭରଣା ଲାଗି କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା(କାମ୍ପା) ଏବଂ ଓଡ଼ିଶା ରାଜ୍ୟ ବଜେଟରୁ ରାଜ୍ୟକୁ ୩୨୪୪.୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରେ କାମ୍ପା ଫଣ୍ଡରୁ ଅର୍ଥ ଖର୍ଚ୍ଚ କରାଯାଇ ୨,୬୨,୮୨୮ ହେକ୍ଟର ଏବଂ ରାଜ୍ୟ ବଜେଟ ଅର୍ଥରୁ ୨୩୫୬୩.୦୭୨ ହେକ୍ଟର ଜମିରେ ବନୀକରଣ କରାଯାଇଛି।


## ପୂର୍ବ ତଟ ରେଳପଥ

**ଅଂଶକାଳିକ (Part Time) ଦନ୍ତ ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ସୂଚନା ସଂ. SBP/Pers/Gaz/PTDS/Med/2020, ତା.14.02.2020

ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ ଚୁକ୍ତି ଭିତ୍ତିରେ "ଦନ୍ତ ଚିକିତ୍ସକ"ଙ୍କ ନିଯୁକ୍ତି ।

ମୋଟ୍ ଖାଲି ପଦବୀ ସଂଖ୍ୟା- 01 ।

ବୟସସୀମା : 50 ବର୍ଷରୁ ଅଧିକ ବୟସ ହୋଇନଥିବ । ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)/ଅନ୍ୟ ପଛୁଆ ବର୍ଗ(OBC) ସମ୍ପ୍ରଦାୟର ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ନିୟମ ଅନୁସାରେ ବୟସ ସୀମା କୋହଳ କରାଯିବ ।

ପାରିଶ୍ରମିକ : ମାସିକ ପାରିଶ୍ରମିକ ଟ.36,900/-

'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ :

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ସମ୍ବଲପୁର | ତା.17.03.2020ରିଖ(ମଙ୍ଗଳବାର) 1000 ଘଟିକାରୁ 1030 ଘଟିକା ପର୍ଯ୍ୟନ୍ତ, ଇଣ୍ଟରଭ୍ୟୁ 1030 ଘଟିକା ଠାରୁ ଆରମ୍ଭ । |

**ଜେନେରାଲ ମେଡ଼ିସିନ୍, ଅର୍ଥୋପେଡ଼ିକ୍ ଏବଂ ଅପ୍‌ଥାଲମୋଲୋଜିରେ ଅବୈତନିକ (Honorary) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ ନିଯୁକ୍ତ କରିବା**

ସୂଚନା ସଂ. SBP/Pers/Gaz/HVS/Engag/Med/2020, ତା.14.02.2020

ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ ଚୁକ୍ତି ଭିତ୍ତିରେ ଅଂଶକାଳିକ ଜେନେରାଲ ମେଡ଼ିସିନ୍(Medicine), ଅର୍ଥୋପେଡ଼ିକ୍ (Orthopedic) ଏବଂ ଅପ୍‌ଥାଲମୋଲୋଜି (Ophthalmology)ରେ "ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ"ଙ୍କ ନିଯୁକ୍ତି ।

ମୋଟ୍ ଖାଲି ପଦବୀ ସଂଖ୍ୟା- 03 ।

ବୟସ ସୀମା : (କ) ପ୍ରଥମ ଥର ନିଯୁକ୍ତି ସମୟରେ 30 ବର୍ଷ ବୟସରୁ 64 ବର୍ଷ ବୟସ ଗ୍ରହଣୀୟ । (ଖ) ଚାଲୁ ରଖାଯାଇଥିବା ନିଯୁକ୍ତି ନିମନ୍ତେ ଉଚ୍ଚତର ବୟସ ସୀମା 65 ବର୍ଷ ।

ପାରିଶ୍ରମିକ : ମାସିକ ପାରିଶ୍ରମିକ ଟ.32,000/- ।

ଆବେଦନ କିପରି କରିବେ : ଅବୈତନିକ ଭିଜିଟିଙ୍ଗ୍ ସ୍ପେଶିଆଲିଷ୍ଟ ଭାବେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଡାକ୍ତରମାନେ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସମ୍ପର୍କିତ ପ୍ରମାଣପତ୍ରଗୁଡ଼ିକ ସତ୍ୟାପିତ ନକଲ ସହିତ ନିର୍ଦ୍ଧାରିତ ଫର୍ମାଟରେ ସିଧାସଳଖ ଭାବେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁରଙ୍କ ଠିକଣାରେ ଆବେଦନ କରିପାରିବେ, ଯାହାକି ତା.13.03.2020ରିଖ ସୁଦ୍ଧା କିମ୍ବା ତା'ପୂର୍ବରୁ ସେଠାରେ ପହଞ୍ଚିବା ଆବଶ୍ୟକ। ଚୟନ ପ୍ରକ୍ରିୟା ସ୍କ୍ରିନିଙ୍ଗ୍ ପେପର (ସମ୍ବନ୍ଧିତ ପ୍ରମାଣପତ୍ର) ଭିତ୍ତିରେ ସମ୍ପାଦନ କରାଯିବ। ଚୟନ ସମୟରେ ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବା ପାଇଁ କୁହାଯିବ ନାହିଁ ।

ସଂପୂର୍ଣ୍ଣ ବିବରଣୀ, ଶିକ୍ଷାଗତ ଯୋଗ୍ୟତା, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ସର୍ତ୍ତ ତଥା ନିୟମାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR-729/K/19-20 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର




## ଜିଲା ଚିଠି
### ନୟାଗଡ଼

# ଧାନ କିଣାରେ ପଛୁଆ

ଧାନ କିଣାରେ ଜିଲା ପଛୁଆ। ଧାନକିଣା ତଥ୍ୟ ଦେଖିଲେ ଏହା ପ୍ରମାଣିତ ହେଉଛି। ସରକାରୀ ରିପୋର୍ଟ ବି ସମାନ କଥା କହୁଛି। ଫେବୃୟାରୀ ମାସ ଶେଷ ହେବାକୁ ବସିଥିବାବେଳେ ପ୍ରଥମ ପର୍ଯ୍ୟାୟ ଧାନ କିଣା ଶେଷ ହେଉନି। ଧାନକିଣା ଠିକ୍‌ରେ ହେଉନି ବୋଲି ବିଭିନ୍ନ ଧାନମଣ୍ଡିରୁ ଅଭିଯୋଗ ଆସୁଛି। ମାର୍ଚ୍ଚ ୩୧ ଧାନକିଣାର ଶେଷ ତାରିଖ ରହିଥିଲେ ମଧ୍ୟ ୨ୟ ପର୍ଯ୍ୟାୟ ଟାର୍ଗେଟ ଆସିପାରି ନାହିଁ। ପ୍ରଥମ ପର୍ଯ୍ୟାୟରେ ଜିଲାରେ ଧାନକିଣା ଟାର୍ଗେଟ ଥିଲା ୯ ଲକ୍ଷ ୯୪ ହଜାର କୁଇଣ୍ଟାଲ। ୨ୟ ପର୍ଯ୍ୟାୟ ଧାନ ଟାର୍ଗେଟ ୩ଲକ୍ଷ ୬୭ ହଜାର ୬୪୭ କୁଇଣ୍ଟାଲ ମଗାଯାଇଛି। ଟାର୍ଗେଟ ଆସିବା ପରେ ପୁଣି ଧାନ କିଣାଯିବ ବୋଲି ଜିଲା ଯୋଗାଣ ବିଭାଗ ସଫେଇ ଦେଉଛି। ପ୍ରଥମ ପର୍ଯ୍ୟାୟ ଧାନକିଣାକୁ ଅନୁଧ୍ୟାନ କଲେ ଜିଲାର ସବୁ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗକୁ ଏଡ଼ାଇ ହେଉନାହିଁ। ଅଭାବୀ ଧାନ ବିକ୍ରିକୁ ବନ୍ଦ କରାଇବାରେ ପ୍ରଶାସନ ବିଫଳ ହୋଇଛି। ପଞ୍ଜୀକୃତ ଚାଷୀଙ୍କୁ ଟୋକନ ଦିଆଯାଇପାରୁ ନାହିଁ। ଏଥିପାଇଁ ସବୁ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବେଶି ହଇରାଣ ହେଉଛନ୍ତି ବଡଚାଷୀ। ସେମାନେ ଆଦୌ ଟୋକନ ପାଉ ନ ଥିବା ଅଭିଯୋଗ ହୋଇଛି। ଛୋଟ ଓ ମଧ୍ୟମ ବର୍ଗର ଚାଷୀ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସି ହଟହଟା ହେଉଛନ୍ତି। ଠିକଣା ସମୟରେ ମିଲର ଧାନ ଉଠାଉ ନାହିଁ। ପୁଣି ମଣ୍ଡିରେ ଧାନ ଦେବାବେଳେ କଟ୍‌ନୀଛଟ୍‌ନୀ ଚାଲିଛି। ଟୋକନ ଅନୁସାରେ ଚାଷୀ ୫୦ କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡିରେ ଦେଇପାରୁ ନାହିଁ। ଜିଲାର ରଣପୁର ଓ ଅନ୍ୟ କେତେକ ସ୍ଥାନରେ ଚାଷୀ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏହି ପ୍ରଚ୍ଛଦପଟରେ ଧାନକିଣାରେ ଦୁର୍ନୀତି ଜିଲାର ଭାବମୂର୍ତ୍ତିକୁ ନଷ୍ଟ କରିପକାଇଛି। ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଭାଟସାହି ପଞ୍ଚାୟତର ପଙ୍କାଳସାହି, ଭାଟସାହି, ବରଦ୍ୱାର ମୌଜାର ଚାଷ ଜମି ମାଲିକଙ୍କ ଅଗୋଚରରେ ୧୦୦ ଏକର ଜମିରୁ ୧୮ ଲକ୍ଷ ଟଙ୍କାର ଧାନକିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଜମି ମାଲିକଙ୍କ ସମ୍ପର୍କୀୟ ଦେଖାଇ ଏହି ଦୁର୍ନୀତି କରାଯାଇଥିଲା। ବହୁ ଚାଷୀଙ୍କର ମତାମତ ନେବା ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସ୍କାମ ହୋଇଥିବା ଜଣାପଡ଼ିଛି। ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ଲୋକଙ୍କ ନାମ ଓ ଠିକଣା ମଧ୍ୟ ଜମି ମାଲିକ ପ୍ରମାଣ ସ୍ୱରୂପ ଜିଲାପାଳଙ୍କୁ ଦେଇଥିଲେ। ଏହି ଘଟଣାରେ ଜିଲାପାଳ ସମିତି ସମ୍ପାଦକଙ୍କୁ ନିଲମ୍ବନ ସହ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବହିଷ୍କୃତ କରିଛନ୍ତି। ନୟାଗଡ଼ ବ୍ଲକ ଦାୟିତ୍ୱରେ ଥାଇ ଧାନକିଣାର ମନିଟରିଂ କରୁଥିବା କୋଅପରେଟିଭ ଇନ୍ସପେକ୍ଟରଙ୍କୁ କାରଣଦର୍ଶାଅ ନୋଟିସ କରିଛନ୍ତି। ସେହିପରି ଇଟାମାଟିର ଗୋପୀନାଥ ଜୀଉ, ମା' ନାରାୟଣୀ, ଜଗନ୍ନାଥ ଜୀଉ, ବେହେରାସାହି ରାଧାକାନ୍ତ ଜୀଉଙ୍କର ଜମିକୁ ପଞ୍ଜୀକରଣ କରି ଧାନ ବିକ୍ରି ଅଭିଯୋଗ ହୋଇଛି। ଏହି ଅନିୟମିତତାର ତଦନ୍ତ ନୟାଗଡ଼ ଏଆର୍‌ସିଏସ୍ କରୁଛନ୍ତି। ଘଟଣାରେ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ନୋଟିସ୍ ହୋଇଛି। ଜିଲାରେ ଅନ୍ୟ କିଛି ଧାନମଣ୍ଡିରେ ବି ଘୋଟାଲା ହୋଇଛି। ଏପରି ସ୍ଥିତିରେ ଧାନକିଣାରେ ପଛୁଆ ଜିଲାର ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଉଛନ୍ତି ନାଁ ସେମାନଙ୍କ ଧାନ ସେମାନଙ୍କ ପାଖରେ ରହୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଇଛି।

**– ଲୋକନାଥ ମିଶ୍ର**

## ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ, ୨ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୫।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମରେ ୨୦୧୫ ମାର୍ଚ୍ଚ ୧୯ ରାତିରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲା ଓ ଦୌରାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଏହି ମାମଲାରେ କେସିଙ୍ଗା ଥାନା ଅନ୍ତର୍ଗତ ଡୁମେରମୁଣ୍ଡା ଗ୍ରାମର ଅଭିଯୁକ୍ତ ଶିଶୁପାଲ ମାଝିଙ୍କୁ ଦୋଷୀସାବ୍ୟସ୍ତ କରି ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦୦୦ ଟଙ୍କା ଜରିମାନା ଦେବାକୁ କୋର୍ଟ ନିଜ ରାୟରେ ଦର୍ଶାଇଛନ୍ତି । ଜରିମାନା ଅନାଦାୟ ଦୋଷୀଙ୍କୁ ଅତିରିକ୍ତ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ କିଆବନ ମାଝି ଓ ଗୋବର୍ଦ୍ଧନ ମାଝିଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରିଛନ୍ତି । ମାମଲାର ବିବରଣୀ ଅନୁସାରେ ତା ୧୯।୦୩।୨୦୧୫ ରାତି ସାଢ଼େ ୮ଟାରେ ଉପରୋକ୍ତ ଅଭିଯୁକ୍ତମାନେ କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମର ଦୈତାରୀ ମାଝିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶିଶୁପାଲଙ୍କ ଛୁରାମାଡରେ ଦୈତାରୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ପୁଅ ଅଶୋକ ମାଝି କେସିଙ୍ଗା ଥାନରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୨/୨୦୧୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସ୍ୟୁକ୍ୟୁଟର ନିଦର୍ଶନୀ ରଥ ମାମଲା ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୫ ବର୍ଷରେ ୨୪ ଲକ୍ଷ ୪୩ ହଜାର ପରିବାରକୁ ପକ୍କାଘର

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ୨୬ହଜାର

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

୨୦୧୪-୧୫ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା(ତିତ୍‌ଲି), ପକ୍କାଘର ଯୋଜନା(ଖଣି), ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଏବଂ ମତ୍ସ୍ୟଜୀବୀ ବାସଗୃହ ଯୋଜନାରେ ମୋଟ ୨୪ ଲକ୍ଷ ୪୩ ହଜାର ୧୪୯ଟି ପକ୍କାଘର ଯୋଗାଇ ଦିଆଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ୩୩ହଜାର ୯୮୮ ପରିବାରକୁ, ବିଜୁ ପକ୍କାଘର ଯୋଜନାରେ ୨ ଲକ୍ଷ ୫୬ହଜାର ୨୯, ପକ୍କାଘର ଯୋଜନା(ଖଣି)ରେ ୨୯ହଜାର ୮୨୯ ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୨ହଜାର ୨୦୭ ପରିବାରଙ୍କୁ ପକ୍କାଘର ଦେବାକୁ ମଞ୍ଜୁରୀ ହୋଇଛି। ସେଥିରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୫ ଲକ୍ଷ ୨୬ହଜାର ୧୦୩, ବିଜୁ ପକ୍କା ଘର ଯୋଜନାରେ ୨ ଲକ୍ଷ ୫୫ହଜାର ୭୮୩, ପକ୍କାଘର ଯୋଜନାରେ ୨୯ହଜାର ୮୨୯ ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୨ହଜାର ୪୧ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି। ୨୦୧୪-୧୫ରୁ ଏ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲାକୁ ୧ ଲକ୍ଷ ୮୬ହଜାର ୪୯୩, ବାଲେଶ୍ୱରକୁ ୧ ଲକ୍ଷ ୧୩ହଜାର ୬୭୯, ବଲାଙ୍ଗୀରକୁ ୧ ଲକ୍ଷ ୨୮ହଜାର ୮୨୮, କଟକକୁ ୧ ଲକ୍ଷ ୧ହଜାର ୭୫୩, ଗଞ୍ଜାମକୁ ୧ ଲକ୍ଷ ୨୯ହଜାର ୬୮୩, କେନ୍ଦୁଝରକୁ ୧ ଲକ୍ଷ ୩୨ହଜାର ୫୧ ଏବଂ ସୁନ୍ଦରଗଡ଼କୁ ସର୍ବାଧିକ ୧ଲକ୍ଷ ୩୮ହଜାର ୭୨୫ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି।




# ପାଇପ୍ ପାଣିର ସ୍ୱପ୍ନ ଓ ବଜେଟ ବ୍ୟବସ୍ଥା

**ତତ୍ତ୍ୱ ଓ ତର୍କ**

**ବିମଳ ପାଣ୍ଡିଆ**

ସରକାରଙ୍କ ବଜେଟ କେବଳ ଆୟବ୍ୟୟର ଚିଠା ମାତ୍ର ହୋଇଥିଲେ ଅର୍ଥମନ୍ତ୍ରୀମାନେ ଥକିପଡୁଥିଲେ ମଧ ଘଣ୍ଟାଘଣ୍ଟା ଧରି ବଜେଟ ଅଭିଭାଷଣ ଦେଉ ନ ଥାନ୍ତେ କି ଲୋକେ ତାହାକୁ ଶୁଣିବା ପାଇଁ କାନଡେରି ରହୁ ନ ଥାନ୍ତେ। ଘରଟେ ଚଳେଇବା ବେଳକୁ ଯେମିତି ମାସ ବା ବର୍ଷ ଆରମ୍ଭରୁ ଯୋଜନା କରିବାକୁ ପଡ଼ିଥାଏ ସେମିତି ରାଜ୍ୟ କିମ୍ବା ଦେଶ ଚଳାଇବା ପାଇଁ ଆମ ସରକାର ବଜେଟ ପ୍ରସ୍ତୁତ କରିଥାନ୍ତି। ନିଜ ବଜେଟରୁ ଯେମିତି ପରିବାରର ସ୍ଥିତି ଓ ଭବିଷ୍ୟତ ଚିନ୍ତା ଜଣାପଡ଼ିଯାଏ, ସେମିତି ସରକାରଙ୍କ ବଜେଟରୁ ଦେଶ ବା ରାଜ୍ୟର ବର୍ତ୍ତମାନର ଆର୍ଥିକ ସ୍ଥିତି ତଥା ଉପଲବ୍ଧ ସମ୍ବଳର ବିନିଯୋଗ କରି ସରକାର କେମିତି ଦେଶ ବା ରାଜ୍ୟକୁ ଆଗକୁ ନେବାକୁ ଚାହୁଁଛନ୍ତି ତାହାର ସୂଚନା ମିଳିଥାଏ। ବଜେଟ ଅଭିଭାଷଣରେ ସରକାର କ'ଣ କହୁଛନ୍ତି ଓ ବଜେଟରେ ଥିବା ବ୍ୟୟବରାଦରୁ ଭବିଷ୍ୟତ ପାଇଁ ସରକାର ଯେଉଁ ମାର୍ଗ ଆପଣାଇଛନ୍ତି ତା'ର ଏକ ରୂପରେଖ ମିଳିଥାଏ। ସରକାରଙ୍କ ବଜେଟର ସିଧା ପ୍ରଭାବ ଲୋକଙ୍କ ଉପରେ ଅନେକ ଭାବରେ ପଡ଼ିଥାଏ। ଆଜିର ଆଲେଖ୍ୟରେ ଆମେ କେବଳ ଗ୍ରାମ୍ୟ ପାନୀୟ ଜଳ ବିଷୟରେ ବଜେଟ ଅନୁଚିନ୍ତା ଓ ବ୍ୟୟବରାଦ କ'ଣ କହୁଛି ତାହା ଦେଖିବା। ବଞ୍ଚି ରହିବା ପାଇଁ ପାନୀୟ ଜଳ ନିହାତି ଆବଶ୍ୟକ ହୋଇଥିବା ବେଳେ ଏହାର ମାତ୍ରା ଓ ମାନ କେମିତି ରହିଛି ଏବଂ ଏହାକୁ ଲୋକେ କେମିତି ପାଇପାରୁଛନ୍ତି, ତହିଁରୁ ଆର୍ଥିକ ଓ ସାମାଜିକ ସ୍ଥିତି ଏବଂ ଗତି ଠଉରାଯାଇପାରେ।

ସମ୍ବିଧାନର ଧାରା ୨୧ ଅନୁସାରେ ଲୋକଙ୍କୁ ସ୍ୱଚ୍ଛ ଓ ସୁରକ୍ଷିତ ପାଣି ଯୋଗାଇବା ହେଉଛି ସରକାରଙ୍କ ମୌଳିକ ଦାୟିତ୍ୱ। ସେହିଭଳି ସମ୍ବିଧାନର ଧାରା ୪୭ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ନାଗରିକର ଜୀବନଧାରଣର ମାନକୁ ଉନ୍ନତ କରିଚାଲିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ସୁଖର କଥା ଯେ ଉଭୟ ଦେଶ ଓ ରାଜ୍ୟ ବଜେଟରେ ନାଗରିକଙ୍କୁ ଉନ୍ନତ ମାନର ସେବା ମାଧ୍ୟମରେ ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଜାହିର ହୋଇଛି। ୨୦୧୯ର ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ 'ଜଳ ଜୀବନ ମିଶନ'ର ଘୋଷଣା କରି କହିଥିଲେ, ୨୦୨୪ ମସିହା ସୁଦ୍ଧା ଦେଶର ଗ୍ରାମାଞ୍ଚଳର ସମସ୍ତ ଘରକୁ କାର୍ଯ୍ୟକ୍ଷମ ପାଇପ୍ ଯୋଗେ ଜଣପ୍ରତି ଦୈନିକ ଅନ୍ୟୂନ ୫୫ ଲିଟର ଲେଖାଏ ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯିବ। ଏହା ଏକ ସାମାନ୍ୟ ଲକ୍ଷ୍ୟ ନୁହେଁ। ସରକାରଙ୍କ ଆକଳନ ଅନୁସାରେ ଦେଶର ୧୭ କୋଟି ୮୭ ଲକ୍ଷ ଗ୍ରାମ୍ୟ ପରିବାର ମଧ୍ୟରୁ ମାତ୍ର ୧୮% ଘରେ ହିଁ ଟ୍ୟାପ୍ ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା ହୋଇପାରିଛି। ମିଶନର ଲକ୍ଷ୍ୟ ହାସଲ କରିବାକୁ ହେଲେ ମାତ୍ର ପାଞ୍ଚ ବର୍ଷରେ ଭାରତର ଗ୍ରାମାଞ୍ଚଳରେ ରହୁଥିବା ୧୪ କୋଟି ୬୦ଲକ୍ଷ ପରିବାର ପାଖରେ ପାଇପ୍ ଯୋଗେ ପାଣି ପହଞ୍ଚାଇବାକୁ ହେବ। ଭାରତ ସରକାର ଆକଳନ କରିଛନ୍ତି ଯେ, ଏଥିପାଇଁ ୩ ଲକ୍ଷ ୬୦ ହଜାର କୋଟି ଟଙ୍କା ଆବଶ୍ୟକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବ୍ୟୟଭାର ସମାନ ଭାବରେ ବହନ କରିବେ। ହିମାଳୟ ପାର୍ବତ୍ୟ ରାଜ୍ୟଗୁଡ଼ିକରେ ବ୍ୟୟର ସିଂହଭାଗ କେନ୍ଦ୍ର ସରକାର ବହନ କରିବେ। ଭାରତ ସରକାରଙ୍କ ପ୍ରାଥମିକ ଆକଳନ ଅନୁସାରେ ଏହି ମିଶନ ପାଇଁ କେନ୍ଦ୍ର ସରକାରଙ୍କ ବ୍ୟୟଭାର ହେବ ୨.୦୮ ଲକ୍ଷ କୋଟି ଟଙ୍କା। ଅନ୍ୟଭାବରେ କହିଲେ, କେନ୍ଦ୍ର ସରକାରଙ୍କୁ ଆସନ୍ତା ପାଞ୍ଚବର୍ଷ ପାଇଁ ପ୍ରତିବର୍ଷ ହାରାହାରି ପ୍ରାୟ ୪୨,୦୦୦ କୋଟି ଟଙ୍କା ଲେଖାଏଁ ବ୍ୟୟ କରିବାକୁ ହେବ। ଚଳିତବର୍ଷର ବଜେଟ ଉପସ୍ଥାପନ କଲାବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହି ମିଶନକୁ ଖୁବ୍ ଗୁରୁତ୍ୱ ଦେଇ କହିଥିଲେ ଯେ, ଏହା ହେଉଛି ସରକାରଙ୍କ ନୂତନ ପ୍ରମୁଖ ଲକ୍ଷ୍ୟ। ତେବେ ସରକାରଙ୍କ ଘୋଷିତ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ଥିବା ଅର୍ଥ ସହ ଚଳିତ ବଜେଟରେ ହୋଇଥିବା ଅର୍ଥବ୍ୟବସ୍ଥାକୁ ଯୋଡ଼ି ଦେଖିଲେ ଚିତ୍ରଟି ଭିନ୍ନ ପ୍ରକାର ମନେହୁଏ। ସମସ୍ତ ଘରେ କାର୍ଯ୍ୟକ୍ଷମ ପାଇପ୍ ଯୋଗେ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ ବାର୍ଷିକ ହାରାହାରି ୪୨,୦୦୦ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୨୦୨୦-୨୧ ବର୍ଷ ପାଇଁ ବଜେଟରେ କେନ୍ଦ୍ର ସରକାର ମାତ୍ର ୧୧,୫୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ଏହା ଆବଶ୍ୟକତାର ଚାରି ଭାଗରୁ ଭାଗେ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ୱପ୍ନ ଦେଖିଛେ, କିନ୍ତୁ ସ୍ୱପ୍ନକୁ ଫଳବତୀ କରିବା ପାଇଁ ଯେଉଁ ପ୍ରଯତ୍ନ ଲୋଡ଼ା, ତା'ର ପ୍ରଥମ ପାହାଚରେ ହିଁ ଆମେ ଝୁଣ୍ଟିଛୁ। ଦେଖିଥିବା ସ୍ୱପ୍ନ ସହ କେନ୍ଦ୍ର ସରକାରଙ୍କ ବଜେଟରେ ବ୍ୟୟବରାଦ ମେଳ ଖାଉ ନ ଥିବା ବେଳେ ଓଡ଼ିଶା ସରକାରଙ୍କ ବଜେଟ କିନ୍ତୁ ସ୍ୱପ୍ନକୁ ହାସଲ କରିବା ଦିଗରେ ଅଧିକ ଦାୟିତ୍ୱବାନ୍ ପ୍ରତୀତ ହୁଏ। ଜଳ ଜୀବନ ମିଶନ ଯେହେତୁ ସାରା ଦେଶ ପାଇଁ, ଓଡ଼ିଶାକୁ ମଧ ସେହି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ରାଜ୍ୟ ସରକାର ଆଉ ପାଦେ ଆଗେଇଯାଇ ବଜେଟ ଅଭିଭାଷଣରେ କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ହିଁ ଗ୍ରାମାଞ୍ଚଳର ୬୦% ଅଧିବାସୀଙ୍କୁ ପାଇପ ପାଣି ଯୋଗାଇଦେବାର ଲକ୍ଷ୍ୟ ରହିଛି। ଘରେ ଟ୍ୟାପ୍ ମାଧ୍ୟମରେ ପାନୀୟ ଜଳଯୋଗାଣ ମାମଲାରେ ଓଡ଼ିଶା ସବୁଠାରୁ ଦୟନୀୟ ସ୍ଥିତିରେ ଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ। ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ପ୍ରତି ୧୦୦ ପରିବାର ମଧ୍ୟରୁ ମାତ୍ର ଚାରିଟି ପରିବାର ପାଖରେ ହିଁ ଘରୋଇ ପାନୀୟ ଜଳ ଯୋଗାଣର ସଂଯୋଗ ଅଛି। ଓଡ଼ିଶାର ୭୮ ଲକ୍ଷରୁ ଅଧିକ ଗ୍ରାମ୍ୟ ପରିବାର ପାଖରେ ଟ୍ୟାପ୍ ସଂଯୋଗ ନାହିଁ। ସାରା ଦେଶ ପାଇଁ ହୋଇଥିବା ୩.୬ ଲକ୍ଷ କୋଟି ଟଙ୍କା ଆବଶ୍ୟକତାର ଅଟକଳକୁ ମାନକ ଭାବରେ ନେଇ ଏକ ସାଧାରଣ ହିସାବ କଲେ ଓଡ଼ିଶାର ପ୍ରତି ଗ୍ରାମ୍ୟ ଘରେ ଟ୍ୟାପ୍ ମାଧ୍ୟମରେ ପାନୀୟ ଜଳ ପହଞ୍ଚାଇବା ପାଇଁ ପ୍ରାୟ ୨୦,୦୦୦ କୋଟି ଟଙ୍କା ଆବଶ୍ୟକ ହେବ। ପାଞ୍ଚ ବର୍ଷ ମଧରେ ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ବାର୍ଷିକ ହାରାହାରି ୪,୦୦୦ କୋଟି ଟଙ୍କା ଦରକାର ହେବ। ଏହି ହିସାବରେ ଦେଖିଲେ ଓଡ଼ିଶା ସରକାର ଆବଶ୍ୟକତା ଅନୁସାରେ ବଜେଟରେ ଅର୍ଥ ବ୍ୟବସ୍ଥା କରିବାରେ କାର୍ପଣ୍ୟ କରିନାହାନ୍ତି। ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳଯୋଗାଣ ଯୋଜନା ବା ବସୁଧା ଯୋଜନାରେ ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ ୩,୨୫୦ କୋଟି ଟଙ୍କା ବରାଦ କରିଛନ୍ତି। ତା'ସହିତ ଜଳ ଜୀବନ ମିଶନ ପାଇଁ ୨,୦୦୦ କୋଟି ଟଙ୍କା, ଓଡ଼ିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠିରୁ ଆଠଟି ଖଣିଜ ପରିପୂର୍ଣ୍ଣ ଜିଲାରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପାଇଁ ୯୯୧ କୋଟି ଟଙ୍କା ଏବଂ ଜିଲା ଖଣିଜ ପାଣ୍ଠିରୁ ୧,୫୩୮ କୋଟି ଟଙ୍କା ଖର୍ଚ୍ଚ କରିବାର ବରାଦ ରଖିଛନ୍ତି। ଏହା ଅତି ଉତ୍ସାହଜନକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାନୀୟ ଜଳ ଯୋଗାଣର ମାନକୁ ଉନ୍ନତ କରିବା ପାଇଁ ବଡ଼ ଘୋଷଣା କରିଛନ୍ତି ଓ ବଜେଟ ଅଭିଭାଷଣରେ ତାହାକୁ ନେଇ ଖୁବ୍ ଦମ୍ଭ ଦେଖାଇଛନ୍ତି। କିନ୍ତୁ ବଜେଟରେ କରିଥିବା ଅର୍ଥ ବ୍ୟବସ୍ଥାକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଏ ଯେ ସମସ୍ତଙ୍କୁ ପାଇପ୍ ମାଧ୍ୟମରେ ଉନ୍ନତ ପାନୀୟ ଜଳ ଯୋଗାଇବା ପାଇଁ ସରକାର କରିଥିବା ସଂକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ବଜେଟ ଅଧିକ ବାସ୍ତବମୁଖୀ।

## ଏଇ ଭାରତରେ

ପଶ୍ଚିମବଙ୍ଗର ଜଣେ ଝିଅ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଗରିବ ମହିଳା ଓ ଶିଶୁମାନଙ୍କର ସାହାରା ପାଲଟିଛନ୍ତି। ମୁର୍ଶିଦାବାଦର କଟ୍ନା ଗାଁରେ ଜନ୍ମିତ କାଜି ସବ୍ନମ୍ ଅହମଦ ନାମକ ଏହି ଝିଅଙ୍କ ଜୀବନରେ ଘଟିଛି ଏଭଳି ଘଟଣା। ତାଙ୍କ ବାପା ଜଣେ ଆର୍ମି ଅଫିସର୍ ଥିଲେ ବି ତାଙ୍କ ବାହାଘର ମାତ୍ର ୧୬ ବର୍ଷ ବୟସରେ ହୋଇଥିଲା। ତିନୋଟି ପିଲାର ମା' ହେବା ପରେ ଘରୋଇ ହିଂସା ସହ୍ୟ କରି ନ ପାରି ରାତିଅଧରେ ଛୋଟ ପୁଅକୁ ଧରି ଘର ଛାଡି ଚାଲିଆସିଥିଲେ। କିଛିଦିନ କୋଲକାତାର ରାସ୍ତାକଡରେ ଓ ପରେ ସିଆଲ୍‌ଦା ଷ୍ଟେଶନରେ ରହିଥିଲେ। ଏହା ୭୦ ଦଶକ ଆରମ୍ଭର କଥା। ଏହି ସମୟରେ ସେ ଏକ କ୍ଲିନିକ୍‌ରେ ରିସେପ୍‌ଶନିଷ୍ଟ ଭାବେ କାମ କରିଥିଲେ। ପରେ ଏକ ନାଇଟ୍ କଲେଜ୍‌ରୁ ଗୃହ ବିଜ୍ଞାନ ଓ ଇଣ୍ଟେରିୟର ଡିଜାଇନିଂରେ ଡିଗ୍ରୀ ହାସଲ କରି କୋଲକାତାରେ ଇଣ୍ଟେରିୟର ଷ୍ଟୁଡିଓ ଖୋଲିଥିଲେ। କିଛିଦିନ ପରେ ସେ ଦିଲ୍ଲୀ ଆସି 'ସଲାମ ବମ୍ବେ' ନାମକ ଏନ୍‌ଜିଓରେ ଯୋଗଦେଇ ଅବହେଳିତ ପିଲାଙ୍କ ଲାଗି ଦିଲ୍ଲୀ ରେଲ୍‌ୱେ ଷ୍ଟେଶନରେ କାର୍ଯ୍ୟ କରୁଥିବା ସମୟରେ ଫିଲ୍ମ ନିର୍ମାତା ଜୁଗ୍‌ନୁ ରାମସ୍ୱାମୀଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ରାମସ୍ୱାମୀ ସବ୍‌ନମଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବା ପରେ ତାଙ୍କୁ ବିବାହ କରିଥିଲେ। ଏହାପରେ ସବ୍‌ନମ ରାମସ୍ୱାମୀ କଟ୍ନା ଗାଁକୁ ଫେରି ଅବହେଳିତ ପିଲାମାନଙ୍କ ପାଇଁ ଜାଗୃତି ପବ୍ଲିକ୍ ସ୍କୁଲ୍ ଓ ପ୍ରଗତି ଶିକ୍ଷା ନିକେତନ ନାମକ ଦୁଇଟି ସ୍କୁଲ୍ ଖୋଲିଥିଲେ। ଏଥିରେ ଏବେ ୧୩୦୦ରୁ ଅଧିକ ପିଲା ପଢୁଛନ୍ତି। ୬୫ ବର୍ଷୀୟା ସବ୍‌ନମ 'କଟ୍‌ନାର କନ୍ଥା' ନାମକ ଏକ ସଂସ୍ଥା ଖୋଲି ସେଠାରେ କମ୍ବଳ ଓ ପୋଷାକ ତିଆରି କାର୍ଯ୍ୟରେ ପାଖାପାଖି ୩୦ଟି ଗାଁର ୧୪୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଫେବୃୟାରୀ ୧୯୯୫**

- ମଣିପୁରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ରିସାଂ କେଇସିଂଙ୍କ ଶପଥ ଗ୍ରହଣ।
- କରାଚୀର ଦୁଇଟି ସିଆ ମସ୍‌ଜିଦରେ ପ୍ରାର୍ଥନା ସଭା ଚାଲିଥିବା ବେଳେ ଆତତାୟୀଙ୍କ ଗୁଳିରେ ୨୭ ନିହତ।

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ।
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୃଢ଼ ଇଚ୍ଛାଶକ୍ତି ଲୋଡ଼ା

**ପ୍ରେମାନନ୍ଦ ନାୟକ**

ଦେଶ ସ୍ୱାଧୀନତା ପାଇବାର ୭୨ ବର୍ଷ ବିତିଗଲାଣି। ଏହି ସମୟ ଭିତରେ ରାଜ୍ୟରେ ଅନେକ ସରକାର ଗଲେଣି। କିନ୍ତୁ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଓଡ଼ିଆଙ୍କର ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ବଢ଼ି ବଢି ଚାଲିଛି। ସରକାର ଲୋକଙ୍କୁ ଏକ ଟଙ୍କା ମୂଲ୍ୟରେ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଯଥା- ଆଳୁ, ପିଆଜ, କଦଳୀ, ଅଣ୍ଡା, ମାଛ, ଡାଲି, ତେଲ ଇତ୍ୟାଦି ଆମକୁ ଅନ୍ୟ ରାଜ୍ୟରୁ ଆମଦାନି କରିବାକୁ ପଡୁଛି। ଓଡ଼ିଶାର ମାଟି, ପାଣି, ପବନ ଏବଂ ଲୋକଶକ୍ତି କୌଣସିଟି ସମୃଦ୍ଧ ରାଜ୍ୟଗୁଡ଼ିକଠାରୁ ପୃଥକ୍ କି ନିକୃଷ୍ଟ ନୁହେଁ। ସେହିସବୁ ସାମଗ୍ରୀ ଓଡ଼ିଶାରେ ଉତ୍ପାଦନ କରି ଓ ଉପଯୁକ୍ତ ପ୍ରଣାଳୀରେ ଗଚ୍ଛିତ ରଖି ଠିରୋଟ ସମୟରେ ବଜାରକୁ ଛାଡି ଲାଭବାନ ହେବା ପାଇଁ ଆମକୁ କେହି ବାରଣ କରିନାହିଁ। ୨୦୧୫ରେ ଆମ ସରକାର ଆଳୁ, ପିଆଜ ମିଶନ ସୃଷ୍ଟି କଲେ। ଅଧିକ ଜମିରେ ଆଳୁ, ପିଆଜ ଚାଷ ଓ ଅଧିକ ଶୀତଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କଲେ। କିନ୍ତୁ ପାଞ୍ଚବର୍ଷ ବିତିଗଲେ ମଧ ତାହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଆଳୁର ବାର୍ଷିକ ଚାହିଦା ୧୦ରୁ ୧୨ଲକ୍ଷ ଟନ୍। ହେଲେ ଉତ୍ପାଦିତ ହେଉଛି ମାତ୍ର ୩.୫ ଲକ୍ଷ ଟନ୍। ଆଳୁ ମିଶନ ଗଠନ ପୂର୍ବରୁ ରାଜ୍ୟରେ ୧୫,୮୦୫ ହେକ୍ଟର ଜମିରେ ୨.୬୮ ଲକ୍ଷ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ଆଳୁ ମିଶନ ଗଠନ ପରେ ଆଳୁ ଚାଷ ଜମିର ପରିମାଣ ୨୫,୧୮୩ ହେକ୍ଟରକୁ ବୃଦ୍ଧି କରାଗଲା। ବିଗତ ବର୍ଷରେ ୨୫ ହଜାର ହେକ୍ଟର ଜମିରେ ଆଳୁଚାଷ ହେବା ଫଳରେ ଉତ୍ପାଦନ ପ୍ରାୟ ୩.୫ଲକ୍ଷ ଟନ୍‌ରେ ପହଞ୍ଚିଛି। ମାତ୍ର ଏହା ଚାହିଦା ତୁଳନାରେ ଯଥେଷ୍ଟ ନୁହେଁ।

ସେହିପରି ରାଜ୍ୟରେ ୩.୫୩ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ଥିବାବେଳେ ଉଦ୍ୟାନକୃଷି ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ୩୩,୧୫୪ ହେକ୍ଟର ଜମିରେ ପିଆଜ ଚାଷ ହୋଇ ଅମଳ ହୋଇଥିଲା ୩.୭୩ଲକ୍ଷ ଟନ୍। କିନ୍ତୁ ସଂରକ୍ଷଣ ସୁବିଧା ଅଭାବରୁ ଅମଳ ସମୟରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ସ୍ୱଳ୍ପ ମୂଲ୍ୟରେ ପିଆଜକୁ ରାଜ୍ୟ ବାହାର ବେପାରୀଙ୍କୁ ବିକିଥାଏ ଏବଂ କିଛି ମାସ ପରେ ବହୁ ଅଧିକ ମୂଲ୍ୟରେ ସେମାନଙ୍କଠାରୁ ତାହା କିଣିବାକୁ ବାଧ୍ୟ ହୋଇଥାଏ। ଏପରି କି ଅମଳ ସମୟରେ ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚ ମଧ ମିଳୁନାହିଁ। ଥରେ କ୍ଷତି ସହିବା ପରେ ଆଉ ଆଳୁ ବା ପିଆଜ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ ରହୁନାହିଁ। ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଦାନଖଇରାତରେ ଯାଉଛି କେବଳ ଲୋକପ୍ରିୟତା ଓ ଭୋଟ ହାସଲ ଉଦ୍ଦେଶ୍ୟରେ। ସେଥିରୁ ବେଶିଭାଗ ଜାଲିଆତି ମାଧ୍ୟମରେ ଓ ଅଣହିତାଧିକାରୀଙ୍କ ଖାତାକୁ ଯାଉଛି ବୋଲି ଜଣାପଡ଼ିଲାଣି। କିନ୍ତୁ ସରକାର ପିଆଜ ଉତ୍ପାଦିତ ହେଉଥିବା ଅଞ୍ଚଳରେ ସଂରକ୍ଷଣ ପାଇଁ ଭଣ୍ଡାର ନିର୍ମାଣ କରିପାରୁ ନାହାନ୍ତି। ରାଜ୍ୟରେ ଉତ୍ପାଦିତ ପିଆଜର ଠିକ୍ ପରିଚାଳନା ହୋଇପାରିଲେ ତାହା ଚାହିଦା ମେଣ୍ଟାଇବାକୁ ସମର୍ଥ ହେବ। ତାହାଛଡା ଓଡ଼ିଶାରେ ଉତ୍ପାଦିତ ସମସ୍ତ ପିଆଜ ରବି ଋତୁରେ ଚାଷ ହୋଇଥାଏ। ଖରିଫ ପିଆଜ ଚାଷ ପ୍ରତି ଗୁରୁତ୍ୱ ଦେଲେ ତାହା ଠିରୋଟ ସମୟରେ ରାଜ୍ୟରେ ପିଆଜ ଉପଲବ୍ଧତାକୁ ବଢ଼ାଇ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତାକୁ କମାଇପାରିବ।

ରାଜ୍ୟରେ ୨୦୦୦ ମସିହା ପୂର୍ବରୁ ୧୨୦ ଶୀତଳ ଭଣ୍ଡାର ଥିଲା, ସେଥିରୁ ମାତ୍ର ୧୦ରୁ ୧୨ଟି କାର୍ଯ୍ୟକ୍ଷମ ଅଛି। ୨୦୧୫ରେ ସରକାର ଆଳୁ ମିଶନ ଆରମ୍ଭକରି ଅଧିକ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ଲକ୍ଷ୍ୟ ଥିଲା ରାଜ୍ୟରେ ଉତ୍ପାଦିତ ଆଳୁକୁ ଶୀତଳଭଣ୍ଡାରରେ ସଂରକ୍ଷିତ ରଖିବା। ସେଥିପାଇଁ ୨୦୧୫ ରୁ ୨୦୧୮ ମଧ୍ୟରେ ୧୧୨ଟି ଶୀତଳଭଣ୍ଡାର ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାତ୍ର ୨୬ଟି କାର୍ଯ୍ୟକ୍ଷମ ହୋଇଛି, ଯାହାର ସଂରକ୍ଷଣ କ୍ଷମତା ୧.୫ ଲକ୍ଷ ମେଟ୍ରିକ୍ ଟନ୍। ଆଳୁ ମିଶନ ବିଫଳ ହେବା ପରେ ଏହି ଶୀତଳଭଣ୍ଡାରଗୁଡ଼ିକ ପ୍ରାୟ ଖାଲି ପଡିଛି। କୋଟି କୋଟି ଟଙ୍କା ଋଣ କରି ଶୀତଳଭଣ୍ଡାର ପ୍ରତିଷ୍ଠା କରିଥିବା ଉଦ୍ୟୋଗୀମାନେ ଏକପ୍ରକାର ହତାଶ ହୋଇପଡ଼ିଛନ୍ତି। ଅନ୍ୟାନ୍ୟ ପରିବା ଯଥେଷ୍ଟ ପରିମାଣରେ ଉତ୍ପାଦିତ ହେଉ ନ ଥିବାରୁ ଶୀତଳ ଭଣ୍ଡାରର ଆବଶ୍ୟକତା ପଡୁନାହିଁ। ଏହି ସମସ୍ୟାର ସମାଧାନ ଲାଗି ସେମାନେ ଗତ ଦୁଇବର୍ଷ ଧରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଅବଶ୍ୟ ଶୀତଳ ଭଣ୍ଡାରଗୁଡ଼ିକର ବିଦ୍ୟୁତ୍ ଶୁଳ୍କରେ ରିହାତି ପାଇଁ ସରକାର ଏବେ ୧କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

ଅତୀତରେ ଆମର ଜଣେ କୃଷିମନ୍ତ୍ରୀ କହିଥିଲେ, ଆଳୁ, ପିଆଜ ନ ଖାଇଲେ କେହି ମରିଯିବେ ନାହିଁ। ଏହା ସତ ଯେ ଓଡ଼ିଶାର ନେତାମାନଙ୍କଠାରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି। ସରକାରୀ କର୍ମଚାରୀମାନେ ଗତାନୁଗତିକ ଭାବେ ଉଦାସୀନ ଏବଂ ସାଧାରଣ ଜନତା ଶ୍ରମବିମୁଖ। ଏହା ଏକ ଚିରନ୍ତନ ସତ୍ୟ ଯେ ଓଡ଼ିଶାରେ ସବୁ କିଛି ସମ୍ଭବ, କେବଳ ଅଭାବ ରହିଛି ଓଡ଼ିଆଙ୍କ ଉଦ୍ୟମର ଓ ଆମ ରାଜନେତାମାନଙ୍କ ମାନସିକତାର। ଓଡ଼ିଆରେ ଆପ୍ତବାକ୍ୟଟିଏ ଅଛି, 'ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ।' ଆହୁରି ମଧ କୁହାଯାଇଛି, ଦୃଢ଼ ଇଚ୍ଛାଶକ୍ତି ଆଗରେ ବିଫଳତା ବି ହାର୍ ମାନେ। ତେଣୁ ରାଜନେତା, କର୍ମଚାରୀ ଓ ଜନସାଧାରଣ ସମସ୍ତଙ୍କଠାରେ ସେହି ଦୃଢ଼ ଇଚ୍ଛାଶକ୍ତି ପ୍ରଥମେ ଜାଗ୍ରତ ହେବା ଉଚିତ। ଓଡ଼ିଶାର ରାଜନେତାମାନେ ଦିଗ୍‌ଦର୍ଶନ ଦିଅନ୍ତୁ। ସରକାର, ସ୍ୱଚ୍ଛଳ ପରିବା ବ୍ୟବସାୟୀ ଓ ପୁଞ୍ଜିପତି ଆଗଭର ହୁଅନ୍ତୁ। ବ୍ୟାଙ୍କଗୁଡ଼ିକ ଋଣ ସହାୟତା ଦିଅନ୍ତୁ। ଓଡ଼ିଶାର ପିଆଜ ଉତ୍ପାଦିତ ହେଉଥିବା ଅଞ୍ଚଳରେ ଶୀତଳଭଣ୍ଡାର ନିର୍ମାଣ କରି ଅମଳ ସମୟରେ ପିଆଜକୁ ସେହି ଭଣ୍ଡାରଗୁଡ଼ିକରେ ମହଜୁଦ ରଖାଯାଇ ଅଣ-ଉତ୍ପାଦନ ଋତୁରେ ବିକ୍ରି କରାଯାଉ। ଏହି ପ୍ରଣାଳୀରେ ପିଆଜ ଚାଷରେ ନିଶ୍ଚୟ ଲାଭ ହେବ ଏବଂ ପିଆଜ ଚାଷୀ ଉପକୃତ ହେବେ। ପ୍ରତିବର୍ଷ କିଛିକିଛି ଅଧିକ ଜମି ଆଳୁ ଚାଷ ପାଇଁ ବ୍ୟବହୃତ ହେଲେ କ୍ରମେ ଅଧିକ ଆଳୁ ଉତ୍ପାଦନ ସମ୍ଭବ ହେବ। ଅମଳ ସମୟରେ ଆଳୁକୁ ଶୀତଳଭଣ୍ଡାରରେ ସାଇତି ରଖି ଅନ୍ୟ ସମୟରେ ବଜାରକୁ ଛଡ଼ାଯିବାର ବ୍ୟବସ୍ଥା କରାଯାଉ। ସେହି ଉପାୟରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟସାମଗ୍ରୀ ଆମ ରାଜ୍ୟର ସ୍ୱର୍ଣ୍ଣଗର୍ଭା ମାଟିରେ ଉତ୍ପାଦିତ ହୋଇପାରିବ। ସେଥିପାଇଁ କୃଷିମନ୍ତ୍ରୀଙ୍କଠାରୁ ବ୍ଲକ୍‌ସ୍ତରୀୟ କୃଷି କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଶାରେ କୃଷିର ବିକାଶ ଲାଗି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କଲେ ଅଚିରେ ଲକ୍ଷ୍ୟ ପୂରଣ ଦିଗରେ ତାହା ସହାୟକ ହେବ। ଓଡ଼ିଶାର ଚାଷୀ ତାହାର ଉଦ୍‌ବୃତ୍ତ ଫସଲକୁ ବାହାର ରାଜ୍ୟକୁ ରପ୍ତାନି କରି ଯଥେଷ୍ଟ ଲାଭବାନ୍ ମଧ ହୋଇପାରିବ।

ଶହୀଦ ନଗର, ଭୁବନେଶ୍ୱର,
ମୋ- ୯୪୩୭୩୮୨୧୦୦

# ବିଦ୍ୟାଳୟ ସୁରକ୍ଷା

**ଅରୁଣ ଦାସ**

ଦିନକୁ ଦିନ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢୁଛି। ଶିକ୍ଷାଦାନ ପଦ୍ଧତିଠାରୁ ଆରମ୍ଭ କରି ସ୍କୁଲ ସେଫ୍ଟି ବ୍ୟବସ୍ଥା ଯାହା ହେଉଥାଉ ନା କାହିଁକି ପ୍ରତି ଗଳିକନ୍ଦି ଓ ଜାତୀୟ ରାଜପଥ ଧାରରେ ବିଦ୍ୟାଳୟ ପ୍ରତିଷ୍ଠା ହେବାରେ କୌଣସି ବାଧା ନାହିଁ। ଶିକ୍ଷାକୁ ବ୍ୟବସାୟ କଲେ ଭଲ ଦି' ପଇସା ମିଳୁଛି, ସେଥିପାଇଁ ଅନେକ ବ୍ୟକ୍ତିବିଶେଷ ଅନ୍ୟ ସୂତ୍ରରୁ ଅସାଧୁ ଉପାୟରେ ଅର୍ଥ ରୋଜଗାର କରି ସମାଜରେ ନିଜର ସ୍ୱତନ୍ତ୍ର ଧୋବଧାଉଳିଆ ପରିଚୟ ସୃଷ୍ଟି କରିବା ପାଇଁ ଯେ ଶିକ୍ଷାନୁଷ୍ଠାନ ଖୋଲି ପକାଉଛନ୍ତି। ଏଥିରେ ପଞ୍ଜୀକରଣ ବ୍ୟବସ୍ଥାରେ ମଧ ସେମିତି କୌଣସି ବଡ଼ ବାଧା ଉପୁଜୁନାହିଁ। କାରଣ ସାମାନ୍ୟ ରାଜନୈତିକ ଚାପରେ ସବୁ କିଛି ସମ୍ଭବ ହୋଇପାରେ।

ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ପବ୍ଲିକ ସ୍କୁଲରେ ପିଲା ପିଛା ମାସିକ ଦୁଇ ହଜାରରୁ ପାଞ୍ଚ ହଜାର ଟଙ୍କା ଆଦାୟ କରାଯାଉଛି। ପାଠପଢା ସହିତ ନାଚ, ଗୀତ, ଖେଳ, ଚିତ୍ରାଙ୍କନ ଓ ଯୋଗାସନ ଆଦିର ଶିକ୍ଷା ପିଲାମାନଙ୍କୁ ଦିଆଯାଉଛି ବୋଲି ଅଭିଭାବକମାନଙ୍କୁ କୁହାଯାଉଛି। ଏହା ନିଶ୍ଚିତ ଭଲ କଥା। କିନ୍ତୁ କେବଳ ଶ୍ରେଣୀଗୃହ ଓ ସେଠାରେ ଶିକ୍ଷକମାନେ ପିଲାମାନଙ୍କୁ ପାଠ ପଢ଼େଇଲେ ଏହା ଏକ ବିଦ୍ୟାଳୟ ହୋଇଯାଏନି। ଉପଯୁକ୍ତ ମାନର ବିଦ୍ୟାଳୟ ପାଇଁ ତା'ର ଆନୁଷଙ୍ଗିକ ଉପକରଣ ନିହାତି ଆବଶ୍ୟକ। ଏଥିମଧ୍ୟରେ ସୁରକ୍ଷା ଉପକରଣ ହେଉଛି ମୁଖ୍ୟ। ଆଜିକାଲି ଅନେକ ସମୟରେ ଉପଯୁକ୍ତ ସୁରକ୍ଷା ଅଭାବରୁ କିଛି କୋମଳମତି ଛାତ୍ରୀଛାତ୍ର ମୃତାହତ ହେଉଛନ୍ତି।

ପିଲାଟିଏ ବିଦ୍ୟାଳୟକୁ ଯିବାଠାରୁ ପୁଣି ଆସି ଘରେ ପହଞ୍ଚିବା ପର୍ଯ୍ୟନ୍ତ ସୁରକ୍ଷା ଦାୟିତ୍ୱ ବିଦ୍ୟାଳୟର ଯାହା ସ୍କୁଲ ସେଫ୍ଟି ନିୟମର ଅନ୍ତର୍ଭୁକ୍ତ। ପିଲାମାନେ ଯିବାଆସିବା କରୁଥିବା ଯାନର ମାନ ସୁରକ୍ଷା ଦୃଷ୍ଟିରୁ ଉପଯୁକ୍ତ କି ନୁହେଁ ଏବଂ ଚାଳକ ଓ ଯାନ ପରିଚାଳକ ପିଲାମାନଙ୍କୁ ଦାୟିତ୍ୱର ସହ ନେବା ଆଣିବା କରୁଛନ୍ତି କି ନାହିଁ, ତାହା ଦେଖିବା ଦରକାର। କାରଣ ପିଲାମାନଙ୍କ ଚଞ୍ଚଳତା ପାଇଁ ଅନେକ ସମୟରେ ଗାଡ଼ିରୁ ଖସିପଡ଼ିବା, ଓହ୍ଲେଇବା ବେଳେ ଅନ୍ୟମନସ୍କ ହୋଇ ଚଳନ୍ତା ଗାଡି ସାମ୍ନାକୁ ଚାଲିଯିବା ଓ ଚକୋଲେଟ୍ ଖାଇବା ଆଶାରେ ଅଚିହ୍ନା ଲୋକ ସହ ଯାଇ ଅପହୃତ ହେବା ଆଦି ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବନି। ବିପତ୍ତି ବା ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ଓ ଏଥିରେ ଶକ୍ତ ହୋଇ ଛିଡ଼ା ହେବାକୁ ବିଦ୍ୟାଳୟ ଗୃହଟି କେତେ ମଜଭୁତ? ଏଥିରେ ଥିବା ପିଲର, କଂକ୍ରିଟ ବିମ୍ ଓ ବ୍ରେସିଙ୍ଗ୍ ସବୁ ଉଚ୍ଚମାନର ହୋଇଛି କି ନାହିଁ? ପାଣି, ପବନ ଆଦିର ବାହ୍ୟବଳକୁ ସମ୍ଭାଳିଲା ପରି ଏହା ନିର୍ମିତ ହୋଇଛି ନା ନାହିଁ? ଏସବୁ ଉପରେ ଧ୍ୟାନ ଦେବାକୁ ହେବ। ଅବଶ୍ୟ ପିଲାମାନଙ୍କୁ ନେଇ ଅଧିକାଂଶ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ମକ୍‌ଡ୍ରିଲ୍ କରାଯାଉଛି। ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ମଧ ପ୍ରଶିକ୍ଷଣ ଦିଆଯାଉଛି। କିନ୍ତୁ ବିଦ୍ୟାଳୟରେ ପିଲାମାନଙ୍କ ପ୍ରତି ଯୌନ ଉତ୍ପୀଡନ ମାତ୍ରା ପ୍ରବଳ ହେବାରେ ଲାଗିଛି। ଏହା ବାଦ୍ ପ୍ରତିଟି ବିଦ୍ୟାଳୟରେ ଯେଉଁ ସଂଖ୍ୟାରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା କଥା ତାହା ଅଛି କି ନାହିଁ? କିଛି ବିଦ୍ୟାଳୟରେ ଖରାପ ହୋଇ ପଡ଼ିଥିବା ଯନ୍ତ୍ରକୁ ଲୋକମାନଙ୍କୁ ଦେଖାଇବା ପାଇଁ କେବଳ ଲଗାଯାଇଥାଏ, ଯାହା ଅସଲ ବିପତ୍ତି ବେଳେ କାମରେ ଆସି ନ ଥାଏ। ବିଦ୍ୟାଳୟ ନିକଟରୁ ଉପଯୁକ୍ତ ବ୍ୟବଧାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ତା'ର ରହିଛି କି ନାହିଁ ଏବଂ ଏହାର ପରିସର ଓ ଶ୍ରେଣୀଗୃହରେ ନିରାପଦ ଭାବରେ ବିଦ୍ୟୁତ୍ ସଂଯୋଗୀକରଣ ହୋଇଛି କି ନାହିଁ, ଏଗୁଡିକୁ ଆଗ ନିରୀକ୍ଷଣ କରିବା ଜରୁରୀ।

ପିଲାମାନେ ସଂଘବଦ୍ଧ ହୋଇ ନିଜ ନିଜ ଭିତରେ ମାରପିଟ୍ ପରି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥିଲେ ମଧ ବିଦ୍ୟାଳୟ କର୍ମଚାରୀ ଏହାକୁ ଦେଖି ତାଗିଦ କରନ୍ତିନାହିଁ। କିନ୍ତୁ ଯାହା ଜଣାପଡେ ସହରାଞ୍ଚଳର ଅଧିକାଂଶ ପବ୍ଲିକ ସ୍କୁଲ ଅପେକ୍ଷା ସାଧାରଣ ସରକାରୀ ବିଦ୍ୟାଳୟଗୁଡିକର ସୁରକ୍ଷା ବ୍ୟବସ୍ଥା ଶହେଗୁଣ ଭଲ। କାରଣ ଏହି ବିଦ୍ୟାଳୟଗୁଡିକ ପ୍ରାୟତଃ ବହୁମୁଖୀ ଆଶ୍ରୟସ୍ଥଳୀରେ ଚାଲୁଥିବାର ଦେଖାଯାଇଥାଏ। ଯେଉଁଗୁଡିକ ଏକାବେଳକେ ବନ୍ୟା, ବାତ୍ୟାରେ ସୁରକ୍ଷା ପାଇଁ ଆଶ୍ରୟସ୍ଥଳୀ ହେବା ସହିତ ପିଲାମାନଙ୍କ ସ୍କୁଲ ଗୃହର କାର୍ଯ୍ୟ କରିଥାଏ। ତେଣୁ ସମ୍ପ୍ରତି ଶିକ୍ଷାଦାନ ନାମରେ ଯେଉଁ ବ୍ୟବସାୟୀ ଗୋଷ୍ଠୀ ଶିକ୍ଷାନୁଷ୍ଠାନ ଖୋଲି ଆମେ ଉଚ୍ଚମାନର ଶିକ୍ଷାଦାନ କରୁଛୁ ବୋଲି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି, ସେମାନେ ପ୍ରଥମେ ନିଜର ସ୍କୁଲ ସେଫ୍ଟି ସମ୍ବନ୍ଧରେ ଆକଳନ କରିବା ଆବଶ୍ୟକ। କାରଣ ପିଲାମାନେ ଆଗାମୀ ପିଢ଼ିର ଭବିଷ୍ୟତ। ସାମ୍ବିଧାନିକ ନିୟମ ଅନୁଯାୟୀ ଏମାନଙ୍କ ପଢ଼ିବା, ବଢ଼ିବା ଓ ସାମଗ୍ରିକ ବିକାଶର ଅଧିକାରକୁ ସଂରକ୍ଷିତ ରଖାଯାଇଛି। ତେଣୁ ବିଦ୍ୟାଳୟ ସୁରକ୍ଷା ବ୍ୟବସ୍ଥାକୁ ଜମାରୁ ହାଲୁକା ଭାବରେ ନ ନେଇ ଏଥିପ୍ରତି ବିଦ୍ୟାଳୟ ପ୍ରଶାସନ, ଶିକ୍ଷକ, କର୍ମଚାରୀ ଯତ୍ନବାନ ହେବା ଜରୁରୀ। ଅଭିଭାବକମାନେ ମଧ ବିଦ୍ୟାଳୟଗୁଡିକର ମୂଲ୍ୟାଙ୍କନ କରିବା ସହ ଏଥିରେ ଥିବା ତ୍ରୁଟିବିଚ୍ୟୁତିକୁ ସୁଧାରିବା ପାଇଁ ତତ୍ପର ରହିବା ଆବଶ୍ୟକ।

ଯଦି ସ୍କୁଲ ସେଫ୍ଟି ନିୟମକୁ ଧରାଯାଏ ତେବେ ଭାରତର କୋଣ ଅନୁକୋଣରେ ଥିବା ୮୦ରୁ ୯୦ ପ୍ରତିଶତ ବିଦ୍ୟାଳୟ ଏହି ନିୟମରେ ବିଫଳ ହେବା ସୁନିଶ୍ଚିତ। ବିଗତ ଦିନରେ ଯେଉଁମାନେ ସାଧାରଣ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢିଥିଲେ ସେମାନେ ଆଜିର ସମୟରେ ଉଚ୍ଚ ପଦମର୍ଯ୍ୟାଦାରେ ନିଜକୁ ଅଳଙ୍କୃତ କରାଇପାରିଛନ୍ତି। କାରଣ ସେତେବେଳର ଶାସନ ବ୍ୟବସ୍ଥା ଥିଲା କଡ଼ାକଡ଼ି। ତେଣୁ ଉଭୟ ବିଦ୍ୟାଳୟ ପ୍ରଶାସନ ଓ ଅଭିଭାବକ ମହଲରେ ଏଇ ବ୍ୟୟବହୁଳ ପବ୍ଲିକ ସ୍କୁଲ ଢାଞ୍ଚାରେ ମସ୍‌ଗୁଲ ନ ହୋଇ ଏହାର ସୁରକ୍ଷା ପରିସର ଓ ପରିବେଶ କିପରି ଉଚ୍ଚମାନର ହୋଇପାରିବ, ସେଥିପ୍ରତି ଆଗ୍ରହ ଦେଖାଇବା ଉଚିତ।

ପତରପଡ଼ା, ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ-୭୮୭୩୭୧୯୦୫୬

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 1 | | | | | 9 | | C | | 5 |
| | | E | A | 0 | | | | | D | | | | | |
| | 6 | | | 3 | | D | | | 5 | 0 | | | | 4 |
| | D | C | | | | | | 2 | 3 | | | | | 9 |
| 1 | | A | 9 | 6 | D | | 3 | C | | | 2 | | 7 | |
| | E | | 0 | | 6 | | | | C | | | | | 8 |
| D | C | 0 | 5 | | | | 2 | E | 9 | | | | 4 | 7 |
| | 3 | 1 | 2 | E | 4 | 0 | | | 8 | | B | | | |
| 5 | 9 | | | | B | | | | | 7 | | | 1 | E |
| | | 4 | | | | | | | | A | | | | D |
| | | | 6 | | | | | 9 | | | | 8 | E | |
| | | 8 | | 7 | A | 4 | 6 | 5 | B | | E | | | |
| | | | | | | | | | | | | A | | 1 |
| B | 2 | D | 4 | | | | | | 1 | | A | | 5 | C |
| | | | | 8 | | | 0 | | | 3 | | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 5 | 8 | 9 | A | 0 | E | 1 | D | B | 2 | C | 4 | 7 |
| E | 7 | 9 | D | 2 | 1 | B | A | C | 6 | 8 | 4 | 3 | 0 | 5 |
| 1 | B | 8 | C | 5 | 0 | 2 | 6 | 4 | A | 7 | 3 | 9 | D | E |
| D | 2 | C | 3 | 7 | 4 | 9 | 8 | 5 | E | 1 | 0 | 6 | B | A |
| 4 | 0 | A | B | E | 6 | 7 | 3 | D | 5 | C | 9 | 2 | 1 | 8 |
| A | E | 4 | 7 | 6 | B | C | D | 2 | 8 | 0 | 5 | 1 | 3 | 9 |
| 2 | 8 | 1 | 9 | A | E | 3 | 0 | 7 | B | 6 | C | 4 | 5 | D |
| 7 | 9 | 0 | 2 | 1 | 3 | 8 | 5 | A | 4 | D | E | B | 6 | C |
| C | 5 | B | 0 | 4 | D | 6 | 1 | E | 9 | 3 | A | 7 | 8 | 2 |
| 3 | 6 | D | 5 | C | 8 | 4 | 9 | B | 1 | 2 | 7 | E | A | 0 |
| 9 | A | 2 | 6 | 3 | 7 | 5 | B | 0 | C | 4 | D | 8 | E | 1 |
| 8 | 4 | 7 | A | D | 9 | 1 | C | 6 | 0 | E | B | 5 | 2 | 3 |
| B | C | 6 | 1 | 0 | 5 | E | 7 | 3 | 2 | A | 8 | D | 9 | 4 |
| 5 | D | E | 4 | B | C | A | 2 | 8 | 3 | 9 | 1 | 0 | 7 | 6 |
| 0 | 1 | 3 | E | 8 | 2 | D | 4 | 9 | 7 | 5 | 6 | A | C | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ଚାକିରି ନା ଭଲ ମଣିଷ

ମହାଶୟ,

ପିଲାମାନେ ଭଲ ପାଠ ପଢ଼ି ଡାକ୍ତର, ଇଞ୍ଜିନିୟର ଓ ପ୍ରଶାସକ ହେବା ସବୁ ମାତାପିତା ଇଚ୍ଛା କରିଥାନ୍ତି। ଡାକ୍ତର, ଇଞ୍ଜିନିୟର ହେଲେ ଭଲ ଅର୍ଥ ଉପାର୍ଜନ କରିବେ। କିନ୍ତୁ ମାତାପିତା ପିଲାଙ୍କୁ ଭଲ ମଣିଷ ହେବାକୁ ଶିଖାନ୍ତି ନାହିଁ। ନିଜେ ଭଲ ହୋଇ ତା'ର ପ୍ରଭାବ ପିଲାଙ୍କ ଉପରେ ପକାନ୍ତି ନାହିଁ। ଫଳରେ ଯେଉଁମାନେ ଡାକ୍ତର ହେଲେ ସେମାନେ ବିନା ଅର୍ଥରେ ରୋଗୀକୁ ଆଡ଼ ଆଖିରେ ଚାହିଁଲେ ନାହିଁ। ଯେଉଁମାନେ ଇଞ୍ଜିନିୟର ହେଲେ ବିନା ପିସିରେ କଣ୍ଟ୍ରାକ୍ଟରର ବିଲ୍ ପାସ୍ କଲେ ନାହିଁ। ଅନେକ ପ୍ରଶାସନିକ ଅଧିକାରୀ ବିନା ଲାଞ୍ଚରେ ଫାଇଲ ଖୋଲନ୍ତି ନାହିଁ। ଉପରୋକ୍ତ ଅଧିକାରୀମାନଙ୍କର କଳାକାରନାମା ପ୍ରତିଦିନ ଟିଭି ଏବଂ ଖବରକାଗଜରୁ ଦେଖିବାକୁ ମିଳୁଛି। ଯଦି ସେମାନଙ୍କ ମାତାପିତା ଏବଂ ସ୍ତ୍ରୀ ସେମାନଙ୍କୁ ଠିକ୍ ପରାମର୍ଶ ଦେଉଥାନ୍ତେ ତେବେ ସେମାନେ ଭିଜିଲାନ୍ସ ବା ସିବିଆଇ ହାତରେ ଧରାପଡି ଲଜ୍ଜିତ ହେଉ ନ ଥାନ୍ତେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ୫-ଟି ଛାଟ

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନରେ ଆସିଥିବା ଖବର ପଢ଼ି ଖୁସି ହେଲୁ। ପୌର ପରିଷଦ ଅନ୍ତର୍ଗତ ଗାଁକୁ ରାସ୍ତା, ନାଳ ଆଦି କାମ ନିମନ୍ତେ ପୌର ପରିଷଦର କର୍ମଚାରୀ, କଣ୍ଟ୍ରାକ୍ଟର, ସ୍ଥାନୀୟ ନେତାମାନେ ମାରି ଖାଉଥିବାର ଅନୁଭବ କରି ସରକାର ନଗର ଉନ୍ନୟନ ବିଭାଗକୁ ସାମିଲ କରିବା ସ୍ୱାଗତଯୋଗ୍ୟ। ସାଧାରଣ ଲୋକଙ୍କ ପଇସା କିପରି ହେର୍‌ଫେର ନ ହେବ, ପିସି କାରବାର ବନ୍ଦ କରିବା ଏବଂ ସର୍ବୋପରି ଲାଞ୍ଚୁଆ କର୍ମଚାରୀ, ଅଫିସରମାନଙ୍କୁ ସାବାଡ଼ କରିବା ନିଶ୍ଚିତ ଭାବେ ଭଲ ପଦକ୍ଷେପ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଓଡ଼ିଶା ହେଉଛି ଗୌରବପୂର୍ଣ୍ଣ ସଂସ୍କୃତି, ସାହିତ୍ୟ, କଳା, ପରମ୍ପରା ଓ ଐତିହ୍ୟର ଭୂମି। ନୃତ୍ୟ ସଙ୍ଗୀତଠୁ ପଟଚିତ୍ର ପର୍ଯ୍ୟନ୍ତ ପୁଣି ସଂସ୍କୃତ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସବୁଥିରେ ଓଡ଼ିଶାର ଐତିହ୍ୟପୂର୍ଣ୍ଣ ବିଭବ ଭରିରହିଛି। ଓଡ଼ିଶାର ଯେଉଁ ଯୋଗଜନ୍ମା କୃତୀ ବ୍ୟକ୍ତିତ୍ୱମାନେ ଜୀବନସାରା ତ୍ୟାଗ ସ୍ୱୀକାର କରି ଏସବୁକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଆଲୋଚନାସ୍ତରକୁ ଆସିଥିବା ବେଳେ କେତେଜଣ ଅନାଲୋଚିତ ହୋଇ ରହିଯାଉଛନ୍ତି। ଆମେ ଆନମନା ହୋଇ ସେମାନଙ୍କ କୃତି ଓ ତ୍ୟାଗକୁ ଖୋଜାଲୋଡ଼ା ନ କରିବାରୁ ସେମାନେ ଅଲୋଡ଼ା ହୋଇ କାଳପ୍ରବାହରେ ହଜିଯାଉଛନ୍ତି। ଓଡ଼ିଶାର କୋଣ ଅନୁକୋଣରୁ ସେଭଳି ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଆଲୋଚନାସ୍ତରରେ ମର୍ଯ୍ୟାଦା ଦେବା ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି।

# ୯୦ ବର୍ଷରେ ବି ଚଳଚଞ୍ଚଳ

**ଅଣଦେଖା ପ୍ରତିଭା**

ପୁରୀ ଅଫିସ,୨୫।୨

ଓଡ଼ିଆ ଭାଷା ଶିକ୍ଷା ପାଇଁ ସାର୍ବଜନୀନ ମାର୍ଗଦର୍ଶିକା ବର୍ଣ୍ଣବୋଧର ରଚୟିତା ଓଡ଼ିଶାର ପ୍ରାତ ସ୍ମରଣୀୟ ଭକ୍ତକବି ମଧୁସୂଦନ ରାଓଙ୍କ ଅଣନାତି ହେଉଛନ୍ତି ଏମାର୍‌କେଆର୍‌। ସମ୍ପୂର୍ଣ୍ଣ ନାଁ ମୋହନଦାସ ରତିକାନ୍ତ ରାଓ। ପୁରୀ କୁଣ୍ଢେଇବେଣ୍ଟ ସାହି ଜେନାମଠ ଲେନ୍‌ରେ ରହୁଛନ୍ତି ଓଡ଼ିଶାର ଏହି ପ୍ରଥିତଯଶା ବ୍ୟଙ୍ଗ ସାହିତ୍ୟିକ। ୯୦ ବର୍ଷରେ ପଦାର୍ପଣ କରି ମଧ୍ୟ ବିନା ଚଷମାରେ ପଢାପଢିରେ ଏବେ ସେ ବେଶ୍‌ ଚଳଚଞ୍ଚଳ। ଯୁବକସୁଲଭ ଚିନ୍ତା ଚେତନାରେ ଓଡ଼ିଆ ସାହିତ୍ୟକୁ ନେଇ ଏବେ ବି ଅନେକ ସ୍ୱପ୍ନ ଦେଖୁଛନ୍ତି ଏମାର୍‌କେଆର୍‌। ଫତୁରାନନ୍ଦଙ୍କୁ ଦ୍ରୋଣଗୁରୁ ଭାବେ ଗ୍ରହଣ କରି ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ କବିତା, ଗଳ୍ପ ଓ ଆଲୋଚନା ମାଧ୍ୟମରେ ଭେଟିଦେବାକୁ ଦିନେ ସଂକଳ୍ପ ନେଇଥିଲେ ଏହି ଲେଖକ। ସରକାରୀ ଚାକିରି କରିଥିଲେ ମଧ୍ୟ ଭକ୍ତକବିଙ୍କର ଦାୟାଦ ଭାବେ ଲେଖାଲେଖି ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଫଳସ୍ୱରୂପ ତାଙ୍କ କଲମ ମୁନରୁ ଝରିପଡ଼ିଥିଲା ଅଜସ୍ର ହାସ୍ୟରସ ସମ୍ବଳିତ କବିତା, ଗଳ୍ପ ଓ ଆଲୋଚନା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଣାମାମୁଁ ଉପନ୍ୟାସର ଉତ୍ତରାର୍ଦ୍ଧ ସେ ସମ୍ପୂର୍ଣ୍ଣ କରିଥିଲେ। ଆଉ ତା ନାଁ ବି ରଖିଛନ୍ତି କଣାମାମୁଁ। ବାସଭବନରେ ଏମାର୍‌କେଆର୍‌ଙ୍କ ସହିତ ଭାବ ବିନିମୟ ଅବସରରେ ଫତୁରାନନ୍ଦଙ୍କ ସ୍ମୃତିରେ ସେ ଯେପରି ଭାବପ୍ରବଣ ହୋଇପଡୁଥିଲେ ଠିକ୍‌ ସେହିପରି ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ ଉଚିତ ମର୍ଯ୍ୟାଦା ଦିଆଯାଇ ନ ଥିବା ଦୁଃଖରେ ମ୍ରିୟମାଣ ହୋଇପଡୁଥିଲେ। ତାଙ୍କ ଭାଷାରେ ଗଳ୍ପ ହେଉ କି କବିତା, ଉପନ୍ୟାସ ହେଉ କି ନାଟକ, କାବ୍ୟ ହେଉ କି ଚମ୍ପୂ, ବିନା ହାସ୍ୟରସରେ ତାହା ରସାଳ ହୁଏନାହିଁ। ପାଠକଙ୍କୁ ବାନ୍ଧି ରଖିଥାଏ ହାସ୍ୟରସ। ଯେଉଁ ସାହିତ୍ୟରେ ହାସ୍ୟରସର କବି ଭାବେ ଯଦୁମଣିଙ୍କୁ ସର୍ବାଗ୍ରେ ଗ୍ରହଣ କରାଯାଉଥିଲା ସେହି ଭାଷାରେ ବ୍ୟଙ୍ଗ କବିମାନେ ଏବେ ଅଲୋଡ଼ା। 'ଢୋଲ' ଏବଂ 'ଏକଦମ୍‌ ଘରୁଆ' ନାମରେ ଦୁଇଟି ଗପ ବହି ଲେଖିବା ପରେ ୨୦୦୩ରେ ପ୍ରକାଶ ପାଇଥିଲା ତାଙ୍କ ବହି 'ମନ୍ମୟ'। ମନକୁ ଛୁଇଁଗଲା ଭଳି ଭାବନାକୁ ସେ ରୂପ ଦେଇଥିଲେ ଏହି ବହିରେ। ବ୍ୟଙ୍ଗ କବିତା ରସାଳରେ ହାସ୍ୟରସର ସେ ଯେଉଁ ସାମାଜିକ ବାର୍ତ୍ତା ଦେଇଛନ୍ତି ତାହା ସର୍ବଦା ସ୍ମରଣୀୟ। ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶର ବସ୍ତରଠାରୁ ଓଡ଼ିଶାର ପାରାଦୀପ ମୁହାଣ ପର୍ଯ୍ୟନ୍ତ ନଦୀ ଉପତ୍ୟକାର ଐତିହ୍ୟପୂର୍ଣ୍ଣ ବିବରଣୀ ସ୍ଥାନ ପାଇଛି ତାଙ୍କ 'ମହାନଦୀ' କବିତାରେ। ଶେଷ ପୁସ୍ତକ 'ଆଠମଲ୍ଲିକ ଡାଏରୀ'ରେ ନିଜ ଜୀବନ ପ୍ରବାହର ପ୍ରତିଟି ଧାରାକୁ ବଖାଣିଛନ୍ତି ଏମାର୍‌କେଆର୍‌। ପିଲାଦିନ, ଚାକିରି ଜୀବନ ଏବଂ ମା'ବାପାଙ୍କର ପ୍ରେରଣାଦାୟୀ ଲେଖାକୁ ଏଥିରେ ସେ ସ୍ଥାନିତ କରିଛନ୍ତି। ଆଠମଲ୍ଲିକ ଥିଲା ତାଙ୍କ ପ୍ରେରଣାର ଉତ୍ସ। ବର୍ତ୍ତମାନର ଓଡ଼ିଆ ସାହିତ୍ୟକୁ ଟିକିନିଖି ପଢ଼ିବା ପରେ ମନରେ କ୍ଷୋଭ ଆସୁଛି ବୋଲି କହିଥିଲେ ଏମାର୍‌କେଆର୍‌। ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ କରି ସେ ଯେଉଁ ମତ ଦେଇଛନ୍ତି, ତାହା ବି ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ ବର୍ତ୍ତମାନର ଲେଖକଙ୍କ ମଧ୍ୟରେ ପ୍ରଚୁର ଅଧ୍ୟୟନର ଅଭାବ ଅନୁଭବ ହେଉଛି। ଫଳରେ ଓଡ଼ିଆ ସାହିତ୍ୟ ଏବେ ବାଟବଣା ହୋଇଯାଇଛି। ଓଡ଼ିଆ ସାହିତ୍ୟର ୨୪ଟି ବିଭାଗକୁ ସଂକୁଚିତ କରାଯାଇ ଏବେ ଦୁଇ ଚାରିଟି ବିଭାଗରେ କଲମଚାଳନା ହେଉଛି, ଯାହା ସବୁବର୍ଗର ପାଠକଙ୍କୁ ଛୁଇଁପାରୁନାହିଁ। କେବଳ ଗଳ୍ପ, କବିତା, ଉପନ୍ୟାସ ଭିତରେ ସୀମିତ ନ ରହି ସାଧାରଣ ପାଠକଙ୍କୁ ଛୁଇଁପାରିବା ଭଳି ଲେଖା ଲେଖାଯିବା ଦରକାର। ଓଡ଼ିଶା ସାହିତ୍ୟ ଏକାଡେମୀ ବ୍ୟଙ୍ଗ ସାହିତ୍ୟକୁ ଏଯାଏ ସମ୍ମାନ ଏବଂ ସ୍ୱୀକୃତି ଦେଇ ନ ଥିବାରୁ କ୍ଷୋଭପ୍ରକାଶ କରିଥିଲେ ଏହି ବର୍ଷୀୟାନ୍‌ ଲେଖକ।

– ରିପୋର୍ଟ: ହେମନ୍ତ ନାୟକ


ଏମାର୍‌କେଆର୍‌


ସମ୍ବଲପୁର ଆରଏମ୍‌ସି ଗୋଦାମରେ ପୋଲିସ ମଙ୍ଗଳବାର ଚଢ଼ାଉ କରୁଛି।

# ତଦନ୍ତ କଲା ପୋଲିସ, ପରୀକ୍ଷାଗାର ଗଲା ନମୁନା

**ସାର ବସ୍ତାରୁ ପଥର, ଇଟା ମିଳିବା ଘଟଣା**

ସମ୍ବଲପୁର,୨୫।୨(ବ୍ୟୁରୋ)

ସମ୍ବଲପୁରରେ ସୋମବାର ଡିଏପି ସାର ବସ୍ତାରୁ ପଥ, ଇଟା ବାହାରବା ଘଟଣାରେ ପୋଲିସ ତଦନ୍ତ କରିଛି। ଚାଷୀଙ୍କ ଅଭିଯୋଗ କ୍ରମେ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍‌ ମଙ୍ଗଳବାର ଗୋଦାମରେ ଚଢାଉ କରିଥିଲା। ଏହା ଅତ୍ୟାବଶକ ସାମଗ୍ରୀ ହୋଇଥିବାରୁ ପୋଲିସ ଗୁରୁତର ସହ ମାମଲାକୁ ନେଇଛି। ଏହି ଅବସରରେ କୃଷି ବିଭାଗ, ମାର୍ଫେଡ ଓ ସାର କମ୍ପାନୀ ଅଧିକାରୀ ଉପସ୍ଥିତ ରହିଥିଲେ। ପୋଲିସ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି । ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି। ଅନ୍ୟପକ୍ଷେ ମାମଲାକୁ ଚପାଇ ନ ଦେଇ ଏଥିରେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଫ୍ଲାଏଓଭର ନିର୍ମାଣ ଦାବି ତେଜୁଛି

**ଜିଲାପାଳଙ୍କୁ ୩ଟି ଗ୍ରାମର ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ**

ଦେବଗଡ଼,୨୫।୨(ଡି.ଏନ.ଏ.)

ବାରକୋଟ ବ୍ଲକ ଡଅଁରା ପଞ୍ଚାୟତ ମୁଖ୍ୟାଳୟ ଦେଇ ୪୯ ନମ୍ବର ଜାତୀୟ ରାଜପଥ ଯାଇଛି। ଯାନବାହାନ ଚଳାଚଳକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ନ୍ୟାଶନାଲ ହାଇୱେ ଅଥରିଟି ଅଫ୍‌ ଇଣ୍ଡିଆ)ପକ୍ଷରୁ ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କରାଯାଇ ଏହାକୁ ୪ ଲେନ ବିଶିଷ୍ଟ କରାଯାଉଛି। ତେବେ ଏହି ୪୯ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଘରୋଇ ପ୍ରତିଷ୍ଠାନ ସହ ବାସଗୃହ ଆଦି ରହିଛି। ଏହି ୪ଲେନ ରାସ୍ତା ଅତିକ୍ରମ ସମୟରେ ଦୁର୍ଘଟଣାର ଆଶଙ୍କା ରହିଛି। ତେଣୁ ପ୍ରସ୍ତାବିତ ସ୍ଥାନରେ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଫ୍ଲାଏଓଭର ନିର୍ମାଣ କରି ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଡଅଁରା ପଞ୍ଚାୟତ ଅନ୍ତର୍ଗତ ବ୍ଲକ ଅଫିସ ଛକଠାରେ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ଡଅଁରା,ବଳିତା ଓ ଗଙ୍ଗାନାଳୀ ଗ୍ରାମବାସୀ ମିଳିତ ଭାବେ ବଲଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ବର୍ଷା ଯୋଗୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା କାର

ରିଆମାଳ,୨୫।୨(ଡି.ଏନ୍‌.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ ଖିଲେଇ ପଞ୍ଚାୟତର ତଲେଇସରଠାରେ ମଙ୍ଗଳବାର ସକାଳେ ଏକ କାର୍‌ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଛି। ଉରୁଣିଆ ଗ୍ରାମର ଭାଗୀରଥି ସାହୁ ଓ ତାଙ୍କ ଦୁଇ ବନ୍ଧୁଙ୍କ ସହିତ ଏକ କାର୍‌ରେ ଝାରସୁଗୁଡ଼ା ଯାଉଥିଲେ। ପ୍ରବଳ ବର୍ଷା ଯୋଗୁ ଆଗକୁ ଦେଖା ନ ଯିବାରୁ କାର୍‌ଟିକୁ ରାସ୍ତା ତଳକୁ ଖସିଯାଇ ଓଲଟି ପଡ଼ିଥିଲା। ରିଆମାଳରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ହେଉଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ଘଟୁଥିବା ବେଳେ ଅନେକ ଚାଷ ମଧ୍ୟ କ୍ଷତି ହୋଇଛି।



ବାର୍ଷିକ କ୍ରୀଡାଉତ୍ସବରେ ମଞ୍ଚାସୀନ ଅତିଥି। ରାଣୀ ଅରୁନ୍ଧତୀ ଦେବୀ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ମନ୍ଦାକିନୀ ବାଳିକା ଉନ୍ନୀତ ସ୍କୁଲର ବାର୍ଷିକ କ୍ରୀଡୋତ୍ସବ

ଦେବଗଡ,୨୫।୨(ଡି.ଏନ.ଏ)

ସ୍ଥାନୀୟ ଗୋପବନ୍ଧୁ ଛକ ସ୍ଥିତ ସର୍ବପୁରାତନ ତଥା ୧୯୦୪ ମସିହାରୁ ସ୍ଥାପିତ ମନ୍ଦାକିନୀ ଉନ୍ନୀତ ସ୍କୁଲର ବାର୍ଷିକ କ୍ରୀଡାଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣ କପରଦାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଦେବଗଡ (ବାମଣ୍ଡା) ରାଣୀ ଅରୁନ୍ଧତୀ ଦେବୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଢାପାଳ କଲେଜର ଓଡିଆ ଅଧ୍ୟାପକ ଡ. ଭାରତ ଭୁଷଣ ନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ରୀ ଡ.ବିଳାସିନି ଦ୍ୱିବେଦ୍ୱୀ ବରିଷ୍ଠ ଆଇନଜୀବୀ ଦିଲୀପ ଗୁରୁ, ଡିଆଇପିଆରଓ ବିଜୟ କୁମାର ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ହୀରାବତୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୁନୀକୁନୀ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେବା ସହ ଉତ୍ସାହିତ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଦୌଡକୁଦ ପ୍ରତିଯୋଗିତା ପୁଚି, ଦଉଡି ଡିଆଁ ଓ ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁସଂଖ୍ୟକ ଅଭିଭାବକ, ଜନସାଧାରଣ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଶିକ୍ଷକ ସଞ୍ଜୀବ କୁମାର ବ୍ରହ୍ମା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମନ୍ଦାକିନୀ ସାହୁଙ୍କ ସମେତ ଆନନ୍ଦିନି ଦାସ, ମଳୟମଞ୍ଜରୀ ଦାସ, ବିଜୟା ଲକ୍ଷ୍ମୀ ଆଚାର୍ଯ୍ୟ, ସଂଯୁକ୍ତା ରଣା, ସଂଯୁକ୍ତା ସାହୁଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ମାତୃଭାଷା ଦିବସରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ରିଆମାଳ,୨୫।୨(ଡି.ଏନ୍‌.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ ବଡ଼ବାହାଳ ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ସାହାଣୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ପାଳିତ ହୋଇଯାଇଛି। ଗଣିତ ମେଳା, ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତବ୍ୟ, ନାଚ, ଗୀତ, ଗଳ୍ପ କଥନ ବିଭିନ୍ନ ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ପୁରସ୍କୃତ କରାଯାଇଛି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦମୟନ୍ତୀ ପ୍ରଧାନ, ଡିଲେଶ୍ୱରୀ ସାହୁ, ରଞ୍ଜୁଲତା ସାହୁ, ମନୋଜ କୁମାର ବେହେରା, ବିଦ୍ୟାଳୟ ଏସ୍‌ଏମ୍‌ସି ସଭାପତି ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ସଦସ୍ୟ ଗଣେଶ୍ୱର ବେହେରା, ରୀନା ବିଶ୍ୱାଳ, ପାର୍ବତୀ ବେହେରା ଯୋଗଦେଇ ଶିକ୍ଷାରେ ଉନ୍ନତି ଆଣିବାକୁ ଉତ୍ସାହିତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ର୍‍ୟାଗିଂକୁ ହାଲୁକା ନେଉଛି ଭିସୁଟ୍‌

ସମ୍ବଲପୁର,୨୫।୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଫେବୃୟାରୀ ୧୨ ତାରିଖ ସିଭିଲ ଇଞ୍ଜିନିୟରିଂ ପ୍ରଥମ ବର୍ଷ ଛାତ୍ର ରଶ୍ମୀରଞ୍ଜନ ଛଟେଇଙ୍କୁ ର୍‍ୟାଗିଂ ହୋଇଥିବା ନେଇ ସୋସିଆଲ ମିଡିଆରେ ସେ ଅଭିଯୋଗ କରିଥିଲେ । ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ହାଲୁକା ଭାବେ ନେଉଛି ଭିସୁଟ୍‌। ଲୋକ ଦେଖାଣିଆ ଭାବେ କେବଳ ଛାତ୍ର ରଶ୍ମିରଞ୍ଜନଙ୍କ ଅଭିଭାବକ ଓ ଅନ୍ୟ ଛାତ୍ରଙ୍କ ଅଭିଭାବକଙ୍କ ସହ କର୍ତ୍ତୃପକ୍ଷ ବୈଠକ କରିଛନ୍ତି। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ତୁହାକୁତୁହା ଶୃଙ୍ଖଳା କମିଟିର ବୈଠକ କରାଯାଇଛି। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତାହା ହେଲେ ବିକଳ୍ପ ବ୍ୟବସ୍ଥା କରିବେ ବୋଲି ରଶ୍ମିରଞ୍ଜନଙ୍କ ପରିବାର କହିଛନ୍ତି । ତେବେ ଏ ସମ୍ପର୍କରେ ଡିନ୍‌ ଛାତ୍ର କଲ୍ୟାଣ ଅଧିକାରୀ ସୁଧାଂଶୁ ଷଡଙ୍ଗୀ କହିଛନ୍ତି ଯେ, ବୈଠକରେ ସମସ୍ତ ପକ୍ଷକୁ ନେଇ ଆଲୋଚନା କରାଯାଇଛି। ହେଲେ କୁଳପତିଙ୍କ ସ୍ୱୀକୃତି ପରେ ନୋଟିସ କରାଯାଇ ସୂଚନା ଦିଆଯିବ।


**DADHIBAMAN JUNIOR COLLEGE**
BHATLI-768030, BARGARH (ORISSA), Ph.- 06646-261134 (0)

**ଭଟଲି +୨ ପରୀକ୍ଷା ପାଇଁ ବୋଲେରୋ ଗାଡ଼ି ଆବଶ୍ୟକ**

ଆସନ୍ତା ୦୩।୦୩।୨୦୨୦ ରୁ ୨୬।୦୩।୨୦୨୦ ପର୍ଯ୍ୟନ୍ତ +୨ ପରୀକ୍ଷାର ବିଭିନ୍ନ କାର୍ଯ୍ୟରେ ନିୟୋଜନ ହେବାପାଇଁ ତିନୋଟି ବୋଲେରୋ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଆସନ୍ତା ୨୯।୦୨।୨୦୨୦ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଆବେଦନ କରିପାରିବେ।

ସ୍ୱା./- ଅଧ୍ୟକ୍ଷ
ଦଧିବାମନ ମହାବିଦ୍ୟାଳୟ, ଭଟଲି, ଜି-ବରଗଡ଼

**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**ADVT.NO. 43/JRF/2019**

Walk in Interview is to be held on **18.03.2020 at 10:30 a.m.** for **one (01) Junior Research Fellow**, at the National Rice Research Institute, Cuttack in the scheme **"Enhancing resilience of rice-based production systems to climate change" (EAP-262)**. The details regarding essential/desirable qualifications, age, amount of emoluments etc., and other terms and conditions are available in NRRI website- **www.icar-nrri.in.**

**PRINCIPAL INVESTIGATOR**

**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh, At- Bahadurbagichapada, PO- Bhawanipatna, Dist- Kalahandi (Odisha) | Regd. No. 608/ / 2013-14 'C' Class | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

Sd./-
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
No.C-526 :- **e-Procurement Notice for PH Works.**
**Bid Identification No.EE PH Division Angul- 22/ 2019-20 dt. 19.02.2020**

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**

**GOVERNMENT OF ODISHA**
**FINANCE DEPARTMENT**
No. S-36

**OFFICE ORDER**

No. **6281/F, Bhubaneswar,** Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide

Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920

## ମାଣ୍ଡିଆରେ ସାର ପ୍ରୟୋଗ

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।





## ଆଳୁ ଅମଳ

ଆଗରୁ ଲଗାଯାଇଥିବା ବିଳମ୍ବ କିସମର ଆଳୁ ଅମଳ କରନ୍ତୁ। ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା, କଟା ଆଳୁସବୁ ବାଛି ଭଲ ଆଳୁ ରଖନ୍ତୁ। ସେଥିରୁ ୨୫-୩୦ ଗ୍ରାମ୍ ଓଜନର ଆଳୁ ସବୁ ବାଛି ପାଣିରେ ଧୋଇଦିଅନ୍ତୁ। ପରେ ପ୍ରତି ଲିଟର ପାଣିରେ ୩୦ ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁଗୁଡିକୁ ୩୦ ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖା ବସ୍ତାରେ ଭର୍ତ୍ତି କରି ଶୀତଳ ଭଣ୍ଡାରରେ ୪ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖନ୍ତୁ।

## ପିଆଜରେ ଶଣ୍ଢା ବାହାରୁଥିଲେ...

ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ସେପ୍ଟେମ୍ବର - ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରିଥାଏ। ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ। ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟି ଦିଅନ୍ତୁ। ପିଆଜରେ ଆଞ୍ଜୁଡା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସ୍ପ୍ରେ କରନ୍ତୁ। ଏବେ ପିଆଜରେ ପତ୍ରପୋଡା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ଲାଗି ଏକର ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ଜୈବିକ କୃଷିରେ ରୋଗପୋକ ପରିଚାଳନା



ପରେଶ କୁମାର ପଣ୍ଡା



ଫସଲ ଚାଷରେ ରୋଗପୋକ ଲାଗିବା ସ୍ୱାଭାବିକ। କ୍ଷେତ୍ରୀୟ ଗବେଷଣାରୁ ଜଣାଯାଇଛି ଯେ, କୀଟମାନଙ୍କ ଦ୍ୱାରା ୨୦%, ରୋଗ ଯୋଗୁ ୨୬%, ଘାସ ଯୋଗୁ ୩୩%, ସାଇତା ଶତ୍ରୁମାନଙ୍କ ଯୋଗୁ ୭% ଏବଂ



ମୂଷା ଓ ଅନ୍ୟାନ୍ୟ କାରଣରୁ ୧୪% ଫସଲ ନଷ୍ଟ ହୋଇଥାଏ। ପୂର୍ବରୁ କୃଷିକ୍ଷେତ୍ରରେ ରୋଗପୋକ ଦାଉରୁ ବିଭିନ୍ନ ବୃକ୍ଷ/ଉଦ୍ଭିଦଜାତ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରାଯାଉଥିଲା। ଏବେ ସେହି ପରମ୍ପରାଗତ ପଦ୍ଧତି ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି।

ଫସଲ ପରିବେଶରେ ବୁଢ଼ିଆଣୀ, କଙ୍କି, ଭଅଁର, ଇନ୍ଦ୍ରଗୋପୀ ଭୃଙ୍ଗ, ସିର୍‌ଫିଡ୍ ମାଛି ଆଦି ଶିକାରୀ ପୋକ ସହିତ ଟ୍ରାଇକୋଗ୍ରାମା, ଟିଲୋନିସ୍, ବ୍ରାକନ୍ ଆଦି ପରାଶ୍ରୟୀ ପୋକ ଉପଯୁକ୍ତ ରହିଲେ, କ୍ଷତିକାରୀ ରୋଗପୋକ ଆର୍ଥିକ ଦେହଳୀ ସୀମା ମଧ୍ୟରେ ରହିଥାଆନ୍ତି।

ଏହି ପରିଚାଳନାଗୁଡ଼ିକ ହେଲା- ୧. କୃଷି ପଦ୍ଧତି: ଖରାଟିଆ ଚାଷ, ପରିଷ୍କାର ଚାଷ, ସଅଳ ବୁଣା/ରୁଆ, ଧାଡ଼ିରେ ଲଗାଇବା, ନିୟନ୍ତ୍ରିତ ଜଳସେଚନ ଓ ନିଷ୍କାସନ, ସୁଷମ ଖାଦ୍ୟସାର ପ୍ରୟୋଗ, ଗଛର କାଣ୍ଟଛାଣ୍ଟ, ସୁସ୍ଥ ବିହନର ବ୍ୟବହାର, ବିଶୋଧନ ଓ ଉପଚାର, ଉପଯୁକ୍ତ ଫସଲ ପର୍ଯ୍ୟାୟ, ଅନ୍ତଃଫସଲ, ଯନ୍ତାଫସଲ, ମିଶ୍ରିତ ଫସଲ ଅବଲମ୍ବନ। ହିଡ଼ କତି କରି ମୂଳ ଫସଲ ନ ନେବା ଦରକାର।

୨. ଭୌତିକ ପଦ୍ଧତି: ସୌର ବିଶୋଧନ ଓ ତାପ ପ୍ରୟୋଗ।

୩. ଯାନ୍ତ୍ରିକ ପଦ୍ଧତି: ହାତରେ ତୋଳି ମାରିବା, ରୋଗଣା ଓ ପୋକ ଆକ୍ରାନ୍ତ ଗଛ ବା ଅଂଶକୁ ଅଲଗା କରିବା, ଖାଇ ପ୍ରସ୍ତୁତି, ଗଛର ଅଗ ଛିଡ଼ାଇବା, ବାଉଁଶ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା, ବିଷଥୋପ, ଆଲୋକ ଯନ୍ତା, ଅଠାଳିଆ ଯନ୍ତା, ଫଳକୁ କାଗଜରେ ଗୁଡ଼ାଇବା, ଛାଦୀକରଣ ଇତ୍ୟାଦି ପ୍ରଚଳନ।

**ଆଲୋକ ଯନ୍ତା (ଲାଇଟ୍ ଟ୍ରାପ୍):** ଆଲୋକ ପ୍ରତି ସାଧାରଣତଃ ପୋକଗୁଡ଼ିକ ଆକର୍ଷିତ ହୋଇଥାଆନ୍ତି। ଫଳରେ ଯନ୍ତା ତଳେ କିରୋସିନ୍ ମିଶା ପାଣିରେ ବୁଡ଼ି ମରିଯାଆନ୍ତି।

**ଅଠାଳିଆ ଯନ୍ତା (ଷ୍ଟିକି ଟ୍ରାପ୍):** ହଳଦିଆ ରଙ୍ଗର ପ୍ଲାଷ୍ଟିକ୍ ଫର୍ଦ ଉପରେ ଅଠା ବୋଳି ଜମିରେ ରଖିଲେ ଜଉପୋକ ଓ ଅନେକ ଉଡ଼ନ୍ତା ପୋକ ଆକର୍ଷିତ ହୋଇ ବା ଉଡ଼ିବା ସମୟରେ ଅଠାରେ ଲାଗି ମରିଯାଆନ୍ତି।

**ବାଉଁଶ ଯନ୍ତା:** ସାଧାରଣତଃ ପକ୍ଷୀ ବା ଚଢ଼େଇ ଅନିଷ୍ଟକାରୀ ପୋକର ଅଣ୍ଡା, ଶୂକ ଏବଂ ଗୋଟିପୋକ ତଥା ପୂର୍ଣ୍ଣାଙ୍ଗ ପୋକକୁ ଖାଇଥାଏ। ପକ୍ଷୀଗୁଡ଼ିକୁ ଆକର୍ଷିତ କରିବା ନିମିତ୍ତ ପୋଲା ବାଉଁଶର ଗଣ୍ଠିର ୩ ସେମି ଛାଡ଼ି ଉପରକୁ କାଟି ଜମିରେ ମଝିରେ ମଝିରେ ଏକର ପ୍ରତି ଅନ୍ୟୂନ ୪ଟି କରି ପୋତିଦେଲେ ଓ ସେହି ଖୋପରେ ପୋକରା ଅଣ୍ଡା ପୁଞ୍ଜି ରଖିଲେ ଚଢ଼େଇ ଆକର୍ଷିତ ହୋଇ ଅଣ୍ଡାକୁ ଖାଇ ଅନ୍ୟ ପୋକଗୁଡ଼ିକୁ ଖାଇଯାଆନ୍ତି। ରାତ୍ରି ସମୟରେ ପେଚା ବସି ରହି ବିଲ ମୂଷାକୁ ଶିକାର କରିଥାଏ।

**ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍):** ଏକ ନିର୍ଦ୍ଦିଷ୍ଟ ପୋକର ପୁରୁଷଗୁଡ଼ିକ ସେମାନଙ୍କର ସ୍ତ୍ରୀ ଜାତିର ବାସ୍ନା ପ୍ରତି ଆକର୍ଷିତ ହୋଇଥାଆନ୍ତି। ଏହି ଅନୁଯାୟୀ ବାଇଗଣର ଫଳ ଓ କାଣ୍ଡବିନ୍ଧା ପୋକ, ଧାନର କାଣ୍ଡ ବିନ୍ଧାପୋକ, କପାର ବକରାବିନ୍ଧା ପୋକ ଓ ପତ୍ରଖିଆ ପୋକ, ଫଳମାଛି, ଆଖୁର କାଣ୍ଡବିନ୍ଧା ପୋକ ଆଦିର ପୁରୁଷଗୁଡ଼ିକ ଫେରୋମୋନ୍ ଯନ୍ତା ଦ୍ୱାରା ଆକର୍ଷିତ କରି ମାରିଦିଆଯାଏ। ଫଳରେ ପୁରୁଷ ପୋକର ଅଭାବ ହେତୁ ସ୍ତ୍ରୀ ପ୍ରଜାତି/ପୋକର ଅଣ୍ଡା ଦେବା କମିଯାଏ ଓ ବଂଶବୃଦ୍ଧି ହୋଇ ନ ଥାଏ।

— ଆଲୋକ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା ଓ ପକ୍ଷୀ ଆଶ୍ରୟସ୍ଥଳ ସୃଷ୍ଟି କରି ପୋକ ବଂଶକୁ ବଢ଼ିବାକୁ ଦିଆଯାଇ ନ ଥାଏ।- ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରି ଧଳାମାଛିଜନିତ ସାହେବୀ ରୋଗକୁ ନିୟନ୍ତ୍ରଣ କରାଯାଏ। – ବିଭିନ୍ନ ଫସଲରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ନଳୀପୋକ ଓ ଫଳବିନ୍ଧା ପୋକର ନିୟନ୍ତ୍ରଣ ଲାଗି ଟ୍ରାଇକୋଗ୍ରାମା ପରାଶ୍ରୟୀ ଅଣ୍ଡା ଥିବା କାର୍ଡ ଫସଲରେ ବ୍ୟବହାର କରି ପୋକ ନିୟନ୍ତ୍ରଣ କରାଯାଏ। - ଧାନ ବା ଚାଉଳରେ ଶୁଖିଲା ଲଙ୍କା ବା ହଳଦୀଗୁଣ୍ଡ ମିଶାଇ ରଖିବାରେ ଶୁଣ୍ଢାପୋକ ଓ ଅନ୍ୟ ସାଇତା ପୋକ ଲାଗି ନ ଥାନ୍ତି।

- ଶସ୍ୟଜାତୀୟ ଫସଲ ପାଖେ ଗେଣ୍ଡୁ ଗଛ ଲଗାଇଲେ ଛୋଟ ପୋକଗୁଡ଼ିକ ଫସଲଠାରୁ ଦୂରେଇ ଯାଇଥାନ୍ତି।

- ଜୈବିକ ପଦ୍ଧତି: ପରାଶ୍ରୟୀ ଜୀବ, ପରଭୋଜି ଜୀବ, ଭୂତାଣୁ, ବୀଜାଣୁ, ଫିମ୍ପି, ସୂତ୍ରକୀଟ, ହାଣ୍ଡିଖତ, ନିମ୍ବଜାତ ଔଷଧ, ନିମ୍ବ ପତ୍ରରସ, ଧୂଆଁପତ୍ର ରସ ପ୍ରୟୋଗ।

- ରୋଗ ପୋକ ସହଣି ବିହନର ବ୍ୟବହାର।

- ବୃକ୍ଷଜାତ ପଦାର୍ଥର ବ୍ୟବହାର, ଉପକାରୀ ଜୀବାଣୁ, ଭୂତାଣୁ, ଫିମ୍ପି, କବକ ଆଦିର ପ୍ରୟୋଗ କରିବା ଦରକାର। ଜୈବିକ ପଦାର୍ଥର ପ୍ରୟୋଗ ଦ୍ୱାରା ମୃତ୍ତିକାର ଜଳଧାରଣ କ୍ଷମତାରେ ବୃଦ୍ଧି ଘଟି ହାଲୁକା ରହେ ଓ ତହିଁରେ ଉପକାରୀ ଜୀବାଣୁଗୁଡ଼ିକ ଭଲ ଭାବେ ସହଜରେ ବଢ଼ିଥାଆନ୍ତି।

- ରୋଗପୋକ ନିୟନ୍ତ୍ରଣ ପାଇଁ ଫସଲରେ ନିମ୍ବତେଲ, ପିଡ଼ିଆ, କରଞ୍ଜ ପିଡ଼ିଆ, ନିମ୍ବପତ୍ର ଗୁଣ୍ଡ, ନିମ୍ବ ମଞ୍ଜି ଶସ୍ୟରୁ ବାହାରୁଥିବା ପଦାର୍ଥ ବ୍ୟବହାର କରାଯାଏ।

- ଜୀବାଣୁ ବିଷ, ଭୂତାଣୁ, ଦ୍ରବଣ, ପରାଶ୍ରୟୀ ଓ ପରଭୋଜୀ କୀଟକୁ ପୋକ ନିୟନ୍ତ୍ରଣ ଲାଗି ବ୍ୟବହାର କରାଯାଏ।

- ଜୈବିକ ଖତ ଓ ଔଷଧ ଫସଲରେ ପ୍ରୟୋଗ କରିବା ଦ୍ୱାରା ଫସଲ ଉତ୍ପାଦନ ବଢ଼ିବା ସହ ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ । ଆଉ ଫସଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ରୋଗପୋକ ନିୟନ୍ତ୍ରଣରେ ସହାୟକ ହୋଇଥାଏ।

- ନିମ୍ବ, କରଞ୍ଜ ପିଡ଼ିଆକୁ ମୃତ୍ତିକାରେ ଲଗାତର ୩ ବର୍ଷ ପ୍ରୟୋଗ ପରେ ଦେଖାଯାଇଛି ଯେ ଫସଲରେ ପୋକ ଆକ୍ରମଣ ନ୍ୟୂନତମ ହୋଇଥାଏ। ସେହିପରି ୩ ଦିନ ତଳର ଗାଈ ମୂତ୍ର ସହ ନଗଦ ଗାଈ ଗୋବର ଛଣା ପାଣି ଓ ନିମ୍ବପତ୍ର ସିଝାଇ ୫% ଦ୍ରବଣ ସିଞ୍ଚନ ଦ୍ୱାରା ପ୍ରାୟ ରୋଗ ନିୟନ୍ତ୍ରଣ ହୋଇଥାଏ।

- ଧାନ ଫସଲରେ ଜୀବାଣୁଜନିତ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ଲାଗି ଛଣା ହୋଇଥିବା ଗୋବର ପାଣି ଫସଲରେ ସିଞ୍ଚନ କରାଯାଏ।

- ଜୈବ କୀଟନାଶକ ଯଥା- ହାଣ୍ଡିଖତ, ପଞ୍ଚଗବ୍ୟ, ଅମୃତ ପାଣି, ଜୀବାମୃତ, ବୀଜାମୃତ, ଗୋମୂତ୍ରକୁ ଫସଲରେ ଜଳ ସହ ମିଶାଇ ପ୍ରଥମରୁ ପ୍ରୟୋଗ କଲେ ଫସଲରେ ରୋଗପୋକ ସଂକ୍ରମଣ କମ୍ ହୋଇଥାଏ।

- ଜୈବ କୀଟନାଶକ ଯଥା- ବି.ଟି. ସୁଡୋମାନାସ୍ ଜୀବାଣୁ ଓ ଟ୍ରାଇକୋର୍ଡର୍ମା ବ୍ୟବହାର କରି ରୋଗପୋକ ନିୟନ୍ତ୍ରଣ କରାଯାଇଥାଏ। ବି.ଟି. ଜୀବାଣୁ- ବିଭିନ୍ନ ଫସଲରେ ପତ୍ରମୋଡ଼ା ପୋକ, ଫଳବିନ୍ଧା ପୋକ, ନାଳି ଶଂବାଳୁଆ, ପତ୍ରଖିଆ ପୋକ ଆଦିକୁ ଏବଂ ଟ୍ରାଇକୋର୍ଡର୍ମା ଫିମ୍ପି- ଝାଉଁଳା, ଚେରଶଢ଼ା, ମୂଳ ଶଢ଼ା, ଘାରିକଟା, ବେକ ପଚା, ଟିକା ଆଦି ରୋଗକୁ ସଫଳତାର ସହ ନିୟନ୍ତ୍ରଣ କରିଥାଏ। ବି.ଟି. ଜୀବାଣୁର ୨ ମିଲି ଲିଟର ପାଣି ପ୍ରତି ଓ ଟ୍ରାଇକୋର୍ଡର୍ମା ଫିମ୍ପିର ୫ ଗ୍ରାମ ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଞ୍ଚନ କରାଯାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ଇଞ୍ଜିନିୟରଙ୍କୁ ସ୍ୱାବଲମ୍ବୀ କରାଇଛି ଚାଷ

ସିଭିଲ ଇଞ୍ଜିନିୟରିଂରେ ସେ ଡିଗ୍ରୀ ହାସଲ କଲେ। ତାଙ୍କ ବାପାଙ୍କ ଇଚ୍ଛା ଥିଲା ପୁଅ ଚାକିରି କରୁ। କିନ୍ତୁ ଚାକିରି ପ୍ରତି ପୁଅଙ୍କର ମନ ବଳିଲା ନାହିଁ। ନିଜେ ସ୍ୱାବଲମ୍ବୀ ହେବେ। ଆଉ କେତେଜଣଙ୍କ ପାଇଁ ରୋଜଗାର ବାଟ ଦେଖାଇବେ। ତେଣୁ ଚାଷକାର୍ଯ୍ୟ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବା ଲାଗି ନିଷ୍ପତ୍ତି ନେଲେ। ଆରମ୍ଭ ହେଲା ଉଦ୍ୟମ। ପ୍ରାଥମିକ ଭାବେ ବାପାଙ୍କୁ ଚାଷ କାର୍ଯ୍ୟରେ ସହଯୋଗ କଲେ। ତା'ପରେ ବଜାର ଚାହିଦାକୁ ଲକ୍ଷ୍ୟ ରଖି ଆରମ୍ଭ କଲେ ମାଛଚାଷ। ପ୍ରାରମ୍ଭିକ ସଫଳତା ତାଙ୍କ ଉତ୍ସାହକୁ ବଢାଇଦେଲା। ଏହାପରେ ଛେଳି, କୁକୁଡ଼ାପାଳନରେ ମନଦେଲେ। ଏଥିସହ ଘାସ ଚାଷ ଆଉ କଦଳୀ, ଆମ୍ବ, ଲେମ୍ବୁ ଚାଷରେ ହାତ ଦେଲେ। ତେବେ ବର୍ଷ କେଇଟାରେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାର ଯୋଗାଇଦେବାରେ ହୋଇଛନ୍ତି ସମର୍ଥ। ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସଫଳ ହୋଇଥିବା ସେହି ଉଚ୍ଚ ଶିକ୍ଷିତ ଯୁବକ ହେଲେ ଟଙ୍କଧର ପ୍ରଧାନ(ମୋ: ୯୯୩୭୨୪୮୨୧୧)। ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ଡଙ୍ଗାପାଳ ଗ୍ରାମରେ ତାଙ୍କ ଘର। ମା' ସଂଯୁକ୍ତା ଓ ପିତାଙ୍କ ନାମ କରୁଣାକର ପ୍ରଧାନ।

ଢେଙ୍କାନାଳସ୍ଥିତ ପଠାଣି ସାମନ୍ତ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରୁ ସିଭିଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ ଟଙ୍କଧର। ହେଲେ ଚାକିରି ନ କରି ନିଜେ ସ୍ୱାବଲମ୍ବୀ ହେବାଲାଗି ଚାଷକୁ ଆପଣେଇ ନେଲେ। ପ୍ରାରମ୍ଭିକ ଭାବେ ବାପାଙ୍କ ସହ ଧାନ, ମୁଗ ଆଦି ଚାଷରେ ମନ ଦେଇଥିଲେ। ତେବେ ତାଙ୍କ ପରିବାରର ୨୫ ଏକର ଜମିରୁ ଗୋଟିଏ ସ୍ଥାନରେ ଥିଲା ପ୍ରାୟ ୫ ଏକର ଜମି । ସେହି ସ୍ଥାନରେ ପାଣିର ସୁବିଧା ମଧ୍ୟ ଥିଲା। ତେଣୁ ସେଠାରେ ମାଛ ଚାଷ ପାଇଁ ପ୍ରଥମେ ମନ ବଳାଇଥିଲେ। ପରେ ୨୦ଟି ଗାଈ କିଣି କଲେ ଗୋପାଳନ । ଦୁଗ୍ଧ ବ୍ୟବସାୟରେ ହାତ ଦେଲେ। ଗାଈଙ୍କ ପାଇଁ ଘାସ ଚାଷ କଲେ। ଚାରି ପଟେ ଆମ୍ବ, କଦଳୀ ଲେମ୍ବୁ ଗଛ ଲଗାଇଲେ। ପରେ ଛେଳି ଓ କୁକୁଡା ଚାଷରେ ମନଦେଲେ। ଏଥିରୁ ବାର୍ଷିକ ୨ ଲକ୍ଷରୁ ଅଧିକ ଟଙ୍କା ଲାଭ ମିଳିଥାଏ। ସେହିପରି ମାଛ ଓ ଅନ୍ୟ ଫସଲଜାତୀୟ ଦ୍ରବ୍ୟ ବିକ୍ରୟ କରି ୩ ଲକ୍ଷ ଟଙ୍କା ରୋଜଗାର ହୋଇଥାଏ ବୋଲି କୁହନ୍ତି ସେ। ମାତ୍ର ବର୍ଷ କେତୋଟି ମଧ୍ୟରେ ସ୍ୱରୋଜଗାରକ୍ଷମ ହେବାରେ ସଫଳ ହୋଇଥିବା ଟଙ୍କଧରଙ୍କୁ ନିକଟରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଛି କୃଷି କର୍ମଣ ପୁରସ୍କାର । ଏହା ତାଙ୍କ ଆତ୍ମ ବିଶ୍ୱାସକୁ ବଢାଇଦେଇଛି। ଆଗକୁ ଯିବାରେ ଉତ୍ସାହ ଆଣିଛି। ସରକାରୀ ସାହାଯ୍ୟ ପାଇଲେ ଚାଷ ପରିମାଣ ଆହୁରି ବଢାଇବେ ବୋଲି କୁହନ୍ତି ସେ । ତେବେ ଏତିକି ରୋଜଗାରରେ ସନ୍ତୁଷ୍ଟ ନୁହନ୍ତି ଟଙ୍କଧର। ଚାଷକୁ ଆହୁରି ବଢାଇବେ, ଅଧିକ ଲୋକଙ୍କୁ ରୋଜଗାରର ବାଟ ଦେଖାଇବେ ଏହି ଲକ୍ଷ୍ୟ ରଖିଛନ୍ତି ସେ।



ଇ. ଟଙ୍କଧର ପ୍ରଧାନ

**-ଶୁଭାଶିଷ ପାଢୀ**

# ଜୈବିକ ପଦ୍ଧତିରେ ଲଙ୍କାଚାଷ

(ଦ୍ୱିତୀୟ ଭାଗ)

**ଝାଉଁଳା ରୋଗ:** ଏହି ରୋଗ ଲଙ୍କା, ବାଇଗଣ ଓ ବିଲାତି ବାଇଗଣରେ ଦେଖାଯାଇଥାଏ। ଏଥିପାଇଁ ଫସଲ ପର୍ଯ୍ୟାୟ ଗ୍ରହଣ କରି ବିକଳ୍ପ ହିସାବରେ ଡାଲି ଜାତୀୟ ଫସଲ ଗ୍ରହଣ କରନ୍ତୁ। ରୋଗ ନିରୋଧକ କିସମ ବ୍ୟବହାର କରନ୍ତୁ । ବିହନ ଓ ଚାରା ବିଶୋଧନ କରି ଲଗାନ୍ତୁ। ପ୍ରଥମେ ଆକ୍ରାନ୍ତ ଗଛକୁ ମାଟି ସହିତ ଉପାଡି ନଷ୍ଟ କରିଦିଅନ୍ତୁ। ଏତଦ୍‌ବ୍ୟତୀତ କରଞ୍ଜ, ନିମ,କୋଚିଲା, ବାରବରଷି , ଅଗସ୍ତିର ପତ୍ର (ପ୍ରତ୍ୟେକରୁ ୨ କିଗ୍ରା ଲେଖାଏ) ଛେଚି ଗାଈ ମୂତ୍ରରେ (୧୨ ଲିଟର) ୭ ଦିନ ଶଢ଼ାଇବା ପରେ ଛାଣି ୪ ଗୁଣ ପାଣି ମିଶାଇ ଗଛ ମୂଳରେ ଦିଅନ୍ତୁ। ୨ କିଗ୍ରା ଲେଖାଏ ନିମ, କରଞ୍ଜ ଓ କୋଚିଲା ପତ୍ରକୁ ଛେଚି ୧୦ ଲିଟର ଗାଈ ମୂତରେ ୭ ଦିନ ଶଢ଼ାଇବା ପରେ ଛାଣି ଏଥି ସହିତ ୧ କି.ଗ୍ରା କୁଆଁରି ପତ୍ର ରସ ମିଶାଇ ଗଛ ମୂଳକୁ ସ୍ପ୍ରେ କରାଯାଏ। ଚାରାରୋପଣ ସମୟରେ ଏହି ଦ୍ରବଣ ମଧ୍ୟ ବିଶୋଧନ କରାଯାଇପାରିବ।

**ଜଉପୋକ:** ଫସଲରେ ନିମତେଲ (୩%) କିମ୍ବା ନିମରେ ପ୍ରସ୍ତୁତ କୀଟନାଶକ ନିମାଜଲ (୫ ମି.ଲି) ଲିଟର ପ୍ରୟୋଗ କରନ୍ତୁ କିମ୍ବା ୧୦ ଲିଟର ଗୋମୂତ୍ରରେ ୫୦୦ ଗ୍ରାମ ବଡ଼ ଗୁଣ୍ଡକୁ ଗୋଳାଇ ୩ ଦିନ ରଖିବା ପରେ ୯୦ ଲିଟର ପାଣିରେ ମିଶାଇ ଛାଣି ସ୍ପ୍ରେ କରନ୍ତୁ।



**ଉକୁଣିଆ ଓ ଧଳାମାଛି:** ପରିଚାଳନା ଲାଗି ନିମ ପ୍ରସ୍ତୁତ କୀଟନାଶକ କିମ୍ବା ଏନ୍.ଏମ୍.କେ.ଇ ୫% ପ୍ରୟୋଗ କରାଯାଏ।

**ଫଳବିନ୍ଧା ପୋକ:** ଆକ୍ରାନ୍ତ ଫଳ ପାଇଁ ନିମରୁ ଜାତ କୀଟନାଶକ ନିମତେଲ ୩% କିମ୍ବା ଏନ୍ଏସ୍‌କେଇ ୫% ସିଞ୍ଚନ କରନ୍ତୁ।

**ପରବର୍ତ୍ତୀ ଯତ୍ନ:** ଚାରାରୋପଣ ୨୦-୩୦ ଦିନ ଏବଂ ୫୦-୬୦ ଦିନରେ କୋଡାଖୁସା କରି ଜିଆଖତ ଓ ଷ୍ଟେଭାମିଲ୍ ଦେଇ ମାଟି ଟେକିଦିଅନ୍ତୁ। ଅନାବନା ଗଛସବୁ ଉପାଡି ଛାଦିକରଣ କରନ୍ତୁ। ଫସଲ ମଝିରେ ମଝିରେ ଗେଣ୍ଡୁ କିମ୍ବା ରାଶିଗଛ ରହିଲେ ଝାଉଁଳା ରୋଗ ହୋଇ ନ ଥାଏ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

**ଅମଳ:** ପାଚିଲା ଫଳକୁ ମଝିରେ ମଝିରେ ତୋଳି ଗୋଟିଏ ଦିନ ଅଖା ଭିତରେ ରଖିଲେ ରଙ୍ଗ ଉନ୍ନତ ଆସିଥାଏ। ପରେ ଖରାରେ ରଖିଲେ ୮୦% ଜଳୀୟ ଅଂଶ କମେ।

***– ମାନସ ରଞ୍ଜନ ପଟ୍ଟନାୟକ***

*– ପ୍ରିନ୍ସିପାଲ, ଆଗ୍ରୋ-ପଲିଟେକ୍ନିକ୍ କଲେଜ, ବୌଦ୍ଧ, ଓୟୁଏଟି*

## ଖରାଟିଆ ମୁଗ ଓ ବିରି



ଏପର୍ଯ୍ୟନ୍ତ ବୁଣି ନ ଥିଲେ ଆଉ ବିଳମ୍ବ ନ କରି ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଶେଷ କରନ୍ତୁ। ଆଗରୁ ବୁଣାଯାଇଥିବା ଫସଲରେ ମାଟିର ବତର ଦେଖି ଜଳସେଚନ କରନ୍ତୁ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଧର୍ମପତ୍ନୀ ମେଲାନିଆଙ୍କ ଜୀବନଶୈଳୀ ଅତି ବିଳାସପୂର୍ଣ୍ଣ। ପ୍ରତିଦିନ ତାଙ୍କର ମେକ୍‌ଅପ୍‌ରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିପାଇଁ ସେ ମେକ୍‌ଅପ୍ ଆର୍ଟିଷ୍ଟଙ୍କୁ ନିଯୁକ୍ତ କରିଛନ୍ତି। ସେହିପରି ସେ ଦେଢ଼କୋଟି ଟଙ୍କାର ଡ୍ରେସ୍ ପିନ୍ଧିଥାନ୍ତି। ଥରେ ପିନ୍ଧିଥିବା ଡ୍ରେସ୍ ସେ ଆଉଥରେ ପିନ୍ଧନ୍ତି ନାହିଁ। ତାଙ୍କର ଗୋଟିଏ ଡ୍ରେସ୍‌ର ଦାମ ପ୍ରାୟ ୩ ଲକ୍ଷ ଟଙ୍କା ହୋଇଥାଏ। ମେଲାନିଆ ଟ୍ରମ୍ପ୍‌ଙ୍କର ତୃତୀୟ ସ୍ତ୍ରୀ। ୨୦୦୫ ଜାନୁୟାରୀ ୨୨ରେ ସେ ବିବାହ କରିଥିଲେ। ବିବାହରେ ମେଲାନିଆ ୨ ଲକ୍ଷ ଡଲାର ଦାମର ଡ୍ରେସ୍ ପିନ୍ଧିଥିଲେ। ସେ ଟ୍ରମ୍ପ୍‌ଙ୍କଠାରୁ ୨୪ ବର୍ଷ ସାନ।

# ସେହି ୨୦୦୦ ଟଙ୍କା...
# ସଂଘର୍ଷରୁ ସଫଳ ସନି ହିନ୍ଦୁସ୍ତାନୀ



**ଅମୃତସର:** ସିଙ୍ଗିଂ ରିଆଲିଟି ଶୋ’ ଇଣ୍ଡିଆନ ଆଇଡଲର ୧୧ତମ ସଂସ୍କରଣର ବିଜେତା ହୋଇଛନ୍ତି ପଞ୍ଜାବର କଣ୍ଠଶିଳ୍ପୀ ସନି ହିନ୍ଦୁସ୍ତାନୀ। ରେଳ ଷ୍ଟେଶନରେ ଜୋତା ପଲିସ୍ କରୁଥିବା ସନିଙ୍କ ଜୀବନ ମାତ୍ର ଦିନ କେଇଟାରେ ବଦଳିଯାଇଛି। ଆଉ ଏହି ସଫଳତା ପଛରେ ରହିଛି ୨୦୦୦ ଟଙ୍କାର ରହସ୍ୟ, ଯାହାକୁ ସେ ଖୋଲିଛନ୍ତି ଗଣମାଧ୍ୟମ ଆଗରେ।

ଇଣ୍ଡିଆନ ଆଇଡଲରେ ବାଜିମାରିବା ପରେ ସନି ନିଜର ସଫଳତାର ସବୁ ଶ୍ରେୟ ଦେଇଛନ୍ତି ତାଙ୍କ ମା’ ଏବଂ ଜଣେ ସାଙ୍ଗଙ୍କୁ। ସେ କହିଛନ୍ତି, ଇଣ୍ଡିଆନ ଆଇଡଲ ବିଷୟରେ ତାଙ୍କର କିଛି ଧାରଣା ନ ଥିଲା। ଏ ସମ୍ପର୍କରେ ଜଣେ ସାଙ୍ଗ ତାଙ୍କୁ ସୂଚନା ଦେଇଥିଲେ ଏବଂ ଏଥିରେ ଥରେ ଭାଗ୍ୟ ପରଖିବାକୁ ପ୍ରବର୍ତ୍ତାଇଥିଲେ। ହେଲେ ଅଡିଶନ ଦେବାକୁ ମୁମ୍ବାଇ ଯିବା ପାଇଁ ତାଙ୍କ ପାଖରେ ଟଙ୍କାଟିଏ ବି ନ ଥିଲା। ଏ ନେଇ ମା’ଙ୍କ ସହିତ ଆଲୋଚନା କରିବା ପରେ ସେ ମଧ୍ୟ ନିଜର ଅସହାୟତା ପ୍ରକାଶ କଲେ। ଏହାକୁ ନେଇ ତାଙ୍କ ସହ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ତଥାପି ରିଆଲିଟି ଶୋ’ର ଭୂତ ମୁଣ୍ଡରୁ ବାହାର କରିହେଲାନି। ମନେ ମନେ ନିଷ୍ପତ୍ତି ନେଇସାରିଥିଲେ ଯେମିତି ହେଲେ ମୁମ୍ବାଇ ଯିବେ। ସନି ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କଠାରୁ ୨୦୦୦ ଟଙ୍କା ଆଣିଲେ, ଆଉ ସେଠାରୁ ଆରମ୍ଭ ହେଲା ଇଣ୍ଡିଆନ୍ ଆଇଡଲର ଯାତ୍ରା।

ଅଡିଶନର ଅନୁଭୂତି ବଖାଣି ସନୀ କୁହନ୍ତି, ଏପରି ପ୍ରସିଦ୍ଧ ରିଆଲିଟି ଶୋ’ରେ ଭାଗ ନେବାକୁ ହଜାର ହଜାର ସଂଖ୍ୟାରେ ଆଶାୟୀ ଆସିଥିଲେ। ଏହାକୁ ଦେଖି ସେ ନର୍ଭସ ହୋଇପଡ଼ିଥିଲେ। ସମସ୍ତଙ୍କୁ ପଛରେ ପକାଇ ସ୍ଥାନ ପକ୍କା କରିବେ ବୋଲି ବିଶ୍ୱାସ ହେଉ ନ ଥିଲା। ହେଲେ ମା’ଙ୍କ ଆଶୀର୍ବାଦରୁ ସେ ବିଜେତା ହୋଇପାରିଛନ୍ତି। ୨୫ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ତଥାପି ସାଙ୍ଗ ଦେଇଥିବା ସେହି ୨୦୦୦ ଟଙ୍କା ସବୁବେଳେ ସ୍ପେଶାଲ ହୋଇରହିବ ବୋଲି ସନି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଓ୍ବାହିଦାଙ୍କ ଗୀତରେ ଜାହ୍ନବୀଙ୍କ ଜଲୱା

**ମୁମ୍ବାଇ:** ଆଜିକାଲି ସୋସିଆଲ ମିଡିଆ ଲୋକପ୍ରିୟତା ବଢ଼ାଇବାର ସବୁଠାରୁ ସହଜ ଓ ସରଳ ମାଧ୍ୟମ ପାଲଟିଗଲାଣି। ଏଥିପାଇଁ ବି-ଟାଉନ୍ ତାରକାମାନେ ମଧ୍ୟ ନିଜର ଲୋକପ୍ରିୟତା ବଜାୟ ରଖିବାକୁ ଲୋକଙ୍କ ମନକୁ ପାଇଲା ଭଳି ଭିଡିଓ ଏବଂ ଫଟୋମାନ ଶେୟାର କରୁଛନ୍ତି। ଆଉ ଫ୍ୟାନ୍‌ମାନେ ମଧ୍ୟ ନିଜ ମନପସନ୍ଦ ତାରକାଙ୍କ ଅପ୍‌ଡେଟ୍‌ସ ପାଇ ଖୁସି ହେଉଛନ୍ତି। ପ୍ରତିଦିନ ବଲିଉଡ୍ ତାରକାଙ୍କ କିଛି ନା କିଛି ଫଟୋ ତଥା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥାଏ। ତେବେ ଆଜିକାଲି ସୋସିଆଲ ମିଡିଆରେ ଜାହ୍ନବୀ କପୁର ରହିଛନ୍ତି ଚର୍ଚ୍ଚାରେ। ତାଙ୍କର ଏକ ଭିଡିଓ ଫ୍ୟାନ୍‌ମାନଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ଜାହ୍ନବୀ ଖୁବ୍ ପ୍ରଶଂସା ମଧ୍ୟ ସାଉଁଟୁଛନ୍ତି।

ବଲିଉଡ୍ ଅଭିନେତ୍ରୀ ତଥା ସ୍ୱର୍ଗତା ଶ୍ରୀଦେବୀ ଓ ବୋନୀ କପୁରଙ୍କ ତନୟା ଜାହ୍ନବୀ ଯେତିକି ଭଲ ବେଲି ଡ୍ୟାନ୍ସ କରନ୍ତି, ସେତିକି ଭଲ କଥକ ମଧ୍ୟ ନାଚିପାରନ୍ତି। ଏ କଥା ଆମେ କହୁନାହୁଁ ଜାହ୍ନବୀଙ୍କ ଲାଟେଷ୍ଟ ଭିଡିଓ ଯିଏ ଦେଖୁଛି, ସିଏ କହୁଛି। ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ସେ ଏକ ଡ୍ୟାନ୍ସ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜ ଡ୍ୟାନ୍ସ ଟ୍ରେନର୍‌ଙ୍କ ସହ କଥକ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି।

ଭିଡିଓଟି ଶେୟାର ହେବା ମାତ୍ରେ ସୋସିଆଲ ମିଡିଆରେ ଜୋର୍‌ଦାର ଭାଇରାଲ୍ ହେଉଛି। ଫ୍ୟାନ୍‌ମାନେ ଜାହ୍ନବୀଙ୍କ ନୃତ୍ୟକୁ ଖୁବ୍ ପସନ୍ଦ କରୁଛନ୍ତି। ତେବେ ଭିଡିଓଟି ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ୟୁଜର୍ସଙ୍କ ଧ୍ୟାନଆକର୍ଷଣ କରିବା ପଛରେ କେବଳ ଜାହ୍ନବୀଙ୍କ ନୃତ୍ୟ ନୁହେଁ, ଆଉ ଏକ କାରଣ ମଧ୍ୟ ରହିଛି। ପ୍ରକୃତରେ ଜାହ୍ନବୀ ସୁନାମଧନ୍ୟା ଅଭିନେତ୍ରୀ ଓ୍ବାହିଦା ରେହମାନ୍‌ଙ୍କ ‘ପିୟା ତୋସେ ନୈନା ଲାଗେ ରେ’ ଲୋକପ୍ରିୟ ଗୀତରେ କଥକ ନୃତ୍ୟ କରୁଛନ୍ତି। ଏହାସହ ଭିଡିଓ ଶେୟାର କରି ସେ ଖୁବ୍ ମଜାଦାର କ୍ୟାପ୍‌ଶନ ମଧ୍ୟ ଲେଖିଛନ୍ତି। ଜାହ୍ନବୀ ଲେଖିଛନ୍ତି, "ଯେତେବେଳେ ଆପଣ ନିଜର ସନ୍ତୁଳନ ହରାଇବସନ୍ତି, ସେତେବେଳେ ନିଜ ଦକ୍ଷତାର ଏକ ନାଟକୀୟ ଅନ୍ତ କରିବା ଆବଶ୍ୟକ।" ଠିକ୍ ନିଜ କ୍ୟାପଶନ୍‌ର ଅର୍ଥ ଭଳି ଜାହ୍ନବୀ ଭିଡିଓ ଶେଷରେ ନୃତ୍ୟ କରୁ କରୁ ନିଜ ସନ୍ତୁଳନ ହରାଇବା ଭଳି ତଳେ ପଡ଼ିଯାଆନ୍ତି। ତେବେ ମୋଟାମୋଟି ଜାହ୍ନବୀଙ୍କ ଏହି ଭିଡିଓଟି ଖୁବ୍ ସୁନ୍ଦର ହୋଇଛି। ଆଉ ୟୁଜର୍ସଙ୍କ ଖୁବ୍ ଧ୍ୟାନଆକର୍ଷଣ କରୁଛି।



# ଶିଶୁଙ୍କ ଭଳି ମୁହଁ ଥିବା ରୋବୋ

**ଟୋକିଓ:** ଜାପାନରେ ଜଣେ ବୈଜ୍ଞାନିକ ଛୋଟ ଶିଶୁଙ୍କ ମୁହଁଥିବା ରୋବୋ ତିଆରି କରିଛନ୍ତି। ଏହି ରୋବୋ ସ୍ପର୍ଶ ଏବଂ ଯନ୍ତ୍ରଣା ଅନୁଭବ କରିପାରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଏହାକୁ ଏଫେଟୋ ଭାବେ ନାମିତ କରାଯାଇଛି।



ଏହି ରୋବୋକୁ ପ୍ରଥମେ ୨୦୧୧ରେ ତିଆରି କରାଯାଇଥିଲା। ପରେ ୨୦୧୮ରେ ଏଥିରେ କେତେକ ନୂଆ ନୂଆ ବୈଶିଷ୍ଟ୍ୟ ଯୋଡ଼ା ଯାଇଥିଲା। ଓସାକା ବିଶ୍ୱବିଦ୍ୟାଳୟ ବୈଜ୍ଞାନିକମାନେ ପ୍ରଫେସର ଅସାଦାଙ୍କ ନେତୃତ୍ୱରେ ଏହାକୁ ତିଆରି କରିଛନ୍ତି। ଏହି ରୋବୋ ଶରୀରରେ ବୈଦ୍ୟୁତିକ ଚାର୍ଜ ସହାୟତାରେ ସିନ୍ଥେଟିକ୍ ଚର୍ମ ମଧ୍ୟ ଲଗାଯାଇଛି। ସମ୍ପୂର୍ଣ୍ଣ ଭାବେ କାମ ସରିବା ପରେ ଏହି ରୋବୋର ଚର୍ମ ମଣିଷ ଭଳି ପ୍ରାୟ କାମ କରିପାରିବ ବୋଲି ଅସାଦ କହିଛନ୍ତି।

# ୬୦ ହଜାର ଖର୍ଚ୍ଚକରି ପିଲାଙ୍କୁ ବିମାନରେ ବୁଲାଇଲେ ଶିକ୍ଷକ

**ବିଜେପୁର:** ଛୋଟବେଳେ ଆକାଶରେ ବିମାନ ଯାଉଥିବା ଦେଖି ସବୁ ପିଲା ଖୁସି ହୋଇଯାଇଥାନ୍ତି। କେବେବେଳେ କାଗଜରେ ବିମାନ କରି ଉଡାଇଥାନ୍ତି ତ କେତେବେଳେ ସତସତିକା ବିମାନ ପଛରେ ଧାଉଁଥିବା ନଜିର ରହିଛି। କିଛିପିଲା ସେଥିରେ ବସିବା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରିଥାନ୍ତି। ହେଲେ ଏହି ସ୍ୱପ୍ନ କେତେକଙ୍କର ପୂରା ହୋଇଥିବା ବେଳେ ଆଉ କେତେକଙ୍କ ଅଧୁରା ହିଁ ରହିଯାଏ। ହେଲେ ଏବେ କିଛି ଛାତ୍ରୀଛାତ୍ରଙ୍କ ଏହି ସ୍ୱପ୍ନ ପୂରା ହୋଇଥିବା ଜଣାପଡ଼ିଛି। ଜଣେ ଶିକ୍ଷକ ନିଜ ଛାତ୍ରୀଛାତ୍ରଙ୍କ ଏହି ସ୍ୱପ୍ନ ପୂରା କରିଛନ୍ତି। ଆଉ ଏଭଳି କରି ସେ ସେମାନଙ୍କ ନଜରରେ ‘ହିରୋ’ ହୋଇଯାଇଛନ୍ତି। ସୂଚନାଯୋଗ୍ୟ ମଧ୍ୟପ୍ରଦେଶ ବିଜେପୁରରେ ଥିବା ଏକ ସରକାରୀ ସ୍କୁଲର



ପ୍ରଧାନଶିକ୍ଷକ କିଶୋର କନାସେ ନିଜ ଖର୍ଚ୍ଚରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୯ ଛାତ୍ରୀଛାତ୍ରଙ୍କୁ ବିମାନରେ ଯାତ୍ରା କରାଇଛନ୍ତି। ଆଉ ଏହି ଯାତ୍ରା ଇନ୍ଦୋରରୁ ଦିଲ୍ଲୀ ପର୍ଯ୍ୟନ୍ତ ରହିଥିଲା। ଯେତେବେଳେ ପିଲାମାନେ ଇନ୍ଦୋର ବିମାନବନ୍ଦରରେ ପହଞ୍ଚିଥିଲେ, ସେତେବେଳେ ତାଙ୍କ ଖୁସି କହିଲେ ନ ସରେ। କାରଣ ଉକ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକ କେବେ ଟ୍ରେନ୍‌ରେ ମଧ୍ୟ ବସି ନ ଥିଲେ। ପ୍ରଥମ ଥର ପାଇଁ ବିମାନରେ ବସିବା ସେମାନଙ୍କ ଅନୁଭୂତି ଏକପ୍ରକାର ନିଆରା ଥିଲା। ପ୍ରଧାନଶିକ୍ଷକ କିଶୋର ପିଲାଙ୍କର ଏହି ଯାତ୍ରା ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଦିଲ୍ଲୀରେ ଉକ୍ତ ପିଲା ୨ ଦିନ ରହିଥିବା ବେଳେ ସେଠାରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଟ୍ରେନ୍‌ରେ ଘରକୁ ଫେରିଥିଲେ। ତେବେ ପ୍ରଧାନ ଶିକ୍ଷକଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଆଉ ସମସ୍ତେ କହୁଛନ୍ତି ସାର ହେବତ ଏମିତି।

# ଆସିବ ଦାଦାଙ୍କ ବାୟୋପିକ୍



**ମୁମ୍ବାଇ:** ଗତ କିଛିବର୍ଷ ହେବ ବଲିଉଡ୍‌ରେ ଖେଳାଳିଙ୍କ ବାୟୋପିକ୍ ନିର୍ମାଣ ହେବାର ଟ୍ରେଣ୍ଡ୍ ଚାଲିଛି। ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ଏମ୍.ଏସ୍ ଧୋନୀଙ୍କ ବାୟୋପିକ୍‌କୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏହା ଛଡ଼ା ଦଙ୍ଗଲ, ମେରୀ କମ୍, ଭାଗ୍ ମିଲ୍‌ଖା ଭାଗ୍, ସୁରମା, ଗୋଲ୍ଡ ପରି ଖେଳ ଉପରେ ଆଧାରିତ ବାୟୋପିକ୍‌କୁ ଦର୍ଶକ ବେସ୍ ପସନ୍ଦ ମଧ୍ୟ କରିଛନ୍ତି। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳୀ ମିତାଲି ରାଜ୍‌ଙ୍କ ବାୟୋପିକ୍ ଉପରେ କାମ ଚାଲିଛି। ଏଥିରେ ଅଭିନେତ୍ରୀ ତାପସୀ ପନ୍ନୁ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି। ଏବେ ଯାହା ଶୁଣିବାକୁ ମିଳୁଛି ଖୁବ୍‌ଶୀଘ୍ର ବିସିସିଆଇ ଅଧ୍ୟକ୍ଷ ତଥା ପୂର୍ବତନ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲୀଙ୍କ ବାୟୋପିକ୍ ନିର୍ମାଣ ହେବ। ଏ ନେଇ କିଛି ଦିନ ପୂର୍ବେ ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର ସୌରଭଙ୍କ ସହ କଥାବାର୍ତ୍ତା ହୋଇଥିବା ଚର୍ଚ୍ଚା ହେଉଛି। ତେବେ ସୌରଭଙ୍କୁ ଦାଦା କୁହାଯାଉଥିବାରୁ ଫିଲ୍ମର ନାମ ‘ଦାଦାଗିରି’ ହେବ ବୋଲି ଅନୁମାନ କରାଯାଉଛି।



# ୩୯ ବର୍ଷରେ ଶାହିଦ କପୁର

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଶାହିଦ କପୁର ମଙ୍ଗଳବାର ୩୯ ବର୍ଷରେ ପାଦ ଦେଇଛନ୍ତି। ୧୯୮୧ ଫେବୃୟାରୀ ୨୫ରେ ସେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ଅଭିନୟ ପ୍ରତି ତାଙ୍କର ପିଲାଦିନୁ ଝୁଙ୍କ୍ ଥିଲା। ୨୦୦୩ରେ ସେ ରମେଶ ତୌରାନିଙ୍କ ଫିଲ୍ମ ଇଶ୍କ ବିଶ୍କରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ୨୦୦୪ରେ ସେ ‘ଫିଦା’ ଫିଲ୍ମରେ କରିନା କପୁରଙ୍କ ସହିତ ଅଭିନୟ କରିଥିଲେ। ଏହି ଫିଲ୍ମର ଶୁଟିଂ ସେଟ୍‌ରୁ କରିନାଙ୍କ ସହିତ ଶାହିଦଙ୍କ ପ୍ରେମସମ୍ପର୍କ ଆରମ୍ଭ ହୋଇଥିଲା। କଥା ବିବାହ ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା। ତେବେ ୨୦୦୭ରେ ଫିଲ୍ମ ‘ଜବ୍ ୱି ମିଟ୍’ ପରେ ଦୁହିଁଙ୍କ ବ୍ରେକ୍ ଅପ୍ ହୋଇଥିଲା। ଏହାପରେ କିଛିଦିନ ପାଇଁ ଶାହିଦ ଏବଂ ପ୍ରିୟଙ୍କା ଚୋପ୍ରାଙ୍କୁ ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା। ତେବେ ଶେଷରେ ୨୦୧୫ ଜୁଲାଇ ୭ରେ ସେ ତାଙ୍କଠାରୁ ୧୪ ବର୍ଷ ସାନ ମୀରା ରାଜପୁତଙ୍କୁ ବିବାହ କରିଥିଲେ। ଶାହିଦଙ୍କ ଫିଲ୍ମ ‘କବୀର ସିଂ’କୁ ନେଇ ବଲିଉଡ୍‌ରେ ଏବେ ବି ଚର୍ଚ୍ଚା ଜାରିରହିଛି। ତାଙ୍କର ନୂଆ ଫିଲ୍ମ ‘ଜର୍ସି’ କିଛି ମାସ ପରେ ରିଲିଜ୍ ହେବ ବୋଲି କୁହାଯାଉଛି।

**୧୪ ବର୍ଷ ସାନ ମୀରାଙ୍କୁ କରିଥିଲେ ବିବାହ**

# ଗାଡ଼ି ଷ୍ଟାର୍ଟ କରିବ ଆପ୍

**ଜୟପୁର:** ରାଜସ୍ଥାନର ଜଣେ ଯୁବକ ଏକ ନୂଆ ଆପ୍ ତିଆରି କରିଛନ୍ତି। ଏହି ଆପ୍ ଯେକୌଣସି ଗାଡ଼ି ଷ୍ଟାର୍ଟ ଏବଂ ବନ୍ଦ କରିବାକୁ ସକ୍ଷମ ହୋଇପାରିବ। ଶ୍ରୀଗଙ୍ଗାନଗର ଜିଲାର ସୁରତଗଡ଼ ଅଞ୍ଚଳର ଲାଲ୍‌ଗଡ଼ିଆ ଗାଁରେ ବାସକରୁଥିବା ଯୁବକ ବିକାଶ ଗୋଦାରା ଏଭଳି ଆପ୍ ପ୍ରସ୍ତୁତ କରିଛନ୍ତି। ଦ୍ୱାଦଶ ପାସ୍ କରିଥିବା ବିକାଶ ରୋବୋଟିକ୍ ପ୍ଲେଟ୍ ଦ୍ୱାରା ଏଭଳି କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ୱେବ୍ ଆପ୍ଲିକେଶନ ସହାୟତାରେ ସେ ଏଭଳି ଚମତ୍କାର କରିପାରିଛନ୍ତି। ଏହାଦ୍ୱାରା ଗାଡ଼ିଚୋରି ରୋକାଯାଇ ପାରିବ। ଗାଡ଼ିରେ ଥିବା ସେନ୍‌ସର ଆପ୍ ସହାୟତାରେ ଗାଡ଼ି ଷ୍ଟାର୍ଟ କରିବା ସହିତ ବନ୍ଦ ମଧ୍ୟ କରାଇବ।



# ଜୀବନର ଶକ୍ତି ହେଉଛି ଭାଷା






ମଙ୍ଗଳବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଡ. ନଟବର ଶତପଥୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ଜିଲା ସ୍କୁଲ ପରିସରରୁ ପ୍ଲା କାର୍ଡ ଧରି ଛାତ୍ରୀଛାତ୍ର ସଚେତନତା ରାଲିରେ ବାହାରୁଛନ୍ତି ।

**ସମ୍ବଲପୁର, ୨୫।୨ (ବ୍ୟୁରୋ)**

ଓଡିଆ ପ୍ରାଚୀନ ଭାଷା। ମମତାର ମୂଳ ବିନ୍ଦୁ ଓଡିଆ ଭାଷା ସମସ୍ତଙ୍କ ହୃଦୟରେ ବସା ବାନ୍ଧିଥାଏ । ତେଣୁ ଭାଷା ହିଁ ଜୀବନ ଶକ୍ତି। ଯେଉଁ ଜାତିର ଭାଷା ହୀନ ସେହି ଜାତି ବର୍ବର। ଭାଷାକୁ ନେଇ ଓଡିଶା ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରନ୍ତୁ । ଏଥିସହ ପ୍ରତ୍ୟେକ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ ଓଡିଆ ଭାଷାରେ ନାମଫଳକ ଲେଖିବାକୁ ଦାୟିତ୍ୱ ଦିଆଯାଉ। ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଆୟୋଜିତ ସଭାରେ ଅତିଥିମାନେ ଏହା କହିଛନ୍ତି। ପ୍ରଫେସର ନଟବର ଶତପଥୀ, ଡ. ସୁବ୍ରତ କୁମାର ପୃଷ୍ଟି, ଡ. ସିପ୍ରା ମଲ୍ଲିକ ପ୍ରମୁଖ ଓଡିଆ ଭାଷାର ପ୍ରଚାରପ୍ରସାର ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଏହି ସଚେତନ ସଭାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା କଲେଜ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଓଡିଆରେ ଲେଖାଥିବା ପ୍ଲା କାର୍ଡ ଧରି ସେମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଡ. ବିଶ୍ୱମୋହନ ଜେନା, କମଳାକାନ୍ତ ମହାପାତ୍ର, ହରିହର ମଲ୍ଲିକ, ସୋମଦତ୍ତ ପ୍ରଧାନ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟ, ଷଷ୍ଠ ଜାତୀୟ ଭାଷା ସମ୍ମିଳନୀ ଗତ ୨୩ ତାରିଖରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ପରିସରରେ ଚାଲିଛି । ଏଥିରେ ରାଜ୍ୟ ତଥା ରାଜ୍ୟବାହାରୁ ୩୫୦ଜଣ ପ୍ରତିନିଧି ଭାଗ ନେଇଛନ୍ତି। ଶିଳାଲେଖା ଓ ପାଣ୍ଡୁଲିପି ଅଧ୍ୟୟନ, ବହୁଭାଷା ପ୍ରସଙ୍ଗରେ ଭାଷା, ଜ୍ଞାନ ଓ ବିକାଶ, ଅନୁବାଦନର ସିଦ୍ଧାନ୍ତ ଓ ଅଭ୍ୟାସ, ଆଦିବାସୀ ଭାଷା, ମୌଖିକ ଓ ଲୋକକଥା, ଭାଷା ଏବଂ ପ୍ରଯୁକ୍ତି ବିଦ୍ୟା ବିଷୟରେ ଆଲୋଚନା କରାଯାଇଛି । ଆୟୋଜକ କମିଟି ଅଧ୍ୟକ୍ଷ ଅବସର ବେଉରିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଞ୍ଜୀବ ହୋତା ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଅର୍କକେଶରୀ ଦାସମହାପାତ୍ର ସମ୍ମାନିତ ଅତିଥି ଥିଲେ । ଡ. କାମଦେବ ସାହୁ ସୂଚନା ପ୍ରଦାନ କରିଥିବାବେଳେ ପ୍ରଫେସର ବସନ୍ତ କୁମାର ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିରୋଦ ବରଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରଟିଓ ଅଫିସରୁ ୨ ଦଲାଲ ଗିରଫ

**ସମ୍ବଲପୁର,୨୫।୨(ବ୍ୟୁରୋ)**

ରାଜ୍ୟ ସରକାର ଆରଟିଓ ଅଫିସକୁ ଦଲାଲ ମୁକ୍ତ କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଆରଟିଓ ଅଫିସରୁ ମଧ ଅନେକ ଥର ଦଲାଲଙ୍କୁ ଗିରଫ କରାଯାଇଛି। ହେଲେ ମଙ୍ଗଳବାର ପୁଣି ୨ ଜଣ ଆରଟିଓ ଦଲାଲଙ୍କୁ ସମ୍ବଲପୁର ଧନୁପାଲି ପୋଲିସ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡା ଥାନା ଖଣ୍ଡକଟା ଗ୍ରାମର ଜ୍ଞାନରଞ୍ଜନ ତାଣ୍ଡିଆ (୪୦) ଓ କୁଳଦୀପ ଓରାମ (୩୦)। ଏମାନଙ୍କ ନିକଟରୁ ପୋଲିସ କାଗଜପତ୍ର ଜବତ କରିଛି। ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଏକ ବଡ ଦଲାଲ ର୍ୟାକେଟ ଆରଟିଓ ଅଫିସରେ କାମ କରୁଛନ୍ତି । ପ୍ରତି ଲାଇସେନ୍ସ ପିଛା ୪ରୁ ୫ ହଜାର ଟଙ୍କା ନେଉଛନ୍ତି । ଏହାକୁ ନେଇ ଜଣେ ବ୍ୟକ୍ତି ପୋଲିସକୁ ଅଭିଯୋଗ କରିଥିଲେ। ପୋଲିସ ଏକ ଟିମ୍ ଗଠନ କରି ମଙ୍ଗଳବାର ଚଢ଼ାଉ କରି ଏ ଦୁଇଜଣଙ୍କୁ ଗିରଫ କରିଥିଲା।



ଗିରଫ ଦୁଇ ଦଲାଲ।

## ସଂକ୍ଷେପରେ

### ହୀରାକୁଦ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠିତ

ସମ୍ବଲପୁର, ୨୫।୨ (ବ୍ୟୁରୋ): ହୀରାକୁଦ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଗଠିତ ହୋଇଛି। ପ୍ରଭାତ କୁମାର ବିଶ୍ୱାଳ ସଭାପତି ଓ ଜଗତଜୀବନ ପ୍ରହରାଜ ସାଧାରଣ ସମ୍ପାଦକ ଭାବେ ଚୟନ ହୋଇଛନ୍ତି । ସେହିପରି କିଶୋର କୁମାର ମହାକୁଡ ଉପସଭାପତି, ରବିନାରାୟଣ ଅଗ୍ରୱାଲ କାର୍ଯ୍ୟକାରୀ ସଭାପତି, ବିଜୟ କୁମାର ରାଉତରାୟ ଯୁଗ୍ମସମ୍ପାଦକ, ରବୀନ୍ଦ୍ରନାଥ ପଣ୍ଡା ଓ ସଞ୍ଜୟ କୁମାର ଦାଶ କୋଷାଧକ୍ଷ, ପ୍ରଦୀପ କୁମାର ଦାଶ ସହକୋଷାଧକ୍ଷ, କ୍ରିଷ୍ଣା ପାଣ୍ଡେ ଓ କମଳକୁମାର ପଣ୍ଡା ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି । ଏଥିସହ ମନୋରଞ୍ଜନ ଗୁରୁ ଯୁଗ୍ମ ମନ୍ଦିର ସେବାୟତ ଓ ମନୋହର ସିଂ, ରବୀନ୍ଦ୍ର କୁମାର ପରିଡା, ସୁଶୀଲ ପ୍ରଧାନ, ପ୍ରଦୀପ ରାଉତରାୟ, ନିଲୁ ମହାରଣା, ପ୍ରଦୀପ ପଣ୍ଡା, ଅନିଲ ସାହୁ ସଭ୍ୟ ଥିବାବେଳେ ଉମାଶଙ୍କର ଗୌଡ ପ୍ରଚାରପ୍ରସାର କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

### ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର

ସମ୍ବଲପୁର, ୨୫।୨ (ବ୍ୟୁରୋ): ରାମକଳୀ ଦେବୀ ଟ୍ରଷ୍ଟ ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁର ଜୋନ ଉପସଚିବ ଡ. ଉତ୍ତମ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମ ସୁରକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍କୁଲ ଅଧକ୍ଷା ଗୀତାଞ୍ଜଳି ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଆବାହକ ପ୍ରସନ୍ନ କୁମାର ସରକାର ସୂଚନା ପ୍ରଦାନ କରିଥିଲେ । ଶେଷରେ ଡ. ସୁଶାନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଲୋଚନା ଚକ୍ର ଉଦ୍‌ଯାପିତ

ସମ୍ବଲପୁର, ୨୫।୨ (ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୁଳସଚିବ ଗିରିଶ ଚନ୍ଦ୍ର ସିଂଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ମହମ୍ମଦ ମହିନ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପକୁଳସଚିବ ଉମାଚରଣ ପତି ଉଦ୍‌ଯାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ଶାସ୍ତ୍ର ପ୍ରାକ୍ତନ ପ୍ରାଧାପକ ପ୍ରଫେସର ଗଣେଶ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ଦିଲୀପ ମହନ୍ତ, ପ୍ରଫେସର ସଚିନ ଚନ୍ଦ୍ର ରାଉଳ, ପ୍ରଫେସର ଦୁର୍ଗାମାଧବ ପ୍ରହରାଜ ଆଲୋଚନାରେ ଭାଗ ନେଇଥିଲେ । ସହକାରୀ ଅଧାପକ ଡ. ଅଶୋକ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଷା ଯୋଗୁ ଧନୁଯାତ୍ରା ବାତିଲ

ଚିପିଲିମା,୨୫।୨(ଡି.ଏନ.ଏ.): ଧନକଉଡା ବ୍ଲକ ଚିପିଲିମାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଗତ ବୁଧବାରଠାରୁ ୯ ଦିନିଆ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ହେଲେ ସୋମବାର ରାତିରେ ଅଦିନିଆ ବର୍ଷା ଯୋଗୁ ମଙ୍ଗଳବାର ସନ୍ଧ୍ୟାରେ ଧନୁଯାତ୍ରା ବାତିଲ ହୋଇଛି। ନିମନ୍ତ୍ରିତ ଅତିଥି ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ କିନ୍ତୁ ପହଞ୍ଚିବା ପରେ ତାଙ୍କୁ ଧନୁଯାତ୍ରା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ଏମ୍‌ପି ଘଣ୍ଟେଶ୍ୱରୀଙ୍କ ଦର୍ଶନ କରିଥିଲେ। ପରେ ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପର ଅତିଥି ଭବନରେ ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଚିପିଲିମାରୁ ଘଣ୍ଟେଶ୍ୱରୀ ଦେଇ ଚାଉଁରପୁର ମହାନଦୀ ପୋଲକୁ ଏକ ରାସ୍ତା ନିର୍ମାଣ, ଚିପିଲିମାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ, ବନ୍ଦ ହୋଇଥିବା ୫୦ ବର୍ଷର ଚିପିଲିମା ପୋଷ୍ଟ ଅଫିସକୁ ପୁଣି କାର୍ଯ୍ୟକ୍ଷମ କରିବା ଆଦି ନେଇ କମିଟି ପକ୍ଷରୁ ଦାବି କରାଯାଇଛି। ସମସ୍ୟାର ସମାଧାନ କରିବା ଦିଗରେ ନିଶ୍ଚିତ ଧ୍ୟାନ ଦେବେ ବୋଲି ଏମ୍‌ପି ଆଶ୍ୱାସନା ଦେଇଥିଲେ। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରେଙ୍ଗାଲି ବାମୋଲେଇରେ ପ୍ରଶିକ୍ଷଣ ଶିବିର ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲୋଇ ପଞ୍ଚାୟତ ପରିସରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳାମାନଙ୍କୁ ଦକ୍ଷତା ବୃଦ୍ଧି ତଥା ନେତୃତ୍ୱ ବିକାଶ ଦିଗରେ ଏହି ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୫ଟି ଏସ୍‌ଏଚ୍‌ଜିର ମହିଳମାନେ ଯୋଗ ଦେଇଥିଲେ। ମହିଳା ସଶକ୍ତୀକରଣର ଲକ୍ଷ୍ୟ, ଗୋଷ୍ଠୀ ପରିଚାଳନା, ଅର୍ଥ ନୈତିକ ଓ ସାମାଜିକ ଦାୟିତ୍ୱବୋଧ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସଧୀର କୁମାର ଦାସ ତାଲିମ ପ୍ରଦାନ କରିଥିଲେ। ବୋମାଲୋଇ ସରପଞ୍ଚ ଶେଷଦେବ ପ୍ରଧାନ, ଶ୍ୱେତା ଉପାଧ୍ୟ, ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ ।

## ଚୋରି ଅଭିଯୋଗରେ ୨ ଗିରଫ

**ସମ୍ବଲପୁର,୨୫।୨(ବ୍ୟୁରୋ):**

ସମ୍ବଲପୁର ଜିଲା ସଦର ଥାନା ପୋଲିସ ଚୋରି ଅଭିଯୋଗରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଠେମେରା ଗ୍ରାମର ସୁରୁବାବୁ ସିଂ ଓ ଯୁଗଳ କୁମ୍ଭାର। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ସୁନା ଚେନ୍ ଜବତ କରିଛି । ଏ ନେଇ ଥାନାରେ କେଶ ନଂ ୩୮/୨୦ରେ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଯେ, ଠେମେରା ଗ୍ରାମର ମକରଧ୍ୱଜ ସିଂଙ୍କ ଘରୁ ଫେବୃୟାରୀ ୧୫ ତାରିଖ ଚୋରି ହୋଇଥିଲା । ସେ ନିଜ ଭଉଣୀ ଘରୁ ଫେରିବା ପରେ ୧୯ ତାରିଖ ଏହା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ ।



ସମ୍ବଲପୁର ସଦର ଥାନା ପୋଲିସ ଚୋରି ଅଭିଯୋଗରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ଦୋକାନୀ ସଂଘ ୧୪ଟି ସିସି ଟିଭି ଲଗାଇଲେ

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ଫାଟକସ୍ଥିତ ମାଁ ମହାମାୟା ଦୋକାନୀ ସଂଘ ୧୪ଟି ସିସି ଟିଭି ଲଗାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ୟବସାୟୀ ନିଜ ଖର୍ଚ୍ଚରେ ଏହା ଲଗାଇଛନ୍ତି। ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଦର ଏସ୍‌ଡିପିଓ ତପନ କୁମାର ସ୍ୱାଇଁ, ଅଇଁଠାପାଲି ଥାନା ଆଇଆଇସି ଯୁଗେଶ ପଣ୍ଡା, ପୂର୍ବତନ ପୋଲିସ ଅଧିକାରୀ ସୁଶୀଲ ପାଣିଗ୍ରାହୀ, ବିକାଶ ପଣ୍ଡା, ଆଶିଷ ପାଢ଼ୀ, ହର୍ଷ ସାହୁ, ପ୍ରଣବ ଶତ୍ରୁଶଲ୍ୟ, ସୁଶାନ୍ତ ଡନସନା, ରାହୁଲ ମିଶ୍ର ଉପସ୍ଥିତ ଥିଲେ । କିଛି ଦିନ ହେବ ଏହି ଅଞ୍ଚଳରେ ଅସାମାଜିକ ବ୍ୟକ୍ତି ଓ ଦୁର୍ବୃତ୍ତମାନେ ଆସି ଦୋକାନୀଙ୍କୁ ମାଡପିଟ କରିବା ସହ ଦାଦାବଟି ମାଗୁଛନ୍ତି। ଏହାକୁ ନେଇ ପୋଲିସ ପାଖରେ ଅଭିଯୋଗ ମଧ କରାଯାଇଛି। ଏଣୁ ନିଜର ଓ ଦୋକାନର ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।




ମଙ୍ଗଳବାର ଫାଟକଠାରେ ସମ୍ବଲପୁର ଏସପି ଡ. କନୱର ବିଶାଳ ସିଂ ସିସି ଟିଭି କ୍ୟାମେର ଉଦଘାଟନ ଉତ୍ସବରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## କାରରୁ ୩୮ କେଜି ଗଞ୍ଜେଇ ଜବତ




**ନାକଟିଦେଉଳ,୨୫।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପେଣ୍ଢବାହାଲ ନିକଟସ୍ଥ ହାତୀମରାଠାରେ ଏକ କାର (ଓଆର-୧୯ଏମ-୨୨୮୮)ରୁ ୩୮ କେଜି ଗଞ୍ଜେଇ ଜବତ କରିଛି। ହେଲେ କାର ଚାଳକ ଖସି ପଳାଇଛନ୍ତି। ରେଢାଖୋଲ ପଟରୁ ଆସୁଥିବା ଇଣ୍ଡିଗୋ କାରର ଚାଳକ ଦୂରରୁ ପୋଲିସକୁ ଦେଖି ରାସ୍ତା ଉପରେ ଗାଡି ରଖିଦେଇ ଖସି ପଳାଇଥିଲେ। ପୋଲିସ ପହଞ୍ଚି ଗାଡି ଯାଞ୍ଚ କରିବାରୁ ଗାଡ଼ି ଭିତରୁ ୩୮ କେଜି ଗଞ୍ଜେଇ ଗଞ୍ଜେଇ ବାହାରିଥିଲା। କାର ସହ ଗଞ୍ଜେଇ ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି। ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା କହିଛନ୍ତି ଯେ, ଗଞ୍ଜେଇ ଚାଲାଣ କରାଯାଉଥିବା ଖବର ପାଇ ପୋଲିସ ବାଟରେ ଛକି ରହିଥିଲା।

## ରବି ଋତୁରେ ଟୋକନ୍‌କୁ ବାଦ୍ ଦିଆଯାଉ

**ସମ୍ବଲପୁର,୨୫।୨(ବ୍ୟୁରୋ)**

ଖରିଫ ଧାନ ସଂଗ୍ରହ ସମୟରେ ଟୋକନ୍ ବ୍ୟବସ୍ଥା ଯୋଗୁ ଚାଷୀଙ୍କ ସମସ୍ୟା ଅଜି ପର୍ଯ୍ୟନ୍ତ ସମାଧାନ ହୋଇପାରିଲା ନାହିଁ। ଏବେ ମଧ ଜିଲାରେ ୩୦ ପ୍ରତିଶତ ଧାନ ବିକ୍ରି ହୋଇ ନ ପାରି ପଡି ରହିଛି । ସରକାର ଧାନକ୍ରୟ ବନ୍ଦ କରି ଦେଇଛନ୍ତି । ଅନ୍ୟପଟେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ପୁଣି ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ପଞ୍ଜିକରଣ କରିବାକୁ ସମୟ ଦିଆଯାଉଛି। ଯାହା ଗ୍ରହଣ ଯୋଗ୍ୟ ନୁହେଁ । ଏବେ ଚାଷୀମାନେ ପଞ୍ଜିକରଣ କରିବେ ନା ଚାଷକାମ କରିବେ। ଏଣୁ ରବି ଋତୁରେ ଟୋକନ ବ୍ୟବସ୍ଥାକୁ ବାଦ୍ ଦିଆଯାଉ। ମଙ୍ଗଳବାର ପ୍ରେସ୍ କ୍ଲବ ପରିସରରେ ଖବରଦାତା ସମ୍ମିଳନୀରେ ଜୟଦୁର୍ଗା ଆଞ୍ଚଳିକ କୃଷକ ସଂଗଠନ ସଭାପତି ଅଶ୍ୱିନୀ ପୃସେଠ କହିଛନ୍ତି। ରବି ଧାନ ସଂଗ୍ରହ ପୂର୍ବରୁ ଚାଷୀ ପ୍ରଶାସନ ଓ ଯୋଗାଣ ବିଭାଗକୁ ନେଇ ମିଳିତ ବୈଠକ କରାଯାଉ । ଚାଷୀମାନଙ୍କ ସହ ମାର୍କେଟ ଓ ଧାନ ସଂଗ୍ରହରେ ହେଉଥିବା ଅବ୍ୟବସ୍ଥା ଉପରେ ଆଲୋଚନା କରାଯାଉ । ଏହାର ସୁଧାର କିଭଳି ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। କାଶି ବିଶ୍ୱନାଥ, କିଶୋର ଚନ୍ଦ୍ର ନାଏକ,ଏମ.ପି. ସତ୍ୟନାରାୟଣ, ଗୋକୁଳ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବଲପୁର ପ୍ରେସ୍ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାଷୀମାନେ।

## ମୁଟୁରୁମୁଣ୍ଡା ସେବାଶ୍ରମର ୨ ଛାତ୍ରୀ ରକ୍ତହୀନତାର ଶିକାର

**ରେଢାଖୋଲ,୨୫।୨(ଡି.ଏନ.ଏ.)**

ମୁଟୁରୁମୁଣ୍ଡା ସେବାଶ୍ରମର ୨ ଜଣ ଛାତ୍ରୀ ରକ୍ତହୀନତାର ଶିକାର ହୋଇଛନ୍ତି। ଏହି ଦୁଇ ଜଣ ହେଲେ ମାଗଦଲି ଗୁଡିଆ(୧୩) ଓ ଛମି ଗୁଡିଆ (୯)। ସ୍କୁଲ ପକ୍ଷରୁ ଏ ଦୁହିଁଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ରକ୍ତ ପରୀକ୍ଷା ପରେ ଏମାନେ ରକ୍ତହୀନତା ରୋଗରେ ପୀଡିତ ଥିବା ଜଣାପଡିଛି। ତେବେ ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତି ପାଇଁ ସରକାର ମାଗଣାରେ ଖାଇବା, ରହିବା ସହ ପାଠ୍ୟ ପୁସ୍ତକ ଯୋଗାଇ ଦେଉଛନ୍ତି। ହେଲେ ଏହି ସବୁ ସ୍କୁଲରେ ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଦୁଃଖ ନ କହିଲେ ଭଲ। ଉପଯୁକ୍ତ ଖାଦ୍ୟପେୟର ଅଭାବ ରହୁଛି। ନିୟମିତ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ନିୟମିତ ସ୍କୁଲକୁ ଯାଇ ପରିଦର୍ଶନ କରୁ ନାହାନ୍ତି। ତଦାରଖ ହେଉ ନ ଥିବା ଯୋଗୁ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଉପରେ ଲଗାମ ରହୁନି। ଛାତ୍ରୀଛାତ୍ରଙ୍କ ଖାଦ୍ୟପେୟରେ ବ୍ୟାପକ ଅବ୍ୟବସ୍ଥା କରାଯାଉଛି। ପିଲାଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷ ଲୁଟ୍ ହେଉଛି। ଅବଶ୍ୟ ଉପରିସ୍ଥ ଅଧିକାରୀଙ୍କ ଏହା ଉପରେ ଭାଗ ରହୁଛି। ଏଣୁ ଅଫିସରମାନେ ଚୁପ୍ ରହୁଛନ୍ତି। ଏହାଦ୍ୱାରା ନିରୀହ ଛାତ୍ରୀଛାତ୍ର ବଳି ପଡୁଛନ୍ତି। ଖୋଦ୍ ଅଭିଭାବକମାନେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ନିକଟରେ ରେଢାଖୋଲ ସହରର ଶୁଣ୍ଢିମୁଣ୍ଡାସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟର ୨୫ରୁ ଅଧିକ ଛାତ୍ରୀ ହଠାତ୍ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନେ ରକ୍ତହୀନତାର ଶିକାର ହୋଇଥିବା ପରୀକ୍ଷା ନିରୀକ୍ଷାରୁ ଜଣା ପଡିବା ପରେ ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲଗୁଡିକର ଚେହେରା ପଦାରେ ପଡିଛି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପ ମଧ ଧରା ପଡିଛି। ସରକାରୀ ଅଫିସରଙ୍କ ହାତ ଟିକ୍କଣ ସ୍ପଷ୍ଟ ହୋଇଛି। ରେଢାଖୋଲ ଉପଖଣ୍ଡ ପ୍ରଶାସନ ଏହି ସ୍କୁଲଗୁଡିକ ପରିଦର୍ଶନ କରି ଧ୍ୟାନ ଦେବା ଜରୁରୀ ହୋଇପଡିଛି। ନ ହେଲେ ଅଯଥା କେତେଜଣ ସ୍ୱାର୍ଥାନ୍ୱେଷୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଫିସରଙ୍କ ଯୋଗୁ ସରକାରୀ ଟଙ୍କା ପାଣିରେ ପଡୁଛି ଆଉ ପଡିବ ମଧ। ଏହାଦ୍ୱାରା ସରକାରଙ୍କୁ ବଦନାମ ହେବାକୁ ପଡିବ। ଏଣୁ ଏ ଦିଗରେ ଉପଜିଲାପାଳ ଧ୍ୟାନ ଦେବାକୁ ରେଢାଖୋଲର କେତେକ ବରିଷ୍ଠ ଏବଂ ସଚେତନ ନାଗରିକ ଦାବି କରହିଛନ୍ତି।

### ବିଡିଓଙ୍କ ପରିଦର୍ଶନ ବେଳେ ଧରାପଡ଼ିଲା ଅନିୟମିତତା

ରେଢାଖୋଲ ବିଡିଓ ପରିକ୍ଷିତ ସାହୁ ଶୁଣ୍ଢିମୁଣ୍ଡା ଏସ୍‌ଏସ୍‌ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ନିକଟରେ ଏହି ବିଦ୍ୟାଳୟର ୨୫ରୁ ଅଧିକ ଛାତ୍ରୀ ଅସୁସ୍ଥ ହୋଇଥିଲେ। ୪ ଜଣ ଛାତ୍ରୀ ରକ୍ତ ହୀନତାର ଶିକାର ହୋଇଥିବା ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସାବେଳେ ସ୍ପଷ୍ଟ ହୋଇଛି। ଜଣେ ଛାତ୍ରୀଙ୍କୁ ବୁର୍ଲାସ୍ଥିତ ଭିମ୍‌ସାରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଏହି ଘଟଣା ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏହାର ଖୋଳତାଡ ଆରମ୍ଭ ହୋଇଛି। ବିଡିଓ ସ୍କୁଲ ପରିଦର୍ଶନ କରି ଅସୁସ୍ଥ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଛାତ୍ରୀଙ୍କ ଖାଦ୍ୟ ପଦାର୍ଥର ଷ୍ଟକ୍ ରେଜିଷ୍ଟର ନିୟମିତ ଭାବେ ପ୍ରସ୍ତୁତ କରାଯାଉ ନ ଥିବା ଜାଣିବାକୁ ପାଇଛନ୍ତି। ଗତ ୨୦ ତାରିଖଠାରୁ ଷ୍ଟକ ରେଜିଷ୍ଟର ଲେଖାଯାଉ ନ ଥିବା ବିଡିଓ ସ୍ପଷ୍ଟ ହୋଇଛନ୍ତି। ବିଡିଓଙ୍କ ସହିତ ଡବ୍ଲୁଇଓ ଦିଲୀପ କୁମାର ମିଶ୍ର ପରିଦର୍ଶନରେ ଯାଇଥିଲେ। ତେବେ ନିୟମିତ ଭାବେ ପ୍ରଶାସନିକ ଅଧିକାରୀମାନେ ଏହିସବୁ ବିଦ୍ୟାଳୟକୁ ପରିଦର୍ଶନ କରନ୍ତୁ। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପାଠପଢାର ତଦାରଖ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଦୁଇ ଯୁବକଙ୍କ ବ୍ୟାଗ୍ ନେଇଗଲା ଅବକାରୀ ବିଭାଗ

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ନିକଟରେ ଏକ ଘରୋଇ ବସ୍‌ରେ ଯାଉଥିବା ୨ଜଣ ଯୁବକଙ୍କଠାରୁ ଅବକାରୀ ବିଭାଗ ମଙ୍ଗଳବାର ୨ଟଇ ଏୟାର ବ୍ୟାଗ୍ ଛଡାଇ ନେଇଛି। ଏଥିରେ ଗଞ୍ଜେଇ ଥିବା ଲୋକେ କହୁଥିଲେ ବି ଅବକାରୀ ବିଭାଗ କିନ୍ତୁ ସ୍ପଷ୍ଟ କରି ନାହିଁ। ହେଲେ ଘଟଣା ସ୍ଥଳରେ ଜଣେ ଯୁବକ ଅବକାରୀ ବିଭାଗର ସମସ୍ତ କାର୍ଯ୍ୟକଳାପକୁ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ । ଏହି ସମୟରେ ଅବକାରୀ ବିଭାଗର ଅଧିକାରୀ ଆସି ମୋବାଇଲକୁ ଛଡାଇ ନେଇ ସମସ୍ତ ଡାଟା ଓ ଭିଡିଓ ଗୁଡିକ ଡିଲିଟ କରିଦେଇଥିଲେ। ଏଣୁ ଉତ୍ତେଜନା ପ୍ରକାଶ ପାଇଥିଲା।

# ପୁରୀରେ ମମତା ବାନାର୍ଜୀ

ପୁରୀ ଅଫିସ, ୨୫।୨: ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୯ଟାରେ ମମତା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସିଧାସଳଖ ସଡ଼କ ପଥରେ ପୁରୀ ଆସି ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ରାତ୍ରୀଯାପନ କରିଛନ୍ତି। ବେଳାଭୂମି କଡ଼ରେ ଥିବା ଏହି ହୋଟେଲ ଏବଂ ଏହା ସଂଲଗ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୨୭ ତାରିଖ ପର୍ଯ୍ୟନ୍ତ ମମତା ପୁରୀରେ ରହିବେ। ତେବେ ତାଙ୍କ ଗସ୍ତସୂଚୀ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରୋଟୋକଲ ଅନୁଯାୟୀ ପୁରୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ରହୁଥିବା ହୋଟେଲ ଏବଂ ଏହା ସଂଲଗ୍ନ ଅଞ୍ଚଳରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି ଏବଂ ୩ଜଣ ଡିଏସ୍‌ପି ସୁରକ୍ଷା ତଦାରଖ ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୮ତାରିଖରେ ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ହେବାକୁ ଥିବା ପୂର୍ବାଞ୍ଚଳ ରାଜ୍ୟ ମିଟ୍‌ରେ ମମତା ଯୋଗଦେବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି। ତେବେ ଏ ନେଇ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ।

# ଆଇଏଫ୍‌ଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୫।୨(ବ୍ୟୁରୋ): ଓଡ଼ିଶାରେ କାର୍ଯ୍ୟରତ ଭାରତୀୟ ବନ ସେବା(ଆଇଏଫ୍‌ଏସ) ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୦ ବ୍ୟାଚ୍ ଅଧିକାରୀ ସୁରେଶ ପନ୍ତଙ୍କୁ ପିସିସିଏଫ୍ କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ସୁରେଶ ବ୍ରହ୍ମପୁର ସର୍କଲର ଅତିରିକ୍ତ ପିସିସିଏଫ୍ ତଥା ଆରସିସିଏଫ୍ ଭାବେ କାର୍ଯ୍ୟ କରିଆସୁଥିଲେ। ସେହିଭଳି ୧୯୯୧ ବ୍ୟାଚ୍‌ର ଲିଙ୍ଗରାଜ ଓତାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ଦିଆଯାଇଛି। ପ୍ରଶାନ୍ତ କୁମାର ମିଶ୍ରଙ୍କୁ ବ୍ରହ୍ମପୁର ସର୍କଲ ଆରସିସିଏଫ୍, ଦିବାକର ମିଶ୍ରଙ୍କୁ ପିସିସିଏଫ୍(କେଏଲ୍)କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ବଲାଙ୍ଗୀର ସର୍କଲର ଭାରପ୍ରାପ୍ତ ସିସିଏଫ୍(କେଏଲ୍), ମନୋଜ ମହାପାତ୍ରଙ୍କୁ ଭୁବନେଶ୍ୱର ସର୍କଲର ଭାରପ୍ରାପ୍ତ ଆରସିସିଏଫ୍ ଏବଂ ଭଞ୍ଜ କିଶୋର ସ୍ୱାଇଁଙ୍କୁ ରାଉରକେଲା ସର୍କଲର ଭାରପ୍ରାପ୍ତ ଆରସିସିଏଫ୍ ଭାବେ ନିଯୁକ୍ତି ମିଳିଛି।

# ସ୍ୱଚ୍ଛ ସର୍ବେକ୍ଷଣ କମିଟିରେ ସଂଗ୍ରାମଜିତ

ଭୁବନେଶ୍ୱର,୨୫।୨(ବ୍ୟୁରୋ)- ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ ପାଇଁ ଆସନ୍ତା ଆର୍ଥିକବର୍ଷରେ ଦେଶର ପୌରସଂସ୍ଥାଗୁଡ଼ିକର ବିଭିନ୍ନ ମାନଦଣ୍ଡକୁ ନେଇ ସର୍ଭେ କରାଯିବ। ଏଥିରେ ସଫେଇ, ପରିଚ୍ଛନ୍ନତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସଶକ୍ତୀକରଣ ଓ ଅଭିନବ ପଦକ୍ଷେପ ଆଦି ରହିଛି। ଏଥିପାଇଁ ଜାତୀୟସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ କମିଟି ଗଢାଯାଇଥିବା ବେଳେ ଏହାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱଚ୍ଛ ଭାରତ ମିଶନର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଓଡ଼ିଶାର ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସ୍ଥାନ ପାଇଛନ୍ତି। ଏହି କମିଟିରେ ଅନ୍ୟ ସଦସ୍ୟମାନେ ହେଲେ- ମଧ୍ୟପ୍ରଦେଶର ମନୀଷ ସିଂ, ୟୁପିର ଅନୁରାଗ ଯାଦବ ଓ ପଞ୍ଜାବର ଅଜୟ୍ ଶର୍ମା। ସେହିଭଳି ଜାମସେଦପୁର, ଥିରୁଚିରାପଲ୍ଲୀ, ଇନ୍ଦୋର, ବେଙ୍ଗାଲୁରୁ, ରାୟପୁର, ନୂଆଦିଲ୍ଲୀ ଆଦି ପୌରସଂସ୍ଥାର ପ୍ରତିନିଧିମାନେ ସଦସ୍ୟଭାବେ ସ୍ଥାନ ପାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ଦଙ୍ଗାରେ ...

ବ୍ୟକ୍ତି ଏକାଠି ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କଟକଣା ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ମୌଜପୁର, ଜାଫରାବାଦ, ଚାନ୍ଦବାଗ୍ ଓ କାରାୱଲ ନଗରରେ କର୍ଫ୍ୟୁ ଜାରି କରାଯାଇଛି। ପ୍ରଭାବିତ ଅଞ୍ଚଳରେ ୧୦୦୦ ସଶସ୍ତ୍ର ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏକ ଉଚ୍ଚସ୍ତରୀୟ ଜରୁରୀ ବୈଠକ ଡାକି ସ୍ଥିତିର ସମୀକ୍ଷା କରିଛନ୍ତି। କୌଣସି ପ୍ରକାର ଗୁଜବ ସୃଷ୍ଟି ନ କରିବା ପାଇଁ ସେ ଲୋକଙ୍କୁ ଅପିଲ କରିଛନ୍ତି। ଏହାସହ ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ଗୁଜବଜନିତ ଭୟରୁ ମୁକ୍ତ କରିବା ପାଇଁ ଦିଲ୍ଲୀ ପୋଲିସକୁ ସହଯୋଗ କରନ୍ତୁ ବୋଲି ଶାହା ଅନୁରୋଧ କରିଛନ୍ତି। ପୋଲିସ କଣ୍ଟ୍ରୋଲ ରୁମ୍‌ରେ ବରିଷ୍ଠ ଅଧିକାରୀମାନେ ଏନେଇ ଅନୁଧ୍ୟାନ କରିବେ। ସମସ୍ତ ଅଧିକାରୀ ଉପସ୍ଥିତ ରହିବା ପାଇଁ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ଶାହା ନିର୍ଦ୍ଦେଶ ଦେଇଛନ୍ତି। ଖଜୁରି ଖାସ୍‌ଠାରେ ସ୍ୱତନ୍ତ୍ର ପୋଲିସ କମିଶନର ସତୀଶ ଗୋଲ୍‌ଚା କହିଛନ୍ତି, ସ୍ଥିତିକୁ ନିୟନ୍ତ୍ରଣକୁ ଆଣି ଶାନ୍ତିଶୃଙ୍ଖଳା ବଜାୟ ପାଇଁ ଆମେ ଉଦ୍ୟମ କରୁଛୁ। ଆବଶ୍ୟକ ହେଲେ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବ। ଦୁର୍ବୃତ୍ତମାନଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆହତଙ୍କୁ ହସ୍ପିଟାଲରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆଇନ ହାତକୁ ନ ନେଇ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସେ ଦିଲ୍ଲୀବାସୀଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ଓ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ଶନିବାର ହିଂସାରେ ପ୍ରାଣ ହରାଇଥିବା ହେଡ୍ କନ୍‌ଷ୍ଟେବଲ ରତନ ଲାଲ୍‌ଙ୍କୁ ରବିବାର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଦିଲ୍ଲୀର ଭାଜପା ସଭାପତି ମନୋଜ ତିୱାରୀ ଏହି କାଣ୍ଡପାଇଁ ଦେଶବିରୋଧୀ ତତ୍ତ୍ୱଙ୍କୁ ଦାୟୀ କରିଛନ୍ତି। ଉତ୍ତର-ପୂର୍ବ ଦିଲ୍ଲୀରେ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳକୁ ସେନାକୁ ହସ୍ତାନ୍ତର କରାଯାଉ ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି ଦାବି କରିଛନ୍ତି। ଅନ୍ୟପକ୍ଷରେ ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ହିଂସା ଏବଂ ସିଏଏକୁ ଭାରତର ଆଭ୍ୟନ୍ତରୀଣ ବିଷୟ ବୋଲି କହିଛନ୍ତି। ସେ କହିଛନ୍ତି, ଆମେ ଧର୍ମୀୟ ସ୍ୱାଧୀନତା ଉପରେ ଆଲୋଚନା କରିଛୁ। ଲୋକଙ୍କ ଧର୍ମୀୟ ସ୍ୱାଧୀନତା ରହୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବା ଟ୍ରମ୍ପ୍ ପ୍ରକାଶ କରିଛନ୍ତି।

### ସୋମନାଥ ପରିଡ଼ାଙ୍କୁ ...

ଏକବର୍ଷ ସଜା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସୋମନାଥ ବାରମ୍ବାର ଓକିଲ ବଦଳାଇ ମାମଲାର ବିଚାର ପ୍ରକ୍ରିୟାକୁ ବିଳମ୍ବ କରୁଥିଲେ। ଶେଷରେ ୭ବର୍ଷ ପରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ମଙ୍ଗଳବାର ମାମଲାର ଶୁଣାଣିବେଳେ ସୋମନାଥଙ୍କ ଓକିଲ ଓ ସରକାରୀ ଓକିଲ ବିଚାରପତିଙ୍କ ନିକଟରେ ନିଜ ନିଜର ଯୁକ୍ତି ରଖିଥିଲେ। ସରକାରୀ ଓକିଲ କହିଥିଲେ, ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ହୋଇ ସ୍ତ୍ରୀଙ୍କୁ ହତ୍ୟା କରିବା ଏକ ଘୃଣ୍ୟ କାର୍ଯ୍ୟ। ତେଣୁ ଅଭିଯୁକ୍ତଙ୍କୁ କଡା ସଜା ନ ଦେଲେ ଅନ୍ୟମାନେ ଏଭଳି କାର୍ଯ୍ୟ କରିବାକୁ ସାହସ ଜୁଟାଇବେ। ଏପରି କି ସ୍ତ୍ରୀଙ୍କ ଜୀବନ ରକ୍ଷା କରିବା ସ୍ୱାମୀର ଧର୍ମ। ହେଲେ ସୋମନାଥ ସ୍ତ୍ରୀଙ୍କୁ ହତ୍ୟା କରି ଅତି ଜଘନ୍ୟଭାବେ ୩ଶହ ଖଣ୍ଡ କରିଥିଲେ। ତେଣୁ ତାଙ୍କୁ କଠୋର ଦଣ୍ଡ ଦେବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ପ୍ରତିପକ୍ଷ ଓକିଲ ନିଜର ଯୁକ୍ତି ରଖିବା ସହ ସୋମନାଥ ବୟସ୍କ ହୋଇଥିବାରୁ ତାଙ୍କ ପ୍ରତି ସଜା କୋହଳ କରିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଉଭୟ ପକ୍ଷର ସମସ୍ତ ବିଷୟ ଶୁଣିବା ପରେ ବିଚାରପତି ଶେଷରେ ସୋମନାଥଙ୍କ ମତ ଚାହିଁଥିଲେ। ଏହାପରେ ସୋମନାଥ କହିଥିଲେ 'ମୁଁ ନିର୍ଦ୍ଦୋଷ, ଜୀବନ ସାରା ଦୁର୍ନୀତି କରିନି। ତେଣୁ ମୋତେ କ୍ଷମା କରାଯାଉ।' ତେବେ କୋର୍ଟ ତାଙ୍କୁ ଆଜୀବନ ସଜା ଶୁଣାଇବା କ୍ଷଣି ସୋମନାଥ ସେଠାରେ କାନ୍ଦି ପକାଇଥିଲେ। ଏପରି କି କୋର୍ଟରୁ ବାହାରି ସେ ପୋଲିସ ଭ୍ୟାନରେ ବସିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣେ ସେନା ଅଧିକାରୀ ଠାଣିରେ ତାଗିଦ୍ କରିଥିଲେ। ଏପଟେ ସୋମନାଥଙ୍କ ଓକିଲ କହିଛନ୍ତି, ଏହି ରାୟ ବିରୋଧରେ ହାଇକୋର୍ଟ ଯିବେ। ଉଷାଶ୍ରୀଙ୍କ ଭାଇ ରଞ୍ଜନ ସାମଲ କହିଛନ୍ତି, ବିଳମ୍ବ ହେଲେ ବି ଆମକୁ ନ୍ୟାୟ ମିଳିଛି। ମୋ ଭଉଣୀଙ୍କୁ ଯେଭଳି ସୋମନାଥ ହତ୍ୟା କଲେ, ତାଙ୍କୁ ଆଜୀବନ ସଜା ଠିକ୍ ହୋଇଛି ବୋଲି ସେ କହିଛନ୍ତି। ସରକାରୀ ଓକିଲ ସାରଦା ଚନ୍ଦ୍ର ସାମଲ ମାମଲା ପରିଚାଳନା କରୁଥିଲେ।

### କେମିତି ଥିଲା ପୂରା ଘଟଣାବଳୀ


ସୋମନାଥଙ୍କ ଘର।

ସୋମନାଥ ଚାକିରିରୁ ଅବସର ନେବାପରେ ସ୍ତ୍ରୀ ଉଷାଶ୍ରୀଙ୍କ ସହ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ରହୁଥିଲେ। କିନ୍ତୁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ କଳିଝଗଡା ଲାଗୁଥିଲା। ୨୦୧୩ ଜୁନ୍ ୩ରେ ସୋମନାଥ ଓ ସ୍ତ୍ରୀ ଉଷାଶ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୋମନାଥ ଉତ୍ତେଜିତ ହୋଇ ଏକ ପିତ୍ତଳ ଟର୍ଚ୍ଚରେ ଉଷାଶ୍ରୀଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ପରେ କଟୁରି, ଆରି, ଫାର୍ସାରେ ମୃତଦେହକୁ ୩ଶହ ଖଣ୍ଡ କରି କାଟିଥିଲେ। ଏହାପରେ ହାଡ଼ମାଂସ ଟୁକୁଡ଼ାକୁ ୨୧ ଟିଫିନ ବକ୍ସ ଓ ୨ ଷ୍ଟିଲ୍ ବକ୍ସରେ ରଖି ସେଥିରେ ଫିନାଇଲ୍ ସହ ଅନ୍ୟ କିଛି କେମିକାଲ ପକାଇ ଘରେ ରଖିଥିଲେ। ପ୍ରତିଦିନ କିଛି କିଛି ହାଡ଼ମାଂସ କାଢ଼ିନେଇ ବାହାରେ ଫିଙ୍ଗୁଥିଲେ।


ସୋମନାଥଙ୍କୁ ଗିରଫ କରି ନିଆଯିବା ସମୟର ଦୃଶ୍ୟ।

### ଝିଅଙ୍କ ଫୋନ କଲ୍‌ରୁ ଜଣାପଡ଼ିଲା

ମୃତଦେହ ସହ ସୋମନାଥ ୨୦ଦିନ ରହିବା ପରେ ଜୁନ୍ ୨୧ରେ ଘଟଣା ପଦାକୁ ଆସିଥିଲା। ବିଦେଶରେ ରହୁଥିବା ଉଷାଶ୍ରୀଙ୍କ ଝିଅ ଲେଖା ପରିଡ଼ା ବାପା ସୋମନାଥଙ୍କ ସହ ଫୋନ୍‌ରେ କଥାହେବାବେଳେ ମା'ଙ୍କ କଥା ପଚାରିଥିଲେ। ମା' ଶିରିଡ଼ି ଯାଇଥିବା ସୋମନାଥ କହିଥିଲେ ମଧ୍ୟ କେବେ ଫେରିବେ ସେନେଇ କିଛି ନ କହି କଥାକୁ ଏଡ଼ାଇଥିଲେ। ତାଙ୍କର ସନ୍ଦେହ ହେବାରୁ ଭୁବନେଶ୍ୱରରେ ରହୁଥିବା ମାମୁଙ୍କୁ ଯୋଗାଯୋଗ କରି ତାଙ୍କ ଘରକୁ ଯାଇ କ'ଣ ହୋଇଛି ଦେଖି ଆସିବାକୁ କହିଥିଲେ। ଏହାପରେ ମାମୁ (ଉଷାଶ୍ରୀଙ୍କ ଭାଇ) ସୋମନାଥଙ୍କ ଘରକୁ ଯାଇ ଭଉଣୀ ବିଷୟରେ ପଚାରିଥିଲେ। କିନ୍ତୁ ସୋମନାଥ ବାରମ୍ବାର କଥା ବଦଳାଇ ଚାଲିଥିଲେ। ତେବେ ଘର ଭିତରୁ ଦୁର୍ଗନ୍ଧ ଆସିବାରୁ ସେ ତୁରନ୍ତ ସେ ନୟାପଲ୍ଲୀ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘର ଯାଞ୍ଚ କରିବା ପରେ ଉଷାଶ୍ରୀଙ୍କ ମୃତଦେହର ବହୁ ଟୁକୁଡ଼ା ମିଳିଥିଲା। ଏହାପରେ ପୋଲିସ ସୋମନାଥଙ୍କୁ ଗିରଫ କରିଥିଲା। ୨୦୧୩ ଅକ୍ଟୋବର ୧୭ରେ ଚାର୍ଜଶିଟ୍ ଦାଖଲ ହୋଇଥିଲା।


ସୋମନାଥଙ୍କ ଘରୁ ଜବତ ଉଷାଶ୍ରୀଙ୍କ ଖଣ୍ଡ ବିଖଣ୍ଡ ମୃତଦେହ ଥିବା ଟ୍ରଙ୍କ୍। (ଫାଇଲ ଫଟୋ)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

**TENDER CALL**

**No. 587** **Date: 25.02.2020**

Sealed tenders are invited by the Zilla Swasthya Samiti, Jajpur from registered firms/ suppliers/ authorised distributors for supply of **SENSORY INTEGRATION EQUIPMENT/ TOOLS for DEIC, DHH, Jajpur** to the undersigned.

The detail regarding terms and conditions may be downloaded from District website i.e. **www.jajpur.nic.in**. The tenders should reach the office of the undersigned by 18.03.2020 (till 12.00 PM) through **Speed Post or Registered Post or Courier Service** only. The tender will open on the same day at 3 PM at office chamber of the undersigned in presence of the bidders/ their authorized representatives. The undersigned is not responsible for any kind of postal delay and reserves all rights to cancel any or all the tender at any stage of selection/finalization process without assigning any reason thereof. Any typographical error may be exempted.

**Sd./- Chief District Medical & Public Health Officer, Jajpur**

DADLS-106

**ତା.୨୭।୦୨।୨୦୨୦ରିଖରେ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ପ୍ରବନ୍ଧ ପ୍ରତିଯୋଗିତା ସମୟ- ପୂର୍ବାହ୍ଣ ଘ. ୧୦.୩୦ ମିନିଟ୍** **ସ୍ଥାନ- ଜୟଦେବ ଭବନ**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା, ସମୟ- ମଧ୍ୟାହ୍ନ ୧୨ ଘଟିକା** **ସ୍ଥାନ- ଗୀତଗୋବିନ୍ଦ ସଦନ**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ/ ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**
OIPR- 15001/13/0145/1920

**OFFICE OF THE RAJGANGPUR MUNICIPALITY**

**No.566** **Dtd.20.02.2020**

**"e" PROCUREMENT NOTICE**
**TENDER IDENTIFICATION NO.EO/RGP/15 OF 2019-20**
**Tender ID in the portal : 2020_ORULB_60148**
**Bid Document work Specification and set of term & conditions of contract i.e.**
**www.tendersorissa.gov.in**

1) Total number of work : 04 Nos.
2) Nature of works : Civil Construction
3) Estimated Cost : 1.95 Lakh to 19.78 Lakh
4) Date & time of availability of the bid documents in the portal : 24.02.2020 at 11.00 A.M. to 29.02.2020 up to 5.00 P.M.
5) Last date of receipt of bids in the portal : 29.02.2020 up to 5.00 P.M. (On-line)
6) Bids receipt online shall be opened on : 02.03.2020 at 11.00 A.M. (Off-Line)

**Sd./- Executive Officer**
**Rajgangpur Municipality**

**DISTRICT OFFICE, SUBARNAPUR**
**(Establishment Section)**

**XXXIV(B)-47/2020 No.2019** **Date: 24.02.2020**

**ADVERTISEMENT**

No.Z-20 :- Applications are invited from the eligible retired Govt. Revenue Supervisors, Revenue Inspectors and Amins in the prescribed format for filling up of the vacant posts of Revenue Inspector and Amin for Minor Mineral Enforcement Cells of this District on contractual basis, which should be reached to the undersigned on or before 29.02.2020 by 5.00 P.M. through registered Post / Speed Post.

The detailed of application forms, eligibility criteria for the above posts, list of documents to be attached with the application form, may be downloaded from the official website of Subarnapur District i.e. **www.subarnapur.nic.in.**

**Sd./- Collector, Subarnapur**
**OIPR-15001/11/0146/1920**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**PUBLIC HEALTH CIRCLE, SAMBALPUR, ODISHA**
E-mail id:- sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**
**Bid Identification No. SEPHSBP- 10 /2019-20 Dt. 18.02.2020**

**No. C-529:-**

01. Number of Work : 2 nos.
02. Type of Bid : Two Bid system
03. Estimated Cost : Rs. 110.70 to 122.89 Lakhs
04. Period of Completion : 4 (Four) Calendar Months
05. Class of Contractor : Reputed Manufacturers /Registered Suppliers.
06. Date & Time of availability of bid document in the portal : From 11.00 Hrs. of dt. 02.03.2020 to 17.00 Hrs of 16.03.2020
07. Last date / time of seeking clarification : 17.00 Hrs of 06.03.2020
08. Last date / time of receipt of bids in the portal : 17.00 Hrs of 16.03.2020
09. Date & Time of opening of Technical bids : At 11.00 Hrs. of 17.03.2020
10. Name and Address of the Officer Inviting Bid : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001.

Further details can be seen from the e-Procurement portal "http://www.tendersorissa.gov.in"

*Sd./- Superintending Engineer, P.H. Circle, Sambalpur*
OIPR-13018/11/0014/1920

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007, Tel. No. 0674-2545586/2545852,
E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**
**Bid identification no:- VI-31(19)/SERIFED/2019-20/ 205/ Dt.24.02.2020**

| Sl. No | Name of the work | Tender Value (Rs.) | EMD/Bid Security (online mode) (Rs.) | Cost of Bid document Inclusive of 18% towards GST (online mode) (Rs.) | Period of completion | Available of Bid in Portal | Last date of submission and opening of Bid | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Internal pathways with pavers Block | Rs.8,77,845/- (Excluding GST) | Rs.8,778/- | Rs. 4720/- (Rs.4000 + 720 GST) | 2 (Two) MONTHS | 28.02.2020 to 16.03.2020 Website- www.tendersodisha.gov.in | 16.03.2020 up to 5.00 PM and opened on 17.03.2020 at 11.30 AM | "C" and "B" Class |
| 2 | Construction of Store Room. | Rs.9,68,467/- (Excluding GST) | Rs.9,685/- | Rs. 4720/- (Rs.4000 + 720 GST) | 4 (Four) MONTHS | | | |
| 3 | Construction of Office at Handloom Gallery Top. | Rs.11,53,310/- (Excluding GST) | Rs.11,533/- | Rs. 7080/- (Rs.6000 + 1080 GST) | 4 (Four) MONTHS | | | |

The Bidders have to participate in ONLINE bidding only. Further details can be seen from the website: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
**Sd/- Managing Director**

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006**
**PHONE – 06854-242001, FAX – 06854242038,** CIN:U401010R1995SGC003963
E-mail: sgmel_ukhep@ohpcltd.com
No. CAD-1004

**TENDER CALL NOTICE No.- UKHEP - 33/2019-20, Dated.19.02.2020**
Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Dismantling of one number of damaged "CR" type quarter, UKHEP, Bariniput. | 93,463/- | 472/- (Rs.400/- +18% GST) | 1000/- | From 10:00 Hrs of 02.03.2020 to13:00 Hrs of 16.03.2020 | Up to 16.00 Hrs of 16.03.2020 | At: 16.30Hours of 16.03.2020 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
**Sd/- C&P Head UKHEP, Bariniput**
OIPR-04002/11/0066/1920

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**O/o Sr. General Manager Construction, Zone-II, Sambalpur**
**At-132/33 Kv Grid S/S, Ganesh Nagar, BohidarNuapali, PO- Sankarma, Sambalpur-768006**
**Telephone: (0663)2540039, Email: sgm.con2.sbp@optcl.co.in**

**Lr. No.SGM CON-II / Gazette Notification / 370** **Date: 25.02.2020**

**NOTIFICATION**

In accordance with Section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 1. | Construction of 132KV S.C. Line on DC tower (Two Conductor) from U/C 220/132/33KV Grid Sub-Station, Gunupur to proposed RTSS Palasingi | 1 .Tahasil- Gunupur, (a)RI Circle-Gunupur,Village-Gunupur,Arsing Guda, Gadia Bang, (b) RI Circle-Salkamba- Village- SauraPradhani, (c) RI Circle-MachhaKhunti- Village RangalaPadar, Pagadibili, (d) RI Circle GadiaKhala, Village- TurkaniGura, KhambaGura, PradhaniGura, GadiaKhala. 2. Tahasil- Kashinagar, (a) RI Circle Khandaba, Village-Palasingi | 17.93 Cr | Deputy General Manager (Elect.), EHT (Construction) Division, Rayagada | It will provide stable and quality power supply to traction Sub- Station of Railway department. |

**Sd./- Er. Rabinarayan Panda**
**Senior General Manager (El.)**
**Construction Zone-II, OPTCL,Sambalpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, DHARMAGARH**
**Tel: 06672242765, Fax: 06672-242823,**
**Email: rw_dharmagarh@yahoo.com**

**BID IDENTIFICATION NO. DMGH / RWD-02 OF 2019-20**
**Date: 20.02.2020**
**PROCUREMENT NOTICE**

**No.O-1137:-** Bid documents consisting of Work, Estimated Cost, cost of tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be available at office of the undersigned.

1. Name of the Work : Road & Building works in the District of Kalahandi as mentioned in DTCN
2. Total No. of Works : 47 Nos.
3. Estimated Cost : Rs. 1.77 to 4.42 lakhs
4. Period of Completion : 15 (Fifteen) days
5. Other Details:

| Availability of Tender Document for sale | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| **27.02.2020 at 11.00 AM** | **06.02.2020 upto 1.00 PM** | **04.03.2020 upto 5.00 PM** | **07.03.2020 at 11.00 AM** |

Other details can be seen in the bidding documents.
**Sd./- Executive Engineer,**
**Rural Works Division, Dharmagarh**
**OIPR- 25100/11/0007/1920**

**ସମଗ୍ର ଶିକ୍ଷା, କଳାହାଣ୍ଡି, ଭବାନୀପାଟନା**

**ନିଯୁକ୍ତି ବିଜ୍ଞାପନ**

**ନଂ. 599 /** **ତାରିଖ: 25.02.2020**

କଳାହାଣ୍ଡି ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ୱାର୍ଡେନ, ସହାୟକ ରୋଷେୟା ଏବଂ ଚପରାସୀ ପଦବୀ ପାଇଁ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ଓ OSEPA ୱେବ୍‌ସାଇଟ୍ **www.opepa.odisha.gov.in**ରୁ ଆବଶ୍ୟକ ଦରଖାସ୍ତ ଓ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନଲୋଡ୍ କରି ୨୦।୦୩।୨୦୨୦ ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ସୁଚାଇ ଦିଆଗଲା। ସହାୟକ ରୋଷେୟା ପାଇଁ ଆବେଦନ କରିବାକୁ ଚାହୁଁଥିବା ପ୍ରାର୍ଥିନୀଙ୍କ ପୂର୍ବରୁ ରୋଷେୟା ଅଭିଜ୍ଞତା ଥିବ, ଭଲ ଭାବରେ ଓଡ଼ିଆ ଲେଖି ପଢ଼ି ଜାଣିଥିବେ, ଓଜନିଆ ବା ଭାରି ଜିନିଷ ଉଠାଇ ପାରୁଥିବେ ଓ ଗ୍ୟାସ ଚୁଲା ବ୍ୟବହାର କରି ଜାଣିଥିବେ। ୱାର୍ଡେନ ପାଇଁ ପ୍ରାର୍ଥିନୀ ସ୍ନାତକ (BA/B.Sc.) ହୋଇଥିବେ ତାହା ସହିତ B.Ed. କରିଥିବେ। B.Ed. ପ୍ରାର୍ଥିନୀ ନ ମିଳିଲେ କେବଳ ସ୍ନାତକ ପ୍ରାର୍ଥିନୀଙ୍କ ପ୍ରାର୍ଥିତ୍ୱକୁ ବିଚାରକୁ ନିଆଯିବ। ୱାର୍ଡେନ ବ୍ୟତୀତ ସମସ୍ତ ପଦବୀ ପାଇଁ ବୟସ ସୀମା 18ରୁ 35 ବର୍ଷ ଓ ୱାର୍ଡେନ ପାଇଁ ବୟସ ସୀମା 30ରୁ 50 ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଉପରୋକ୍ତ ଆବଶ୍ୟକତା ପୂରଣ କରୁଥିବା ମହିଳା ପ୍ରାର୍ଥିନୀମାନେ ୨୦।୦୩।୨୦୨୦ ତାରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଡାକ ଯୋଗେ (କେବଳ ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରୀ ଡାକ ଯୋଗେ) ଆବେଦନ କରିପାରିବେ। ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପୁନଶ୍ଚ ସମସ୍ତ ଇଚ୍ଛୁକ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିୟମିତ ଭାବରେ ଉପରୋକ୍ତ websiteକୁ ଦେଖୁଥିବେ କାରଣ ଏହି ବିଷୟରେ ଯଦି କୌଣସି ପରିବର୍ତ୍ତନ କରାଯାଏ ତାହା କେବଳ websiteରେ ହିଁ ସୂଚିତ କରାଯିବ।

**ଜିଲ୍ଲାପାଳ ତଥା ଅଧ୍ୟକ୍ଷା, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, କଳାହାଣ୍ଡି, ଭବାନୀପାଟନା**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଫେବୃୟାରୀ ୨୬/୨୦୨୦



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପିଣ୍ଟୁ



ସାନ୍ତନୁ



ବାବୁଲୁ



କୁର୍କୁଟ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଟ୍ରେନ୍‌ରେ ମାନବ ଚାଲାଣ ରୋକିବାକୁ ଗୁରୁତ୍ୱ

**କଟକ ଅଫିସ,୨୫।୨**

ରାଜ୍ୟସ୍ତରୀୟ ରେଳ ସୁରକ୍ଷା କମିଟିର ଚଳିତବର୍ଷର ପ୍ରଥମ ତ୍ରୈମାସିକ ବୈଠକ ମଙ୍ଗଳବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିଜିପି ଅଭୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୋଲିସ, ରେଲୱେ ସହ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରେନ୍‌ରେ ମାନବ ଚାଲାଣ ର୍‍ୟାକେଟ୍ ସକ୍ରିୟ ହୋଇପଡିଛି। ବର୍ତ୍ତମାନ ଏହା ପୋଲିସ ବିଭାଗର ଚିନ୍ତା ବଢାଇଛି। ତେଣୁ ଏହାକୁ ରୋକାଯିବା ପାଇଁ ଷ୍ଟେଶନଗୁଡ଼ିକରେ କଡାକଡି ଯାଞ୍ଚ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ଅଭୟ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ମୋଟ୍ ୯ଟି ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଭାଗ କାର୍ଯ୍ୟାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ରେଳ ସୁରକ୍ଷା ବଳ(ଆର୍‌ପିଏଫ୍), ଜିଆରପି ଏବଂ ରେଳ ବିଭାଗର କର୍ମଚାରୀଙ୍କ ମଧ୍ୟରେ ସୂଚନା ଆଦାନ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। କୌଣସି ଦୁର୍ଘଟଣାକୁ ଏଡାଇବା ପାଇଁ ଅଧିକାରୀମାନେ ଏକାଠି ତ୍ୱରିତ ଯୋଜନା ପ୍ରସ୍ତୁତ କରିବା ଉଚିତ। ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିବା ମାତ୍ରେ ତାହାର ମୁକାବିଲା ପାଇଁ ସମସ୍ତେ ତତ୍ପର ହେବା ଆବଶ୍ୟକ। ଦୁର୍ବୃତ୍ତମାନେ ନିଶାଦ୍ରବ୍ୟ ଚାଲାଣ ପାଇଁ ଟ୍ରେନ୍‌କୁ ବ୍ୟବହାର କରୁଛନ୍ତି। ନିଶା କାରବାରକୁ ରୋକାଯିବା ଓ ଷ୍ଟେଶନରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା, ଅସାମାଜିକ ଲୋକଙ୍କ ଗତିବିଧି ଉପରେ ନଜର ରଖିବା ଓ ଷ୍ଟେଶନଗୁଡିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗତ କିଛିବର୍ଷ ଭିତରେ ମାଓବାଦୀମାନେ ଟ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ଟ୍ରେନ୍ ଲାଇନ୍‌କୁ କ୍ଷତିକରି ଦୁର୍ଘଟଣା ଘଟାଉଛନ୍ତି। ଏଣୁ ମାଓବାଦୀଙ୍କ ଆସନ୍ନ ଆକ୍ରମଣ ଏବଂ ଗତିବିଧିକୁ ମୁକାବିଲା କରାଯିବା ଉପରେ ଆଲୋଚନା କରାଯାଇଥିଲା। ଷ୍ଟେଶନ, ଟ୍ରେନ୍‌ରେ ଭିକ୍ଷାବୃତ୍ତି କରୁଥିବା ଶିଶୁ ଓ ଭିନ୍ନକ୍ଷମଙ୍କୁ ରୋକାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ବୈଠକରେ ଏଡିଜିପି (ରେଲୱେ) ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆଇଜି ରାଜା ରାମ୍, ଦକ୍ଷିଣପୂର୍ବ ରେଲୱେର ଆର୍‌ପିଏଫ୍ ଆଇଜି ଡି.ବି. କିଶୋର, ସ୍ୱତନ୍ତ୍ର ଗୋଇନ୍ଦା ଶାଖା(ଏସ୍‌ଆଇବି)ର ଯୁଗ୍ମ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ କୁମାର ସିଂ, ବିଳାସପୁର ଉପପ୍ରଧାନ ମୁଖ୍ୟ ସୁରକ୍ଷା ଆୟୁକ୍ତ କୁମାର ନିଶ୍ଚନ୍ତ, ପୂର୍ବତଟ ରେଲୱେର ଉପ ମୁଖ୍ୟଯନ୍ତ୍ରୀ ବି.ବି. ମୋହନ, କଟକ ରେଲୱେ ଏସ୍‌ପି ଅଶୋକ କୁମାର ବିଶ୍ୱାଳ ଏବଂ ରାଉରକେଲା ରେଲୱେ ଏସ୍‌ପି ତ୍ରିନାଥ ପଟେଲ୍ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

**ରାଜ୍ୟସ୍ତରୀୟ ରେଳ ସୁରକ୍ଷା କମିଟି ବୈଠକ**
- ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ
- ମାଓବାଦୀଙ୍କ ଗତିବିଧି ମୁକାବିଲା ପାଇଁ ଆଲୋଚନା

# ପୁଣି ଗୋଟିଏ ଦିନ ରିମାଣ୍ଡରେ ଆସିଲେ ଅନୁପ

**ଝାରସୁଗୁଡ଼ା ଅଫିସ,୨୫।୨**

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟାକାଣ୍ଡ ଘଟଣାରେ ଅଧିକ ତଥ୍ୟ ଜାଣିବା ପାଇଁ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ମଙ୍ଗଳବାର ପୁଣି ଥରେ ଦିନିକିଆ ରିମାଣ୍ଡରେ ନେଇଛି ରାୟଗଡ଼ ପୋଲିସ। ପୂର୍ବରୁ ଅନୁପଙ୍କୁ ପୋଲସ ୩ ଦିନିଆ ରିମାଣ୍ଡରେ ଆଣିଥିଲା। ହେଲେ ପଚରାଉଚୁରା ବେଳେ ସେ ପୋଲିସକୁ ସହଯୋଗ କରି ନ ଥିଲେ। ଫଳରେ ପୋଲିସକୁ ଏହି ଡବଲ ମର୍ଡର ଘଟଣାରେ କିଛି ତଥ୍ୟ ମିଳି ନ ଥିଲା। ଏଣୁ ଅନୁପଙ୍କୁ ପୁଣି ୩ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟରେ ପୋଲିସ ଆବେଦନ କରିଥିଲା। ଏହାର ଶୁଣାଣି କରି କୋର୍ଟ ଗୋଟିଏ ଦିନ ପାଇଁ ଅନୁପଙ୍କୁ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିବା ରାୟଗଡ଼ ଆଡିସ୍‌ନାଲ ଏସ୍‌ପି ଅଭିଷେକ ବର୍ମା ସୂଚନା ଦେଇଛନ୍ତି। ସେହିପରି ଅନୁପଙ୍କ ନାର୍କୋ ଟେଷ୍ଟ ପାଇଁ ପୋଲିସ କରିଥିବା ଆବେଦନ ଉପରେ କୋର୍ଟ ବୁଧବାର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**



## ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାଁରେ ମାମଲା କରିବାକୁ ଚାହୁଁଥିଲେ କଳ୍ପନା

**ଝାରସୁଗୁଡ଼ା ଅଫିସ,୨୫।୨**

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ କରିବାରେ ରାୟଗଡ଼ ପୋଲିସ ସକ୍ଷମ ହେଉଥିଲେ ମଧ ପରବର୍ତ୍ତୀ ସମୟରେ ତାହାକୁ ପ୍ରମାଣ କରିବାରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଅନୁପଙ୍କ ପରିବାରବର୍ଗ, ସମ୍ପର୍କୀୟ ଓ ବିଭିନ୍ନ ଲୋକଙ୍କୁ ନୋଟିସ ଦେଇ ମାମଲାର ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ପୋଲିସ ଅନୁରୋଧ କରିଛି। ତେବେ ଏହି ହତ୍ୟାକାଣ୍ଡର ଅଳ୍ପ କିଛିଦିନ ପୂର୍ବରୁ କଳ୍ପନା ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବାକୁ ଚାହୁଁଥିଲେ। ଖୋଦ୍ ରାୟଗଡ଼ ଏସ୍‌ପି ସନ୍ତୋଷ କୁମାର ସିଂ ଓ ମାମଲା ଲଢ଼ିବାକୁ ଥିବା ଓକିଲ ଏ କଥା କହିଛନ୍ତି।

କଳ୍ପନାଙ୍କ ବିବାହ ବିଚ୍ଛେଦ ପରେ ଅନୁପ ସାଏଙ୍କ ସହିତ ତାଙ୍କ ସମ୍ପର୍କ ବଢ଼ିଥିଲା। ଦୁହେଁ ଦୀର୍ଘବର୍ଷ ଧରି ସ୍ୱାମୀ ସ୍ତ୍ରୀ ଭାବେ ରହି ଆସିଥିବା ରାୟଗଡ ଏସ୍‌ପି ସିଂ କହିଛନ୍ତି। ଏମିତି କିଛି ଦିନ ବିତିବା ପରେ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରତିଦିନ ଝଗଡ଼ା ହେବା ସହ ଏହା ହିଁ କଳ୍ପନାଙ୍କ ମୃତ୍ୟୁର କାରଣ ସାଜିଥିଲା। ତେବେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ କଳ୍ପନା ଝାରସୁଗୁଡ଼ାର ଜଣେ ପ୍ରତିଷ୍ଠିତ ଓକିଲଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବାକୁ ଚାହୁଁଥିବା ଦର୍ଶାଇ ସମ୍ପୃକ୍ତ ଓକିଲଙ୍କ ପରାମର୍ଶ ନେଇଥିଲେ। ହେଲେ ସେହି ହାଇପ୍ରୋଫାଇଲ ବ୍ୟକ୍ତି ଜଣକ କିଏ ତାହା ଏସ୍‌ପି ସିଂ ସ୍ପଷ୍ଟ କରି ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ନିକଟରେ ଏ ସମ୍ପର୍କୀୟ ସମସ୍ତ ତଥ୍ୟ ରହିଛି। ଆବଶ୍ୟକ ପଡିଲେ ସମସ୍ତଙ୍କୁ ପଚରାଉଚୁରା କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

# ଗିରଫ ହେଲେ ପ୍ରଧାନ ଶିକ୍ଷକ, ଆଟେଣ୍ଡାଣ୍ଟ

- ରୋଷେୟାଙ୍କୁ ଅସଦାଚରଣ ଅଭିଯୋଗ

**ଦାରିଙ୍ଗବାଡ଼ି,୨୫।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଏକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ରୋଷେୟାଙ୍କୁ ଅସଦାଚରଣ କରାଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଯିଶାୟ ପ୍ରଧାନ ଓ କୁକ କମ୍ ଆଟେଣ୍ଡାଣ୍ଟ ସଂସାରି ଦିଗାଳଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦାରିଙ୍ଗବାଡ଼ି ଥାନା ଆଇଆଇସି କୌଶିକ ମାଝି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣକ ଗତ ୪ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ ରେଷେୟା ଭାବେ ନିଯୁକ୍ତି ପାଇ ହଷ୍ଟେଲରେ ରୋଷେଇ କରୁଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ଏବଂ ଆଟେଣ୍ଡାଣ୍ଟ ସଂସାରି ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରି ଆସୁଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ ଚାକିରିରୁ ବିଦା କରିଦେବେ ଧମକ ଦେଉଥିଲେ। ଗତ ୩ ବର୍ଷ ହେଲା ରୋଷେୟା ଜଣକ ଏଭଳି ନିର୍ଯାତନା ପାଇ ଆସୁଥିଲେ ମଧ୍ୟ ଭୟରେ କାହାରିକୁ ଜଣାଉ ନ ଥିଲେ। ପରେ ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇ ଥାନାରେ ଅଭିଯୋଗ କରିଥିଲେ। ନଂ.୨୬/୨୦ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଏବଂ ଆଟେଣ୍ଡାଣ୍ଟଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯିବା ପରେ ମଙ୍ଗଳବାର ଗିରଫ କରାଯାଇଛି।



ଯିଶାୟ ପ୍ରଧାନ ଏବଂ ଆଟେଣ୍ଡାଣ୍ଟ ସଂସାରି ଦିଗାଳ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ଚହଟ ଦେଖିବ କଅଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଟହାତୀ ଚାଲେ ଝୁଲି**
**ଥିର ପାଣି ସିନା ପଥର କାଟେ ଲୋ**
**ତୂନୀ ଯେ ମୁନିଠୁଁ ବଳି।**

ଧୈର୍ଯ୍ୟର ସହିତ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

1. Ayurvedic Clinic ରେ କାମ କରିବା ପାଇଁ ଝିଅ ପିଲା ଏବଂ ସ୍ତ୍ରୀ ଲୋକ ଆବଶ୍ୟକ। ବୟସ = 18-35 yrs.
2. Reception with Tele Caller (F)
Contact : 8018992510

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**TEACHERS REQUIRED**
● PGT: English, Mathematics, Chemistry, Economics, Accountancy, Business Studies, Sociology, Psychology, Political Science, History, Physical Education & Painting. ● TGT: Science ●PRT: English, Dance ● NTT: With knowledge of Computer.
Please Send your resume by 10th March 2020.
E-mail: takshila.bbsr@gmail.com
Address: N5/A,1697-IRC Village, Nayapalli, Bhubaneswar
Phone No.: 9937222225 / 26, 0674-2360827
BMPS TAKSHILA SCHOOL

**OFFICE JOB**
Data Entry Operators
For Govt. / Private Organisations under agency payroll.
Qualifications- 10th,+2 & +3
Hand Speed- 15wpm
Salary-8000 to 14000
8895725158, 7327065424

**Z ASSOCIATES REQUIRED**
G.M., B.M., Executive Marketing with experience and salary 25,000 + incentives.
Walk-in-Interview
Plot No.N-1-39, IRC Village, Near Gastroclinic Hospital
Ph- 7978499407
8480697808

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା।

**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ**
ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ଦ୍ୱାରା ମାନ୍ୟତା ପ୍ରାପ୍ତ ଦୁଇ ବର୍ଷର ଅଭିଜ୍ଞତା ଥିବା ଯେ କୌଣସି ବିଶ୍ୱବିଦ୍ୟାଳୟର ମେଡିକାଲ ସ୍ନାତକ ମାନଙ୍କର କେବଳ ଓ ବି ସି (1)ବର୍ଗର ଗୋଟିଏ ଅଂଶକାଳିକ ଠିକା ଚିକିତ୍ସା ପରାମର୍ଶଦାତା ପଦ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବସାଇଟ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ମାର୍ଚ୍ଚ 16, 2020।
ବି.ଦ୍ର : ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟ ରେ ପ୍ରକାଶିତ ହେବ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ
ଆଦେଶାନୁସାରେ

**WANTED**
1. DISTRICT MANAGER
2. BLOCK CO-ORDINATOR
Qualification - 10th to +3 Graduate
Salary - 10, 000 to 35,000.
Address - S.5 . 539 Line-1
Niladree Bihar, BBSR.
ALL ORISSA FIELD WORK
Contact No.-
9337586190, 9090602052

**WANTED**
LADY OFFICE ASSISTANT
Room, Breakfast
ଖାଇବା Free
Salary 7500/-
7809525452

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଳ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ଆମେରିକା ସହ ପରବର୍ତ୍ତୀ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା ପ୍ରାୟତଃ ଶେଷ ହୋଇଛି। ବ୍ୟାପକ ବାଣିଜ୍ୟିକ ଡିଲ୍ ଆଗକୁ ବଢ଼ିବା ନେଇ ଆଶାବାଦୀ।"
– ପୀୟୁଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

"ଟେକ୍ନୋଲୋଜିର ଲାଭ ଯେଉଁଭଳି ସମସ୍ତଙ୍କ ଲାଗି ଉପଲବ୍ଧ ହେବ ତାକୁ ଡେଭଲପରମାନେ ଧ୍ୟାନ ରଖିବା ଉଚିତ। ଏକ୍ଷେତ୍ରରେ ଦାୟିତ୍ୱବୋଧ, ବିଶ୍ୱାସ ଏବଂ ଭରସାଯୋଗ୍ୟ ଭଳି ପ୍ରସଙ୍ଗର ଗୁରୁତ୍ୱ ଅନେକ।"
– ସତ୍ୟ ନାଡେଲା, ମାଇକ୍ରୋସଫ୍ଟ ସିଇଓ



# 'ଆମେରିକାରେ ଅଧିକ ନିବେଶ କର'

**ନୂଆଦିଲ୍ଲୀ, ୨୫-୨**

## ଶିଳ୍ପ ଜଗତକୁ ଭେଟିଲେ ଟ୍ରମ୍ପ୍

- ନିୟମରେ ସରଳୀକରଣ କରିବାକୁ ପ୍ରତିଶ୍ରୁତି
- ଭାରତ ସହ ଟ୍ରେଡ୍ ଡିଲ୍ ନେଇ ବିସ୍ତୃତ ସୂଚନା ଦେଲେନି
- ମୋଦି ସ୍ୱତନ୍ତ୍ର ବୋଲି ଭାରତୀୟ ସିଇଓଙ୍କୁ କହିଲେ
- ପୁଣି ଥରେ ନିର୍ବାଚନରେ ଜିତିବା ନେଇ ଆଶାବାଦୀ



ଆମେରିକାରେ ଭାରତୀୟ ବାଣିଜ୍ୟ ଗୋଷ୍ଠୀ ଅଧିକ ନିବେଶ କରୁ ବୋଲି ଏଠାରେ ଶିଳ୍ପ ଜଗତକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଆହ୍ୱାନ ଜଣାଇଛନ୍ତି। ଶିଳ୍ପଗୁଡ଼ିକ ଲାଗି ନିୟମ ସରଳୀକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସେଠାରେ ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଦେଶୀ ନିବେଶ ବଢ଼ାଇବା ଉପରେ ଟ୍ରମ୍ପ ଗୁରୁତ୍ୱାରୋପ କରିଛନ୍ତି। ସିଇଓଙ୍କ ରାଉଣ୍ଡଟେବୁଲ କାର୍ଯ୍ୟକ୍ରମରେ ଟ୍ରମ୍ପ୍ ଭାରତୀୟ ଶିଳ୍ପ ଜଗତର ଲିଡରଙ୍କୁ ଭେଟିଛନ୍ତି। ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନି, ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେକରନ, ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଶିଳ୍ପ ନେତାଙ୍କୁ ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି ଯେ, ଆଗାମୀ ଦିନରେ ଆମେରିକାରେ ନିବେଶ କ୍ଷେତ୍ରରେ ନିୟମ ବେଶ୍ ଉନ୍ନତ ହେବ। ୟୁଏସ୍‌ରେ ନିବେଶ ଧାରା ନେଇ ଶିଳ୍ପ ଲିଡରମାନେ ଟ୍ରମ୍ପଙ୍କୁ ଏହି ଅବସରରେ ଅବଗତ କରାଇଛନ୍ତି। ସେ ଶିଳ୍ପ ଲିଡରଙ୍କୁ ଶୁଭେଚ୍ଛା ଏବଂ ଧନ୍ୟବାଦ ଜଣାଇବା ସହ ସେଠାରେ ନିବେଶ ଏବଂ ନୂଆ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ନିଯୁକ୍ତି ସୃଷ୍ଟି ଦିଗରେ ସରକାର କେବଳ ସହାୟତା କରିପାରିବେ। ମାତ୍ର ଶିଳ୍ପ ଜଗତ ପ୍ରକୃତ ପକ୍ଷେ ନିଯୁକ୍ତି ସୃଷ୍ଟି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସେ ମତପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ହୋଇ ଭାରତରେ କାର୍ଯ୍ୟକ୍ରମ ଜାରି ରହିଛି। ଏଠାରେ ନିଯୁକ୍ତି ସୃଷ୍ଟି ଲାଗି ଆମେ ଯୋଗଦାନ ରଖିଛୁ। ଆମେରିକାରେ ମଧ୍ୟ ଭାରତୀୟ କମ୍ପାନୀଗୁଡ଼ିକ ଏ ଦିଗରେ ଯୋଗଦାନ ରଖୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ମତ ରଖି ଟ୍ରମ୍ପ୍ କହିଛନ୍ତି ଯେ, ମୋଦି ଜଣେ କଠୋର ମଣିଷ, କିନ୍ତୁ ସେ ସ୍ୱତନ୍ତ୍ର ଜଣେ ଭଲ ମଣିଷ। ମୋଦି ବହୁତ ଭଲ କାମ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ କରିଛନ୍ତି। ଭାରତ ସହ ଟ୍ରେଡ୍ ଡିଲ୍ ନେଇ କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ଭାବେ କିଛି କହି ନ ଥିବା ଜଣାପଡ଼ିଛି।

ଭାରତ ଗସ୍ତ କରି ଅତ୍ୟନ୍ତ କୃତଜ୍ଞ। ଭାରତ ଆସି ଭଲ ବ୍ୟବସାୟ କରିଛୁ ବୋଲି ସେ ଏଠାରେ ମତ ରଖିଛନ୍ତି। ଭାରତ ଆମେରିକାଠାରୁ ୩ ବିଲିୟନ ଡଲାର ମୂଲ୍ୟର ହେଲିକପ୍ଟର କିଣିଥିବା ସେ ସ୍ପଷ୍ଟ କରିଛନ୍ତି। ଆମେରିକାରେ ମିଲିଟାରି, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୀତି କ୍ଷେତ୍ରରେ ଅନେକ କାମ କରିଛୁ। ଏହା ଦ୍ୱାରା ବଜାର ବ୍ୟବସ୍ଥାରେ ଉନ୍ନତି ଆସିବାର ସମ୍ଭାବନା ରହିଛି। ପୁଣି ଥରେ ରାଷ୍ଟ୍ରପତି ନିର୍ବାଚନରେ ଜିତିବେ ବୋଲି ଟ୍ରମ୍ପ ମତବ୍ୟକ୍ତ କରିଛନ୍ତି। ତାଙ୍କ ସମୟରେ ଆମେରିକା ଅର୍ଥନୀତିରେ ବିକାଶ ସାଧନ ହୋଇପାରିଛି।

# ସ୍ମାର୍ଟ ସିଟି ବିକାଶରେ ଅଂଶୀଦାର ହେବ କାନାଡ଼ା

**ଭୁବନେଶ୍ୱର, ୨୫-୨**

## କାନାଡା ବାଣିଜ୍ୟ ପ୍ରତିନିଧି ଦଳର ରୋଡ ଶୋ'





ଭୁବନେଶ୍ୱର ସ୍ମାର୍ଟ ସିଟି, ଆଇଟି ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ କାନାଡା ଅଂଶୀଦାର ହେବ ବୋଲି ଜଣାପଡ଼ିଛି। କାନାଡାର ବାଣିଜ୍ୟ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତ କରିବା ସହ ଏଠାରେ ଏକ ରୋଡ ଶୋ'ରେ ଯୋଗ ଦେଇଛି। କାନାଡାର କମର୍ସିଆଲ ସେକେଣ୍ଡ ସେକ୍ରେଟାରୀ ଏବଂ ଟ୍ରେଡ ସଚିବ ସ୍କଟ ମ୍ୟାକଲେଏଡଙ୍କ ନେତୃତ୍ୱରେ ଷ୍ଟଡି ଇନ୍ କାନାଡା ପକ୍ଷରୁ ଦେବଯାନୀ ପାଲ, ଆଇଆର୍‌ସିସି କାନାଡା ବ୍ରାଏନ ଗ୍ରୀଫର୍ଡ ଏୟାର କାନାଡା ବିକ୍ରି ପ୍ରବନ୍ଧକ ଗୌରବ ମେହେଟ୍ଟା ଏହି ଦଳରେ ସାମିଲ ଅଛନ୍ତି। ଦେଶର ବାଣିଜ୍ୟ ଏବଂ ଶିକ୍ଷାର ଏକ ପ୍ରମୁଖ ହବ୍ ଭାବେ ଭୁବନେଶ୍ୱର ଉଭା ହେଉଥିବାରୁ ଏହି କ୍ଷେତ୍ରରେ କାନାଡା ଅଂଶୀଦାର ହେବାକୁ ଇଚ୍ଛୁକ ଥିବା ଏହି ଅବସରରେ ମତ ପ୍ରକାଶ ପାଇଛି। ଓଡ଼ିଶା ଏବଂ କାନାଡା ମଧ୍ୟରେ ନିବେଶ ଏବଂ ବାଣିଜ୍ୟ ସମ୍ଭାବନା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି।

ଏଥିରେ ଟ୍ରେଡ କମିଶନର ସ୍କଟ ମ୍ୟାକଲେଏଡ କହିଛନ୍ତି ଯେ, ସୂଚନା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ହବ ଭାବେ ଉଭା ହୋଇଛି। ନୂଆ କରି ସ୍ଥାପନ ହେଉଥିବା ଷ୍ଟାର୍ଟଅପଗୁଡ଼ିକ ଲାଗି ଫଣ୍ଡିଂ ସୁବିଧା ମଧ୍ୟ ହୋଇ ପାରୁଛି। ବାଣିଜ୍ୟ ସୁବିଧା ଯୋଗାଣ କ୍ଷେତ୍ରରେ ଓଡ଼ିଶା ତଥା ଭୁବନେଶ୍ୱର ସହର ପସନ୍ଦଯୋଗ୍ୟ ସ୍ଥାନ ପାଲଟିଛି। ଶିଳ୍ପ ସଂସ୍ଥାଗୁଡ଼ିକୁ ଉପଯୋଗୀ ଶ୍ରମଶକ୍ତି ଯୋଗାଣ, ଆଇଟି ଏବଂ ଇଞ୍ଜିନିୟରିଂର ଅନ୍ୟ କ୍ଷେତ୍ରରେ ବିକାଶ ସାଧନ ଯୋଗୁ ଭୁବନେଶ୍ୱର ସହର ଏବେ ଅନେକଙ୍କ ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହୋଇଛି। ଭାରତ ସରକାରଙ୍କ ସ୍ମାର୍ଟ ସହର ପ୍ରକଳ୍ପରେ ଟରୋଣ୍ଟୋ ଭିତ୍ତିକ ଆଇବିଆଇ ଗ୍ରୁପ ଏକ ପ୍ରମୁଖ ଅଂଶୀଦାର ହୋଇପାରିଛି। ଭୁବନେଶ୍ୱର ସ୍ମାର୍ଟ ସହର ପ୍ରକଳ୍ପରେ ପ୍ରକଳ୍ପ ପରିଚାଳନା କନସଲଟାଣ୍ଟ ଭାବେ ଆଇବିଆଇ ଗ୍ରୁପର ଅଭିଜ୍ଞତା ରହିଛି। ବିଶେଷ କରି ବ୍ରାଉନଫିଲ୍ଡ ସ୍ମାର୍ଟ ସହର ପ୍ରକଳ୍ପରେ ଏହା ନିଜର ଯୋଗଦାନ ରଖିଛି। ଭୁବନେଶ୍ୱର ସହର ସହିତ ଏକ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ଦ୍ୱାରା ବ୍ରାଣ୍ଡ କାନାଡା ଆଗକୁ ବଢ଼ିବାକୁ ଚାହୁଁଛି ବୋଲି ମ୍ୟାକଲଏଡ ମତ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାଣିଜ୍ୟ ସ୍ଥାପନ କ୍ଷେତ୍ରରେ କାନାଡା ପ୍ରମୁଖ ସ୍ଥାନରେ ରହିଛି। ସ୍ୱଚ୍ଛ ଟେକ୍ନୋଲୋଜି ଏବଂ ଲିଡରଶିପ କ୍ଷେତ୍ରରେ ମଧ୍ୟ ଏହା ଯୋଗଦାନ ରଖିଛି। ଭୁବନେଶ୍ୱରର ସହର ସହ ଶିକ୍ଷା ବିକାଶରେ କାର୍ଯ୍ୟ କରିବାକୁ ଇଚ୍ଛା ରହିଛି। ଏହା ରାଜ୍ୟର ଶିକ୍ଷା ବିକାଶରେ ସକ୍ରିୟ ଭାବେ ଯୋଗଦାନ ରଖିପାରିବ। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନ ପୂରଣ ଦିଗରେ ଭୁବନେଶ୍ୱର ଭଳି ସହର ବିଶେଷ ଭାବେ ଯୋଗଦାନ ରଖି ପାରିବେ। ଏଦିଗରେ ଭୁବନେଶ୍ୱର ସହ ମିଳିତ ହୋଇ କାର୍ଯ୍ୟ କରିବା ଏବଂ ସମସ୍ତ ସମ୍ଭାବନାକୁ ପରଖିବାରେ ସହାୟକ ହୋଇ ପାରିବ।

ଷ୍ଟଡି ଇନ କାନାଡା ପକ୍ଷରୁ ଦେବଯାନୀ ପାଲ୍ କହିଛନ୍ତି ଯେ, ଇଣ୍ଡୋ-କାନାଡା ଜନସଂଖ୍ୟା ଏବଂ ୱାର୍କ-ଷ୍ଟଡି ବିକଳ୍ପ କ୍ଷେତ୍ରରେ ଭାରତୀୟଙ୍କ ଲାଗି ସୁଯୋଗ ରହିଛି। ଏହାର ଲାଭନେଇ ଭାରତୀୟ ଅର୍ଥନୀତିର ବିକାଶ ସାଧନ କରିବାରେ ଯୋଗଦାନ ରଖିହେବ। କାର୍ଯ୍ୟକ୍ରମରେ ଓଦିତା ଟ୍ରଷ୍ଟ ଅଧ୍ୟକ୍ଷ ଜେ.କେ.ରଥ, ବାଣିଜ୍ୟିକ ପ୍ରତିନିଧି, ଅଂଶୀଦାରମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଉକ୍ତ ରୋଡ ଶୋ' ଇଣ୍ଡୋ- କାନାଡିଆନ ବିଜନେସ ଚାମ୍ବର(ଆଇସିବିସି), ଏୟାର କାନାଡା, ଭାରତରେ ଅବସ୍ଥାପିତ କାନାଡା ସରକାରଙ୍କ ଟ୍ରେଡ କମିସନର ସର୍ଭିସ ଏବଂ ଫିକିର ମିଳିତ ସହଯୋଗରେ ଆୟୋଜନ କରାଯାଇଛି।

# ଚୌରାସିଆ ସମାଜର ସାମୂହିକ ଗଣବିବାହ

**କାନପୁର, ୨୫-୨**



ଅଖିଳ ଭାରତୀୟ ଚୌରାସିଆ ସମାଜ କାନପୁର ପକ୍ଷରୁ ସାମୂହିକ ଗଣବିବାହ ମୋତିଲାଲ ସ୍ଥିତ ଲଜପତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୦ରୁ ଅଧିକ ଯୋଡ଼ା ବରକନ୍ୟାଙ୍କ ବିବାହ ଏହି ଅବସରରେ ସମ୍ପନ୍ନ ହୋଇଛି। ଏହି ଅବସରରେ ସମାଜର ୨୧ତମ ପାରିବାରିକ ମିଳନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଭାଜପା ପ୍ରଭାରୀ ରାମେଶ୍ୱର ପ୍ରଶାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଚୌରାସିଆ ସମାଜର ଅଧ୍ୟକ୍ଷ ଆନନ୍ଦ ପ୍ରସାଦ ଚୌରାସିଆ, ଘନଶ୍ୟାମ ଚୌରାସିଆ, କମଳାକାନ୍ତ ଚୌରାସିଆ, ଶୈଳେଶ ଚୌରାସିଆ ଏବଂ ଟି.ଏନ୍.ଚୌରାସିଆ ଏହି ଅବସରରେ ଉପସ୍ଥିତ ଥିଲେ।

# ଏଫ୍‌ସିଆଇ ରାଜ୍ୟସ୍ତରୀୟ କମିଟି ବୈଠକ

**ଭୁବନେଶ୍ୱର, ୨୫-୨**

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ରାଜ୍ୟସ୍ତରୀୟ କନସଲଟେଟିଭ କମିଟି ବୈଠକ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୃଷକ ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା, ପ୍ରକ୍ୟୋରମେଣ୍ଟ, ଖାଦ୍ୟ ସାମଗ୍ରୀର ସଂରକ୍ଷଣ ଏବଂ ଯୋଗାଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିଲା। ରାଜ୍ୟରେ ଏଫ୍‌ସିଆଇର କାର୍ଯ୍ୟପନ୍ଥା ଉପରେ ଜେନେରାଲ ମ୍ୟାନେଜର ଏନ୍.କେ. ପ୍ରଧାନ ମତ ରଖିଥିଲେ। ମଣ୍ଡି ଭିତ୍ତିଭୂମି ଏବଂ ଧାନ ସଂଗ୍ରହ ଉପରେ ଏଫ୍‌ଏସ୍‌ଆଣ୍ଡସିଡବ୍ଲ୍ୟୁ ବିଭାଗର ଉପସଚିବ କାଶୀନାଥ ସାହୁ ଗୁରୁତ୍ୱାରୋପ କରିଥିଲେ।

# ପେନସନ ନିୟମରେ ପରିବର୍ତ୍ତନକୁ ଶ୍ରମ ମନ୍ତ୍ରଣାଳୟର ସବୁଜ ସଙ୍କେତ

**ନୂଆଦିଲ୍ଲୀ, ୨୫-୨**

ପେନସନ ନିୟମରେ ପରିବର୍ତ୍ତନ କରାଯାଇଛି। ଏହା ଦ୍ୱାରା ୬.୩ ଲକ୍ଷ ପେନସନଭୋଗୀ ଲାଭବାନ ହେବେ ବୋଲି ଜଣାପଡ଼ିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅନୁଷ୍ଠାନ(ଇପିଏଫ୍‌ଓ) କର୍ମଚାରୀ ପେନସନ ସ୍କିମ ଅଧୀନରେ ପୂର୍ବରୁ ରହିଥିବା 'ପେନସନ କମ୍ୟୁଟେଶନ'କୁ ପୁଣି ଥରେ କାର୍ଯ୍ୟକାରି କରାଇବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିକୁ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡ଼ିଛି। ଏହା ସହ ୬.୩ ଲକ୍ଷ ପେନସନଧାରୀଙ୍କ ପେନସନରେ ବଡ ବୃଦ୍ଧି ହେବାର ଆଶା କରାଯାଉଛି। ଇପିଏଫ୍‌ଓ ନିୟମ ମୁତାବକ ସେବା ନିବୃତ୍ତ ହେବାର ୧୫ ବର୍ଷ ପରେ ସମ୍ପୂର୍ଣ୍ଣ ପେନସନର ବ୍ୟବସ୍ଥା ପୁଣି ଥରେ ଲାଗୁ ହେବ। ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ପକ୍ଷରୁ ୨୦୧୯ ଅଗଷ୍ଟ ୨୧ ବୈଠକରେ ସମ୍ପୂର୍ଣ୍ଣ ମାସିକ ପେନସନର ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

DHANLAXMI FINANCE
DHANLAXMIରଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
8607786347

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

DHARITRI Career appointment Every Wednesday and Saturday

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



## ପୁଣେକୁ ଶୀର୍ଷକୁ ନେଲେ ସାଧବୀ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାବିତ୍ରୀବାଈ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ମୋଟ୍ ୧୪ ପଦକ ଜିତି ଟେବୁଲ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ସନ୍ତରଣକାରୀ ସାଧବୀ ଧୁରୀ ୨ଟି ସ୍ୱର୍ଣ୍ଣ ପଦକ ଜିତି ପୁଣେ ବିଶ୍ୱ ବିଦ୍ୟାଳୟକୁ ପଦକ ଟେବୁଲ ଶୀର୍ଷକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୧୯ ବର୍ଷୀୟା ସାଧବୀ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ୍ ଓ ୧୦୦ ମିଟର ବଟରଫ୍ଲାଏରେ ଏହି ସଫଳତା ପାଇଛନ୍ତି। ୨୦୦ ମିଟର ଫ୍ରିଷ୍ଟାଇଲକୁ ସାଧବୀ ୨ ମିନିଟ୍ ୧୪.୯୯ ସେକେଣ୍ଡ ସମୟ ନେଇ ପୋଡିୟମ ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ବଟରଫ୍ଲାଏକୁ ସାଧବୀ ୧:୦୭.୩୬ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ପଞ୍ଜାବ ବିଶ୍ୱବିଦ୍ୟାଳୟ (ଚଣ୍ଡିଗଡ଼) ୧୮ ପଦକ (୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ) ସହ ଟେବୁଲର ୨ୟ ସ୍ଥାନରେ ରହିଥିବାବେଳେ ଜୈନ (୧୨ ପଦକ, ୬ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ ବ୍ରୋଞ୍ଜ) ୩ୟରେ ରହିଛି।




## ସମ୍ବଲପୁରର ବୃହତ୍ ବିଜୟ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକିରେ ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୃହତ୍ ବିଜୟ ଲାଭ କରିଛି। କ୍ୟାମ୍ପସ-୧୩ସ୍ଥିତ ହକି ଷ୍ଟାଡିୟମରେ ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସମ୍ବଲପୁର ୫-୦ ଗୋଲରେ ଏକପାଖିଆ ଭାବେ ମହୀଶୂରର ଡିରେକ୍ଟର ଅଫ୍ ଫିଜିକାଲ ଏଜୁକେଶନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ମ୍ୟାଚ୍‌ର ୭ମ ମିନିଟ୍‌ରେ ଅଧିନାୟିକା ଖୁସ୍‌ବୁ କୁଜୁର ପେନାଲ୍ଟି କର୍ନରରୁ ସମ୍ବଲପୁର ପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହାର ୩ ମିନିଟ୍ ପରେ ଗାୟତ୍ରୀ କିଷାନ (୧୦ମ ମିନିଟ୍) ଆଉ ଏକ ଗୋଲ ଦେଇ ସମ୍ବଲପୁରକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଫିଲ୍ଡ ଗୋଲରୁ ଏହା ମିଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ କୌଣସି ଗୋଲ ହୋଇ ନ ଥିଲା। ଏହାପରେ ୩ୟ କ୍ୱାର୍ଟରରେ ସମ୍ବଲପୁର ୩ଟି ଗୋଲ ଦେଇଥିଲା। ମ୍ୟାଚ୍‌ର ୩୧, ୪୦ ଓ ୪୪ତମ ମିନିଟ୍‌ରେ ଯଥାକ୍ରମେ ଜାହ୍ନବୀ ପ୍ରଧାନ, ସରିତା କେର୍କେଟା ଓ ଜସ୍ମିନ ନମ୍ରତା ବାରା ଗୋଲଟି ଲେଖାଏ ସ୍କୋର କରିଥିଲେ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ସମ୍ବଲପୁର ୫-୦ରେ ବିଜୟୀ ହୋଇଥିଲା।



## ସୁଇମିଂରେ ରିଦ୍ଧିଙ୍କ ସଫଳତା

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସୁଇମିଂର ମହିଳା ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରିଦ୍ଧି ବୋହ୍‌ରା ରୌପ୍ୟ ପଦକ ଜିତିଛନ୍ତି। ବେଙ୍ଗାଲୁରୁସ୍ଥିତ କ୍ରିଷ୍ଟ କଲେଜର ବିବିଏ ଛାତ୍ରୀ ରିଦ୍ଧି ଆଘାତ ସତ୍ତ୍ୱେ ଏଥିରୁ ସଫଳତାର ସହ ମୁକୁଳି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଦୁଇଜଣ ନିଷ୍ଠାବାନ ଏବଂ ପ୍ରତିଦ୍ୱନ୍ଦ୍ୱୀ ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲଙ୍କ ଉପସ୍ଥିତି ସତ୍ତ୍ୱେ ରିଦ୍ଧି ପୋଡିୟମ ଫିନିଶ କରିଛନ୍ତି। ଦୁଇ ଯାଆଁଳା ପ୍ରତିଦ୍ୱନ୍ଦ୍ୱୀ ଜ୍ୟୋତି ସ୍ୱର୍ଣ୍ଣ ଏବଂ ଆରତି ବ୍ରୋଞ୍ଜ ପଦକ ପାଇଥିଲେ। ବିବିଏ ଛାତ୍ରୀ ରିଦ୍ଧିଙ୍କ ଜୀବନରେ ଆଘାତ ଏକ ସହଚର ଭାବେ ରହିଆସିଛି। ଏହାସତ୍ତ୍ୱେ ସେ ଏକାଧିକ ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି। 'ତିନିବର୍ଷ ମଧ୍ୟରେ ଏହା ମୋର ପ୍ରଥମ ପଦକ। ବହୁ ଆଘାତଜନିତ ସମସ୍ୟା ସତ୍ତ୍ୱେ କେବେ ମଧ୍ୟ ହାର ମାନିନାହିଁ। ଦୀର୍ଘ ସମୟ ପାଇଁ ନିଜର କାନ୍ଧ ଆଘାତର ଯନ୍ତ୍ରଣା ଦେଇ ଗତି କରିବାକୁ ପଡ଼ିଥିଲା। କିନ୍ତୁ ଏହା କୌଣସି ବଡ଼କଥା ନୁହେଁ ବୋଲି ନିଜକୁ ଆଶ୍ୱାସନା ଦେଉଥିଲି' ବୋଲି ରୌପ୍ୟ ସଫଳତା ପରେ ରିଦ୍ଧି କରିଛନ୍ତି। 'ମୁଁ ସବୁବେଳେ ଆଗକୁ ବଢ଼ୁଛି। ନିଶ୍ଚିତ ରୂପେ କହିବାକୁ ଚାହୁଁଛି ଯେ ମୋ ଆଘାତ କାରଣରୁ ନିକଟ ଅତୀତରେ ଅଳ୍ପକେ ପଦକ ହାତଛଡ଼ା କରିଥିଲି' ବୋଲି ସେ କହିଛନ୍ତି। ଜୀବନର କୌଶଳ ଶିଖି ପାରିବେ ବୋଲି ରିଦ୍ଧିଙ୍କ ମା ତାଙ୍କୁ ସୁଇମିଂରେ ନିପୁଣ କରାଇଥିଲେ। କିନ୍ତୁ ସେ ଏଭଳି ଜଣେ ଯୋଦ୍ଧା ଥିଲେ ଯେ ତାକୁ ଏକ ଜୀବିକା ବିକଳ୍ପ ରୂପେ ଗ୍ରହଣ କରିନେଲେ। ପୁଲ୍ ତାଙ୍କ ପାଇଁ ବିଜୟର ମାର୍ଗରେ ପରିଣତ ହୋଇଥିଲା। ଦୈବାତ ରିଦ୍ଧିଙ୍କ ଭାଇ, କଳ୍ପ ଗତମାସରେ ଗୁହାହାଟୀଠାରେ ଆୟୋଜିତ ହୋଇଥିବା ଖେଲୋ ଇଣ୍ଡିଆ ସ୍କୁଲ କ୍ରୀଡ଼ାରେ ପଦକ ସଫଳତା ପାଇଥିଲେ। ଭାଇଙ୍କ ପ୍ରଦର୍ଶନରୁ ହିଁ ସେ ପ୍ରେରଣା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏହି ଦୃଢ଼ ମନୋବଳ ତାଙ୍କୁ ଭୁବନେଶ୍ୱରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତାଇପାରିଛି।




ମହିଳା ବକ୍ସିଂର ଏକ ରୋମାଞ୍ଚକ ମୁହୂର୍ତ୍ତ।

## କ୍ରିତିକା: ଭଲିବଲରୁ ତୀରନ୍ଦାଜ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ତୀରନ୍ଦାଜୀ କ୍ରୀଡ଼ାରେ ପ୍ରବେଶ କରିବାର ୨ ବର୍ଷ ପରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର କ୍ରିତିକା ଶର୍ମା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ କ୍ରିତିକା ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମେଘୁଆ ପାଗରେ ଅନୁଷ୍ଠିତ ଫାଇନାଲରେ ୧୯ ବର୍ଷୀୟା କ୍ରିତିକା ୧୪୧-୧୩୭ ସ୍କୋରରେ ରାଗିନୀ ମାର୍କୋ (ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟ, ଏମ୍‌ପି)ଙ୍କୁ ପରାସ୍ତ କରିଥିଲେ। ତୀରନ୍ଦାଜୀରେ ପ୍ରବେଶ କରିବା ପୂର୍ବରୁ କ୍ରିତିକା ଭଲିବଲ ଖେଳୁଥିଲେ। 'ତୀରନ୍ଦାଜୀ ମୋର ପ୍ରଥମ ପସନ୍ଦ ଖେଳ ନ ଥିଲା। ବାପାଙ୍କ ପରି ଭଲିବଲ କିମ୍ବା ବ୍ୟାଡ୍‌ମିଣ୍ଟନ ଖେଳିବାକୁ ଚାହୁଁଥିଲି। ତେବେ ଆଜ୍‌ମେରରେ ଏହି ୨ଟି କ୍ରୀଡ଼ା ପାଇଁ କୌଣସି ସୁବିଧା ସୁଯୋଗ ଉପଲବ୍ଧ ନ ଥିଲା। କିନ୍ତୁ ଆର୍ଚେରୀ ପାଇଁ ବହୁତ ସ୍କୋପ୍ ରହିଥିଲା। ଏହାପରେ ବାପା ମୋତେ ତୀରନ୍ଦାଜୀ ଶିଖିବାରେ ଉତ୍ସାହିତ କରିଥିଲେ' ବୋଲି ମଙ୍ଗଳବାର ସ୍ୱର୍ଣ୍ଣିମ ସଫଳତା ପାଇବା ପରେ କ୍ରିତିକା ଏହା କହିଛନ୍ତି। 'ପୂର୍ବରୁ ମୁଁ ଗୁଆହାଟୀରେ ଅନୁଷ୍ଠିତ ୟୁଥ୍ ଖେଲୋ ଇଣ୍ଡିଆ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲି। ସେଠାରେ ମୋର ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲି। କିନ୍ତୁ ଏଠାରେ ସ୍ୱର୍ଣ୍ଣ ଜିତି ଖୁସି ଅନୁଭବ କରୁଛି। ଫାଇନାଲରେ ମୋର ମନୋବଳ ଦୃଢ଼ ରହିଥିଲା' ବୋଲି ସେ କହିଛନ୍ତି। କ୍ରିତିକାଙ୍କ ଭଉଣୀ ପ୍ରେରଣା ମଧ୍ୟ ଜଣେ ତୀରନ୍ଦାଜ। 'କ୍ରିତିକା ଓ ପ୍ରେରଣା ଉଭୟ ବହୁତ କଠିନ ପରିଶ୍ରମୀ। ତାଙ୍କ ଦକ୍ଷତା ଉପରେ ମୋର ଭରସା ରହିଛି। କ୍ରିତିକା ପୂର୍ବରୁ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ସେହିଭଳି ପ୍ରେରଣା ମଧ୍ୟ ଜଣେ ଜାତୀୟସ୍ତରୀୟ ଖେଳାଳି' ବୋଲି କ୍ରିତିକାଙ୍କ କୋଚ ତଥା ବାପା ବଦ୍ରି ବିଶାଳ ଶର୍ମା କହିଛନ୍ତି। 'ଅନେକ ପିତାମାତାଙ୍କ ରକ୍ଷଣଶୀଳ ଚିନ୍ତାଧାରା ଥାଏ, କିନ୍ତୁ ମୁଁ ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ। ମୋର ୫ ଝିଅ ଏବଂ ସମସ୍ତେ ଭଲ ପଢ଼ୁଛନ୍ତି। ସେମାନଙ୍କ ପାଇଁ ମୁଁ ଗର୍ବିତ। କ୍ରିତିକା ଓ ପ୍ରେରଣାକୁ ନିଜେ ହିଁ ପ୍ରଶିକ୍ଷଣ ଦେଇଛି ଏବଂ ସମସ୍ତ ଟୁର୍ନାମେଣ୍ଟରେ ସେମାନଙ୍କ ସହ ଯାଇଥାଏ' ବୋଲି ବଦ୍ରି ଏହି ଅବସରରେ ପ୍ରକାଶ କରିଛନ୍ତି।

### ପଦକ ତାଲିକା (ଟପ୍-୧୦)

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁଣେ | ୭ | ୨ | ୫ | ୧୪ |
| ପଞ୍ଜାବ | ୬ | ୭ | ୫ | ୧୮ |
| ଜୈନ | ୬ | ୫ | ୧ | ୧୨ |
| ଗୁରୁ ନାନକ ଦେବ | ୬ | ୧ | ୫ | ୧୨ |
| ପଞ୍ଜାବୀ | ୩ | ୪ | ୩ | ୧୦ |
| ଦିଲ୍ଲୀ | ୩ | ୩ | ୪ | ୧୦ |
| ମୁମ୍ବାଇ | ୩ | ୨ | ୫ | ୧୦ |
| ବୀର ନର୍ମାଦ | ୨ | ୪ | ୩ | ୯ |
| ରାଜସ୍ଥାନ | ୨ | ୩ | ୦ | ୫ |
| ରାଜୀବ ଗାନ୍ଧୀ | ୨ | ୨ | ୧ | ୫ |

## ଫୁଟ୍‌ବଲ: କିଟ୍‌କୁ ହରାଇଲା ପଞ୍ଜାବ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଫୁଟ୍‌ବଲର ଏକ ମ୍ୟାଚ୍‌ରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟକୁ ନିରାଶ ହେବାକୁ ପଡ଼ିଛି। ସ୍ଥାନୀୟ କ୍ୟାମ୍ପସ-୧୩ସ୍ଥିତ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କିଟ୍ ୧-୨ ଗୋଲରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ୧୦ ମିନିଟ୍‌ରେ ସନାତନ ହାଁସଦାଙ୍କ ଗୋଲ ବଳରେ କିଟ୍ ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା। ତେବେ ୩୭ତମ ମିନିଟ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ଅମନପ୍ରୀତ୍ ସିଂ ଏହାକୁ ଶୁଝାଇ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଭାଗରେ ଗୁର୍‌ମିତ୍ ଚଣ୍ଡ ଗୋଲ ଦେଇ ପଞ୍ଜାବକୁ ୨-୧ରେ ବିଜୟୀ କରାଇଥିଲେ। ୮୪ତମ ମିନିଟ୍‌ରେ ଏହି ଗୋଲଟି ହୋଇଥିଲା।

## 'ହକିରେ ଭାରତ ଏଥର ଅଲିମ୍ପିକ୍ ପଦକ ଜିତିବ'



**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ାକୁ ଏହି ପ୍ରୋଗ୍ରାମ ଏକ ନୂଆ ସୋପାନରେ ପହଞ୍ଚାଇବ। ଏହା ଦେଶକୁ ଏକ କ୍ରୀଡ଼ା ମହାଶକ୍ତିରେ ପରିଣତ କରିବ ବୋଲି ପୂର୍ବତନ ଭାରତୀୟ ହକି ଖେଳାଳି ଦୀପକ ଠାକୁର କହିଛନ୍ତି। ଟ୍ୟାଲେଣ୍ଟ ସ୍କାଉଟ୍ ଏଠାରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଯୋଗ ଦେବା ଅବସରରେ ସେ ଏହି କଥା କହିଛନ୍ତି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଖେଲୋ ଇଣ୍ଡିଆ ମାଧ୍ୟମରେ ଏକ ବୈପ୍ଳବିକ ପଦକ୍ଷେପ ନେଇଛନ୍ତି। ଲୋକମାନଙ୍କ ମଧ୍ୟରେ ସବୁ ବୟସ ବର୍ଗରେ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିବା ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ବହୁ ପୂର୍ବରୁ ଏହା ଆୟୋଜନ ହେବା ଜରୁରୀ ଥିଲା। ଗତ କିଛ ଦିନ ହେବ ଟ୍ୟାଲେଣ୍ଟ ସ୍କାଉଟ୍ ହିସାବରେ ଏଠାରେ ରହୁଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମାନ ମଧ୍ୟ ଉଚ୍ଚକୋଟୀର ହୋଇପାରିଛି। ବିଭିନ୍ନ କ୍ରୀଡ଼ାରେ ଯୁବ ଖେଳାଳିମାନଙ୍କ ପ୍ରତିଭା ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ହୋଇଥିବା ଲକ୍ଷ୍ୟ କରିଛି। କ୍ରୀଡ଼ାର ମାନରେ ଯଥେଷ୍ଟ ଉନ୍ନତି ହୋଇଛି। ଏହା ଆମକୁ ଈର୍ଷାନ୍ୱିତ କରିଛି। କାରଣ ଆମ ସମୟରେ ଏଭଳି ସୁବିଧା ସୁଯୋଗ ମିଳୁ ନ ଥିଲା ବୋଲି ୩୯ ବର୍ଷୀୟ ଠାକୁର କହିଛନ୍ତି। ଏବେ ଅଲିମ୍ପିକ ପଦକ ଜିତିବା ନେଇ ଗୁରୁତ୍ୱ ଦିଆଯାଉଛି। ଏଥର ହକିରେ ଭାରତ ଗୋଟିଏ ଅଲିମ୍ପିକ ପଦକ ହାସଲ କରିବ। ଗତକିଛି ବର୍ଷରେ ହକିରେ ଆଶାତୀତ ଉନ୍ନତି ହୋଇଛି। ତେଣୁ ଭାରତ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବ ବୋଲି ସେ ଜୋର ଦେଇ କହିଛନ୍ତି।



ଅଭ୍ୟାସ ସେସନ ଅବସରରେ ମଙ୍ଗଳବାର ଦୁଇ ମହିଳା ତୀରନ୍ଦାଜ

**ସଂକ୍ଷେପରେ**

## ସିଜନରେ ଏଲିନାଙ୍କ ୨୦ତମ ବିଜୟ



**ଦୋହା, ୨୫।୨ (ଏଏଫ୍‌ପି):** ଏଠାରେ ଚାଲିଥିବା ଦୋହା ଡବ୍ଲ୍ୟୁଟିଏ ଓପନ୍ ଟେନିସ ପ୍ରତିଯୋଗିତାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ୟୁକ୍ରେନର ଏଲିନା ସ୍ୱେତୋଲିନାଙ୍କୁ ପରାଜୟ ସାମ୍ନା କରିବାକୁ ପଡ଼ିଛି। ମହିଳା ସିଙ୍ଗଲ୍ସର ଏହି ମ୍ୟାଚ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭା ୬-୩, ୬-୩ ସିଧାସଳଖ ସେଟ୍‌ରେ ସ୍ୱେତୋଲିନାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଆନିସିମୋଭାଙ୍କୁ ମାତ୍ର ଏକ ଘଣ୍ଟା ସମୟ ଲାଗିଥିଲା। ସ୍ୱେତୋଲିନା ଗତବର୍ଷ ଉଭୟ ୱିମ୍ବଲେଡନ ଓ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲିଷ୍ଟ ରହିଥିଲେ। ଗତ ବର୍ଷ ମେ'ରେ ଖେଳାଯାଇଥିବା ଫ୍ରେଞ୍ଚ୍ ଓପନ୍ ପରେ ୧୮ ବର୍ଷୀୟା ଆନିସିମୋଭା ପ୍ରଥମଥର ଲାଗି ଟପ୍-୧୦ରେ ରହିଥିବା କୌଣସି ଖେଳାଳିଙ୍କୁ ହରାଇଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ରୁଷିଆ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରେବାକିନା ସିଜନର ୨୦ତମ ବିଜୟ ଲାଭ କରିଛନ୍ତି। ୨୦ ବର୍ଷୀୟା ଏଲିନା ୩-୬, ୬-୩, ୬-୧ ସେଟ୍‌ରେ ରୋମାନିଆର ସୋରାନା କ୍ରିଷ୍ଟେଙ୍କ ପରାସ୍ତ କରି ଏହି ସଫଳତା ପାଇଛନ୍ତି।

## ଟ୍ରେନିଂ ଜାରି ରଖିବେ ଭାରତୀୟ ବକ୍ସର

**ନୂଆଦିଲ୍ଲୀ, ୨୫।୨ (ପି.ଟି.):** କରୋନା ଭାଇରସ ଆତଙ୍କ ସତ୍ତ୍ୱେ ଇଟାଲୀର ଅସିସିରେ ଭାରତୀୟ ବକ୍ସର ସେମାନଙ୍କ ପ୍ରଶିକ୍ଷଣ ଜାରି ରଖିବେ। ଆସନ୍ତାମାସରେ ଅଲିମ୍ପିକ୍ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କରୋନାଭାଇରସ ଆତଙ୍କ ପାଇଁ ଭାରତୀୟ ବକ୍ସରଙ୍କୁ ଇଟାଲୀ ଛାଡି ଚାଲିଯିବାର ବିକଳ୍ପ ଦିଆଯାଇଛି। ଭାଇରସ୍‌ର କେନ୍ଦ୍ରସ୍ଥଳୀ ଅସିସିଠାରୁ ବହୁ ଦୂରରେ ରହିଥିବାରୁ ବକ୍ସରମାନେ ଟ୍ରେନିଂ ଜାରି ରଖିବେ ବୋଲି କୁହାଯାଇଛି। ୧୩ ଜଣ ଭାରତୀୟ ବକ୍ସରଙ୍କ ସମେତ ସମାନ ସଂଖ୍ୟକ ସପୋର୍ଟଷ୍ଟାଫ୍ ଏବେ ଅସିସିରେ ରହିଛନ୍ତି। ଅସିସି ହେଉଛି କେନ୍ଦ୍ରୀୟ ଇଟାଲୀର ଉମ୍ବ୍ରିଆସ୍ଥିତ ଏକ ହିଲ୍‌ଟାଉନ। ଇଟାଲୀରେ କରୋନାଭାଇରସ୍‌ର ପ୍ରକୋପ ଦେଖାଦେଇଛି। ଏଥିରେ ୭ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୨୯ଜଣ ସଂକ୍ରମଣ ହୋଇଛନ୍ତି। ଆମେ ଏନେଇ ସାମାନ୍ୟ ଚିନ୍ତିତ ଅଛୁ ବୋଲି ଭାରତୀୟ ହାଇ ପରଫରମାନ୍ସ ନିର୍ଦ୍ଦେଶକ ସାଣ୍ଟିଆଗୋ ନିଏଭା କହିଛନ୍ତି। ମିଲାନ ନିକଟରେ କରୋନାଭାଇରସର ସଂକ୍ରମଣ ଖବର ପାଇଛୁ। ତେବେ ଏଠାରୁ ବହୁ ଦୂର କେନ୍ଦ୍ରୀୟ ଅଞ୍ଚଳରେ ଆମେ ଟ୍ରେନିଂ ଜାରି ରଖିଛୁ। ବର୍ତ୍ତମାନ ଏଥିରେ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ଇଟାଲୀ କର୍ତ୍ତୃପକ୍ଷ ଜଣାଇଛନ୍ତି ବୋଲି ସେ କହିଛନ୍ତି। ମାର୍ଚ୍ଚ ୩ ତାରିଖରୁ ଜୋର୍ଡାନରେ ଅଲିମ୍ପିକ କ୍ୱାଲିଫାୟର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ଏସିଆ ଏକାଦଶରେ କୋହଲି, ପନ୍ତ, ସାମି

**ଢାକା, ୨୫।୨(ପି.ଟି.)**

ବାଂଲାଦେଶ ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମନଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜନ ହେବାକୁ ଯାଉଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜରେ ଭାରତୀୟ ଅଧିନାୟକ ବିରାଟ କୋହଲି, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଦ୍ରୁତ ବୋଲର ମହମ୍ମଦ ସାମି ଖେଳିବା ସ୍ପଷ୍ଟ ହୋଇଛି। ଏହି ସିରିଜରେ ବିଶ୍ୱ ଓ ଏସିଆ ଏକାଦଶ ପରସ୍ପରକୁ ଭେଟିବେ। କୋହଲି ଉପଲବ୍ଧ ହେଲେ ଗୋଟିଏ ମ୍ୟାଚ୍ ଖେଳିବେ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ କୁହାଯାଇଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କିଛି ସ୍ପଷ୍ଟ କରିନାହିଁ। ଏହି ଦୁଇଟି ମ୍ୟାଚ୍ ମାର୍ଚ୍ଚ ୨୧ ଓ ୨୨ ତାରିଖରେ ଖେଳାଯିବ।

ଭାରତଠାରୁ ଆମେ ୪ଜଣ ଖେଳାଳିଙ୍କ ନାମ ପାଇଛୁ ବୋଲି ବିସିବି ଅଧ୍ୟକ୍ଷ ନାଜମୁଲ ହାସନ କହିଛନ୍ତି। ଆମେ ଏ ନେଇ ଏକ ଚୁକ୍ତି କରିଛୁ। ପନ୍ତ, କୁଲଦୀପ ଯାଦବ, ଶିଖର ଧାୱନ ଓ ସାମି ଆସିବେ ବୋଲି ଆଶା କରାଯାଉଛି। କୋହଲି ଓ ଲୋକେଶ ରାହୁଲ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ ବୋଲି ଭାରତ କହିଛି। ତେବେ ଏ ନେଇ କିଛି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଯୋଗୁ କୋହଲି କେବଳ ଗୋଟିଏ ମ୍ୟାଚ୍ ଖେଳିବେ କୁହାଯାଇଛି। ତେବେ କୋହଲି ଏପର୍ଯ୍ୟନ୍ତ ଏ ନେଇ କିଛି ଜଣାଇନାହାନ୍ତି ବୋଲି ହାସନ କହିଛନ୍ତି। ଭାରତ ଏବେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଛି ଓ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଜାରି ରଖିଛି।

ନ୍ୟୁଜିଲାଣ୍ଡ ଗସ୍ତର ଗୋଟିଏ ସପ୍ତାହ ପରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜ ଖେଳିବ। ଧର୍ମଶାଳାରେ ମାର୍ଚ୍ଚ ୧୨ ତାରିଖରେ ପ୍ରଥମ ଦିନିକିଆ ଖେଳାଯିବ। ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ୧୫ ଓ ୧୮ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବ। ଏହାପରେ ୨୯ ତାରିଖରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ଏହି ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ଆମେ ୪ରୁ ୫ ଜଣ ଖେଳାଳିଙ୍କୁ ପଠାଇ ପାରିବୁ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ଏସିଆ ଏକାଦଶରେ କୌଣସି ପାକିସ୍ତାନ ଖେଳାଳି ସାମିଲ ହୋଇନାହାନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଚାଲିଥିବାରୁ ଏ ନେଇ ସମସ୍ୟା ରହିଛି ବୋଲି ହାସନ କହିଛନ୍ତି।



**ଏସିଆ ଏକାଦଶ:** ଲୋକେଶ ରାହୁଲ, ଶିଖର ଧାୱନ, ବିରାଟ କୋହଲି, ରିଷଭ ପନ୍ତ, କୁଲଦୀପ ଯାଦବ, ମହମ୍ମଦ ସାମି, ଥିସାରା ପେରେରା, ଲାସିଥ ମାଲିଙ୍ଗା, ରସିଦ ଖାନ, ମୁଜିବ ଉର ରହମାନ, ମୁସ୍ତାଫିଜୁର ରହିମ, ଲିଟନ ଦାସ, ସନ୍ଦୀପ ଲାମିଚେନ ଓ ମହମୁଦୁଲ୍ଲା।

**ବିଶ୍ୱ ଏକାଦଶ:** ଆଲେକ୍ସ ହେଲ୍ସ, କ୍ରିସ୍ ଗେଲ, ଫାଫ୍ ଡୁପ୍ଲେସି, ନିକୋଲାସ ପୁରନ, ବ୍ରେଣ୍ଡନ ଟେଲର, ଜନି ବେୟାରଷ୍ଟୋ, କିରନ ପୋଲାର୍ଡ, ଶେଲଡନ କଟ୍ରେଲ, ଲୁନ୍‌ଗି ଏନ୍‌ଗିଡି, ଆଣ୍ଡ୍ରୁ ଟାଏ ଓ ମିଚେଲ ମ୍ୟାକ୍‌କ୍ଲିନଘନ।


**ନବମ ଜନ୍ମଦିନ ଶୁଭେଚ୍ଛା**



(ଗୁଡ଼ିଆ)
ଆଦର୍ଶିନୀ ମିଶ୍ର
ପାରକେଣା, ସାକ୍ଷୀଗୋପାଳ, ପୁରୀ
ଆଜି ତୋର ନବମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା', ପାପି, ମାମା, କକେଇ, ଖୁଡ଼ୀ, ଅଜା, ଆଈ, ମାମୁ, ପାପାଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୦୬

**ବିବାହ ଶୁଭେଚ୍ଛା**



ଆୟୁଷ୍ମାନ କାଳୀଶଙ୍କର (ପିଙ୍କୁ)
ସାନହୁଲି, ନିମାପଡ଼ା, ପୁରୀ ଙ୍କ ସହିତ
ଆୟୁଷ୍ମତୀ ଶୁଭାଙ୍ଗୀ (ଲିଟିଲି)
ବ୍ରହ୍ମପୁର, ଙ୍କର
ଶୁଭବିବାହ ଆଜି
-:ଶୁଭେଚ୍ଛା ସହ:-
ସନ୍ତୋଷ ଦାଶ, ଚିକୁବାବୁ
ଦାଶ ପରିବାର ଓ ବନ୍ଧୁବର୍ଗ
ଧ-୧୬୮୯୨


## କରୋନା ପାଇଁ ଚାମ୍ପିୟନଶିପ୍ ସ୍ଥଗିତ

**ସିଓଲ୍, ୨୫।୨ (ଏଏଫ୍‌ପି):** ମାରାତ୍ମକ କରୋନା ଭାଇରସ ଲାଗି ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ଟେବୁଲ ଟେନିସ (ଟିଟି) ବିଶ୍ୱ ଟିମ୍ ଚାମ୍ପିୟନଶିପ୍ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି। ଦକ୍ଷିଣ କୋରିଆର ବୁସାନ ସହରଠାରେ ମାର୍ଚ୍ଚ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ ଏହି ପ୍ରତିଯୋଗିତାର ପୁନଃ କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହାକୁ ଏବେ ଜୁନ୍ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରାଯିବ ବୋଲି ଟିଟିର ବିଶ୍ୱ ମହାସଂଘ ନିଷ୍ପତ୍ତି ନେଇଛି। ଦକ୍ଷିଣ କୋରିଆର ନୂଆ ଫୁଟ୍‌ବଲ ସିଜନ କେ-ଲିଗ୍‌ରୁ ସୋମବାରଠାରୁ ଆରମ୍ଭ ହେବାକୁ ଥିଲା। କରୋନା ଭାଇରସ ଲାଗି ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ପୂର୍ବରୁ ଭାଇରସ ଲାଗି ଦେଶରେ ଭଲିବଲ୍, ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ମଧ୍ୟ ପ୍ରଭାବିତ ହୋଇସାରିଛି।

## କାଶ୍‌ବୀଙ୍କ ବିରଳ କୃତିତ୍ୱ

**ହ୍ୟାଟ୍ରିକ ସହ ୧୦ ଉଇକେଟ**



**କାଡପା (ଆନ୍ଧ୍ର ପ୍ରଦେଶ),୨୫।୨:** ସ୍ଥାନୀୟ କେଏସ୍‌ଆର୍‌ଏମ୍ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୧୯ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟ୍ରଫିର ଏକ ମ୍ୟାଚରେ ଚଣ୍ଡିଗଡ ଅଧିନାୟିକା କାଶ୍‌ବୀ ଗୌତମ ବିପକ୍ଷ ଦଳର ସମସ୍ତ ୧୦ଉଇକେଟ ଅକ୍ତିଆର କରି ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ଅରୁଣାଚଳ ପ୍ରଦେଶର ତୃତୀୟ ଓଭରରେ ଏକ ହ୍ୟାଟ୍ରିକ ସହ ତାଙ୍କ ୪.୫ ଓଭର ବୋଲିଂରେ ୧୨ରନ ବିନିମୟରେ ୧୦ଉଇକେଟ ଅକ୍ତିଆର କରିଛନ୍ତି। ଏକ ସୀମିତ ଓଭର ବିଶିଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ହାସଲ କରିବାରେ ସେ ପ୍ରଥମ ଭାରତୀୟ କ୍ରିକେଟର ହୋଇଛନ୍ତି। ଅରୁଣାଚଳକୁ ୨୫ ରନରେ ଅଲଆଉଟ କରିବା ଲାଗି ଗୌତମ ମାତ୍ର ୨୯ଟି ବଲ୍ ନେଇଥିଲେ। ୫୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ ୪ ଉଇକେଟ ବିନିମୟରେ ୧୮୬ ରନ କରିଥିଲା। ଦଳ ପକ୍ଷରୁ ଗୌତମ ଟପ୍ ସ୍କୋରର ଥିଲେ ସେ ୪୯ ବଲ୍‌ରେ ୬୮ରନ କରିଥିଲେ। ସୂଚନା ଯୋଗ୍ୟ ପୂର୍ବରୁ ଗୋଟିଏ ଇନିଂସରେ ୧୦ଉଇକେଟ ଅକ୍ତିଆର କରିଥିବା ସମସ୍ତ ବୋଲର ରେଡ୍ ବଲ୍ କ୍ରିକେଟରେ କୀର୍ତ୍ତିମାନ ଅର୍ଜନ କରିଥିଲେ। ସେମାନେ ହେଲେ ଅନୀଲ କୁମ୍ବଲେ (୧୯୯୯ରେ ନୂଆଦିଲ୍ଲୀଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ), ଦେବାଶିଷ ମହାନ୍ତି (୨୦୦୧ରେ ଅଗରତାଲାରେ ଦକ୍ଷିଣାଞ୍ଚଳ ବନାମ ପୂର୍ବାଞ୍ଚଳ ମ୍ୟାଚରେ) ଏବଂ ରେକ୍ସ ସିଂ (୨୦୧୯ରେ ମଣିପୁର ବନାମ ମିଜୋରାମ ରଣଜୀ ମ୍ୟାଚ)। କିନ୍ତୁ ସୀମିତ ଓଭର କ୍ରିକେଟରେ କାଶ୍‌ବୀ ପ୍ରଥମ ଭାରତୀୟ।

# ମାର୍ଚ୍ଚ ୨ରୁ ଟ୍ରେନିଂ ଆରମ୍ଭ କରିବେ ଧୋନୀ

**ଚେନ୍ନାଇ, ୨୫।୨ (ପି.ଟି.)**



ଦୀର୍ଘ ଦିନର ବ୍ୟବଧାନରେ ପଡ଼ିଆକୁ ଫେରିବେ ଭାରତୀୟ କ୍ରିକେଟ୍ ଦଳର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ଲାଗି ଧୋନୀ ତାଙ୍କ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକ ରହିଥିବା ୩୮ ବର୍ଷୀୟ ଏହି ଭେଟେରାନ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଅନ୍ୟ ଖେଳାଳିଙ୍କ ସହ ମାର୍ଚ୍ଚ ୨ରୁ ଆଇପିଏଲ୍ ପାଇଁ ଟ୍ରେନିଂ ଆରମ୍ଭ କରିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମ ସୁପର୍ କିଙ୍ଗ୍ସର ଘରୋଇ ପଡ଼ିଆ ହୋଇଥିବାରୁ ଏଠାରେ ହିଁ ଅଭ୍ୟାସ ହେବ। ମାର୍ଚ୍ଚ ୨୯ରେ ଆଇପିଏଲ୍ ତ୍ରୟୋଦଶ ସଂସ୍କରଣ ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। 'ମାର୍ଚ୍ଚ ୧୯ରୁ ସମସ୍ତ ଖେଳାଳିଙ୍କୁ ନେଇ କ୍ୟାମ୍ପ୍ ଆରମ୍ଭ ହେବ। ଏଥିରେ ସମସ୍ତ ଖେଳାଳି ଯୋଗଦେବେ। କିନ୍ତୁ ସୁରେଶ ରାଇନା, ଅମ୍ବାତି ରାୟୁଡୁ ଓ କିଛି ସାଥୀ ଖେଳାଳିଙ୍କ ସହ ଧୋନୀ ଦୁଇ ସପ୍ତାହ ପୂର୍ବରୁ ଟ୍ରେନିଂ କରିବେ' ବୋଲି ଚେନ୍ନାଇ ସିଇଓ କେ.ଏସ୍. ବିଶ୍ୱନାଥନ କହିଛନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ଆଇସିସି ବିଶ୍ୱକପ୍ ପରେ ଧୋନୀ କ୍ରିକେଟ୍‌ରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିଛନ୍ତି। ଏପରି କି ତାଙ୍କ ଅବସର ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

## ମେକ୍ସିକୋ ଓପନ୍ ଖେଳିବେ ନାଡାଲ

**ମେକ୍ସିକୋ ସିଟି, ୨୫।୨ (ଏଏଫ୍‌ପି):** ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପରାସ୍ତ ହେବାପରେ ପ୍ରଥମଥର ଲାଗି କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମେକ୍ସିକୋ ଓପନ୍‌ରେ ନାଡାଲ ଖେଳିବେ ବୋଲି ଜଣାପଡ଼ିଛି। ବୁଧବାର ରାଉଣ୍ଡ-୩୨ରେ ନାଡାଲଙ୍କ ମୁକାବିଲା ନିଜ ଦେଶର ପାବଲୋ ଆଣ୍ଡୁଜାଙ୍କ ସହ ହେବ। ନାଡାଲ ବର୍ତ୍ତମାନ ବିଶ୍ୱ ପୁରୁଷ ର୍‍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ରହିଛନ୍ତି। ଶୀର୍ଷ ସ୍ଥାନକୁ ଫେରିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି। ଯଦି ନାଡାଲ ମେକ୍ସିକୋ ଓପନ୍‌ରେ ଚାମ୍ପିୟନ ହୁଅନ୍ତି ଏବଂ ଶୀର୍ଷରେ ରହିଥିବା ନୋଭାକ ଜୋକୋଭିଚ୍ ଦୁବାଇ ଓପନ୍‌ର କ୍ୱାର୍ଟର ଫାଇନାଲରେ ହାରିଯାଆନ୍ତି ତେବେ ଏହି ସ୍ପାନିଶ ତାରକା ଏକ ନମ୍ବର ସ୍ଥାନ ହାସଲ କରିବେ। ଏଠାରେ ୨ଥର ଟାଇଟଲ ଜିତିଥିବା ନାଡାଲ ଗତବର୍ଷ ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଅସଙ୍କ ନିକଟରୁ ହାରି ବିଦାୟ ନେଇଥିଲେ।

## ରଣଜୀ ଟ୍ରଫିରେ ପ୍ରଥମଥର ଡିଆର୍‌ଏସ୍

**ରାଜକୋଟ୍, ୨୫।୨ (ପି.ଟି.):** ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ରଣଜୀ ଟ୍ରଫିରେ ପ୍ରଥମ ଥର ଲାଗି ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍) ବ୍ୟବହାର କରାଯିବ। ଶନିବାରଠାରୁ ରଣ୍‌ଜୀ ଟ୍ରଫିର ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଘରୋଇ ସୌରାଷ୍ଟ୍ର ଓ ଗୁଜରାଟ ମଧ୍ୟରେ ଖେଳାଯିବାକୁ ଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଡିଆର୍‌ଏସ୍‌ର ପ୍ରୟୋଗ କରାଯିବ। ଗୋଟିଏ ଇନିଂସରେ ପ୍ରତ୍ୟେକ ଦଳକୁ ୪ଟି ଲେଖାଏ ରେଫରାଲ୍ସ ମିଳିବ। କିନ୍ତୁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡିଆର୍‌ଏସ୍‌ରେ ବ୍ୟବହାର କରାଯାଉଥିବା ୨ଟି ପ୍ରମୁଖ ଟେକ୍‌ନୋଲୋଜି ହକ୍‌ଆଇ ଓ ଅଲ୍‌ଟ୍ରା ଏଜ୍ ସୁବିଧା ଏଥିରେ ରହିବ ନାହିଁ। 'ପ୍ରଥମଥର ଲାଗି ରଣ୍‌ଜୀ ଟ୍ରଫିରେ ଅମ୍ପାୟର ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍)କୁ ପ୍ରୟୋଗ କରାଯିବ। ରଣ୍‌ଜୀ ଟ୍ରଫିର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ରେ ଏହା ଲାଗୁ ହେବ' ବୋଲି ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଡେଭିସ୍ କପ୍ ଦଳରେ ସ୍ଥାନ ବଜାୟ ରଖିଲେ ପେସ୍



**ନୂଆଦିଲ୍ଲୀ, ୨୫।୨ (ପି.ଟି.):** କ୍ରୋଏସିଆ ବିପକ୍ଷ ଡେଭିସ୍ କପ୍ ମ୍ୟାଚ ପାଇଁ ଭାରତୀୟ ଟେନିସ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଟେବୁଲ ଟେନିସ ଆସୋସିଏଶନ (ଆଇଟା) ସିଲେକ୍ସନ କମିଟି ୫ଜଣିଆ ପ୍ଲେୟିଂ ସ୍କ୍ୱାଡରେ ଭେଟେରାନ ଲିଆଣ୍ଡର ପେସ୍‌ଙ୍କୁ ସ୍ଥାନ ଦେଇଛି। ଡିଭିଜ ଶରନ ରିଜର୍ଭ ଖେଳାଳି ରହିଛନ୍ତି। ଆଇଟା ମଙ୍ଗଳବାର ଖେଳାଳି ତାଲିକା ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ନିକଟକୁ ପଠାଇ ଦେଇଛି। ଜାଗ୍ରେବଠାରେ ହାର୍ଡକୋର୍ଟରେ ମାର୍ଚ୍ଚ ୬-୭ରେ ଖେଳାଯିବାକୁଥିବା ଏହି କ୍ୱାଲିଫାୟର୍ସ ମ୍ୟାଚ ପାଇଁ ଜାତୀୟ ମହାସଂଘ ପ୍ରଥମେ ୬ ଜଣିଆ ଦଳ ଘୋଷଣା କରିଥିଲା। ୨୪ଟି ଦଳକୁ ନେଇ ହେବାକୁଥିବା କ୍ୱାଲିଫାୟର୍ସରେ କ୍ରୋଏସିଆ ଟପ୍ ସିଡ୍ ମାନ୍ୟତାପ୍ରାପ୍ତ ଦଳ। ଏଥିରୁ ୧୨ ବିଜୟୀ ଦଳ ଡେଭିସ୍ କପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ପରାଜିତ ଦଳ ୱାର୍ଲ୍ଡ ଗ୍ରୁପ୍-୧ରେ ସ୍ଥାନ ପାଇବେ। ରିଜର୍ଭ ଖେଳାଳି କିଏ ରହିବ ସେ ନେଇ ଅଧିନାୟକ ରୋହିତ ରାଜପାଲ ସମସ୍ତ ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। ଏପରି କି ସେ ଡିଭିଜଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସୁମିତ ନାଗାଲ, ପ୍ରଜନେଶ ଗୁଣେଶ୍ୱରନ ଏବଂ ରାମକୁମାର ରମାନାଥନ ଦଳରେ ସିଙ୍ଗଲ୍ସ ଖେଳାଳି ଭାବେ ସ୍ଥାନ ପାଇଥିବା ବେଳେ ପେସ୍ ଓ ରୋହନ ବୋପାନ୍ନା ଡବଲ୍ସ ଖେଳିବେ। ଶରନ ତାଙ୍କ ବିବାହ ଭୋଜି ନେଇ ବ୍ୟସ୍ତ ଥିଲେ। ତେଣୁ କାଜାଖସ୍ତାନର ନୁର୍ ସୁଲ୍‌ତାନରେ ଖେଳାଯାଇଥିବା ଏହି ମ୍ୟାଚରେ ପେସ୍ ଓ ଜୀବନ ନେଡୁନ୍‌ଚେଝିଆନ ଖେଳିଥିଲେ। ଅଣଖେଳାଳି ଅଧିନାୟକ ରାଜପାଲ କହିଛନ୍ତି ଚଳିତ ସିଜନରେ ପେସ୍‌ଙ୍କ ପ୍ରଦର୍ଶନ ଭଲ ରହିଛି। ଦେଶ ପାଇଁ ସେ ଦୀର୍ଘ ୩୦ବର୍ଷ ହେଲା ଖେଳିଆସୁଛନ୍ତି। ତାଙ୍କ ପ୍ରତି ସମ୍ମାନ ରହିଛି। ଡେଭିସ୍ କପ୍‌ରେ ଭାରତ ଓ କ୍ରୋଏସିଆ ମଧ୍ୟରେ ଦ୍ୱିତୀୟ ଥର ମୁକାବିଲା ହେବାକୁ ଯାଉଛି। ଗତଥର ୧୯୯୫ରେ ନୂଆଦିଲ୍ଲୀରେ ହୋଇଥିବା ମୁକାବିଲାରେ ଭାରତ ୩-୨ରେ ବିଜୟୀ ହୋଇଥିଲା। ପେସ୍ ତାଙ୍କର ଉଭୟ ସିଙ୍ଗଲ୍ସ ଏବଂ ମହେଶ ଭୂପତିଙ୍କ ସହ ଡବଲ୍ସ ଜିତିଥିଲେ।

# ଟି୨୦ ଲିଗ୍ ପାଇଁ ଓଝା ଆଗ୍ରହୀ

**ନବି ମୁମ୍ବାଇ, ୨୫।୨ (ପି.ଟି.)**

ଭାରତର ପୂର୍ବତନ ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ବିଦେଶରେ ଟି୨୦ ଲିଗ୍ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଅନୁମତି ନେବେ ବୋଲି କହିଛନ୍ତି। ଓଝା ଗତ ସପ୍ତାହରେ ଅନ୍ତର୍ଜାତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଅବସର ପରେ ମୁଁ କ'ଣ କରିବି ସେ ନେଇ କେତେକ କଥା ମୋ ମନରେ ରହିଛି। ପ୍ରଥମତଃ ମୁଁ ବିସିସିଆଇ ସହିତ ରହିବି। କମେଣ୍ଟ୍ରି କରିବା ପାଇଁ ମଧ୍ୟ ମୋର ଆଗ୍ରହ ରହିଛି। ଭାରତ ବାହାରେ ବିଦେଶରେ କେତେକ ଲିଗ୍‌ରେ ଖେଳିବା ଲାଗି ମୋର ଇଚ୍ଛା ରହିଛି। ତେବେ ବିସିସିଆଇ ଯଦି ଅନୁମତି ଦିଏ। ଏଠାରେ ଡିୱାଇ ପାଟିଲ ଟି୨୦ କପ୍ ଟୁର୍ନାମେଣ୍ଟ ଦେଖିବା ଲାଗି ଆସିଥିବା ବେଳେ ଖବରଦାତାଙ୍କ ଦ୍ୱାରା ପଚରାଯାଇଥିବା କେତୋଟି ପ୍ରଶ୍ନର ଉତ୍ତରରେ ସେ ଏକଥା କହିଛନ୍ତି। ଓଝା କରିତକର୍ମା ମହେନ୍ଦ୍ର ସିଂ ଧୋନୀଙ୍କ ଅଧୀନରେ ଖେଳିଛନ୍ତି। ପୂର୍ବତନ ଅଧିନାୟକଙ୍କୁ ସେ 'ବୋଲର୍ସ କ୍ୟାପଟେନ୍' ବୋଲି ଆଖ୍ୟା ଦେଇଛନ୍ତି। ଧୋନୀ ଏଭଳି ଜଣେ ଅଧିନାୟକ ସେ ବୋଲରଙ୍କ ମନ କଥା ବୁଝିପାରନ୍ତି ଏବଂ ଆବଶ୍ୟକ ଟିପ୍ସ ମଧ୍ୟ ଦେଇଥାନ୍ତି। ବୋଲିଂକୁ ଚାହିଁ ଫିଲ୍ଡିଂ ସଜାଇଥାନ୍ତି। ଓଝା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି।



# ଏକମାତ୍ର ଟେଷ୍ଟରେ ବାଂଲାଦେଶ ବିଜୟୀ

**ଢାକା, ୨୫।୨ (ଏଏଫ୍‌ପି)**

ଅଫ୍-ସ୍ପିନର ନଇମ୍ ହାସାନଙ୍କ ୫ ଉଇକେଟ୍ ସଫଳତା ବଳରେ ଏଠାରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଏକ ଇନିଂସ ଓ ୧୦୬ ରନର ବୃହତ୍ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ମଙ୍ଗଳବାର ୪ର୍ଥ ଦିବସରେ ସମାପ୍ତ ହୋଇଯାଇଛି। ୨୯୫ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଜିମ୍ବାୱେ ଦଳ ମାତ୍ର ୧୮୯ ରନରେ ସୀମିତ ରହିଥିଲା। ଅଧିନାୟକ କ୍ରେଗ ଇର୍ଭିନ (୪୩), ସିକନ୍ଦର ରାଜା (୩୭), ତିମେସେନ ମାରୁମା (୪୧) ଓ ବ୍ରେଣ୍ଡନ ଟେଲର (୧୭)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ବାଂଲାଦେଶ ପକ୍ଷରୁ ନଇମ ୫ ଓ ତାଇଜୁଲ ଇସଲାମ ୪ ଉଇକେଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସରେ ୪ ଉଇକେଟ୍ ନେଇଥିବା ନଇମ ମ୍ୟାଚ୍‌ରେ ମୋଟ୍ ୯ ଉଇକେଟ୍ ସଫଳତା ପାଇଛନ୍ତି। ଅଧିନାୟକ ଭାବେ ମୋମିନୁଲ ହକ ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଛନ୍ତି।

ପୂର୍ବରୁ ଟସ୍ ଜିତି ଜିମ୍ବାୱେ ପ୍ରଥମ ଇନିଂସରେ ଇର୍ଭିନ (୧୦୭)ଙ୍କ ଶତକ ବଳରେ ୨୬୫ ରନ କରିଥିଲା। ଜବାବରେ ବାଂଲାଦେଶ ଉଇକେଟ୍‌କିପର ମୁସଫିକର ରହିମ (୨୦୩)ଙ୍କ ଅପରାଜିତ ଦ୍ୱିଶତକ ଓ ଅଧିନାୟକ ମୋମିନୁଲ ହକ୍ (୧୩୨)ଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୬ ଉଇକେଟ୍ ବିନିମୟରେ ୫୬୦ ରନ କରି ଇନିଂସ ଘୋଷଣା କରିଥିଲା। ଦ୍ୱିଶତକୀୟ ଇନିଂସ ଲାଗି ମୁସଫିକର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ମାର୍ଚ୍ଚ ୧ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ।



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ନଇମ ହାସନ (ବାମ)।


**ମନେ ପଡ଼ନ୍ତି**

**ଏକାଦଶାହ ସ୍ମୃତିରେ**



ସ୍ୱର୍ଗତ ଶ୍ୟାମସୁନ୍ଦର ନାୟକ
ମୁରାରୀପୁର, ଥାନୁଆଳ, ଧର୍ମଶାଳା
ଆବିର୍ଭାବ: ୨୧।୦୭।୧୯୩୬
ତିରୋଧାନ: ୧୬।୦୨।୨୦୨୦
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଚାଲିଗଲ। ତୁମର ତ୍ୟାଗ, କର୍ତ୍ତବ୍ୟନିଷ୍ଠା ସବୁଦିନ ସମସ୍ତଙ୍କ ପାଇଁ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର: ପ୍ରଦୀପ କୁମାର ନାୟକ, ପ୍ରମୋଦ, ପ୍ରଶାନ୍ତ, ପୁତ୍ରବଧୂ: କମଳା, ଅମ୍ବିକା, ଅଳକା, ଝିଅ/ଜ୍ୱାଇଁ: ମାମି, ଉମେଶ, ନାତି/ନାତୁଣୀ: ବଳିଆ, ଜଗା, ମିଲି, ମାମାଲି, ଗୁଡୁଲି, ଡୁଗୁ, ଗୁନୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ରମା ସୁନ୍ଦରୀ ମହାରଥୀ
୧୭ ରାଜାରାଣୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୮।୧୨।୧୯୩୬
ତିରୋଧାନ: ୦୯।୦୩।୨୦୧୯
(ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ତୃତୀୟା)
ବୋଉ, ତୋର ଆଦର୍ଶ, ଭଲପାଇବା, ଧୈର୍ଯ୍ୟ, ତ୍ୟାଗ ଓ ପରୋପକାରିତା ଆମପାଇଁ ପ୍ରେରଣାର ଉତ୍ସହୋଇ ରହିବ। ତୋର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରା ବୋହୂ, ଝିଆରୀ-ଝିଆରୀ ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୮୮୧




# ବିଛୁପାଲିରୁ-ସୋନପୁରକୁ ଗଡ଼ିବ ଟ୍ରେନ

**ସୋନପୁର,୨୫।୨(ନି.ପ୍ର)**

୨୮୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଓଡିଶାର ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଏବେ ତ୍ୱରାନ୍ୱିତ ହୋଇଛି। ବଲାଙ୍ଗୀର ପଟୁ ବିଛୁପାଲିରୁ ସୋନପୁର ପର୍ଯ୍ୟନ୍ତ ୩୫ କିଲୋମିଟର ରେଳପଥ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଛି ରେଳ ବିଭାଗ। ସେପ୍ଟେମ୍ବର ମାସରୁ ବନ୍ଦ ପଡିଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ପୁଣି ତ୍ୱରାନ୍ୱିତ କରାଯାଇଛି। ଗତ ଜାନୁୟାରୀ ୨୨ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପକୁ ନେଇ ତନାଘନା କରିଥିଲେ। ପ୍ରକଳ୍ପ ସମ୍ପର୍କରେ ଟିକିନିଖି ତଥ୍ୟ ଜାଣିବା ପରେ କେଉଁ ପରିସ୍ଥିତିରେ ବିଳମ୍ବ ହେଉଛି, ନିର୍ଦ୍ଦିଷ୍ଟ ଭାବେ କେବେ ସରିବ ଜାଣିବାକୁ ଚାହିଁଥିଲେ। ୨୦୧୫ ମସିହାରୁ ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ହୋଇଛି। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ଆଗ୍ରହ ଦେଖାଇବାରୁ ରାଜ୍ୟ ସରକାର ୨୦୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ଏବଂ ଏହି ଅର୍ଥରେ ଜମି ଅଧିଗ୍ରହଣ ହେଉଛି। ଆସନ୍ତା ଅଗଷ୍ଟ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ପରିବେଶ ମଞ୍ଜୁରୀ ସମେତ ଅନ୍ୟ ସମସ୍ତ ପ୍ରକ୍ରିୟା ପୂରଣ ହେଲେ ୨୦୨୩ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ନେଇ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଫିସ ଓ ରାଜ୍ୟର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବେ ଏହି କାର୍ଯ୍ୟର ମନିଟରିଂ କରୁଛନ୍ତି । ସୂଚନାଯୋଗ୍ୟ, ୧୯୪୫ ମସିହାରେ ଏହି ରେଳପଥ ପାଇଁ ପ୍ରଥମେ ସର୍ଭେ ହୋଇଥିଲା। କିନ୍ତୁ ସ୍ୱାଧୀନତା ପରେ କେନ୍ଦ୍ରରେ ଥିବା ବିଭିନ୍ନ ସରକାର ଏହି ପ୍ରକଳ୍ପକୁ ଅଣଦେଖା କରି ଆସିଥିଲେ । ୧୯୯୩ ମସିହାରେ ଅନୁମୋଦନ ଲାଭ କରିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ୨୦୦୦ ମସିହା ପରଠୁ କେନ୍ଦ୍ରର ଅନୁଦାନ ବଢିଥିଲା। ଫଳରେ ଖୋର୍ଦ୍ଧା ପଟୁ କାମ ଆରମ୍ଭ ହୋଇଥିଲା। ସେହିଦିନରୁ ବଲାଙ୍ଗୀର ପଟୁ ମଧ କାମ ଆରମ୍ଭ କରିବାକୁ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀ ଦାବି କରିଆସୁଥିଲେ। ଅନେକ ଆନ୍ଦୋଳନ ପରେ ବଲାଙ୍ଗୀର ପଟୁ କାମ ଆରମ୍ଭ ହେଲା। ୨୦୧୫ରେ ରାଜ୍ୟ ସରକାର ଓ କେନ୍ଦ୍ରର ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ମୁତାବକ ପ୍ରକଳ୍ପର ମୋଟ ଖର୍ଚ୍ଚର ୫୦ ଶତକଡା ଅନୁଦାନ ରାଜ୍ୟ ସରକାର ବହନ କରିବେ। ୨୦୨୧ ଜୁନ୍ ସୁଦ୍ଧା ଏହି ରେଳ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ଥିଲା। ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଛନ୍ତି ଓ ସେଥିରେ ବଲାଙ୍ଗୀର ପଟୁ ରେଳ ଲାଇନ ତିଆରି ହୋଇଛି। ସୁବର୍ଣ୍ଣପୁର ଜିଲାରେ ରେଳପଥର ଦୈର୍ଘ୍ୟ ୨୯ କିଲୋମିଟର ଓ ବୌଦ୍ଧ ଜିଲାରେ ଏହାର ଦୈର୍ଘ୍ୟ ୧୦୭ କିଲୋମିଟର ରହିଛି । ବୌଦ୍ଧ ଓ ବଲାଙ୍ଗୀରରେ ଜମି ଅଧିଗ୍ରହଣ ପାଇଁ ଅଫିସ ଖୋଲା ଯାଇଥିଲେ ମଧ୍ୟ କର୍ମଚାରୀ ଅଭାବ ଯୋଗୁ କାମ ଆଗେଇ ପାରି ନ ଥିଲା। ବଲାଙ୍ଗୀର ଜିଲାର ବିଛୁପାଲିରେ ଷ୍ଟେଶନ ନିର୍ମାଣ ହୋଇଛି। ସେ ପର୍ଯ୍ୟନ୍ତ ରେଳ ଗଡିଛି। ଗତ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀରରେ ଏହି ରେଳ ଲାଇନରେ ନୂତନ ରେଳ ଚଳାଚଳକୁ ଉଦ୍‌ଘାଟନ କରିଥିଲେ । କିନ୍ତୁ ଏହି ଟ୍ରେନ୍‌ରେ ପ୍ରତ୍ୟହ ହାରାହାରି ୨ ଜଣ ଯାତ୍ରୀ ଯାତାୟାତ କରୁଛନ୍ତି । ସୋନପୁର ଯାଏ ଯଦି କାମ ଶୀଘ୍ର ସରିବ ତେବେ ଟ୍ରେନ୍ ଲୋକଙ୍କ କାମରେ ଆସିପାରିବ ଓ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇବ। ତରଭାର ନିବୃତି ଓ ସୁକତେଲ ନଦୀରେ ପୋଲ ନିର୍ମାଣ ସରିବା ଉପରେ। ସୋନପୁରର ତେଲନଦୀରେ ୭୦୦ ମିଟର ଲମ୍ବ ପୋଲର ନିର୍ମାଣ କାର୍ଯ୍ୟ ଚାଲିଛି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ମୋଟ ୧୦୬.୨୬୫ଏକର ସରକାରୀ ଜମିରୁ ୧୦୪.୮୬୫ଏକର ସରକାରୀ ଜମି ଓ ୫୪୨.୯୦୬ଏକର ବେସରକାରୀ ଜମିରୁ ୩୯୩.୮୯୪ଏକର ରେଳ ବିଭାଗକୁ ହସ୍ତାନ୍ତର କରିସାରିଛି । ମୋଟ ୩୦ଟି ଗାଁରୁ ୨୮ଗାଁର ଜମି ମାଲିକଙ୍କୁ ଅର୍ଥ ପ୍ରଦାନ ସରିଛି। ୬୨.୦୦୪ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଭାରତ ସରକାର ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଚଳିତ ବଜେଟ୍‌ରେ ୫୨୦ କୋଟି ଘୋଷଣା ହୋଇଛି। କିନ୍ତୁ ବିଗତ ବଜେଟ୍‌ରେ ହୋଇଥିବା ବ୍ୟୟବରାଦ ଓ ଖର୍ଚ୍ଚକୁ ଦେଖିଲେ ବିଛୁପାଲି ଆଗକୁ ଟ୍ରେନ୍ ଗଡିବା ନେଇ ସାଧାରଣରେ ପ୍ରଶ୍ନ ଉଠିଥିଲା। ୨୦୧୯-୨୦ରେ ଖୋର୍ଦ୍ଧା-ବଲାଙ୍ଗୀରକୁ ୩୫୦ କୋଟି, ୨୦୧୮-୧୯ରେ ୬୨୫ କୋଟି, ୨୦୧୭-୧୮ରେ ୭୦୦କୋଟିର ଘୋଷଣା ହୋଇଥିଲା। ତେବେ ଜମି ଅଧିଗ୍ରହଣ ସରି ନ ଥିବାରୁ ଅର୍ଥ ଖର୍ଚ୍ଚ ହୋଇ ପାରି ନ ଥିଲା। ଚଳିତ ଥର ଠିକ୍‌ରେ ଖର୍ଚ୍ଚ ହେଲେ ସୋନପୁର ପର୍ଯ୍ୟନ୍ତ ଟ୍ରେନ୍ ଗଡିବ ବୋଲି ଆଶା କରାଯାଉଛି । ଏ ସମ୍ପର୍କରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା କୁହନ୍ତି, ସୋନପୁର ତହସିଲର ହରିଡାପାଲି ଓ ହଳଦିପାଲି ଗ୍ରାମର କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ଅର୍ଥ ପ୍ରଦାନ କରାଯାଉଛି। ଚଳିତ ମାସରେ ଏହା ସରିବ। ସେହିପରି ଧୋବାମୁଣ୍ଡା ଓ ସିଂଘାରି ଗ୍ରାମର ୯୭.୯୩୫ଏକର ଜମି ଅଧିଗ୍ରହଣ ପାଇଁ ସରକାରଙ୍କୁ ଏଷ୍ଟିମେଟ୍ ପଠାଯାଇଛି । ଅନୁମତି ମିଳିଲା ପରେ ମାର୍ଚ୍ଚ ସୁଦ୍ଧା ଆମ ଜିଲାରେ ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ।

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

- ପ୍ରଗତି ବୈଠକ ପରେ ତ୍ୱରାନ୍ୱିତ ହେଲା ଜମି ଅଧିଗ୍ରହଣ
- ଟେଣ୍ଡର ଆହ୍ୱାନ କଲା ରେଳ ବିଭାଗ



ବିଛୁପାଲିରେ ନିର୍ମିତ ରେଳ ଷ୍ଟେଶନ। ସେହିଠାରୁ ଆଉ କାମ ଆଗକୁ ବଢି ପାରିନାହିଁ।




# ଟପ୍ କ୍ୟାଡର ମାଓବାଦୀ କମୁଲୁଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୫।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ.ଙ୍କ ନିକଟରେ ମଙ୍ଗଳବାର ଜଣେ ଟପ୍ କ୍ୟାଡର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ତାଙ୍କ ନାମ କମୁଲୁ ବେଟି। ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ କମକା ଗ୍ରାମରେ। ସେ ୨୦୦୭ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ ଦରଭା ଡିଭିଜନ ଅଧୀନ କାଙ୍ଗେରଘାଟି ଏରିଆ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ମାଥିଲି ଥାନା ଅନ୍ତର୍ଗତ ଗୋଲିଆଗୁଡ଼ା ଗ୍ରାମର ବିଜୟ ମୁଚାକି ଓ ଧୁରୁଆ ମୁଚାକିଙ୍କୁ ନିସ୍ତୁକ ମାଡ ମାରିବା, ମାଥିଲି ଥାନା ଖଟୁଆପଦର ଗ୍ରାମର ପରଦେଶୀ ଧୁରୁଆଙ୍କୁ ହତ୍ୟା, ଟେମୁରୁପାଲି ଗ୍ରାମ ନିକଟରେ ଜେସିବି ସହ ଟିପର ପୋଡ଼ି ଓ ଚାଲାଣଗୁଡ଼ା ନିକଟରେ ଠିକାଦାର ପ୍ରୋବଧ ବିଷୋୟୀଙ୍କୁ ହତ୍ୟା, ଗୁଜ କବାସୀଙ୍କୁ ହତ୍ୟା, ଦଣ୍ଡିପଦର ଗ୍ରାମର ବୁଦ୍ରା ମାଡ଼କାମି ଓ ସମାରୁ ମୁଚାକିଙ୍କୁ ହତ୍ୟା, ସୋଡ଼ିଗୁଡ଼ା ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟ ଘଟଣା, ଡଲଡଲି ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟ ଘଟଣା,ଟେମୁରୁପାଲି ପଞ୍ଚାୟତ କାର୍ଯ୍ୟାଳୟ ଭଙ୍ଗାରୁଜା ଆଦି ହିଂସାରେ ସେ ଜଡ଼ିତ ଥିଲେ। ତାଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ତାଙ୍କୁ ସରକାରଙ୍କ ଆତ୍ମ ସମର୍ପଣ ନୀତି ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ବାସଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ମିଳିବ ବୋଲି ଡିଆଇଜି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।




*ବଜ୍ଜା ବଜ୍ଜା ଆଉଟ୍‌ଲେଟ୍ ରେ CT 110 KSର BS4 ମଡେଲ ସକାଶେ କ୍ୟାଶ୍ ଡିସ୍କାଉଣ୍ଟ ପ୍ରଯୁଜ୍ୟ। ବଜ୍ଜା ବଜ୍ଜା ଆଉଟ୍‌ଲେଟ୍ ରେ CT/ପ୍ଲାଟିନା ର ଅନ୍ୟାନ୍ୟ BS4 ମଡେଲ ସକାଶେ ଡିସ୍କାଉଣ୍ଟ ବି ପ୍ରଯୁଜ୍ୟ ହୋଇପାରେ। ଅଲଗା ଅଲଗା ପ୍ରଦେଶରେ ଅଫର୍ ଭିନ୍ନ ହୋଇପାରେ। ବତାଯାଇଥିବା ରାଶି ହେଉଛି CT110 KS ର BS4 ଓ BS6 ପ୍ରକାର ମଧ୍ୟରେ ମୂଲ୍ୟର ପାର୍ଥକ୍ୟ। ଅନ୍ୟାନ୍ୟ ବଜାଜ ମଡେଲ ପାଇଁ ମଧ ମୂଲ୍ୟ ପାର୍ଥକ୍ୟ ପ୍ରଯୁଜ୍ୟ, BS4 ଷ୍ଟକ୍ ଥିବା ପର୍ଯ୍ୟନ୍ତ। *ପ୍ଲାଟିନା 110H ଗିଅର୍ ଡିସ୍କ ଓ CT110KS ର ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା। **ନ୍ୟୁନ ଡାଉନ୍ ପେମେଣ୍ଟ CT110KS ର BS4 ର ଅନ୍-ରୋଡ୍ ମୂଲ୍ୟ ଓଡ଼ିଶା ଉପରେ ହିସାବ କରାଯାଇଛି। ଯଥାପ୍ରଯୁଜ୍ୟ ପ୍ରୋସେସିଙ୍ଗ ଫୀସ୍, ଡିସିସି ଚାର୍ଜେସ୍ ଆଦି ଅତିରିକ୍ତ। କ୍ରେଡିଟ୍ ପାରାମିଟର୍ସ ଉପରେ ନିର୍ଭର କରେ। ଫାଇନାନ୍ସିଅର୍ ଙ୍କ ସ୍ୱ-ବିବେଚନା ଅନୁସାରେ ଫାଇନାନ୍ସ। ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି। ସର୍ତ୍ତ ଓ ନିୟମାବଳୀ ଲାଗିବ।

Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9438711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 9337200356.
Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkharia 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Rajgangpur 8908908901, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ସଂକ୍ଷେପରେ

### ତେଲ ଚୋରି ଅଭିଯୋଗ, ୨ଗିରଫ

**ଉଲୁଣ୍ଡା, ୨୫।୨(ଡି.ଏନ.ଏ.):** ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ପଣ୍ଡକିଟାଲ ନିକଟରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକରୁ ତେଲ ଚୋରି କରୁଥିବା ବେଳେ ୨ଜଣଙ୍କୁ ଉଲୁଣ୍ଡା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବିନିକା ଗୋଲପଡାର ଦିବ୍ୟରାଜ ପାତ୍ର(୨୨) ଓ ବ୍ଲକ କଲୋନୀର ଦେବାଶିଶ ଖପରଦୁଆ(୨୪)। ଏଥିସହିତ ତେଲ ଏବଂ ଏକ ବାଇକ ଜବତ କରାଯାଇଛି। ସୂଚନା ଅନୁସାରେ ଗତ ୨୧ ତାରିଖ ଦିନ ଉକ୍ତ ସ୍ଥାନରେ ରାତି ପ୍ରାୟ ୮ ଟା ରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ଦିନଠାରୁ ଗାଡିଟି ସେଠାରେ ପଡି ରହିଥିଲା। ତେବେ ସୋମବାର ଦେବରାଜ ଏବଂ ଦେବାଶିଷ ରାତି ପ୍ରାୟ ୩ଟାରେ ଟ୍ରକରୁ ତେଲ ଚୋରି କରୁଥିଲେ। ଏହି ସମୟରେ ଉଲୁଣ୍ଡା ପାଟ୍ରୋଲିଂ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧୨ ଲିଟର ତେଲ ସହ ବ୍ୟବହୃତ ବାଇକ ଓଆର ୦୩ ଡି୨୪୭୪ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୯/୨୦)ରୁଜୁ ହୋଇଥିବା ଏଏସଆଇ ପ୍ରହ୍ଲାଦ ବାରିକ ସୂଚନା ଦେଇଛନ୍ତି।

# କମୁଛି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା

**ବିନିକା,୨୫।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ଏନଏସି ଅଞ୍ଚଳରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ଦିନକୁଦିନ କମିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ଗଣନାରୁ ଏହା ସ୍ପଷ୍ଟ ହୋଇଛି। ୨୦୦୩ ଗଣନା ଅନୁଯାୟୀ ଏହି ଅଞ୍ଚଳରେ ଗାଈ, ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରୀ, କୁକୁଡା ପ୍ରଭୃତି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ଥିଲା ୬୦,୭୧୨। ଏହାର ୧୪ବର୍ଷ ପରେ ୨୦୧୭ରେ ହୋଇଥିବା ପ୍ରାଣୀ ସମ୍ପଦ ବିଭାଗ ଗଣନାରେ ଏହି ସଂଖ୍ୟା ୩୨,୬୬୮କୁ ଖସି ଆସିଲା। ଅର୍ଥାତ୍ ଏହି ୧୪ବର୍ଷ ମଧ୍ୟରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ୨୮,୦୪୪ ହ୍ରାସ ଘଟିଲା। ହ୍ରାସହାର ପ୍ରାୟ ୪୦ ପ୍ରତିଶତ। ପ୍ରତି ୫ବର୍ଷରେ ହେଉଥିବା ଏହି ଗଣନାର ପରବର୍ତ୍ତୀ ସମୟରେ ସ୍ଥିତି କ'ଣ ହେବ ତାହା ଗୋପ୍ରେମୀ ଓ ଗୋଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

**ବିନିକା ବ୍ଲକ, ଏନ୍ଏସି ଅଞ୍ଚଳ**



- ୨୦୦୩ରେ ଥିଲା ୬୦,୭୧୨, ୨୦୧୭ରେ ୩୨,୬୬୮
- ୧୪ବର୍ଷରେ କମିଲା ୨୮୦୪୪
- ଚାରଣଭୂମି ଅଭାବ, ବ୍ୟାପକ ଗୋଚାଲାଣ

ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ପାଇଁ ବିଭିନ୍ନ କାରଣକୁ ଦାୟୀ କରାଯାଉଛି। ଚାରଣ ଭୂମିର ହ୍ରାସ ଏହାର ମୁଖ୍ୟ କାରଣ ବୋଲି ଗୋଚାଷୀମାନେ କହିଛନ୍ତି। ଶିଳ୍ପଦ୍ୟୋଗ ଓ ସହରୀକରଣ ଯୋଗୁ ଚାରଣଭୂମି ବିଭିନ୍ନ ଉପାୟରେ ବିନିଯୋଗ ହେଉଛି। ୨୦୧୨ର ତଥ୍ୟ ଅନୁସାରେ ବିନିକା ଅଞ୍ଚଳରେ ୧୫ହଜାର ହେକ୍ଟର ଚାରଣ ଭୂମି ଥିଲା । ସମ୍ପ୍ରତି ଏହା ହ୍ରାସ ପାଇ ୯ ହଜାର ହେକ୍ଟରରେ ପହଞ୍ଚିଛି । ବିନିକା ତହସିଲ ଅଧୀନରେ ଥିବା ଶହଶହ ହେକ୍ଟର ଗୋଚର ଜମି ଜବରଦଖଲକୁ ଚାଲି ଯାଇଛି। ଏ ନେଇ ରାଜସ୍ୱ ବିଭାଗ କେତେକ ସ୍ଥାନରେ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ଏଥିସହିତ ଉଠା ଜଳସେଚନ ପଏଣ୍ଟ, ବିଦ୍ୟୁତ୍ ଖୁମ୍ବ ପୋତିବା, ଖେଳ ପଡିଆ, ପୋଖରୀ ଖନନ, ବାଲି ମହଜୁଦ୍ ରଖିବା ଆଦି ସରକାରୀ କାର୍ଯ୍ୟରେ ମଧ୍ୟ ଗୋଚର ଜମି ଜବରଦଖଲ ହେଉଛି। ଏହା ଖାଦ୍ୟାଭାବ ସୃଷ୍ଟି କରି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ଆଶାତୀତ ହ୍ରାସ କରାଉଛି।

ସମ୍ପ୍ରତି ଅବାଧ ଗୋଚାଲାଣ ପ୍ରତି କୌଣସି କଟକଣା ରହୁନାହିଁ । ବିନିକା-ସୋନପୁର ୩୯ନମ୍ବର ମୁଖ୍ୟରାସ୍ତା, ଅରିଗାଁ-ରାମପୁର କେନାଲ ରାସ୍ତା, ବିଶାଳପାଲି-ଗୋଡଭଗା ମୁଖ୍ୟରାସ୍ତା ଦେଇ ବେପାରୀମାନେ ଅନାୟାସରେ ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ର ଆଦି ରାଜ୍ୟକୁ ହଜାର ହଜାର ସଂଖ୍ୟାରେ ଗୋରୁ ଚାଲାଣ କରୁଛନ୍ତି। ପାରମ୍ପରିକ ପରିଧିରୁ ବାହାରି ଚାଷୀମାନେ ଏବେ ଗୋପାଳନ ବ୍ୟବସାୟିକ ଦୃଷ୍ଟିକୋଣରୁ କରୁଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଦେଶୀ ଗୋରୁ, ଛେଳି, ମେଣ୍ଢା ପାଳନ କରିବାକୁ ଲୋକେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗୋଖାଦ୍ୟର ଅହେତୁକ ଦରବୃଦ୍ଧି, ଗୃହପାଳିତ ପଶୁପକ୍ଷୀଙ୍କଠାରୁ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ଗୋପାଳନରୁ ଦୂରେଇ ଯାଉଥିବା ବ୍ଲକ ଅନ୍ତର୍ଗତ ପଲସପାପାଲି ଗାଁର ଚାଷୀ ଘନଶ୍ୟାମ ପଧାନ କହିଛନ୍ତି। ସମାନ ମତ ପୋଷଣ କରିଛନ୍ତି ସିଂଘିଯୁବା ଗାଁର ଚାଷୀ ନରସିଂହ ସେଠୀ। ଏନେଇ ବିନିକା ପ୍ରାଣୀ ସମ୍ପଦ ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଚାରଣଭୂମି ଜବରଦଖଲ ଯୋଗୁ ସଙ୍କୁଚିତ ହେବା, ବେଆଇନ ଗୋଚାଲାଣ ଏବଂ ଗୋଖାଦ୍ୟର ଅହେତୁକ ଦର ବୃଦ୍ଧି ପ୍ରାଣୀସମ୍ପଦର ଅଭିବୃଦ୍ଧିରେ ପ୍ରତିବନ୍ଧକ ସାଜିଛି ବୋଲି କହିଛନ୍ତି।





ରାକେଶ ନାଗଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ସୋନପୁରକୁ ହରାଇଲା ଫୁଲବାଣୀ ଏକାଦଶ

**ସୋନପୁର,୨୫।୨(ନି.ପ୍ର.)**

**ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ରାମଧୂନ କ୍ଲବ ପକ୍ଷରୁ ଗାନ୍ଧୀ ପଡିଆରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଫୁଲବାଣୀ ଏକାଦଶ ବିଜୟ ହୋଇଛି। ମଙ୍ଗଳବାର ମ୍ୟାଚ୍ ଫୁଲବାଣୀ ଏକାଦଶ ଓ ଆୟୋଜକ ସୁବର୍ଣ୍ଣପୁର ରାମଧୂନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ କୌଣସି ଦଳ ସ୍କୋର କରି ପାରି ନ ଥିଲେ । ଟାଇବେକରିରେ ଫୁଲବାଣୀ ୫-୩ ଗୋଲରେ ବିଜୟୀ ହୋଇଥିଲା। ଫୁଲବାଣୀ ଦଳର ରଜତ ନାଗଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫେରି ସଞ୍ଜୀବ କୁମାର ସାହୁ, ସଲିଳ ବେହେରା, ଅରୁଣ କୁମାର ଭୋଇ, ଦେବାଶିଷ ବାଗ ଓ ବିଦ୍ୟାଧର ମିଶ୍ର ଖେଳ ପରିଚାଳନା କରିଥିଲେ। ସୁବାସ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ପାଣିଗ୍ରାହୀ ଓ କୁମୁଦ ରଞ୍ଜନ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁରେଶ ପୂଜାରୀ

**ବରଗଡ଼ ଅଫିସ୍,୨୫।୨**

**ବରଗଡ଼ରେ ସ୍ୱାସ୍ଥ୍ୟ ସମସ୍ୟା**

ବରଗଡ଼ ସଦର ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟାକୁ ନେଇ ସ୍ଥାନୀୟ ଲୋକସଭା ସାଂସଦ ସୁରେଶ ପୂଜାରୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ସେହି ଚିଠି ମାଧ୍ୟମରେ ଏମ୍‌ପି ପୂଜାରୀ ଡାକ୍ତରଖାନା ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଏମ୍‌ପି ପୂଜାରୀ ସୂଚନା ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ୩୦ଶଯ୍ୟା ବିଶିଷ୍ଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଘୋଷଣା କରିଛନ୍ତି । ମାତ୍ର ଏତିକି ଶଯ୍ୟା ସ୍ଥାନୀୟ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ । ଫଳରେ ଏଠାରେ ଶଯ୍ୟା ସଂଖ୍ୟା ଶହେକୁ ବୃଦ୍ଧି କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ। ସେହିପରି ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ଘୋଷଣାକୁ ଏମ୍‌ପି ପୂଜାରୀ ସ୍ୱାଗତ କରିଥିବାବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ତେବେ ପ୍ରସ୍ତାବିତ କ୍ୟାନସର ହସପିଟାଲକୁ ଅତ୍ୟାଧୁନିକ ଏବଂ ଏଠାରେ କ୍ୟାନସର ଗବେଷଣା କେନ୍ଦ୍ର ମଧ୍ୟ ଖୋଲିବାକୁ ସେ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ପୂଜାରୀ କହିଛନ୍ତି । ଏହା ସହିତ କେନ୍ଦ୍ର ସରକାର ପ୍ରତି ଜିଲାରେ ମେଡ଼ିକାଲ କଲେଜ ସ୍ଥାପନ ଘୋଷଣା କରିଛନ୍ତି । ଫଳରେ ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ନିବେଦନ କରିଥିବା ଏମ୍‌ପି ପୂଜାରୀ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥୀ, ସୁକାନ୍ତ ଦାଶ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।





ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍‌ପି ଓ ଅନ୍ୟ ଭାଜପା ନେତୃବୃନ୍ଦ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୩ରୁ ଜିଲାସ୍ତରୀୟ ଲୋକକଳା ଉତ୍ସବ

**ବରଗଡ଼ ଅଫିସ୍,୨୫।୨**

ଆସନ୍ତା ୩ ଓ ୪ତାରିଖ ଦୁଇଦିନ ଧରି ବରଗଡ଼ ଜିଲାସ୍ତରୀୟ ଲୋକକଳା ଉତ୍ସବ ହେବ । ଜିଲାରେ ପ୍ରଥମଥର ପାଇଁ ହେବାକୁ ଥିବା ଏହି ଲୋକକଳା ଉତ୍ସବ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଢ଼ୋଲବନ୍ଧରେ ଅନୁଷ୍ଠିତ ହେବ । ଏଥିପାଇଁ ମଙ୍ଗଳବାର ଜିଲାପାଳ ଅଫିସ ପରିସର ଓସୱାନ ହଲ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ଜିଲାସ୍ତରୀୟ ଲୋକକଳା ଉତ୍ସବ ଉପରେ ସୂଚନା ପ୍ରଦାନ କରିଥିଲେ । ଲୁପ୍ତପ୍ରାୟ କଳାକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ନେଇ ଏହି ଉତ୍ସବ ହେବ ଏବଂ ଏଥିରେ ଜିଲାର ପ୍ରତି ବ୍ଲକରୁ ୨ଟି ଲେଖାଏଁ ସାଂସ୍କୃତିକ ଅନୁଷ୍ଠାନ ଭାଗ ନେଇ ସେମାନଙ୍କ କଳା ପ୍ରଦର୍ଶନ କରିବେ । ପ୍ରଥମ ଦିବସରେ ଏକ ସାଂସ୍କୃତିକ ଶୋଭାଯାତ୍ରା ପରିକ୍ରମା ସହିତ ବିଭିନ୍ନ ଅନୁଷ୍ଠାନ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ । ବୈଠକରେ ବିଭିନ୍ନ କଳା, ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**DADHIBAMAN JUNIOR COLLEGE**
BHATLI-768030, BARGARH (ORISSA), Ph.- 06646-261134 (0)

**ଭଟଲି +୨ ପରୀକ୍ଷା ପାଇଁ ବୋଲେରୋ ଗାଡ଼ି ଆବଶ୍ୟକ**

ଆସନ୍ତା ୦୩।୦୩।୨୦୨୦ ରୁ ୨୬।୦୩।୨୦୨୦ ପର୍ଯ୍ୟନ୍ତ +୨ ପରୀକ୍ଷାର ବିଭିନ୍ନ କାର୍ଯ୍ୟରେ ନିୟୋଜନ ହେବାପାଇଁ ତିନୋଟି ବୋଲେରୋ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଆସନ୍ତା ୨୯।୦୨।୨୦୨୦ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଆବେଦନ କରିପାରିବେ।

ସ୍ୱା./- ଅଧ୍ୟକ୍ଷ
ଦଧିବାମନ ମହାବିଦ୍ୟାଳୟ, ଭଟଲି, ଜି-ବରଗଡ଼



ତରଭା ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ଚାଷୀମାନେ।

# 'ଶେଷ ଧାନବସ୍ତା ନ ଉଠିବା ଯାଏ ଧାରଣା ଚାଲିବ'

## ଦ୍ୱିତୀୟ ଦିନରେ ବ୍ଲକ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

**ତରଭା, ୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଚାଷୀ ଚଳିତ ଖରିଫ ଋତୁରେ ଧାନବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି। ଗତ ୨୦ତାରିଖ ଦିନ ଚାଷୀମାନେ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବି କରି ରାଜ୍ୟପାଳ, ସମ୍ବଲପୁର ରାଜସ୍ୱ ଉପଖଣ୍ଡ କମିସନର, ଜିଲାପାଳ, ଏସ୍‌ପି ଏବଂ ତରଭା ଥାନାକୁ ଏକ ଦାବିପତ୍ର ଡାକଯୋଗେ ପ୍ରେରଣ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ତରଭା ବ୍ଲକର ଆଞ୍ଚଳିକ କୃଷକ ସଂଗଠନ ଆବାହକତ୍ୱରେ ଚାଷୀମାନେ ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଥିଲେ । ମଙ୍ଗଳବାର ବି ଏହି ଧାରଣା ଜାରି ରହିଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବ୍ଲକର ବିଭିନ୍ନ ମଣ୍ଡିରେ ଶହଶହ ବସ୍ତା ଧାନ ପଡି ରହିଛି। ଏହାକୁ ଉଠାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଟୋକନ ପାଇ ଧାନ ବିକ୍ରି ହୋଇ ପାରୁନାହିଁ। ଏବେବି ବହୁଚାଷୀ ଟୋକନ ଅପେକ୍ଷାରେ ଅଛନ୍ତି। ଏପରିସ୍ଥଳେ ଗତ ୧୫ ତାରିଖ ଦିନ ରାଜ୍ୟ ସରକାର ମଣ୍ଡି ବନ୍ଦ କରିବା ପାଇଁ ଘୋଷଣା କରିଥିଲେ। ଏପରିସ୍ଥଳେ ଚାଷୀ କଣ କରିବ ବୁଦ୍ଧିବାଟ ପାଉନାହିଁ। ଏଣୁ ଶେଷ ଧାନବସ୍ତା ବିକ୍ରି ନ ହେବା ପର୍ଯ୍ୟନ୍ତ ଅହରାତ୍ର ଧାରଣା ଚାଲିବ ବୋଲି ଚାଷୀ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ, ବ୍ଲକ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଧାରଣାରେ ମିତ୍ରବ୍ରତ ମିଶ୍ର, ସଞ୍ଜିବ ନାଏକ, ପୁରନ୍ଦର ବାଗ, ସଦାନନ୍ଦ ପାଣିଗ୍ରାହୀ, ଭବାନୀ ଶଙ୍କର ମିଶ୍ର, ଦୁର୍ଗା ଦାସ, ଭବାନୀ ଶଙ୍କର ପଣ୍ଡା, ମଧୁ ଦେହେରୀ, ଗୋବର୍ଦ୍ଧନ ମିଶ୍ର, ସୋମନାଥ ପଧାନ, ସୁବାଷ କର୍ଣ୍ଣ, କାର୍ତ୍ତିକ ନାଗଙ୍କ ସମେତ ଅଞ୍ଚଳର ଶତାଧିକ ଚାଷୀ ସାମିଲ ଥିଲେ ।

**ICAR-NATIONAL RICE RESEARCH INSTITUTE**
*CUTTACK- 753 006 (ODISHA), INDIA*
(Previously Known as CRRI)

**ADVT.NO. 43/JRF/2019**

Walk in Interview is to be held on **18.03.2020 at 10:30 a.m.** for **one (01) Junior Research Fellow**, at the National Rice Research Institute, Cuttack in the scheme **"Enhancing resilience of rice-based production systems to climate change" (EAP-262)**. The details regarding essential/desirable qualifications, age, amount of emoluments etc., and other terms and conditions are available in NRRI website- **www.icar-nrri.in.**

**PRINCIPAL INVESTIGATOR**

**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh At- Bahadurbagichapada, PO- Bhawanipatna Dist- Kalahandi (Odisha) | Regd. No. 608/ / 2013-14 'C' Class | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

**Sd./-**
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
No.C-526 :- **e-Procurement Notice for PH Works.**
***Bid Identification No.EE PH Division Angul- 22/ 2019-20 dt. 19.02.2020***

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**

**GOVERNMENT OF ODISHA**
**FINANCE DEPARTMENT**
No. S-36

**OFFICE ORDER**

No. 6281/F, Bhubaneswar, Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide
Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ

## ସଂକ୍ଷେପରେ...

### ଡକାୟତି ଯୋଜନା ପଣ୍ଡ
## ୪ ଡକାୟତ ଗିରଫ

ବୌଦ୍ଧ,୨୫।୨(ସ୍ୱ.ପ୍ର.): ବୌଦ୍ଧ ପୋଲିସ ଏକ ଡକାୟତି ଗ୍ୟାଙ୍ଗର ୪ ଜଣଙ୍କୁ ଧରିବାର ସଫଳ ହୋଇଛି। ସେମାନେ ହେଲେ ବୌଦ୍ଧ ମାଲିସାହିର ମୁକେଶ ପ୍ରଧାନ, ଇଚ୍ଛାପୁରର ପବିତ୍ର ପ୍ରଧାନ, ଟୁଟୁସିଙ୍ଗାରର ଗୋଗୁରା ବାହାଦୁର, ବାବୁସାହିର ବାଦଲ ମନହିରା। ମିଳିଥିବା ସୂଚନା ମୁତାବକ, କିଛିଦିନ ହେଲା ଏକ ଡକାୟତି ଗ୍ୟାଙ୍ଗର ସଦସ୍ୟମାନେ ରାତ୍ରିରେ ଯାଉଥିବା ଗାଡିଗୁଡିକ ଅଟକାଇ ଯାତ୍ରୀଙ୍କୁ ଧମକ ଦେଇ ତାଙ୍କଠାରୁ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଛଡାଇ ଫେରାର ହୋଇଯାଉଥିଲେ। ସୋମବାର ରାତିରେ ବୌଦ୍ଧ ସହର ଏନ୍ଏସି ଅଫିସ ପଛପଟେ ୫ ଜଣ ଯୁବକ ଏହି ଡକାୟତି ଯୋଜନା କରୁଥିବା ବୌଦ୍ଧ ପୋଲିସକୁ ଖବର ମିଳିଥିଲା। ଏନେଇ ବୌଦ୍ଧ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରିଥିଲା। ଚଢାଉ ବେଳେ ପୋଲିସ ଅଧିକାରୀମାନେ ଡକାୟତ ଗ୍ୟାଙ୍ଗର ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ହେଲେ ଅନ୍ୟଜଣେ କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଗିରଫ ଯୁବକଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଗିରଫ ୪ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଫେରାର ଥିବା ଯୁବକଙ୍କୁ ଧରିବା ନେଇ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

## ବର୍ଷାରେ ଜୀବନଯାତ୍ରା ପ୍ରଭାବିତ

ସରଣ୍ଡା, ୨୫।୨ (ଡି.ଏନ.ଏ) ଅତାବିରା ବ୍ଲକ ସରଣ୍ଡାରେ ମଙ୍ଗଳବାର ସକାଳୁ ସକାଳୁ ପ୍ରବଳ ବର୍ଷା ହୋଇଛି। ସୋମବାର ଦିନତମାମ ବର୍ଷା ଲାଗି ରହିଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଅପରପକ୍ଷେ ଏହି ଅଦିନିଆ ବର୍ଷା ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଠାରେ କରାଯାଇଥିବା ଟମାଟୋ, ଫୁଲକୋବି, ପୋଟଳ, ବାଇଗଣ, ବନ୍ଧାକୋବି ଆଦି ପନିପରିବା ଉପରେ ଅଦିନିଆ ବର୍ଷାର ପ୍ରଭାବ ପଡିଛି । ସେହିପରି ଆମ୍ବ ବଉଳ ଗୁଡିକ ଝଡି ପଡିଛି । ଫଳରେ ଏଥର ଆମ୍ବ ଉତ୍ପାଦନ ହ୍ରାସ ପାଇବ ବୋଲି ଚାଷୀ ଆଶଙ୍କିତ ହୋଇପଡିଛନ୍ତି। ଏଭଳି ପାଗ ଯୋଗୁ ପନିପରିବା ସହ ଧାନଚାଷରେ ରୋଗପୋକକୁ ବି ଏଡାଇ ଦିଆଯାଇ ପାରିବ ନାହିଁ । ବର୍ଷା ସହ ପ୍ରବଳ ବେଗରେ ପବନ ହେଉଥିବାରୁ ପୁଣି ଶୀତ ଫେରିଛି ।

# ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ପାଇଁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୫।୨**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ), ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରକେଏସକେ), ଜାତୀୟ ଆଇରନ, ଫଲିକ୍ ଏସିଡ୍, ବିତରଣ କାର୍ଯ୍ୟକ୍ରମ(ଏନଆଇପିଆଇ), ସୁନେତ୍ର ତଥା ସ୍ୱାସ୍ଥ୍ୟବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ, ଅନୁସୂଚୀତ ଜାତି, ଜନଜାତି ଉନ୍ନୟନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ବିଭୂତି ଭୂଷଣ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରୟୋଜକ (ଡିପିଏମ) ଶଙ୍କର ଆଚାର୍ଯ୍ୟ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆର.ବି.ଏସ.କେ ମ୍ୟାନେଜର ରାକେଶ ମହାପାତ୍ର ଆର.ବି.ଏସ.କେ, ଆର.କେ.ଏସ, ଏନ.ଆଇ.ପି.ଆଇ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ସୂଚନା ଦେଇଥିଲେ। ଆର.ବି.ଏସ.କେ ତରଫରୁ ଉପକୃତ ହୋଇଥିବା ଶିଶୁମାନଙ୍କ ଉପରେ ଆଲୋଚନା କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅହମ୍ମଦାବାଦ, ହାୱଡ଼ାର ହାର୍ଟ ହସ୍ପିଟାଲ, ଭୁବନେଶ୍ୱରର ଆପୋଲୋ, ଏଲ.ଭି ପ୍ରସାଦ ଚକ୍ଷୁ ହସପିଟାଲ ଆଦି ଡାକ୍ତରଖାନାକୁ ପଠାଯାଇଥିବା ଶିଶୁମାନଙ୍କ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏଥିରେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ଆହୁରି ଲୋକାଭିମୁଖୀ କରିବା ସହିତ ଏହାର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏନ.ଆଇ.ପି.ଆଇ କାର୍ଯ୍ୟକ୍ରମରେ ଚାଲୁଥିବା ଆଇରନ, ଫଲିକ୍ ଏସିଡ୍ ଟାବଲେଟ୍ ବିତରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ସ୍କୁଲକୁ ସଠିକ୍ ଭାବେ ଔଷଧ ପହଞ୍ଚାଇ ତାହା ସବୁ ଶିଶୁଙ୍କୁ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ମଧ୍ୟ ଜିଲାପାଳ ପରାମର୍ଶ ଦେଇଥିଲେ।

ଜିଲାରେ ସୁନେତ୍ର କାର୍ଯ୍ୟକ୍ରମକୁ ସଫଳ ଭାବେ କାର୍ଯ୍ୟକାରୀ କରାଯାଇଥିବାରୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚୂଳବତୀ ସାହୁ ଶିକ୍ଷା ବିଭାଗକୁ ଧନ୍ୟବାଦ ଦେଇଥିଲେ। ଏହା ସହିତ ଉକ୍ତ କାର୍ଯ୍ୟକ୍ରମର ପରବର୍ତ୍ତୀ ରୂପରେଖ ଉପରେ ସେ ସୂଚନା ଦେଇଥିଲେ।



ବୈଠକରେ ଜିଲାପାଳ, ସିଡ଼ିଏମଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀବୃନ୍ଦ ।

## ସ୍ୱାସ୍ଥ୍ୟସେବା ଶିବିର

### ୪୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବୌଦ୍ଧ,୨୫।୨(ସ୍ୱ.ପ୍ର.):**

ବୌଦ୍ଧ ଡିଷ୍ଟିଲାରୀ ପକ୍ଷରୁ କେୟାର ହସ୍ପିଟାଲ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଶ୍ୟାମସୁନ୍ଦରପୁର ଶିବ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ପଟ୍ଟନାୟକ, ବିଡିପିଏଲ୍ ସିଇଓ ପ୍ରେମ କୁମାର କନୋଜା, ଏଚ୍ଆର୍ ମ୍ୟାନେଜର ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶ୍ୟାମସୁନ୍ଦରପୁର, ବିଷ୍ଣୁପୁର, ଫକୀରପୁର, ତିତିରିକଟା, ରାମ୍ବିକଟା, ଡିମିରିଖୁଲି, ଚଣ୍ଡିପୁର, ହରେକୃଷ୍ଣପୁର, ସାମ୍ପୋଚ, ଭୁବନେଶ୍ୱର, ଭରତପୁର, ବରଝୁଲି, ସାନସୁବଳୟା ଆଦି ଗ୍ରାମର ୪୫୦ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ମେଡିସିନ, ୟୁରୋଲୋଜି, ପ୍ରସୂତି ଆଦି ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ବର୍ଷାରେ ଚର୍ଦାପାଲି ବିଚ୍ଛିନ୍ନ



ଲୋକମାନେ ସାଇକେଲ, ବାଇକ୍‌କୁ ଟେକି ଟେକି ନଦୀ ପାର ହେଉଛନ୍ତି ।

**ପଦ୍ମପୁର, ୨୫।୨ (ଡି.ଏନ.ଏ)**

ସାମାନ୍ୟ ବର୍ଷାରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମପଞ୍ଚାୟତ ଓଡିଶାରୁ ବିଚ୍ଛିନ୍ନ ହୋଇଛି। ଅଦିନିଆ ବର୍ଷା ଯୋଗୁ ଅଙ୍ଗ ନଦୀରେ ପାଣି ଆସିଯିବାରୁ ଏହି ଗ୍ରାମପଞ୍ଚାୟତର ଚର୍ଦାପାଲି, ଲୁହୁରାକୋଟ, ଲହଣ୍ଡିପୁର ଅଞ୍ଚଳବାସୀ ଅସୁବିଧାରେ ପଡିଛନ୍ତି। ବର୍ତ୍ତମାନ ଅଙ୍ଗ ନଦୀରେ ୪ଫୁଟ ପାଣି ବହୁଛି। ଏହି ପଞ୍ଚାୟତକୁ ଗୋଟିଏ ପାର୍ଶ୍ୱରେ ଝାଞ୍ଜପାହାଡ ପାଚେରୀ ପରି ରହିଥିବା ବେଳେ ଅନ୍ୟ ତିନି ଦିଗରେ ଅଙ୍ଗ ନଦୀ ଘେରି ରହିଛି । ନଦୀରେ ପାଣି ଯୋଗୁ ବର୍ତ୍ତମାନ ଜନସାଧାରଣ ଯାତାୟାତ କରିବା ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ବାଇକ ଓ ସାଇକେଲକୁ ବୋହି ନେଇ ନଦୀ ଅତିକ୍ରମ କରୁଛନ୍ତି। ୪ ଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଚଳିତବର୍ଷ ବାରମ୍ବାର ଅଦିନିଆ ବର୍ଷା ହେବାରୁ ଗମନାଗମନରେ ବାଧା ସୃଷ୍ଟି କରୁଛି । ଏ ସମ୍ପର୍କରେ ଭାଜପା ନେତା ପଦ୍ମଲୋଚନ ବେରିଆ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଅଙ୍ଗ ନଦୀରେ ପୋଲ ଦାବି ନେଇ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଜିଲାପାଳଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

**ଘଣ୍ଟାପଡ଼ା,୨୫।୨(ଡି.ଏନ.ଏ.)**

ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମଙ୍ଗଳବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ଏବଂ ଲୋଇସିଂ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ନାରାୟଣ ପ୍ରସାଦ ପଞ୍ଚାୟତରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ ଶେଷ କରି ଜିଲାପାଳ ମିଶ୍ର ଅଚାନକ ନାରାୟଣପ୍ରସାଦ ଓ ଲୋଇସିଂ ବିଦ୍ୟାୟରେ ପହଞ୍ଚିଥିଲେ। ଜିଲାପାଳ ମିଶ୍ର ବିଦ୍ୟାଳୟର ଶ୍ରେଣୀ କୋଠରି ବୁଲି ଦେଖିବା ସହ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଦ୍ୟାଳୟର ବିଭିନ୍ନ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏହି ଅବସରରେ ଜିଲାପାଳ ଶହେ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସରେ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏପରି କି ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରୀମାନଙ୍କୁ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ବୁଝାଇଥିଲେ।

## ଜିଲାପାଳଙ୍କ ପାଖରେ ଫେରାଦ ହେଲେ ଚାଷୀ



ଟୋକନ ଯୋଗାଇ ଦେବା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚାଷୀମାନେ।

**ବୌଦ୍ଧ,୨୫।୨(ସ୍ୱ.ପ୍ର.)**

### ଟୋକନ ପ୍ରଦାନ ଦାବି

ଅଦିନିଆ ବର୍ଷା ଯୋଗୁ ମଣ୍ଡିରେ ଥିବା ଧାନ ଭିଜିଯାଇଛି। ଫଳରେ ଚାଷୀ ଧାନ ବିକ୍ରି ନେଇ ଚିନ୍ତାରେ ପଡିଛି। ଏଭଳିସ୍ଥିତିରେ ଟୋକନ ବ୍ୟବସ୍ଥା ଚାଷୀଙ୍କ ସମସ୍ୟାକୁ ବଢାଇ ଦେଉଛି। ଚାଷୀମାନେ ଧାନ ବିକ୍ରି ନେଇ ଟୋକନ ଯୋଗାଇ ଦେବାକୁ ଦାବି କରି ଜିଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ। ଚାଷୀଙ୍କ ଅଭିଯୋଗ ମୁତାବକ, ବାଉଁଶୁଣୀ ସେବା ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ବହୁ ଚାଷୀ ଟୋକନ ପାଇ ନାହାନ୍ତି। ଫଳରେ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ହେଲେ ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ କୌଣସି ସହଯୋଗ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ମଙ୍ଗଳବାର ବାଉଁଶୁଣୀ ସେବାସମବାୟ ସମିତିର ଜୟଦେବ ତ୍ରିପାଠୀ, ଉପେନ୍ଦ୍ର ମେହେର, ହରିହର ପ୍ରଧାନ, ବଶିଷ୍ଟ ଦନ୍ତା, ଯୋଗୀନ୍ଦ୍ର ସାହୁ, ବାବୁଲୁ ମହାକୁଲ, ଗୌତମ ମହାକୁଡ, ଚକ୍ରଧର ସାହୁ, ଜିତେନ୍ଦ୍ର ମେହେର, ଗୋପାଳ ମେହେର, ଦଶରଥ ପ୍ରଧାନ ଡମ୍ବରୁଧର ପ୍ରଧାନ, ଧୀରେନ ସାହୁ, ଦୁଷନ୍ତ ନାଏକ, ସୁଦାମ ଜାଲ, ସୁଶାନ୍ତ ବାଘ ପ୍ରମୁଖ ଜିଲାପାଳଙ୍କ ନିକଟରେ ଫେରାଦ ହୋଇ ତୁରନ୍ତ ଚାଷୀଙ୍କୁ ଟୋକନ ଯୋଗାଇ ହେବା ସହ ଧାନ କିଣିବାକୁ ଦାବି କରିଥିଲେ। ଅନ୍ୟପକ୍ଷେ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଚାଷୀଙ୍କୁ ଟୋକନ ଯୋଗାଇ ଦେବା ସହ ଧାନ କିଣିବାକୁ ଦାବି କରିଥିଲେ।



ବର୍ଷା ପରେ ବରଗଡ଼-ବରହମଚାରୀର ଏକ ଗଳିରାସ୍ତାର ଦୁରବସ୍ଥା ।

## ଉଦେପୁର ଅଞ୍ଚଳରେ କୁଆପଥର ବୃଷ୍ଟି

**ବରଗଡ଼ ଅଫିସ୍,୨୫।୨**

ବରଗଡ଼ ଜିଲାରେ ରବିବାର ବିଳମ୍ବିତ ରାତ୍ରିରୁ ଦୁହାକୁ ଦୁହା ବର୍ଷା ଯୋଗୁ ଜନଜୀବନ ବ୍ୟାହତ ହୋଇ ପଡ଼ିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଛି। କଚା ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି। ସେହିପରି ଅବ୍ୟବସ୍ଥିତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ବରଗଡ଼ ସହରର ଗଳିକନ୍ଦି ରାସ୍ତା, ସରକାରୀ ବସଷ୍ଟାଣ୍ଡ ପରିସର ସମେତ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇ ପଡ଼ିଥିଲା। ଏପରିକି ଦୀର୍ଘ ସମୟ ଧରି ବର୍ଷା ଲାଗି ରହିବା ଯୋଗୁ ବଜାର ମଧ୍ୟ ମାନ୍ଦା ପଡ଼ିଥିବା ପରିଲକ୍ଷିତ ହୋଇଥିଲା। ମେଘୁଆ ପାଗ ଲାଗି ରହିଥିବା ଯୋଗୁ ଆଗକୁ ପୁଣି ବର୍ଷା ସମ୍ଭାବନା ରହିଛି । ତେବେ ଜିଲାର ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଯୋଗୁ ଖଳା, ମଣ୍ଡିରେ ରହିଥିବା ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି । ସେହିପରି ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଉଦେପୁର ଅଞ୍ଚଳରେ ମଙ୍ଗଳବାର କୁଆପଥର ବୃଷ୍ଟି ହୋଇଥିବା ସୂଚନା ମିଳିଛି । ଏଥିରେ ସମ୍ପୃକ୍ତ ଅଞ୍ଚଳର ପରିବା ଫସଲ ପ୍ରଭାବିତ ହୋଇଥିବାବେଳେ ଆମ୍ବ ବଉଳ ଝଡ଼ି ଯାଇଥିବା ଜଣାପଡ଼ିଛି ।

## ଲୁଟେରାଙ୍କୁ ଠାବ କରିପାରିନି ପୋଲିସ

**ଗାଇସିଲେଟ୍,୨୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ବସଷ୍ଟାଣ୍ଡ ପାଖରେ ରହିଥିବା ଷ୍ଟେଟବ୍ୟାଙ୍କ ଏଟିଏମ ସମ୍ମୁଖରୁ ସୋମବାର ବାଇକ୍ ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଚାଣ୍ଟିପାଲି ଗ୍ରାମର ଧନଦେବ ଡନସନା ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୩୫/୨୦) ରୁଜୁ କରି ତନାଘନା ଚଲାଇଛି । ମାତ୍ର ଲୁଟ୍ ହେବାର ୨୪ଘଣ୍ଟା ବିତିଯାଇ ଥିଲେ ସୁଦ୍ଧା ପୋଲିସ ଲୁଟେରାଙ୍କୁ ଠାବ କରିପାରି ନାହିଁ । ସୂଚନା ଅନୁଯାୟୀ, ସୋମବାର ଧନଦେବ ଉପରୋକ୍ତ ଏଟିଏମ ସମ୍ମୁଖରେ ବାଇକ୍ ରଖି ଏଟିଏମକୁ ଟଙ୍କା କାଢ଼ିବାକୁ ଯାଇଥିଲେ। ମାତ୍ର ସେ ଏଟିଏମରୁ ଫେରିବା ପରେ ତାଙ୍କ ବାଇକ୍‌ର ଡିକି ଭାଙ୍ଗି ସେଥିରେ ରହିଥିବା ୩ ଲକ୍ଷ ଟଙ୍କାକୁ କେହି ଦୁର୍ବୃତ୍ତ ଲୁଟି ନେଇଥିବା ସେ ଜାଣିବାକୁ ପାଇଥିଲେ ଏବଂ ଘଟଣା ସମ୍ପର୍କରେ ପୋଲିସରେ ଏତଲା ଦେଇଥିଲେ ।

# କ୍ରିକେଟ: ଜାମସେଠ ବିଜୟୀ

**ପାଇକମାଳ, ୨୫।୨ (ଡି.ଏନ.ଏ):**

ପାଇକମାଳ ବ୍ଲକ ମାଣ୍ଡୋସିଲ ଖେଳ ପଡିଆରେ ୧୯ତମ ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏଥିରେ ମାଣ୍ଡୋସିଲ ସରପଞ୍ଚ ହିମାଦ୍ରି ପୁଟା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାମସେଠ ଓ ଭୁତମୁଣ୍ଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ଭୁତମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା। ଦଳର ବିହାରୀ ୧୦ ରନ ଓ ଶଶାଙ୍କ ୧୨ ରନ କରିଥିଲେ। ଜବାବରେ ଜାମସେଠ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜିତୁନ ପଟ୍ଟନାୟକ ୨୨ ରନ ଓ ମଦନ ଭୋଇ ୧୨ ରନ କରିଥିଲେ। ଦେବସିଂ ଭରାସାଗର ଓ ରମାକାନ୍ତ ରଣା ଖେଳ ପରିଚାଳନା କରିଥିଲେ। ରାଧାକାନ୍ତ ରଣା ସ୍କୋରର ଥିବାବେଳେ ମନୋରଞ୍ଜନ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ନିର୍ମଳ ନାୟକ, ଗୋକୁଳାନନ୍ଦ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ, ଲିଙ୍ଗରାଜ ପୁଟା ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ୨୪ଟି ଦଳ ଅଂଶ ଗ୍ରହଣ କରିବେ। ୭ଦିନ ଧରି ଚାଲିବାକୁ ଥିବା ଏହି ଖେଳ ଆସନ୍ତା ୧ ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



ଖେଳ ପଡିଆରେ ଅତିଥିଙ୍କ ସହ ଖେଳାଳିମାନେ ।

# ଫେଲ୍ ମାରିଛେ ଆବାସ ଯୋଜନା

**ଜାମଟିକ୍ରା, ୨୫।୨ (ଡି.ଏନ୍.ଏ.)**

### ଅତାବିରା ବ୍ଲକ

ବରଗଡ଼ ଜିଲା ଅତାବିରା ବ୍ଲକରେ ଆବାସ ଯୋଜନାର କାମ୍ ଧିରେସୁସ୍‌ତେ ଚାଲୁଛେ। ଏନ୍‌ତାଥି ବ୍ଲକକେ ଦିଆଯାଇଥିବାର ଲଖିଅର ଦୁଇ ଭାଗ୍‌ରୁ ଗୁଟେ ଭାଗ କାମ୍ ପୂରା ହେଇପାରିଛେ। ଯେନ୍‌ଥିରଲାଗି ସବୁ ସୋମବାର ଆବାସ ଯୋଜନାରୁ ବଁଚିତ୍ ହିତାଧିକାରୀମାନେ ଅତାବିରା ବିଡିଓଙ୍କୁ ଭେଟି ନିଜର ଅଭିଯୋଗ ଆର ଦାବିପତର ଦେଉଥିବାର ଦେଖିବାକେ ମିଳୁଛେ। କେତେ ହିତାଧିକାରୀ ବ୍ଲକରୁ ବିଲ୍ ନାଇଁପାଏବାର ଲାଗି ଆବାସ ଯୋଜନାର ଘର ଦରଖଁଡ଼ିଆ କରି ପକେଇଥିଲାବେଲେ ଆରକେତେ ଥାନୀଅ ନେତା, ସରକାରୀ କରମ୍‌ଚାରୀଙ୍କୁ ଲାଁଚ୍ ନାଇଁଦେଲେ ଘର ନାଇଁ ମିଳୁଥିବାର ଅଭିଯୋଗ କରୁଛନ୍। ଇଆଡ଼େ ଆବାସ ଯୋଜନା ହେଉ କି ବିଜୁ ପକାଘର ଅନେକ୍ ହିତାଧିକାରୀ ଧିରେସୁସ୍‌ତେ କାମ୍ କରୁଛନ୍। ଯେନ୍‌ଥିରଲାଗି ଅତାବିରା ବ୍ଲକରେ ଧାଯ୍ ସମିଆରେ ଯୋଜନା ଲଖିଅ ପୂରନ ହେଇ ନାଇଁପାରବାର। ସେନ୍‌ତା ଗ୍ରାମୀଣ ଆବାସ ଯୋଜନାର ସରକାରୀ ହିସାବକିତାବକେ ଦେଖିଲେ ଅତାବିରା ବ୍ଲକରେ ସରକାରୀ ଆବାସ ଯୋଜନା ଧିରେସୁସ୍‌ତେ ଚାଲିଛେ। ବ୍ଲକରେ ୨୦୧୯-୨୦ ବଛରରେ ୬୨୪ ଘର ଟାର୍ଗେଟ ଥିଲାବେଲେ ଏଭ୍‌ତକ ମୋଟ ୩୩୧ଟା ଘର ପୂରା ହେଇପାରିଛେ। ବ୍ଲକରେ କାଯ୍‌କାରୀ ହେଉଥିବାର ଇ ଯୋଜନାମାନକର ଲଖିଅ ହାସଲ କରବାର ଲାଗି ବ୍ଲକସ୍ତରୀୟ ସମୀକ୍ଷା ବଇଠକ୍‌ରେ ଇ ବାବ୍‌ଦେ ବାରବାର ଆଲୋଚନା ହେଉଛେ। ହେଲେ ଆଗ୍‌ଲା ସମୀକ୍ଷା ବଇଠକରେ ଫେନ୍ ଯେନ୍‌ଟାକେ ସେଟା। ବ୍ଲକର ଟାର୍ଗେଟ ପୂରନ୍ ନାଇଁ ହେବାର କାରନ୍ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁଁ ପଚ୍‌ରାଲାରୁ ଇଥିରଲାଗି ଘର ପାଇଥିବାର ହିତାଧିକାରୀମାନେ ଦାୟୀ। ସେମାନେ ଟଁକା ନେଇ ଠିକ୍ ସମିଆରେ କାମ୍ ପୂରା ନାଇଁ କରବାର ବଲି ସେ କହିଥିଲେ।

## ୨୨ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ



ଜିଲାପାଳ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**ପାଇକମାଳ, ୨୫।୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ପରିସରରେ ମଙ୍ଗଳବାର ୨୨ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ଯୋତା, ଚେୟାର ଆଦି ସାମଗ୍ରୀ ବଣ୍ଟନ କରାଯାଇଛି । ବିଡିଓ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠି, ଜିପିଓ ଭୀଷ୍ମଦେବ ମାଝୀ, ସୌଭାଗ୍ୟ ବାଗ, ଚୂଡାମଣି ମହଲା, ହିମାଂଶୁ ମିଶ୍ର, ବସନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ୫୦ ବର୍ଷ ପରେ ବି ଜମିପଟ୍ଟା ମିଳିନି



ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇଥିବା ୱାର୍ଡବାସୀ ।

**ପଦ୍ମପୁର, ୨୫।୨ (ଡି.ଏନ.ଏ):**

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନଂ-୧ରେ ୨୨ଟି ପରିବାର ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବସବାସ କରୁଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ଜମିପଟ୍ଟା ମିଳିପାରିନାହିଁ। ଏହି ପରିବାର ଲୋକେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇଥବଲେ ମଧ ପଟ୍ଟା ନ ଥିବାରୁ ଗୃହ ନିର୍ମାଣ ପାଇଁ କୌଣସି ସୁବିଧା ପାଇ ପାରୁନାହାନ୍ତି । ତେଣୁ ଉକ୍ତ ୱାର୍ଡର ଅମ୍ବିକା ନାଏକ, କୌଶଲ୍ୟା ଦାଶ, ସତ୍ୟଭାମା ବୁଡେକ, ମମତା ମହାନ୍ତି, ରାଧିକା ନାଏକ ଓ ଅନ୍ୟମାନେ ମଙ୍ଗଳବାର ଏ ନେଇ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି ।



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



ଓଡ଼ିଶା ହେଉଛି ଗୌରବପୂର୍ଣ୍ଣ ସଂସ୍କୃତି, ସାହିତ୍ୟ, କଳା, ପରମ୍ପରା ଓ ଐତିହ୍ୟର ଭୂମି। ନୃତ୍ୟ ସଙ୍ଗୀତଠୁ ପଟଚିତ୍ର ପର୍ଯ୍ୟନ୍ତ ପୁଣି ସଂସ୍କୃତ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସବୁଥିରେ ଓଡ଼ିଶାର ଐତିହ୍ୟପୂର୍ଣ୍ଣ ବିଭବ ଭରିରହିଛି। ଓଡ଼ିଶାର ଯେଉଁ ଯୋଗଜନ୍ମା କୃତୀ ବ୍ୟକ୍ତିତ୍ୱମାନେ ଜୀବନସାରା ତ୍ୟାଗ ସ୍ୱୀକାର କରି ଏସବୁକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଆଲୋଚନାସ୍ତରକୁ ଆସିଥିବା ବେଳେ କେତେଜଣ ଅନାଲୋଚିତ ହୋଇ ରହିଯାଉଛନ୍ତି। ଆମେ ଆନମନା ହୋଇ ସେମାନଙ୍କ କୃତି ଓ ତ୍ୟାଗକୁ ଖୋଜାଲୋଡ଼ା ନ କରିବାରୁ ସେମାନେ ଅଲୋଡ଼ା ହୋଇ କାଳପ୍ରବାହରେ ହଜିଯାଉଛନ୍ତି। ଓଡ଼ିଶାର କୋଣ ଅନୁକୋଣରୁ ସେଭଳି ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଆଲୋଚନାସ୍ତରରେ ମର୍ଯ୍ୟାଦା ଦେବା ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି।

# ୯୦ ବର୍ଷରେ ବି ଚଳଚଞ୍ଚଳ

**ଅଣଦେଖା ପ୍ରତିଭା**

**ପୁରୀ ଅଫିସ,୨୫।୨**

ଓଡ଼ିଆ ଭାଷା ଶିକ୍ଷା ପାଇଁ ସାର୍ବଜନୀନ ମାର୍ଗଦର୍ଶିକା ବର୍ଣ୍ଣବୋଧର ରଚୟିତା ଓଡ଼ିଶାର ପ୍ରାତ ସ୍ମରଣୀୟ ଭକ୍ତକବି ମଧୁସୂଦନ ରାଓଙ୍କ ଅଣନାତି ହେଉଛନ୍ତି ଏମାର୍‌କେଆର୍। ସମ୍ପୂର୍ଣ୍ଣ ନାଁ ମୋହନଦାସ ରତିକାନ୍ତ ରାଓ। ପୁରୀ କୁଣ୍ଡେଇବେଣ୍ଟ ସାହି ଜେନାମଠ ଲେନ୍‌ରେ ରହୁଛନ୍ତି ଓଡ଼ିଶାର ଏହି ପ୍ରଥିତଯଶା ବ୍ୟଙ୍ଗ ସାହିତ୍ୟିକ। ୯୦ ବର୍ଷରେ ପଦାର୍ପଣ କରି ମଧ ବିନା ଚଷମାରେ ପଢାପଢିରେ ଏବେ ସେ ବେଶ୍ ଚଳଚଞ୍ଚଳ। ଯୁବକସୁଲଭ ଚିନ୍ତା ଚେତନାରେ ଓଡ଼ିଆ ସାହିତ୍ୟକୁ ନେଇ ଏବେ ବି ଅନେକ ସ୍ୱପ୍ନ ଦେଖୁଛନ୍ତି ଏମାର୍‌କେଆର୍। ଫତୁରାନନ୍ଦଙ୍କୁ ଦ୍ରୋଣଗୁରୁ ଭାବେ ଗ୍ରହଣ କରି ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ କବିତା, ଗଳ୍ପ ଓ ଆଲୋଚନା ମାଧ୍ୟମରେ ଭେଟିଦେବାକୁ ଦିନେ ସଂକଳ୍ପ ନେଇଥିଲେ ଏହି ଲେଖକ। ସରକାରୀ ଚାକିରି କରିଥିଲେ ମଧ ଭକ୍ତକବିଙ୍କର ଦାୟାଦ ଭାବେ ଲେଖାଲେଖି ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଫଳସ୍ୱରୂପ ତାଙ୍କ କଲମ ମୁନରୁ ଝରିପଡ଼ିଥିଲା ଅଜସ୍ର ହାସ୍ୟରସ ସମ୍ବଳିତ କବିତା, ଗଳ୍ପ ଓ ଆଲୋଚନା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଣାମାମୁଁ ଉପନ୍ୟାସର ଉତ୍ତରାର୍ଦ୍ଧ ସେ ସମ୍ପୂର୍ଣ୍ଣ କରିଥିଲେ। ଆଉ ତା ନାଁ ବି ରଖିଛନ୍ତି କଣାମାମୁଁ। ବାସଭବନରେ ଏମାର୍‌କେଆର୍‌ଙ୍କ ସହିତ ଭାବ ବିନିମୟ ଅବସରରେ ଫତୁରାନନ୍ଦଙ୍କ ସ୍ମୃତିରେ ସେ ଯେପରି ଭାବପ୍ରବଣ ହୋଇପଡୁଥିଲେ ଠିକ୍ ସେହିପରି ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ ଉଚିତ ମର୍ଯ୍ୟାଦା ଦିଆଯାଇ ନ ଥିବା ଦୁଃଖରେ ମ୍ରିୟମାଣ ହୋଇପଡୁଥିଲେ। ତାଙ୍କ ଭାଷାରେ ଗଳ୍ପ ହେଉ କି କବିତା, ଉପନ୍ୟାସ ହେଉ କି ନାଟକ, କାବ୍ୟ ହେଉ କି ଚମ୍ପୂ, ବିନା ହାସ୍ୟରସରେ ତାହା ରସାଳ ହୁଏନାହିଁ। ପାଠକଙ୍କୁ ବାନ୍ଧି ରଖିଥାଏ ହାସ୍ୟରସ। ଯେଉଁ ସାହିତ୍ୟରେ ହାସ୍ୟରସର କବି ଭାବେ ଯଦୁମଣିଙ୍କୁ ସର୍ବାଗ୍ରେ ଗ୍ରହଣ କରାଯାଉଥିଲା ସେହି ଭାଷାରେ ବ୍ୟଙ୍ଗ କବିମାନେ ଏବେ ଅଲୋଡ଼ା। 'ଢୋଲ' ଏବଂ 'ଏକଦମ୍ ଘରୁଆ' ନାମରେ ଦୁଇଟି ଗପ ବହି ଲେଖିବା ପରେ ୨୦୦୩ରେ ପ୍ରକାଶ ପାଇଥିଲା ତାଙ୍କ ବହି 'ମନ୍ମୟ'। ମନକୁ ଛୁଇଁଗଲା ଭଳି ଭାବନାକୁ ସେ ରୂପ ଦେଇଥିଲେ ଏହି ବହିରେ। ବ୍ୟଙ୍ଗ କବିତା ରସାଳରେ ହାସ୍ୟରସର ସେ ଯେଉଁ ସାମାଜିକ ବାର୍ତ୍ତା ଦେଇଛନ୍ତି ତାହା ସର୍ବଦା ସ୍ମରଣୀୟ। ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶର ବସ୍ତରଠାରୁ ଓଡ଼ିଶାର ପାରାଦୀପ ମୁହାଣ ପର୍ଯ୍ୟନ୍ତ ନଦୀ ଉପତ୍ୟକାର ଐତିହ୍ୟପୂର୍ଣ୍ଣ ବିବରଣୀ ସ୍ଥାନ ପାଇଛି ତାଙ୍କ 'ମହାନଦୀ' କବିତାରେ। ଶେଷ ପୁସ୍ତକ 'ଆଠମଲ୍ଲିକ ଡାଏରୀ'ରେ ନିଜ ଜୀବନ ପ୍ରବାହର ପ୍ରତିଟି ଧାରାକୁ ବଖାଣିଛନ୍ତି ଏମାର୍‌କେଆର୍। ପିଲାଦିନ, ଚାକିରି ଜୀବନ ଏବଂ ମା'ବାପାଙ୍କର ପ୍ରେରଣାଦାୟୀ ଲେଖାକୁ ଏଥିରେ ସେ ସ୍ଥାନିତ କରିଛନ୍ତି। ଆଠମଲ୍ଲିକ ଥିଲା ତାଙ୍କ ପ୍ରେରଣାର ଉତ୍ସ। ବର୍ତ୍ତମାନର ଓଡ଼ିଆ ସାହିତ୍ୟକୁ ଟିକିନିଖି ପଢ଼ିବା ପରେ ମନରେ କ୍ଷୋଭ ଆସୁଛି ବୋଲି କହିଥିଲେ ଏମାର୍‌କେଆର୍। ଓଡ଼ିଆ ସାହିତ୍ୟକୁ ଅନୁଧାନ କରି ସେ ଯେଉଁ ମତ ଦେଇଛନ୍ତି, ତାହା ବି ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ ବର୍ତ୍ତମାନର ଲେଖକଙ୍କ ମଧ୍ୟରେ ପ୍ରଚୁର ଅଧ୍ୟୟନର ଅଭାବ ଅନୁଭବ ହେଉଛି। ଫଳରେ ଓଡ଼ିଆ ସାହିତ୍ୟ ଏବେ ବାଟବଣା ହୋଇଯାଇଛି। ଓଡ଼ିଆ ସାହିତ୍ୟର ୨୪ଟି ବିଭାଗକୁ ସଂକୁଚିତ କରାଯାଇ ଏବେ ଦୁଇ ଚାରିଟି ବିଭାଗରେ କଲମଚାଳନା ହେଉଛି, ଯାହା ସବୁବର୍ଗର ପାଠକକୁ ଛୁଇଁପାରୁନାହିଁ। କେବଳ ଗଳ୍ପ, କବିତା, ଉପନ୍ୟାସ ଭିତରେ ସୀମିତ ନ ରହି ସାଧାରଣ ପାଠକଙ୍କୁ ଛୁଇଁପାରିବା ଭଳି ଲେଖା ଲେଖାଯିବା ଦରକାର। ଓଡ଼ିଶା ସାହିତ୍ୟ ଏକାଡେମୀ ବ୍ୟଙ୍ଗ ସାହିତ୍ୟକୁ ଏଯାଏ ସମ୍ମାନ ଏବଂ ସ୍ୱୀକୃତି ଦେଇ ନ ଥିବାରୁ କ୍ଷୋଭପ୍ରକାଶ କରିଥିଲେ ଏହି ବର୍ଷୀୟାନ୍ ଲେଖକ।

**– ରିପୋର୍ଟ: ହେମନ୍ତ ନାୟକ**



ଏମାର୍‌କେଆର୍



ରାକେଶ ନାଗଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ସୋନପୁରକୁ ହରାଇଲା ଫୁଲବାଣୀ ଏକାଦଶ

**ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

**ସୋନପୁର,୨୫।୨(ନି.ପ୍ର.)**

ରାମଧୂନ କ୍ଲବ ପକ୍ଷରୁ ଗାନ୍ଧୀ ପଡିଆରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଫୁଲବାଣୀ ଏକାଦଶ ବିଜୟ ହୋଇଛି। ମଙ୍ଗଳବାର ମ୍ୟାଚ୍ ଫୁଲବାଣୀ ଏକାଦଶ ଓ ଆୟୋଜକ ସୁବର୍ଣ୍ଣପୁର ରାମଧୂନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ କୌଣସି ଦଳ ସ୍କୋର କରି ପାରି ନ ଥିଲେ । ଟାଇବେକରିରେ ଫୁଲବାଣୀ ୫-୩ ଗୋଲରେ ବିଜୟୀ ହୋଇଥିଲା। ଫୁଲବାଣୀ ଦଳର ରଜତ ନାଗଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫେରି ସଞ୍ଜିବ କୁମାର ସାହୁ, ସଲିଳ ବେହେରା, ଅରୁଣ କୁମାର ଭୋଇ, ଦେବାଶିଷ ବାଗ ଓ ବିଦ୍ୟାଧର ମିଶ୍ର ଖେଳ ପରିଚାଳନା କରିଥିଲେ। ସୁବାସ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ପାଣିଗ୍ରାହୀ ଓ କୁମୁଦ ରଞ୍ଜନ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ ।

# 'ଶେଷ ଧାନବସ୍ତା ନ ଉଠିବା ଯାଏ ଧାରଣା ଚାଲିବ'

## ଦ୍ୱିତୀୟ ଦିନରେ ବ୍ଲକ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

**ତରଭା, ୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଚାଷୀ ଚଳିତ ଖରିଫ ଋତୁରେ ଧାନବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି। ଗତ ୨୦ତାରିଖ ଦିନ ଚାଷୀମାନେ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବି କରି ରାଜ୍ୟପାଳ, ସମ୍ବଲପୁର ରାଜସ୍ୱ ଉପଖଣ୍ଡ କମିସନର, ଜିଲାପାଳ, ଏସ୍‌ପି ଏବଂ ତରଭା ଥାନାକୁ ଏକ ଦାବିପତ୍ର ଡାକଯୋଗେ ପ୍ରେରଣ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ତରଭା ବ୍ଲକର ଆଞ୍ଚଳିକ କୃଷକ ସଂଗଠନ ଆବାହକତ୍ୱରେ ଚାଷୀମାନେ ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଥିଲେ । ମଙ୍ଗଳବାର ବି ଏହି ଧାରଣା ଜାରି ରହିଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବ୍ଲକର ବିଭିନ୍ନ ମଣ୍ଡିରେ ଶହଶହ ବସ୍ତା ଧାନ ପଡି ରହିଛି। ଏହାକୁ ଉଠାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଟୋକନ ପାଇ ଧାନ ବିକ୍ରି ହୋଇ ପାରୁନାହିଁ। ଏବେବି ବହୁଚାଷୀ ଟୋକନ ଅପେକ୍ଷାରେ ଅଛନ୍ତି। ଏପରିସ୍ଥିତିରେ ଗତ ୧୫ ତାରିଖ ଦିନ ରାଜ୍ୟ ସରକାର ମଣ୍ଡି ବନ୍ଦ କରିବା ପାଇଁ ଘୋଷଣା କରିଥିଲେ। ଏପରିସ୍ଥିତିରେ ଚାଷୀ କଣ କରିବ ବୁଦ୍ଧିବାଟ ପାଉନାହିଁ। ଏଣୁ ଶେଷ ଧାନବସ୍ତା ବିକ୍ରି ନ ହେବା ପର୍ଯ୍ୟନ୍ତ ଅହରାତ୍ର ଧାରଣା ଚାଲିବ ବୋଲି ଚାଷୀ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ, ବ୍ଲକ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଧାରଣାରେ ମିତ୍ରବ୍ରତ ମିଶ୍ର, ସଞ୍ଜିବ ନାଏକ, ପୁରନ୍ଦର ବାଗ, ସଦାନନ୍ଦ ପାଣିଗ୍ରାହୀ, ଭବାନୀ ଶଙ୍କର ମିଶ୍ର, ଦୁର୍ଗା ଦାସ, ଭବାନୀ ଶଙ୍କର ପଣ୍ଡା, ମଧୁ ଦେହେରୀ, ଗୋବର୍ଦ୍ଧନ ମିଶ୍ର, ସୋମନାଥ ପଧାନ, ସୁବାଷ କର୍ଣ୍ଣ, କାର୍ତ୍ତିକ ନାଗଙ୍କ ସମେତ ଅଞ୍ଚଳର ଶତାଧିକ ଚାଷୀ ସାମିଲ ଥିଲେ ।



ତରଭା ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ଚାଷୀମାନେ।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କମୁଛି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା

**ବିନିକା,୨୫।୨(ଡି.ଏନ୍.ଏ.)**

**ବିନିକା ବ୍ଲକ, ଏନଏସି ଅଞ୍ଚଳ**



- ୨୦୦୩ରେ ଥିଲା ୬୦,୭୧୨, ୨୦୧୭ରେ ୩୨,୬୬୮
- ୧୪ବର୍ଷରେ କମିଲା ୨୮୦୪୪
- ଚାରଣଭୂମି ଅଭାବ, ବ୍ୟାପକ ଗୋଚାଲାଣ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ଏନଏସି ଅଞ୍ଚଳରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ଦିନକୁଦିନ କମିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ଗଣନାରୁ ଏହା ସ୍ପଷ୍ଟ ହୋଇଛି। ୨୦୦୩ ଗଣନା ଅନୁଯାୟୀ ଏହି ଅଞ୍ଚଳରେ ଗାଈ, ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରୀ, କୁକୁଡା ପ୍ରଭୃତି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ଥିଲା ୬୦,୭୧୨। ଏହାର ୧୪ବର୍ଷ ପରେ ୨୦୧୭ରେ ହୋଇଥିବା ପ୍ରାଣୀ ସମ୍ପଦ ବିଭାଗ ଗଣନାରେ ଏହି ସଂଖ୍ୟା ୩୨,୬୬୮କୁ ଖସି ଆସିଲା। ଅର୍ଥାତ୍ ଏହି ୧୪ବର୍ଷ ମଧ୍ୟରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ୨୮,୦୪୪ ହ୍ରାସ ଘଟିଲା। ହ୍ରାସହାର ପ୍ରାୟ ୪୦ ପ୍ରତିଶତ । ପ୍ରତି ୫ବର୍ଷରେ ହେଉଥିବା ଏହି ଗଣନାର ପରବର୍ତ୍ତୀ ସମୟରେ ସ୍ଥିତି କ'ଣ ହେବ ତାହା ଗୋପ୍ରେମୀ ଓ ଗୋଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ପାଇଁ ବିଭିନ୍ନ କାରଣକୁ ଦାୟୀ କରାଯାଉଛି। ଚାରଣ ଭୂମିର ହ୍ରାସ ଏହାର ମୁଖ୍ୟ କାରଣ ବୋଲି ଗୋଚାଷୀମାନେ କହିଛନ୍ତି। ଶିଳ୍ପୋଦ୍ୟୋଗ ଓ ସହରୀକରଣ ଯୋଗୁ ଚାରଣଭୂମି ବିଭିନ୍ନ ଉପାୟରେ ବିନିଯୋଗ ହେଉଛି। ୨୦୧୨ର ତଥ୍ୟ ଅନୁସାରେ ବିନିକା ଅଞ୍ଚଳରେ ୧୫ହଜାର ହେକ୍ଟର ଚାରଣ ଭୂମି ଥିଲା । ସମ୍ପ୍ରତି ଏହା ହ୍ରାସ ପାଇ ୯ ହଜାର ହେକ୍ଟରରେ ପହଞ୍ଚିଛି । ବିନିକା ତହସିଲ ଅଧୀନରେ ଥିବା ଶହଶହ ହେକ୍ଟର ଗୋଚର ଜମି ଜବରଦଖଲକୁ ଚାଲି ଯାଇଛି। ଏ ନେଇ ରାଜସ୍ୱ ବିଭାଗ କେତେକ ସ୍ଥାନରେ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ଏଥିସହିତ ଉଠା ଜଳସେଚନ ପଏଣ୍ଟ, ବିଦ୍ୟୁତ୍ ଖୁମ୍ବ ପୋତିବା, ଖେଳ ପଡିଆ, ପୋଖରୀ ଖନନ, ବାଲି ମହଜୁଦ୍ ରଖିବା ଆଦି ସରକାରୀ କାର୍ଯ୍ୟରେ ମଧ ଗୋଚର ଜମି ଜବରଦଖଲ ହେଉଛି । ଏହା ଖାଦ୍ୟାଭାବ ସୃଷ୍ଟି କରି ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟାରେ ଆଶାତୀତ ହ୍ରାସ କରାଉଛି।

ସମ୍ପ୍ରତି ଅବାଧ ଗୋଚାଲାଣ ପ୍ରତି କୌଣସି କଟକଣା ରହୁନାହିଁ। ବିନିକା-ସୋନପୁର ୩୯ନମ୍ବର ମୁଖ୍ୟରାସ୍ତା, ଅରିଗାଁ-ରାମପୁର କେନାଲ ରାସ୍ତା, ବିଶାଳପାଲି-ଗୋଡଭଗା ମୁଖ୍ୟରାସ୍ତା ଦେଇ ବେପାରୀମାନେ ଅନାୟାସରେ ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ର ଆଦି ରାଜ୍ୟକୁ ହଜାର ହଜାର ସଂଖ୍ୟାରେ ଗୋରୁ ଚାଲାଣ କରୁଛନ୍ତି। ପାରମ୍ପରିକ ପରିଧିରୁ ବାହାରି ଚାଷୀମାନେ ଏବେ ଗୋପାଳନ ବ୍ୟବସାୟିକ ଦୃଷ୍ଟିକୋଣରୁ କରୁଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଦେଶୀ ଗୋରୁ, ଛେଳି, ମେଣ୍ଢା ପାଳନ କରିବାକୁ ଲୋକେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗୋଖାଦ୍ୟର ଅହେତୁକ ଦରବୃଦ୍ଧି, ଗୃହପାଳିତ ପଶୁପକ୍ଷୀଙ୍କଠାରୁ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ଗୋପାଳନରୁ ଦୂରେଇ ଯାଉଥିବା ବ୍ଲକ ଅନ୍ତର୍ଗତ ପଲସପାପାଲି ଗାଁର ଚାଷୀ ଘନଶ୍ୟାମ ପଧାନ କହିଛନ୍ତି। ସମାନ ମତ ପୋଷଣ କରିଛନ୍ତି ସିଂଘିଯୁବା ଗାଁର ଚାଷୀ ନରସିଂହ ସେଠୀ। ଏନେଇ ବିନିକା ପ୍ରାଣୀ ସମ୍ପଦ ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଚାରଣଭୂମି ଜବରଦଖଲ ଯୋଗୁ ସଙ୍କୁଚିତ ହେବା, ବେଆଇନ ଗୋଚାଲାଣ ଏବଂ ଗୋଖାଦ୍ୟର ଅହେତୁକ ଦର ବୃଦ୍ଧି ପ୍ରାଣୀସମ୍ପଦର ଅଭିବୃଦ୍ଧିରେ ପ୍ରତିବନ୍ଧକ ସାଜିଛି ବୋଲି କହିଛନ୍ତି।

# ତେଲ ଚୋରି ଅଭିଯୋଗ, ୨ଗିରଫ

**ଉଲୁଣ୍ଡା, ୨୫।୨(ଡି.ଏନ.ଏ.)**

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ପଣ୍ଡକିଟାଲ ନିକଟରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକରୁ ତେଲ ଚୋରି କରୁଥିବା ବେଳେ ୨ଜଣଙ୍କୁ ଉଲୁଣ୍ଡା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବିନିକା ଗୋଲପଡାର ଦିବ୍ୟରାଜ ପାତ୍ର(୨୨) ଓ ବ୍ଲକ କଲୋନୀର ଦେବାଶିଶ ଖପରଦୁଆ(୨୪)। ଏଥିସହିତ ତେଲ ଏବଂ ଏକ ବାଇକ ଜବତ କରାଯାଇଛି।

**DADHIBAMAN JUNIOR COLLEGE**
**BHATLI-768030, BARGARH (ORISSA), Ph.- 06646-261134 (0)**

**ଭଟଲି +୨ ପରୀକ୍ଷା ପାଇଁ ବୋଲେରୋ ଗାଡ଼ି ଆବଶ୍ୟକ**

ଆସନ୍ତା ୦୩।୦୩।୨୦୨୦ ରୁ ୨୬।୦୩।୨୦୨୦ ପର୍ଯ୍ୟନ୍ତ +୨ ପରୀକ୍ଷାର ବିଭିନ୍ନ କାର୍ଯ୍ୟରେ ନିୟୋଜନ ହେବାପାଇଁ ତିନୋଟି ବୋଲେରୋ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଆସନ୍ତା ୨୯।୦୨।୨୦୨୦ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଆବେଦନ କରିପାରିବେ।

**ସ୍ୱା./- ଅଧକ୍ଷ**
**ଦଧିବାମନ ମହାବିଦ୍ୟାଳୟ, ଭଟଲି, ଜି-ବରଗଡ଼**

**ICAR-NATIONAL RICE RESEARCH INSTITUTE**
*CUTTACK- 753 006 (ODISHA), INDIA*
(Previously Known as CRRI)

**ADVT.NO. 43/JRF/2019**

Walk in Interview is to be held on **18.03.2020 at 10:30 a.m.** for **one (01) Junior Research Fellow**, at the National Rice Research Institute, Cuttack in the scheme **"Enhancing resilience of rice-based production systems to climate change" (EAP-262)**. The details regarding essential/desirable qualifications, age, amount of emoluments etc., and other terms and conditions are available in NRRI website- **www.icar-nrri.in.**

**PRINCIPAL INVESTIGATOR**

**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh, At- Bahadurbagichapada, PO- Bhawanipatna, Dist- Kalahandi (Odisha) | Regd. No. 608/ / 2013-14 'C' Class | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

**Sd./-**
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
No.C-526 :- **e-Procurement Notice for PH Works.**
***Bid Identification No.EE PH Division Angul- 22/ 2019-20 dt. 19.02.2020***

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**

**GOVERNMENT OF ODISHA**
**FINANCE DEPARTMENT**
No. S-36

**OFFICE ORDER**

No. 6281/F, Bhubaneswar, Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



# ଲଗାମଛଡ଼ା ହେଉଛି ଆଶ୍ରମ ଶିକ୍ଷାବ୍ୟବସ୍ଥା

ନୂଆପଡା ଅଫିସ,୨୫।୨

- ଅହରହ ରହୁଛନ୍ତି ଅଧିକାରୀ
- ଭୁଲର ସୂତ୍ର ଖୋଜୁଛି ବିଭାଗ
- ଅଧିକାରୀଙ୍କୁ ଦାୟୀ କରୁଛି ଆଦିବାସୀ ସଂଘ



ଅଧିକାରୀମାନେ ଦର୍ଲିପଡା ସେବାଶ୍ରମରେ ଏକ ଘଟଣାର ତଦନ୍ତ କରୁଛନ୍ତି।

ସରକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ପ୍ରାଥମିକ ଏବଂ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ମୁକ୍ତ ଏବଂ ଅବାଧ ଆବାସିକ ଶିକ୍ଷା ପ୍ରଦାନ ସକାଶେ ଆଶ୍ରମ, ସେବାଶ୍ରମ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ଏମାନଙ୍କୁ ଉନ୍ନୟନ ସକାଶେ ସରକାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅବସ୍ଥାପିତ କରି ମନ୍ତ୍ରୀ, ସଚିବଙ୍କୁ ଦାୟିତ୍ୱ ଦେଇଛନ୍ତି। ହେଲେ କେଉଁଠି ତ୍ରୁଟି ବିଚ୍ୟୁତି ରହିଯାଇଛି ଯେ ଶିଶୁମାନଙ୍କ ବଳାତ୍କାର, ହତ୍ୟା ଭଳି ଲୋମହର୍ଷଣକାରୀ ଘଟଣା ସବୁ ସରକାରଙ୍କୁ ଥରାଇ ଦେଉଛି। ବର୍ତ୍ତମାନ ନୂଆପଡ଼ା ଜିଲାରେ ସଦ୍ୟ କେତୋଟି ଘଟଣା ବିଭାଗର ଦାୟିତ୍ୱ ହୀନତାକୁ ପଦାରେ ପକାଇଦେଇଛି। ଏହାର ଉଦାହରଣ ହୋଇଛି ସିନାପାଲି ଥାନା ଅଞ୍ଚଳରେ ଏକ ବିଦ୍ୟାଳୟରେ ଜଣେ ଆଶ୍ରମରେ ରହୁଥିବା ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା ପଦାକୁ ଆସିବାର ମାସକ ମଧ୍ୟରେ କୋମନା ଥାନା ଅନ୍ତର୍ଗତ ଦର୍ଲିପଡା ସେବା ଶ୍ରମ ହାଇସ୍କୁଲରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ଏହି ଦୁଇ ଘଟଣାକୁ ନେଇ ଜିଲା ଉଠୁଛି ପଡୁଛି । ଏହାକୁ ନେଇ ସରକାରଙ୍କ ଆଶ୍ରମ ଶିକ୍ଷା ବ୍ୟବସ୍ଥା ଲଗାମ ଛଡା ହେଉଥିବା ଅଭିଯୋଗ ହେଉଛି।

ନୂଆପଡା ଭଳି ଆଦିବାସୀ ବହୁଳ ଜିଲାରେ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ୧୭ଟି ଆଶ୍ରମ, ୨୩ଟି ସେବାଶ୍ରମ, ଏକଲବ୍ୟ ବିଦ୍ୟାଳୟ ସମେତ ଅନ୍ୱେଷା ଯୋଜନାରେ ପ୍ରତିବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବାସିକରେ ଅଧ୍ୟୟନ କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ରହିବା ଖାଇବା ପାଇଁ କୋଟି କୋଟି ଟଙ୍କା ବରାଦ କରାଯାଇଛି। ବାଳିକା/ବାଳକମାନଙ୍କ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ସକାଶେ ବିଶେଷ ଧରଣର କର୍ମଚାରୀ ନିୟୋଜିତ କରାଯାଇଛି। ଏଥିପାଇଁ ବ୍ଲକଠାରୁ ଆରମ୍ଭ କରି ଜିଲାପାଳ ପର୍ଯ୍ୟନ୍ତ ସବୁବେଳେ ଧ୍ୟାନ ଦେଉଥିବା କୁହାଯାଉଛି। ହେଲେ ପରିଚାଳନା ବ୍ୟବସ୍ଥାର ଗୁମର ଖୋଜିବାରେ ସମସ୍ତେ ଫେଲ ମାରୁଛନ୍ତି। ଏଥିରେ ବ୍ୟାପକ ତ୍ରୁଟି ରହିଥିବା ଜିଲା ଆଦିବାସୀ କଲ୍ୟାଣ ସଂଘ ଅଭିଯୋଗ ଆଣିଛି। ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧୁଚନ୍ଦ୍ରିକା କରି ଶିକ୍ଷାବ୍ୟବସ୍ଥାକୁ କଳୁଷିତ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭିଯୋଗ ଆଣି ସିନାପାଲି ଥାନା କୁସୁମ ଯୋର ହାଇସ୍କୁଲ ସମ୍ମୁଖରେ ଗତ ୧୧ ତାରିଖଠାରୁ ଆଦିବାସୀ ସଂଘ ଧାରଣା ଦେଇଥିବା ବେଳେ ଛାତ୍ରୀ ଅନ୍ତଃସତ୍ତ୍ୱା ଘଟଣାର ନ୍ୟାୟ ନ ମିଳିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏତିକିବେଳେ ଦର୍ଲିପଡା ସେବାଶ୍ରମରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା କରି ଯୋଜନାବଦ୍ଧ ଭାବେ ଆତ୍ମହତ୍ୟାର ରୂପ ଦିଆଯାଉଥିବା ସଂଘ ସଭାପତି ଘାସିରାମ ମାଝି କହିଛନ୍ତି। ଏଥିରେ ଖୋଦ ପ୍ରଧାନଶିକ୍ଷକ ଖରାପ କାମରେ ଲିପ୍ତ ରହି ନିରୀହ ଛାତ୍ରୀଛାତ୍ରଙ୍କୁ ଭ୍ରମିତ କରୁଥିବା ବେଳେ ଏହାକୁ ଅଧିକାରୀମାନେ ଆଖି ବନ୍ଦ କରି ସହଯୋଗ କରୁଥିବା ଅଭିଯୋଗ ଆଣିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝିଙ୍କୁ ପଚାରିବାରୁ ସେ ସବୁବେଳେ ତତ୍ପର ରହି ବିଦ୍ୟାଳୟଗୁଡିକର ସବୁ ପ୍ରକାର ବ୍ୟବସ୍ଥାରେ କିପରି ସୁଧାର ଆସି ପାରିବ ସେଥିପ୍ରତି ଦୃଷ୍ଟି ଦେଇ ଆସୁଥିବା କହିଛନ୍ତି। ବିଶେଷ କରି ପାଣି, ପାଚେରୀ, ବିଜୁଳି ସୁବ୍ୟବସ୍ଥିତ କରିବାକୁ ଯୋଜନା କରିଛନ୍ତି। ଖୁବଶୀଘ୍ର ସବୁ ଠିକ ହୋଇଯିବ ବୋଲି କହିଛନ୍ତି। ଯେ କୌଣସି ଅଭିଯୋଗ ଆସିଲେ ଆମେ ତୁରନ୍ତ ସେଠାରେ ପହଞ୍ଚି ସମାଧାନ ରାସ୍ତା ବାହାର କରୁଛୁ ବୋଲି କହିଛନ୍ତି।



ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

## କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ସିନାପାଲି,୨୫।୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୨ ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରରେ ୧୫୧ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ ତାଲିମ ଶିବିରରେ ମୌସୁମୀ ଜଗତ ଓ ପୁଷ୍ପାଞ୍ଜଳି ସାହୁ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ । ସିନାପାଲି କଲେଜର ଆତ୍ମ ସୁରକ୍ଷା ତାଲିମ ଶିବିର ଏକ ନିଆରା। ଏଠାରେ ପ୍ରତିବର୍ଷ ତାଲିମ ଦେଇ ଛାତ୍ରୀମାନେ ନିଜେ ଆତ୍ମସୁରକ୍ଷିତ ହୋଇ ପାରିବା ସହ ଅନ୍ୟମାନଙ୍କୁ ମଧ ଏହା ଉପରେ ବୁଝାଇବା ସହ ଶିକ୍ଷା ଦେଉଛନ୍ତି ଯାହା ଅନନ୍ୟ। ଏପରି କି ଦିନକୁ ଦିନ ଅପ୍ରିତିକର ଘଟଣା ଘଟୁଥିବା ବେଳେ ଏହି ଆତ୍ମ ସୁରକ୍ଷା ତାଲିମ ଶିବିର ଛାତ୍ରୀମାନଙ୍କ ପାଇଁ ବେଶ ଉପାଦେୟ ହୋଇ ପାରିଛି ବୋଲି ଉଦ୍‌ଯାପନୀ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଉଦଯାପନୀ ଦିବସର ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ମୋହନ ସାହୁ ଯୋଗଦାନ କରିଥିବା ବେଳେ ଅଧାପକ ରଜନୀକାନ୍ତ ମେହେର, ପର୍ଶୁରାମ ପଣ୍ଡା, ବୀରେନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ଦାସ, ଅଯୋଧାନାଥ ଦାସ, ଏବି ଡୁଙ୍ଗଡୁଙ୍ଗ, ଜିତେନ୍ଦ୍ର ରାଉତ ସୁଚାରୁରୂପେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଖେଳ ଅଧାପକ ଉମାନନ୍ଦ ବିଶି ସଂଯୋଜନା କରିଥିଲେ।

## ସମର ସିଂ ପଞ୍ଚାୟତରେ ଅବ୍ୟବସ୍ଥା

ନୂଆପଡା ଅଫିସ,୨୫।୨

ଜିଲା ସଦର ମହକୁମାଠାରୁ ମାତ୍ର ୧୨ କି.ମି. ଦୂର କୋମନା ବ୍ଲକ ସମର ସିଂ ଗ୍ରାମପଞ୍ଚାୟତରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଅଭିଯୋଗ ହୋଇଛି। ଏହା ଉପରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି । ପ୍ରଥମତଃ ଏହି କାର୍ଯ୍ୟାଳୟ କୋମନା ବ୍ଲକ କାର୍ଯ୍ୟାଳୟଠାରୁ ଦୀର୍ଘ ୪୦ କି.ମି. ଦୂରରେ ରହୁଥିବାରୁ ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନେ ଉନ୍ନୟନ କାମ ପ୍ରତି ବେପରୁଆ ମନୋଭାବ ପୋଷଣ କରୁଥିବା କୁହାଯାଉଛି । ଆଦିବାସୀ ବହୁଳ ଗ୍ରାମପଞ୍ଚାୟତରେ ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହେଉଥିବା କୁହାଯାଉଛି। ଏସଏଫସି ଏବଂ ସିଏଫସିରେ ଏହି ଗ୍ରାମପଞ୍ଚାୟତକୁ ବାର୍ଷିକ ୨୫/୩୦ ଲକ୍ଷ ଟଙ୍କା ଆସୁଥିବାବେଳେ ଏହା ବହୁ କ୍ଷେତ୍ରରେ କାଗଜ କଲମରେ କରାଯାଉଥିବା କେତେକ ୱାର୍ଡ ସଭ୍ୟପ୍ରକାଶ କରିଛନ୍ତି। ପଞ୍ଚାୟତକୁ ଲୋକେ ବିଭିନ୍ନ କାମରେ ଯାଉଥିବାବେଳେ ଏଠାରେ ସରପଞ୍ଚ କି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଲୋକଙ୍କ ସମସ୍ୟା ଅସମାହିତ ହୋଇ ରହିଯାଉଛି । ଏପରି କି ପଞ୍ଚାୟତ କାନ୍ଥରେ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଟୋଲଫ୍ରି ନମ୍ବର ଲେଖା ରହିବା କଥା । ହେଲେ ତାହା ନ ଥିବାରୁ ଲୋକେ କାହାକୁ ଦୁଃଖ ଜଣାଇବେ ବୋଲି ଚର୍ଚ୍ଚା ହେଉଛି। ଏହା ଉପରେ ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୨ ଦିନରେ ୩୭ ଛାତ୍ରୀ ଆଶ୍ରମ ଛାଡ଼ିଲେ

**ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ଘଟଣା**

ନୂଆପଡା ଅଫିସ/ସିନାପାଲି, ୨୫।୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳର ଏକ ଅନୁସୂଚିତ ଜନଜାତି କନ୍ୟାଶ୍ରମର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣାରେ ଜଣେ ନିରୀହ ଆଦିବାସୀ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଏହାର ଅସଲ ରହସ୍ୟ ଉନ୍ମୋଚନ କରି ନ ଥିବାରୁ ଅସନ୍ତୋଷ ଆଦିବାସୀମାନେ କୁସୁମ ଯୋର ହାଇସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି। ଯେପର୍ଯ୍ୟନ୍ତ ସେମାନଙ୍କୁ ନ୍ୟାୟ ନ ମିଳିଛି ତାଙ୍କ ପିଲାମାନଙ୍କୁ ଏଠାରେ ପାଠ ପଢାଇ ବେନାହିଁ ବୋଲି ନିର୍ଣ୍ଣୟ ନେଇଛନ୍ତି। ଏହିକ୍ରମରେ ଏଠାରୁ ଗତ ୨ ଦିନ ମଧ୍ୟରେ ୩୭ଜଣ ଛାତ୍ରୀଙ୍କୁ ନିଜ ଘରକୁ ନେଇଯାଇଛନ୍ତି। ସୋମବାର ସନ୍ଧ୍ୟାରେ ୨୫ଜଣ ଘରକୁ ଯାଇଥିବାବେଳେ ମଙ୍ଗଳବାର ପୁଣି ୧୨ ଜଣ ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗୋଁଡ ସମାଜ ପକ୍ଷରୁ ଗତ ୧୧ ତାରିଖଠାରୁ ସ୍କୁଲ ଗେଟ ସମ୍ମୁଖରେ ଧାରଣା ଦିଆଯାଇଛି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ, ଜିଲା ମଙ୍ଗଳ ଅଧିକାରୀଙ୍କ ସମେତ ଏକ ୬ ଜଣିଆ ଟିମ ପହଞ୍ଚି ଥିବାବେଳେ ସମାଜ ପକ୍ଷରୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହା ଉପରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ ବୋଲି ସଂଘ ଅସନ୍ତୋଷ ପ୍ରକାଶ କରିଛି। ପ୍ରତିକ୍ରିୟାଶୀଳ ହୋଇ ସୋମବାର ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଛାତ୍ରୀମାନଙ୍କୁ ଘରକୁ ନିଆଯାଇଛି। ସେମାନଙ୍କୁ ନ୍ୟାୟ ନ ମିଳିବା ଯାଏଁ ଝିଅମାନଙ୍କୁ ଏଠାକୁ ଆଣିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଆନ୍ଦୋଳନ କେବଳ ଗୋଁଡ ସମାଜ ପକ୍ଷରୁ କରାଯାଉଥିଲା। ଆଗକୁ ଏହା ଆଦିବାସୀ ସଂଘ ପକ୍ଷରୁ କରାଯିବ ବୋଲି ସଂଘ ସଭାପତି ପ୍ରସନ୍ନ କୁମାର ମାଝି କହିଛନ୍ତି।

## ଯଜ୍ଞବେଦିରେ ବିବାହ ହେଲେ ୨ ପ୍ରେମୀ ଯୁଗଳ

**କୋକସରା,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରାଠାରେ ଅନୁଷ୍ଠିତ ଗାୟତ୍ରୀ ମହାଯଜ୍ଞରେ ୨ ପ୍ରେମୀ ଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ପ୍ରେମ ବିବାହ କରିଥିବା ଘଣ୍ଟିଗୁଡାର ଯୁବକ ବଳଭଦ୍ର ଧଙ୍ଗଡା ମାଝି ଓ ଛିଲିପାମାଲ ଗ୍ରାମର ଯୁବତୀ ୪ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଦୁହେଁ ଅଲଗା ଜାତିର ହୋଇଥିବା ଯୋଗୁ ପରିବାରବର୍ଗ ଗ୍ରହଣ କରି ନ ଥିଲେ। ପରିବାର ତାଙ୍କୁ ପର କରିଥିବା ବେଳେ ଗାୟତ୍ରୀ ଯଜ୍ଞରେ ହିନ୍ଦୁ ରୀତିନୀତି ଅନୁସାରେ ଏହି ଦୁଇ ପ୍ରେମୀ ଯୁଗଳ ବିବାହ କରିଥିଲେ। ଅନ୍ୟ ଏକ ପ୍ରେମୀ ଯୁଗଳ ସୋମନାଥ ନାଏକଙ୍କ ଅନ୍ୟ ଯୁବତୀଙ୍କ ବିବାହ ମଧ ସମ୍ପନ୍ନ ହୋଇଛି। ଯଜ୍ଞରେ ଦୁଇ ଜଣେ ଯଜମାନ ସପତ୍ନୀକ ପୁଅ ଝିଅ ରୂପେ ଗ୍ରହଣ କରି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ନବ ଦମ୍ପତିଙ୍କୁ ଯଜ୍ଞରେ ବସିଥିବା ଶହଶହ ଦମ୍ପତିମାନେ ସୁଖମୟ ଜୀବନର କାମନା କରିଥିଲେ।


**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
No.C-526 :- **e-Procurement Notice for PH Works.**
*Bid Identification No.EE PH Division Angul- 22/ 2019-20 dt. 19.02.2020*

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**




ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ଭୂମି ପୂଜନ ଅବସରରେ ସରପଞ୍ଚ ସୁଧିରା ମେହେର।

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ପାଇଁ ଭୂମିପୂଜନ

**ଜୁନାଗଡ,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ପାଇଁ ସୋମବାର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ସି.ଏଚ୍ ନାରାୟଣ ପାତ୍ର, ନାଏବ ସରପଞ୍ଚ ନବୀନ କୁମାର ମେହେର, ଗ୍ରାମବାସୀଙ୍କ ପକ୍ଷରୁ ଉଦୟ ନାଥ ପଣ୍ଡା, କବିରାଜ ମେହେର, ରାଜିନ୍ଦ୍ର ମେହେର, ମଳୟ ମେହେର, ପଦ୍ମଲୋଚନ ମେହେର, ନରେନ୍ଦ୍ର ମେହେର, ବିପିନ ମେହେର, ଦାମୋଦର ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ଚିଚୈଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଶୋଚନୀୟ ଅବସ୍ଥାରେ ରହିଛି। ଫଳରେ ପଞ୍ଚାୟତବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଏଠାରେ ଏକ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ସ୍ଥାନୀୟ ସରପଞ୍ଚ ସୁଧିରା ମେହେର ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଓ ଜିପିଓ ସିର୍ଦ୍ଧେଶ୍ୱର ମେହେରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଡିଓ ମାରାଣ୍ଡି, ଜିପିଓ ମେହେରଙ୍କ ଉଦ୍ୟମରେ ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନ ପକ୍ଷରୁ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏଠାରେ ଏକ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ କରାଯାଉଛି।




କର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

## ବେହେରାରେ ଯୁବ ମହୋତ୍ସବ- ୨୦୨୦

**ପର୍ଲା,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମଠାରେ ଆରସିଡିସି ଶିଶୁ ବିକାଶ ପ୍ରକଳ୍ପ ଓ ଚାଇଲ୍ଡ ଇଣ୍ଡିଆ ସହଯୋଗରେ ଯୁବ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବେହେରା କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ ଯୋଗଦେଇ ଯୁବତୀ ଯୁବକମାନେ ଆତ୍ମ ନିର୍ଭରଶୀଳ ହେବାକୁ ହେଲେ ପ୍ରଥମେ ପ୍ରଚେଷ୍ଟା ସହ ଉଦ୍ୟମ ରଖିବା ଆବଶ୍ୟକତା ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଘନଶ୍ୟାମ ପଟେଲ, ପ୍ରଭାତ କୁମାର ତିୱାରି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ଉପରେ ଓ ଆତ୍ମ ନିର୍ଭର ସୁଯୋଗ କିଭଳି ଯୁବ ପିଢ଼ି ପାଇଁ ପାରିବେ ତାହାର ସୁବାସ ବାଗ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ବୁଝାଇଥିଲେ। ସରକାର ବେକାରୀ ଯୁବତୀଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେଇ ସ୍ୱାଭାବିକ ଭାବେ ରୋଜଗାରକ୍ଷମ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଆଦିତ୍ୟ ଆଚାର୍ଯ୍ୟ କହିଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ମାଧମରେ ବେକାରୀ ଯୁବତୀଯୁବକମାନଙ୍କ ଇଚ୍ଛା ମୁତାବକ ବିଭିନ୍ନ କ୍ଷେତ୍ରରେ ତାଲିମ ଦିଆଯିବା ସହ ଭିନ୍ନ ଭିନ୍ନ ସ୍ଥାନରେ ଥଇଥାନ କରାଯିବା ବ୍ୟବସ୍ଥା ରହିଛି। ସରକାର ଯୁବତୀଯୁବକଙ୍କ ପାଇଁ ମାଗଣାରେ ତାଲିମ, ଖାଇବା ରହିବା ସୁବିଧା ଯୋଗାଉଛନ୍ତି। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ଓ ଧର୍ମଗଡ ବ୍ଲକରୁ ୨ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ବିହାରୀ ରାଉତ କରିଥିବା ବେଳେ ସନ୍ଦୀପ କୁମାର ନାଗ, ଯୋଗେଶ୍ୱର ବୁଢ଼ିଆ ସହଯୋଗ କରିଥିଲେ।


**DADHIBAMAN JUNIOR COLLEGE**
BHATLI-768030, BARGARH (ORISSA), Ph.- 06646-261134 (0)

**ଭଟଲି +୨ ପରୀକ୍ଷା ପାଇଁ ବୋଲେରୋ ଗାଡ଼ି ଆବଶ୍ୟକ**

ଆସନ୍ତା ୦୩।୦୩।୨୦୨୦ ରୁ ୨୭।୦୩।୨୦୨୦ ପର୍ଯ୍ୟନ୍ତ +୨ ପରୀକ୍ଷାର ବିଭିନ୍ନ କାର୍ଯ୍ୟରେ ନିୟୋଜନ ହେବାପାଇଁ ତିନୋଟି ବୋଲେରୋ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଆସନ୍ତା ୨୯।୦୨।୨୦୨୦ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଆବେଦନ କରିପାରିବେ।

**ସ୍ୱା./- ଅଧକ୍ଷ**
**ଦଧିବାମନ ମହାବିଦ୍ୟାଳୟ, ଭଟଲି, ଜି-ବରଗଡ଼**

**ICAR-NATIONAL RICE RESEARCH INSTITUTE**
*CUTTACK- 753 006 (ODISHA), INDIA*
(Previously Known as CRRI)

**ADVT.NO. 43/JRF/2019**

Walk in Interview is to be held on **18.03.2020 at 10:30 a.m.** for **one (01) Junior Research Fellow**, at the National Rice Research Institute, Cuttack in the scheme **"Enhancing resilience of rice-based production systems to climate change"** (EAP-262). The details regarding essential/desirable qualifications, age, amount of emoluments etc., and other terms and conditions are available in NRRI website- **www.icar-nrri.in.**

**PRINCIPAL INVESTIGATOR**



**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh At- Bahadurbagichapada, PO- Bhawanipatna Dist- Kalahandi (Odisha) | Regd. No. 608/ / 2013-14 'C' Class | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

**Sd./-**
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**



**GOVERNMENT OF ODISHA**
**FINANCE DEPARTMENT**
No. S-36

**OFFICE ORDER**

No. 6281/F, Bhubaneswar, Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସରୁ ବାହାରିଲା ଧୂଆଁ

**ଅନ୍ୟ ଏକ ଗାଡ଼ିରେ ବଲାଙ୍ଗୀର ନିଆଗଲା**

**ଲୋଇସିଂହା,୨୫।୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ମେଡିକାଲରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଜଣେ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସରେ ମଙ୍ଗଳବାର ନିଆଯାଉଥିଲା। ଆମ୍ବୁଲାନ୍ସ (ନଂ.ଓଡି୦୨ଏନ-୭୫୬୮) ଲୋଇସିଂହା ଥାନା ସାଲେଭାଟସ୍ଥିତ ହିରୋ ଶୋରୁମ ନିକଟରେ ପହଞ୍ଚିବା ପରେ ହଠାତ୍ ଏହାର ଇଞ୍ଜିନରୁ ଧୂଆଁ ବାହାରିଥିଲା। ତେବେ ଡ୍ରାଇଭର ଈଶ୍ୱର ପଧାନ ଗାଡି ଅଟକାଇ ପାଣି ଦେବା ପରେ ଏକ ବଡ ବିପଦ ଟଳି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପରେ ଆଗଲପୁରରୁ ଅନ୍ୟ ଏକ ଆମ୍ବାଲାନ୍ସ ଆସିଲା ପରେ ରୋଗୀଙ୍କୁ ବଲାଙ୍ଗୀର ନିଆଯାଇଥିଲା। ସୂଚନାମତେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ବ୍ଲକ ବ୍ରାହ୍ମଣୀପାଲି ଗାଁର ସଚିନ ସେଠ(୨୩)ଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଗତ ଶନିବାର ଡୁଙ୍ଗରିପାଲି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନ ଥିଲା। ମଙ୍ଗଳବାର ସଚିନଙ୍କୁ ବଲାଙ୍ଗୀର ନିଆଯିବାକୁ ସ୍ଥିର କରାଯାଇଥିଲା। ଏକ ଆମ୍ବୁଲାନ୍ସରେ ସଚିନଙ୍କ ମାବାପା ଓ ଫାମାଶିଷ୍ଟ ସତ୍ୟନାରାୟଣ କବାଟ ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ସାଢେ ୯ଟାରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ସାଲେଭାଟା ନିକଟରେ ଆମ୍ବୁଲାନ୍ସ ଇଞ୍ଜିନରୁ ହଠାତ ଧୂଆଁ ବାହାରିବା ଦେଖିବାକୁ ମିଳିଥିଲା।







ବଲାଙ୍ଗୀର ପ୍ୟାଲେସ ଲାଇନରେ ଢଳି ପଡିଥିବା ବିଦ୍ୟୁତ୍ ଖୁଣ୍ଟ(ବାମ)। ସଦେଇପାଲିରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ସଂକୀର୍ତ୍ତନ୍ୟ ମହାକୁମ୍ଭ ପାଇଁ ନିର୍ମିତ ମଣ୍ଡପ ଭାଙ୍ଗି ପଡିଛି (ମଝି)। ସଦେଇପାଲିରେ ଝଡତୋଫାନରେ କ୍ଷତିଗ୍ରସ୍ତ ଏକ ଘର।

**ବର୍ଷା, ଘୂର୍ଣ୍ଣିଝଡ଼ର ତାଣ୍ଡବ**

# ଆଜବେଷ୍ଟସ ଉଡ଼ିଲା, ତାର ଛିଣ୍ଡିଲା

**ବଲାଙ୍ଗୀର ଅଫିସ, ୨୫।୨**

ବଲାଙ୍ଗୀରରେ ସୋମବାର ବିଳମ୍ବିତ ରାତିରେ ପ୍ରବଳ ଘୂର୍ଣ୍ଣିଝଡ ସହ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଲାଙ୍ଗୀର ସହରରେ ବହୁ ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗି ପଡିବାରୁ ସହରର ଅର୍ଦ୍ଧାଧିକ ଅଞ୍ଚଳରେ ବିଦ୍ୟୁତ୍ ସରାବରାହ ବନ୍ଦ ରହିଛି। ରାତି ପ୍ରାୟ ୨ଟାରେ ହୋଇଥିବା ଘୂର୍ଣ୍ଣିଝଡରେ ସହରର ପ୍ୟାଲେସ ଲାଇନ, ରାମେଶ୍ୱର ନଗର, ମେଘନାଥପଡା, ଗାନ୍ଧୀନଗର ପଡା, ସତ୍ୟନାରାୟଣ ପଡା ଏବଂ ଅନ୍ୟ ଅଞ୍ଚଳରେ ଥିବା ବହୁ ଘରର ଛାତ ଆଜବେଷ୍ଟସ ଉଡି ଯାଇଛି। ରାମେଶ୍ୱର ନଗରରେ କାନ୍ଥ ପଡିଯିବାରୁ ସୈରେନ୍ଦ୍ରୀ ବରାଡ ନାମକ ଜଣେ ମହିଳା ଗୁରୁତର ଆହତ ହୋଇ ବୁର୍ଲା ସ୍ଥାନାନ୍ତରଣ ହୋଇଛନ୍ତି। ସଦେଇପାଲି ଓ ମାଧିଆପାଲିରେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶତାଧିକ ଘର ଆଜବେଷ୍ଟସ ଉଡି ଯିବା ସହ ଗଛ ପଡି ବ୍ୟାପକ ଭଙ୍ଗାରୁଜା ହୋଇଛି। ସଦେଇପାଲିରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ୧୦ଦିନିଆ ସଂକୀର୍ତ୍ତନ୍ୟ ମହାକୁମ୍ଭ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସୁଦୃଶ୍ୟ ପ୍ରହରୀ ମଣ୍ଡପ ତିଆରି କରାଯାଇଥିଲା। ଘୂର୍ଣ୍ଣିଝଡ ସହ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଛି। ଏହି ସଂକୀର୍ତ୍ତନ୍ୟକୁ ସାଇଟ କଲେଜ ନିକଟ ମନ୍ଦିର ମଣ୍ଡପକୁ ସ୍ଥାନାନ୍ତରଣ କରାଯାଇଛି। ଏହା ସହିତ ତଣ୍ଡାମୁଣ୍ଡା, ଲୋୟର ସୁକତେଲ ବୁଡିଅଞ୍ଚଳ, ଚନ୍ଦନଭାଟି ଅଞ୍ଚଳରେ ବର୍ଷା ଯୋଗୁଁ ବ୍ୟାପକ ପନିପରିବା ନଷ୍ଟ ହୋଇଛି। ଗାନ୍ଧୀନଗର ପଡାସ୍ଥିତ ପଟେଲ ନର୍ସିଂହୋମ ସମ୍ମୁଖରେ ରାସ୍ତା ଉପରେ ଦୁଇଟି ଗଛ ଉପୁଡି ପଡିଥିଲା। ଏଥିଯୋଗୁ ସେଠାରେ ରାସ୍ତାକଡରେ ଥିବା ବିଦ୍ୟୁତ ତାର ଛିଣ୍ଡି ଯାଇଛି। ଏହା ସହିତ ତେଲିଗୋଠ ପଡା, ମାଳପଡା, ଟିକ୍ରାପଡା, ରାଧାରାଣୀପଡା, କ୍ଲବପଡା, ପ୍ୟାଲେସଲାଇନ, ଇଚ୍ଛାପଡା, ମୁଖ୍ୟ ମାର୍କେଟରେ ବିଦ୍ୟୁତ ସରାବରାହ ବନ୍ଦ ରହିଥିବାରୁ ଅଞ୍ଚଳଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି।



ରେଳ ବିଭାଗ ଦ୍ୱାରା ନିର୍ମିତ ରାସ୍ତାର କାନ୍ଥକୁ ଉଚ୍ଚ କରା ନ ଯିବାରୁ ଯାତାୟାତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।

## ରେଳ ବିଭାଗର ରାସ୍ତା ନିର୍ମାଣ ନେଇ ଅସନ୍ତୋଷ

**ଦେଓଗାଁ, ୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଛକଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରେଳ ବିଭାଗ ତରଫରୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଉଥିବା ବେଳେ ଗୋଟିଏ ପାର୍ଶ୍ୱରେ ଭୂତଳ ରାସ୍ତା କାନ୍ଥ ରହିଛି। ଏହି କାନ୍ଥକୁ କଂକ୍ରିଟ ରାସ୍ତାରୁ ଉଚ୍ଚ କରାଯାଇନାହିଁ। ନିର୍ମାଣାଧୀନ ଡ୍ରେନର ଘୋଡଣୀ ଦିଆଯାଉ ନ ଥିବାରୁ ଜନସାଧାରଣଙ୍କ ସୁରକ୍ଷାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସମ୍ପୃକ୍ତ ଠିକାଦାରଙ୍କୁ ବାରମ୍ବାର ଏହି ଡ୍ରେନ ଉପରେ ଘୋଡଣୀ ଢ଼ାଙ୍କିବା ଓ ଭୂତଳ ରାସ୍ତା କାନ୍ଥକୁ ଉଚ୍ଚ କରିବା ପାଇଁ ଦାବି କରିଆସୁଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ କଂକ୍ରିଟକରଣ ରାସ୍ତା ନିମ୍ନମାନର ନିର୍ମାଣ କରାଯାଇଥିବାରୁ ଅଦିନିଆ ବର୍ଷାରେ ଧୋଇହୋଇ ମେଟାଲ ବାହାରି ପଡୁଥିବା ନଜରକୁ ଆସିଛି। ସେହିପରି ରେଲୱେ ଧାରଣା ଫାଟକ ଛକଠାରେ ନିର୍ମାଣ ହୋଇଥିବା ଭୂତଳ ରାସ୍ତାରେ ଲାଇଟ ଲଗାଯାଇ ନ ଥିବାରୁ ସନ୍ଧ୍ୟା ହେଲେ ଅନ୍ଧାର ହୋଯାଉଥିବାରୁ ସେହି ପଥରେ ଯିବାଆସିବା କରିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟବାସିନ୍ଦା ତଥା ଡକୁଆ ଯୁବକ ସଂଗଠନ ଚେତାବନୀ ଦେଇଛି।

## ଲୋଇସିଂହାରେ ମିଶନ ଶକ୍ତି ଋଣ ମେଳା

**ଲୋଇସିଂହା,୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହ ପରିସରରେ ମିଶନ ଶକ୍ତି ଋଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୯ଟି ଏସ୍‌ଏଚ୍‌ଜିକୁ ୧୭ ଲକ୍ଷ ୧୦ ହଜାର ଋଣ ଟଙ୍କା ବଣ୍ଟନ କରିଥିଲେ। ଋଣ ଟଙ୍କାକୁ ଚାଷ କିମ୍ବା ଅନ୍ୟାନ୍ୟ ବ୍ୟବସାୟରେ ବିନିୟୋଗ କରି ସ୍ୱବଲମ୍ବୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମେଳାରେ ଲୋଇସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଗଙ୍ଗାଧର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ପ୍ରଜ୍ଞାରାଣୀ ବାରିକ, ବ୍ୟାଙ୍କ ସୁପରଭାଇଜର ଅରକ୍ଷିତ ପଧାନ, ମିଶନଶକ୍ତି ବିପିସି ସ୍ୱର୍ଣ୍ଣପ୍ରଭା ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସୂଚନା ଦେଇଥିଲେ ଯେ, ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲାର ୨୫ଲକ୍ଷ ଚାଷୀଙ୍କ ମଧ୍ୟରୁ ୪ ଲକ୍ଷ ଚାଷୀଙ୍କୁ ୫ କୋଟି ଖରଫ ଋଣ ପ୍ରଦାନ କରାଯାଇଥିଲା। ବିଗତ ସାଢେ ୪ ବର୍ଷରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ୧୨ କୋଟି ୮୪ ଲକ୍ଷ ଟଙ୍କା ଲାଭ ପାଇଥିବା କହିଥିଲେ। ଆସନ୍ତା ମାର୍ଚ୍ଚ ସୁଦ୍ଧା ୨୨ କୋଟି ଲାଭାଂଶ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।





ଏକ ଏସ୍‌ଏଚଜିକୁ ଋଣ ବହି ଓ ଟଙ୍କା ପ୍ରଦାନ କରାଯାଉଛି।



ପାଟଣାଗଡ-ଦମକିପାଲି ରାସ୍ତାର ଶିଳାନ୍ୟାସ କରୁଛନ୍ତି ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

## ପାଟଣାଗଡ଼-ଦମକିପାଲି ରାସ୍ତାର ଶିଳାନ୍ୟାସ

**ପାଟଣାଗଡ, ୨୫।୨(ଡି.ଏନ.ଏ.)**

ବହୁପ୍ରତୀକ୍ଷିତ ପାଟଣାଗଡ-ଦମକିପାଲି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଦ୍ୱାରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୨୯.୫ କିମି ଦୈର୍ଘ୍ୟ ଏହି ରାସ୍ତାର ବ୍ୟୟ ଅଟକଳ ରହିଛି ୪୯ କୋଟି ୭୨ ଲକ୍ଷ ଟଙ୍କା। କେନ୍ଦ୍ରୀୟ ସଡକ ନିର୍ମାଣ ପାଣ୍ଠିରୁ ଏହି ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରୀଙ୍କୁ ଏହି ଅବସରରେ ସିଂଦେଓ କୃତଜ୍ଞତା ଜଣାଇଥିଲେ। ରାସ୍ତା କାମ ପୂର୍ତ୍ତବିଭାଗ ମାଧ୍ୟମରେ ହେବ। ଏହି ରାସ୍ତା ନିର୍ମାଣ ହେଲେ ପାଟଣାଗଡରୁ ବରଗଡ ଓ କଣ୍ଟାବାଞ୍ଜିରୁ ବରଗଡକୁ ଦୂରତା କମିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ, ଜିଲା ପରିଷଦ ସଦସ୍ୟା ଦେବକୀ ତାଣ୍ଡି, ସବିତା ସରାଫ୍, ମୁନା ମହାନ୍ତି, ବିଶ୍ୱାମ୍ବର ପାଣିଗ୍ରାହୀ, ଅଶୋକ କୁଅଁର, ବାବୁଲା ଦାଶ, ସୁରୁସିଂ ନିନା, ମଣ୍ଟୁ ଯୋଶୀ, ବାବୁଲାଲ ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଭତାରୁ ବଁଚିତ୍ ଯଶୋଦା

**ଲାଠୋର, ୨୫।୨ (ଡି.ଏନ୍.ଏ.)**

ସରକାର ଦିବ୍ୟାଙ୍ଗମାନକୁ ସମାଜର ମୁଖିଆ ଧାରରେ ସାମିଲ କରବାର ଲାଗି ଭିନେ ଭିନେ ଯୋଜନାରେ ସାମିଲ କରୁଛନ୍। ହେଲେ ଅନେକ୍ ଜାଗାରେ ଦିବ୍ୟାଙ୍ଗମାନେ ଇ ସରକାରୀ ସୁବିଧା ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଁଚେତ୍ ବାଞ୍ଜିପାଲି ଗାଁରେ।

ସୂଚନା ଅନ୍‌ସାରେ ବାଞ୍ଜିପାଲି ଗାଁର ଗୋପାଲ ମାଝି। ପରିବାର କହେଲେ ମାଏକିନା ଯୋଶୋଦା ଆର ପୁଓ ପର୍ଶୁରାମକୁନେଇ ସଁସାର। ଯଶୋଦା ଝନେ ଦିବ୍ୟାଙ୍ଗ ମହିଲା। କେହେନ୍‌ସି କାରନ୍‌ରୁ ତାକର ଭୁଜ୍‌ନି ଫାଲଟା ନାଇଁ ଚଲବାର। ଏନ୍‌ତାଥି ସେ ବଡ଼ା କଷ୍ଟେ ଘରର କାମ୍‌କାଯ୍ କରୁଛନ୍। ୨୦୧୬ ସାଲେ ସେ ୫୦ ପରତିଶତ ଭିନ୍ନକ୍ଷମ ପରମାନପତର ବି ପାଇଛନ୍। ସେ ପଁଚେତ୍‌ରୁ ବ୍ଲକ ତକ୍ ଦରକାରୀ କାଗଜପତର ଦେଇ ଭାତାର ଲାଗି ଆବେଦନ ବି କରିଛନ୍। ହେଲେ କେହି ତାକର କଥା ନାଇଁ ଶୁନୁଥିବାର ସେ ଅଭିଯୋଗ କରିଛନ୍। ଇ ଦିଗେ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ଯଶୋଦାକୁଁ ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ଯଶୋଦା ନିଜର ଦିବ୍ୟାଙ୍ଗ ପରମାନପତର ଦେଖଉଛନ୍।

## ଲୁଟେରାଙ୍କୁ ଠାବ କରି ପାରିନି ପୋଲିସ

**ଗାଇସିଲେଟ୍,୨୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ବସଷ୍ଟାଣ୍ଡ ପାଖରେ ରହିଥିବା ଷ୍ଟେଟବ୍ୟାଙ୍କ ଏଟିଏମ ସମ୍ମୁଖରୁ ସୋମବାର ବାଇକ୍ ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଚାଣ୍ଟିପାଲି ଗ୍ରାମର ଧନଦେବ ଡନସନା ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୩୫/୨୦) ରୁଜୁ କରି ତନାଘନା ଚଲାଇଛି।

## ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୨୫।୨(ଡି.ଏନ.ଏ.)**

ନେହେରୁ ଯୁବକେନ୍ଦ୍ର ବଲାଙ୍ଗୀର ଆନୁକୂଲ୍ୟରେ ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତ ଅନ୍ତର୍ଗତ ବଡପତ୍ରାପାଲି ଗ୍ରାମରେ ଦକ୍ଷୀଣକାଳୀ ଯୁବକ ସଂଘ ସଭାଗୃହରେ ମଙ୍ଗଳବାର ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଂଚଳର ବିଭିନ୍ନ ସ୍ଥାନରୁ ଯୁବବର୍ଗ ଏଥିରେ ସାମିଲ ହୋଇଥିଲେ। ଓଏଲଏମ ବଲାଙ୍ଗୀର ପ୍ରତିନିଧି ଆର. ଏକ୍କା, ଦକ୍ଷତା ବିକାଶ ଅଧିକାରୀ ଏସ.କେ. ଅଞ୍ଜୁମ, ବିକାଶ ସାହୁ ଯୋଗଦେଇ ସରକାରୀ କାର୍ଯ୍ୟକ୍ରମ ନେଇ ଯୁବବର୍ଗଙ୍କୁ ସଚେତନ କରିଥିଲେ। ସ୍ୱେଚ୍ଛାସେବୀ ବାଲ୍ମୀକି ପୁଟେଲ ସଭା ପରିଚାଳନା କରିଥିବା ବେଳେ ହରେକୃଷ୍ଣ ରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଦର୍ଶ ଯୁବକ ସଂଘ ନାରେନ, ଜୟ ହନୁମାନ କ୍ଲବ ତୁର୍ଲା, ବାପୁଜୀ ଯୁବକ ସଂଘ ଖୋଲାନ, କାଳିକା ଯୁବକ ସଂଘ ସିଲୁଆଁ, ଜୟ ଜଗନ୍ନାଥ ଯୁବକ ସଂଘ ଚୋରମରାର ସଦସ୍ୟାସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯୁବକ ସଂଘ ବିକାଶ କର୍ମଶାଳା

**ଖପ୍ରାଖୋଲ, ୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହରେ ନେହେରୁ ଯୁବକେନ୍ଦ୍ର ଓ ଜୟତରୁଣ ଯୁବକ ସଂଘ ରେଙ୍ଗାଲଯୁରିର ମିଳିତ ଆନୁକୂଲ୍ୟରେ ଯୁବକ ସଂଘ ବିକାଶ ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥି ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଏମ. ନରସିଂହା, ଜିଲା ସମ୍ବଳ କର୍ମୀ ଅଶୋକ କୁମାର ମେହେର, ସାମାଜିକ କର୍ମୀ ଗୋରେଖନାଥ ବରିହା, ଭୋଜରାଜ ବରିହା ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଯୁବକ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସନ୍ତୋଷ ଘିଭେଲା ଓ କୁନି ବରିହା ଏଥିରେ ସହଯୋଗ କରିଥିଲେ।





କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍ ବୁରୁଧ୍ ଦମ୍ପତି

**ଲାଠୋର, ୨୫।୨ (ଡି.ଏନ୍.ଏ.)**

ସରକାର ଗରିବ୍ ଦୁଖିକୁ ଭିନେ ଭିନେ ଯୋଜନାରେ ପକାଘର, ଚାଉଲ, ଭତା ଆଦି ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ କେହେନ୍‌ସି ନାଇଁ କେହେନ୍‌ସି କାରନ୍‌ରୁ ସରକାରୀ ଯୋଜନାରୁ ବାଦ୍ ପଡ଼ି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଁଚେତ୍ ଖର୍ଲି ଗାଁରେ।

ସୂଚନା ଅନ୍‌ସାରେ ଖର୍ଲି ଗାଁର ବସୁ ସାଗର ଆର ତାକର ମାଏକିନା ବଡ଼ ସାଗର। ପରିବାରଟା ନିହାତି ଗରିବ୍, ସଁପତି ବଲି କିଛି ନାଇଁ। ବଛରର ଭିନେ ଭିନେ ସମିଆରେ ଦାଦନ ଯାଇ ପେଟ୍, କୁଲିମଜୁରି କରି ଦମ୍ପତି ନିଜର ପେଟ୍ ପାଲୁଥିଲେ। ହେଲେ ଏହେଦେ ଦମ୍ପତି ଅଧାରର ହେଲେନ, ଆଘର ଲେଖେଁ କାମ୍‌ବୁତା କରି ନାଇଁପାରବାର। ଇ ଦମ୍ପତି ଗାଁରେ ଯେନ୍ ଜାଗାରେ ମାଏଟ୍ ଖପର ଘରଟେ କରି ରହୁଥିଲେ ସେଟା ମାପଚୁକ୍ କଲାରୁ ଅଲଗା ଲୁକ୍‌କର ନାଁରେ ବାହାରଲା। ଏନ୍‌ତାଥି ଦମ୍ପତି ଉପେ ଶୁଇନ୍ ହେଇ ସେ ଜଗା ଛାଡ଼ି, ବାସ ଶୁଇନ ହେଇ ବାର ଦୁଆର ବୁଲ୍‌ଲେ। ଶେଷେ ଲାଠୋର ଗାଁରେ ନିଜର ଝନେ ଲାଗେଲେସର ଘରେ ଏହେଦେ ମୁଡ଼ ଗୁଁଜିଛନ୍। ଇଆଡ଼େ ଦମ୍ପତିକଁର ବଏସ୍ ଅଧିକା ହେବାର ଲାଗି କାମ୍‌ବୁତା କରି ନାଇଁ ପାରୁଥିଲାବେଲେ ବସୁ ପକ୍ଷାଘାତ ରୁଗୀକର ଲେଖେଁ ହାତ୍ ଗୋଡ଼ ହଲେଇ ନାଇଁପାରବାର। ବଡ଼ା ଦୁଖେ ସେ ଯିବାର ଆଏବାର କରୁଛନ୍। ଯେନ୍‌ନୁ ମୁଠେ ମିଲ୍‌ଲା ଖାଉଛନ୍ ନାଇଁହେଲେ ବୁରୁଧ୍ ଦମ୍ପତି ଖାଡ଼ା ଉପାସେ ରହୁଛନ୍। ଖାଏଦ୍ ଅଭାବୁ ବୁଢ଼ାବୁଢ଼ୀ ଦିନୁଦିନ୍‌କେ ବେଶି ଦୁରବଲ ହେଇଯାଉଥିବାର କହିଛନ୍। ଇଆଡ଼େ ସରକାର ଦୁଖି ଗରିବ୍‌କର ଲାଗି ଯୋଜନା ଉପରେ ଯୋଜନା ତିଆର କରି ପକାଘର, ଚାଉଲ, ଭତା ଯୁଗେଇ ଦେଉଥିଲାବେଲେ ଇ ବୁରୁଧ୍ ଦମ୍ପତି ସେ ସବୁରୁ ବଁଚେତ୍ ହେଇ ରହିଛନ୍। ଦମ୍ପତି ଅନେକ ଥର ଭତା, ଘର, ଚାଉଲ ଲାଗି ଦରକାରୀ କାଗଜପତର ଦେଇ ପଁଚେତ୍‌ରେ ଆବେଦନ କରି ନିରାଶ ହେଇଥିବାର କହିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଅସାହା ବୁରୁଧ୍ ଦମ୍ପତିକଁର ଉପରେ ଦୁରୁଷ୍ଟି ଦେଇ ଘଟନାର ତଦଁତ କରବାର ସଂଗେ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ବୁରୁଧ୍ ବଡ଼ ନିଜର ଲାଗେଲେସର ଘରଆଘେ ଠିଆ ହେଇଛନ୍।

**ସବୁ ପରକାର ସରକାରୀ ଯୋଜନାରୁ ବଁଚିତ୍**



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

- ନୋପୋଲିୟନ ବୋନାପାର୍ଟ

## ସଂକ୍ଷେପରେ

### ମା' ଚଣ୍ଡୀଙ୍କ ପୀଠରେ ବୋଦାବଳି ସହ ମହାଶିବରାତ୍ରି ମେଳା ସମ୍ପନ୍ନ

**ମୋହନଗିର,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଥିବା ଐତିହାସିକ ଧବଳେଶ୍ୱର ପୀଠରେ ଚାଲିଥିବା ମହାଶିବରାତ୍ରି ମେଳା ୨୫ ତାରିଖରେ ଚଣ୍ଡିପୀଠରେ ବୋଦା ବଳି ସହ ଉଦ୍‌ଯାପିତ ହୋଇଯାଇଛି । ୫ ଦିନ ଧରି ଚାଲିଥିବା ଏହି ମେଳାରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ ଆଦି ୪ଟି ଜିଲାରୁ ହଜାର ହଜାର ଭକ୍ତଙ୍କ ସମାଗମରେ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା । ଜାଗର ଦିନ ୩ ହଜାରୁ ଊର୍ଦ୍ଧ୍ୱ ଭକ୍ତ ଉଜାଗର ରହି ଶୈବ ଉପାସନା କରି ଥିବା ଦେଖିବାକୁ ମିଳିଥିଲା। ଯାତ୍ରାରେ ପ୍ରତି ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ମନ୍ଦିର ପରିଚଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହା ଦେଖିବାକୁ ରାତିରେ ଦର୍ଶକମାନଙ୍କ ପ୍ରବଳ ଭିଡ ଲାଗିଥିଲା। ଚଳିତବର୍ଷ ଯାତ୍ରାରେ ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ୨୫ ତାରିଖରେ ବର୍ଷା ସତ୍ତ୍ୱେ ମାନସିକ ପୂରଣ ହୋଇଥିବା ଭକ୍ତମାନେ ଆସି ମା' ଚଣ୍ଡୀଙ୍କୁ ବୋଦା ଓ କୁକୁଡା ବଳି ଦେଇଥିଲେ। ଚଳିତବର୍ଷ ୮୦ରୁ ଉର୍ଦ୍ଧ୍ୱ ବୋଦା ବଳି ପଡିଥିବା ଦେଖିବାକୁ ମିଳିଥିଲା।





ଭବାନୀପାଟଣା ସହର ସହ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ଝଡ଼ତୋଫାନରେ ଗଛ ଭାଙ୍ଗି ପଡ଼ିଛି ଏବଂ ଏହା ଦ୍ୱାରା ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି।

# ଝଡ଼ତୋଫାନ ବର୍ଷା ସହ କୁଆପଥର ମାଡ଼

**ଭବାନୀପାଟଣା,୨୫।୨(ଡି.ଏନ.ଏ.)**

- ଗଛ ଉପୁଡ଼ି ରାସ୍ତା ଅବରୋଧ, ଘର ଛାତ ଉଡ଼ିଲା
- ବିଦ୍ୟୁତ୍ ସରବରାହ ବ୍ୟାହତ
- ଭବାନୀପାଟଣା ସହର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଭବାନୀପାଟଣା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଅଳ୍ପ କିଛି ସମୟ ପାଇଁ ଝଡତୋଫାନ ବର୍ଷା ସହ କୁଆପଥର ମାଡ ହୋଇଛି। ଫଳରେ ଅନେକ ଗଛ ଉପୁଡି ରାସ୍ତା ଉପରେ ପଡିଛି। ଏଥିଯୋଗୁ ୨୬ ନଂ. ଜାତୀୟ ରାଜପଥ ନକଟିଗୁଡା ବାଣିଭଘାର ନିକଟରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଝଡତୋଫାନରେ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛ ପଡି ବିଜୁଳି ସରବରାହ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ବିପଦ ସଙ୍କୁଳ ଅବସ୍ଥାରେ ତାରଗୁଡିକ ଛିଣ୍ଡି ପଡିଥିବାରୁ ବିଜୁଳି ବିଭାଗ ପକ୍ଷରୁ ରାତିରେ ପାଟ୍ରୋଲିଂ ଜାରି ରଖାଯାଇଛି। ସନ୍ଧ୍ୟା ସମୟରେ ଝଡ ତୋଫାନ ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଉଛି। ଝଡତୋଫାନରେ ବ୍ୟାପକ ଭାବେ ଆମ୍ବ ଫସଲ, ପନିପରିବା, ପିଆଜ, ଡାଲି ଜାତୀୟ ଫସଲ କ୍ଷତି ହୋଇଥିବା ଆଶଙ୍କା ଦେଖାଦେଇଛି। କୃଷି ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳ କରିବା ପରେ କ୍ଷୟକ୍ଷତିର ପ୍ରକୃତ ତଥ୍ୟ ଜଣାପଡିବ କୁହାଯାଇଛି। ଏହି ଝଡତୋଫାନ ଫଳରେ ଭବାନୀପାଟଣା ସହରରେ ଲଗା ଯାଇଥିବା ସମସ୍ତ ହୋର୍ଡିଂ, ବ୍ୟାନର ଆଦି ଉଡିଯିବା ସହ ନୂତନ ଭାବେ ଚାଲିଥିବା ଭାଗରଥି ମଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଖବର ଲେଖାଯିବା ସୁଦ୍ଧା ଝଡତୋଫାନରେ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

## କର୍ଲାମୁଣ୍ଡା ଅଞ୍ଚଳରେ ଚୋରି ବୃଦ୍ଧି, ହାତ ବାନ୍ଧି ବସିଛି ପୋଲିସ

**କର୍ଲାମୁଣ୍ଡା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଅନ୍ତର୍ଗତ କର୍ଲାମୁଣ୍ଡା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବଢୁଥିଲେ ହେଁ ତଦନ୍ତ ନାଁରେ ପୋଲିସ ହାତ ବାନ୍ଧି ବସିଛି। ଫଳରେ ପୋଲିସ ପ୍ରତି ଲୋକଙ୍କ ଭରଷା ତୁଟିବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ସର୍ଗୁଲର ୨ଟି ଘରୁ ଚୋର ପଶି ଆସବାପତ୍ର ଚୋରି କରି ନେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଫାଣ୍ଡିରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଅଭିଯୋଗ କଲେ ମଧ କିଛି ସୁଫୁଳ ମିଳୁ ନ ଥିବାରୁ ପୋଲିସ ପାଖରେ ଅଭିଯୋଗ କରୁ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଏହି ବ୍ଲକ କର୍ଲାମୁଣ୍ଡା ଫାଣ୍ଡି ୪୦୦ ମିଟର ଦୂରରେ ଥିବା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଗତ ତା. ୧୦।୧୨/।୨୦୧୮ରେ ୭୩ ହଜାର ନଗଦ କ୍ୟାସ ଲୁଟ ହୋଇଥିବା ବେଳେ ୪।୪।୨୦୧୯ରେ ସାନଡୁଙ୍ଗୁରୀଗୁଡା ଗାଁର ଦିଲୀପ ସେନାପତିଙ୍କ ଘରୁ ଆଲମାରି ଟେକି ନେଇ ଲକ୍ଷାଧିକ ଟଙ୍କା ସୁନାଗହଣା ଓ କର୍ଲାମୁଣ୍ଡା ବସ୍ତିର ମଣ୍ଟୁ ନାଏକ ଘରୁ ୨।୫।୨୦୧୯ରେ ୩ ଭରି ସୁନା ଓ ୧୦ ହଜାର ଟଙ୍କା ଏବଂ ଗତ ୨୪।୧୨।୨୦୧୯ ରିଞ୍ଜା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଘରୁ ୭ ଲକ୍ଷ ନଗଦ ଟଙ୍କା ଓ ୧୫ ଭରି ସୁନା ଚୋରି ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ପୋଲିସ ତଦନ୍ତ ନାଁରେ ଦିନ ଗଡାଇ ଚାଲିଛି। ଫଳରେ ପୋଲିସ ପ୍ରତି ଲୋକଙ୍କ ଭରଷା ତୁଟିବାରେ ଲାଗିଛି।

ଏହି ଫାଣ୍ଡିରେ ଜଣେ ଏସଆଇ, ୩ ଜଣ କନଷ୍ଟେବଳ, ୪ ଜଣ ହୋମଗାର୍ଡ ରହିଛନ୍ତି। ଅଳ୍ପ ସଂଖ୍ୟକ କର୍ମଚାରୀ ଯୋଗୁ ରାତ୍ରୀ ପାଟ୍ରୋଲିଂ ଠିକ୍ ଭାବେ ହୋଇପାରୁ ନ ଥିବା ଜଣାପଡିଛି। ଅନ୍ୟପଟେ ବ୍ଲକର ବିଭିନ୍ନ ଛକରେ ଦେଶୀ ଓ ବିଦେଶୀ ମଦ ଅବାଧ ଭାବେ ବିକ୍ରୟ ହେଉଥିବାରୁ ଏଭଳି ଘଟଣାଗୁଡିକ ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ୩ ମାସ ହେଲା ଅନ୍ଧାରରେ ଲାଞ୍ଜିଗଡ଼

**ଭବାନୀପାଟଣା,୨୫।୨(ଡି.ଏନ.ଏ.)**

**ହାଇୱା ଲାଗି ବିଜୁଳି ତାର ଛିଣ୍ଡିବା ଘଟଣା**

କଳାହଣ୍ଡି ଜିଲା ଲାଞ୍ଜିଗଡ ସହରେ ବିଦ୍ୟୁତ ତାର ଛିଣ୍ଡି ଯାଇଥିବାରୁ ଅଧା ସହର ଅନ୍ଧାରରେ ରହିଛି। ନଭେମ୍ବରରେ ଚେନ୍ନାଇ ରାଧା ନାମକ ଏକ କମ୍ପାନୀର ହାଇୱା ଟ୍ରକ ରାତି ୧୧ ଟାରେ ପଞ୍ଚାୟତ ନିକଟରେ ଥିବା ହାଉସ୍ ଲାଇନ ବିଦ୍ୟୁତ ତାରରେ ଲାଗି ଯାଇଥିଲା। ତାର ଛିଣ୍ଡି ସଟସର୍କିଟ ହୋଇ ଅଧା ସହର ଅନ୍ଧକାର ହୋଇଯାଇଥିଲା। ଏଥିଯୋଗୁ ଲାଞ୍ଜିଗଡ ଗୌଡପଡା, ପାତ୍ରପଡା, କଲୋନିପଡା ଓ ଶାନ୍ତିନଗର ପଡା ଅଞ୍ଚଳବାସୀଙ୍କ ବିଭିନ୍ନ ବିଦ୍ୟୁତ ଉପକରଣ ଜଳିଯାଇଥିଲା। ସେହି ସମୟରେ ସ୍ଥାନୀୟ ଲୋକ ଗାଡିକୁ ଅଟକ ରଖିଥିଲେ କମ୍ପାନୀ ମ୍ୟାନେଜର ଦିଲୀପ କୁମାର ସାହୁ ଲୋକଙ୍କ କ୍ଷୟକ୍ଷତି ଭରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଗାଡିକୁ ଛାଡି ଦେଇଥିଲେ। କିଛି ଟଙ୍କା ଦେଇ ରାତାରାତି ବିଜୁଳି ତାର ଲଗାଯାଇଥିଲା। ପରେ କମ୍ପାନୀର ଅଧିକାରୀ ଆସି କ୍ଷୟକ୍ଷତି ପରିମାଣ ଅଧିକ ହୋଇଥିବା ଦେଖି ଚାଲି ଯାଇଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଲାଞ୍ଜିଗଡ ବ୍ଲକ ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୌଦାଗର ମେହେରଙ୍କୁ ଅତିଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା। ଯନ୍ତ୍ରୀ ୧୦ ଦିନ ସମୟ ମାଗିଥିଲେ, କିନ୍ତୁ ଥାନାଧିକାରୀ ବଦଳି ହୋଇଯିବା ଯୋଗୁ ଲୋକେ ଆଜି ପର୍ଯ୍ୟନ୍ତ କ୍ଷତି ହୋଇଥିବା କୌଣସି ସାମଗ୍ରୀ ପାଇ ପାରିଲେ ନାହିଁ। ବର୍ତ୍ତମାନ କମ୍ପାନୀ ମ୍ୟାନେଜର ସାହୁ ଲୋକଙ୍କ ସହିତ କଥାବାର୍ତ୍ତା ପାଇଁ ମନା କରୁଥିବା ଅଭିଯୋଗ ହେଉଛି। ଯଦି ଏଥିପ୍ରତି କମ୍ପାନୀ ଦୃଷ୍ଟି ନ ଦିଏ ତାହା ହେଲେ ଆଗାମୀ ଦିନରେ କମ୍ପାନୀକୁ ଲାଞ୍ଜିଗଡ ଅଞ୍ଚଳରେ କୌଣସି କାମ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।

## କଳାହାଣ୍ଡି ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଜୁନାଗଡ,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନଠାରେ ମଙ୍ଗଳବାର କଳାହାଣ୍ଡି ପୋଲିସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ରେକର୍ଡ ସଂଖ୍ୟକ ୧୫୨ ଜଣ ମହିଳା, ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଥିଲେ। ସେମାନଙ୍କୁ କଳାହାଣ୍ଡି ପୋଲିସ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜୁନାଗଡ ଥାନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବି ଗଙ୍ଗାଧର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡା, ଜୁନାଗଡ ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ସଭାପତି ଅମିତ ଗୁପ୍ତା, ମହିଳା ସମିତି ସଭାପତି ରେଖା ଅଗ୍ରୱାଲ, କୋମଲ ଅଗ୍ରୱାଲ, ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଅଧକ୍ଷ ମହେଶ କୁମାର ସାହୁ,ଆଇନଜିବୀ କଲ୍ୟାଣୀ ନାଏକ, ବିଶ୍ୱନାଥ କର,ଦୁର୍ଗା ପ୍ରସାଦ ନାଏକ, ମନିଷା ସାହୁ, ସନ୍ତୋଷ ସଂଘଲ, ଗୋପାଳ ମିତ୍ତଲ, ଖବରଦାତା ସଂଘ ସଭାପତି ଦୁଷ୍ମନ୍ତ କୁମାର ପଣ୍ଡା, ପ୍ରେସ କ୍ଲବ ସଭାପତି ରଜନୀକାନ୍ତ ବୈଠାରୁ, ସନ୍ତୋଷ ସିଂଦେଓ, ହିମାଂଶୁ ନାଏକ, ଉତ୍ତମ କୁମାର ଦାଶ, କୁମର ମଣି ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀପାଟଣା ଓ ଧର୍ମଗଡ ରକ୍ତ ଭଣ୍ଡାରର କର୍ମଚାରୀଙ୍କ ସମେତ ଜୁନାଗଡ ପୋଲିସ ପ୍ରଶାସନ, ମାରୱାଡି ଯୁବା ମଞ୍ଚ, ମହିଳା ସମିତି, ବଣିକ ସଂଘ, କନକ ଦୁର୍ଗା ମୋଟର ସଂଘ, ରେଲୱେ ସାଇଡିଂ ଶ୍ରମିକ ସଂଘ ପ୍ରମୁଖ ସହଯୋଗ କରିଥିଲେ।





କଳାହାଣ୍ଡି ଏସ୍‌ପି ଜଣେ ରକ୍ତଦାତାଙ୍କୁ ମାନପତ୍ର ଦେଉଛନ୍ତି।

### ଉକ୍ଳେଲା ପ୍ୟାକ୍ସରେ ପ୍ରଥମ ଥର ଆରମ୍ଭ ହେଲା ହରଡ଼ ମଣ୍ଡି

**ଭବାନୀପାଟଣା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଉକ୍ଳେଲା ପ୍ୟାକ୍ସରେ ଚଳିତବର୍ଷ ପ୍ରଥମ ଥର ହରଡ ବା କାନ୍ଦୁଲ ମଣ୍ଡି ଆରମ୍ଭ ହୋଇଛି। ଏହି ମଣ୍ଡି ଦ୍ୱାରା ଚାଷୀଙ୍କ ମହଲରେ ଉତ୍ସାହ ଖେଳିଯାଇଛି। ଏହି ଅଞ୍ଚଳରେ ପୂର୍ବରୁ କେବେ ହରଡ ଓ ରବି ଚାଷ ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡିର ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଚାଷୀମାନେ ବାଧ୍ୟ ହୋଇ ହାଟ ଓ ବେପାରୀଠାରେ କମ୍ ଦରରେ ନିଜ ଫସଲ ବିକ୍ରି କରୁଥିଲେ। ଏହା ଦ୍ୱାରା ବେପାରୀମାନେ ମାଲାମାଲ ହେଉଥିଲେ। ମଣ୍ଡି ପାଇଁ ଗତ ମାସରୁ ରେଜଷ୍ଟ୍ରେସନ୍ ଆରମ୍ଭ ହୋଇସାରିଛି। ପ୍ରଥମ ମଣ୍ଡିରେ ଖରିଫ ଚାଷର ମଣ୍ଡି ଆରମ୍ଭ ହେବ। ସେହି ସମୟରେ ମୁଗ, ବିରି, କୋଳଥ, ଚଣା ଇତ୍ୟାଦି ଚାଷୀମାନେ ଉଚିତ୍ ମୂଲ୍ୟରେ ଉକ୍ଳେଲା ପ୍ୟାକ୍ସରେ ବିକ୍ରି କରିପାରିବେ। ମଣ୍ଡିରୁ ମାରଫେଡ ମାନଙ୍କ ସଂସ୍ଥା ଏହି ସମସ୍ତ ସାମଗ୍ରୀ କିଣିବ। ଏଫ୍‌ଏକ୍ୟୁ ମାନର ହରଡ ପାଇଁ କିଲୋ ପ୍ରତି ହରଡର ଦର ୫୮ ଟଙ୍କା ଥିବା ବେଳେ ମୁଗ ପାଇଁ ୭୦.୫୦ କିଲୋ ପ୍ରତି ଦର ରହିଛି। ମଣ୍ଡି ଆରମ୍ଭ କରିବା ଅବସରରେ ଉକ୍ଳେଲା ପ୍ୟାକ୍ସରେ ମୁଖ୍ୟ ଜିଲା କୃଷି ଅଧିକାରୀ ନରେନ୍ଦ୍ର ବେହେରା, କୃଷି ଜିଲା ଅଧିକାରୀ ପ୍ରଶାନ୍ତ ବେହେରା, ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଉକ୍ଳେଲା ପ୍ୟାକ୍ସ ସେକ୍ରେଟେରୀ ହିମାଂଶୁ ଶେଖର ଦାସ ଉପସ୍ଥିତ ଥିଲେ। ଏ ବର୍ଷ ଏ ପର୍ଯ୍ୟନ୍ତ ହରଡବିକ୍ରୀ କରିବା ପାଇଁ ଉକ୍ଳେଲା ପ୍ୟାକ୍ସରେ ୧୯୫ ଜଣଚାଷୀ ରେଜଷ୍ଟ୍ରେସନ୍ କରିସାରିଛନ୍ତି। ଏଥିପାଇଁ ଉକ୍ରେଲା ଭିଏଡବ୍ଲୁ ବୁଲି ସମସ୍ତ ଚାଷୀଙ୍କୁ ଅବଗତ କରିଥିବା ଜଣାପଡିଛି। ବିକ୍ରି ପାଇଁ ଆସିଥିବା ହରଡରେ ଅଦ୍ରତା ପରିମାଣ ଅଧିକ ଥିବାରୁ ଆସିଥିବା ହରଡକୁ କିଛି ଦିନ ପରେ ବିକ୍ରି ପାଇଁ ଆଣିବାକୁ ଚାଷୀମାନଙ୍କୁ କୁହାଯାଇଥିଲା।





ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ବ୍ଲକସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ଭବାନୀପାଟଣା,୨୫।୨(ଡି.ଏନ.ଏ.)**

ଦେଶର ଯୁବଶକ୍ତିକୁ ଅଧିକରୁ ଅଧିକ କ୍ରିୟାଶୀଳ କରି ଦେଶର ଅଗ୍ରଗତିରେ ସେମାନଙ୍କୁ ସାମିଲ କରିବା ସହ ଯୁବ ନେତୃତ୍ୱ ଗ୍ରହଣ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରି ତୃଣମୂଳସ୍ତରରୁ ନିଜ ଗ୍ରାମ ସହ ଜିଲାର ଉନ୍ନତି କିଭଳି କରିପାରିବେ ସେଥି ନିମନ୍ତେ ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଏବଂ ଭବାନୀପାଟଣା ବ୍ଲକ ଅନ୍ତର୍ଗତ କାମଠଣା ଗ୍ରାମପଞ୍ଚାୟତ ପଞ୍ଚାୟତ ସଭାଗୃହଠାରେ ଗତ ସୋମବାର ଏକ ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ପ୍ରଶନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବ୍ଲକ ଚ୍ୟାୟାରମେନ୍ ସନ୍ତୋଷୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କର୍ଲାପଡା ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଅଧାପକ ଡ. ମୋହନ ପୁଟେଲ, ଅନ୍ୟତମ ଅତିଥି ଭାବେ କାମଠଣା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ରଥ, ରିସୋର୍ସ ପରସନ ଭାବେ କାମଠଣା ଉକ୍ଳଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ବିଜୟ କୁମାର ଖମାରୀ, କାମଠଣା ଗ୍ରାମ୍ୟ କୃଷି କର୍ମଚାରୀ ସୁନୀତା ଶର୍ମା, ଅନ୍ୟତମ ଅତିଥି ଭାବେ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଆକାଉଣ୍ଟ ଟାଣ୍ଟ ଦୁତିଆ ବନ୍‌ଛୋର, ଦିବ୍ୟଜ୍ୟୋତି ଯୁବକ ସଂଘ କାମଠଣାର ସଭାପତି କପୁରଚାନ୍ଦ ମାଝି ଓ ସମ୍ପାଦକ ବୈରାଗି ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ଗ୍ରାମାଞ୍ଚଳର ଯୁବଶକ୍ତିକୁ ଶକ୍ତିଶାଳୀ କରିବା ପାଇଁ କିଭଳି ଭାବରେ ଏକତାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଏନ୍‌ଏସ୍‌ଭି ଶଙ୍କର ଦୀପ, ଅଙ୍କିତା ସାହୁ, ଚିନ୍ମୟୀ ନାଥ ଓ ନିରୁପମା ନାଏକ ଏବଂ ଦିବ୍ୟଜ୍ୟୋତି ଯୁବକ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଭବାନୀପାଟଣା,୨୫।୨(ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର ତରୁଣର ରଙ୍ଗ, ତାରୁଣ୍ୟର ତରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଲୋଚନ ଭୁଏ ଉଦ୍‌ଘାଟନ କରିଥିଲେ। ଓଡିଆ ବିଭାଗ ମୁଖ୍ୟ ଅଖିଳ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ତରୁଣର ରଙ୍ଗ, ତାରୁଣ୍ୟର ତରଙ୍ଗ ଉପରେ ଆଲୋକପାତ କରିଥିଲେ।





ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାମାନେ ।

ଦୟାନିଧି ପରିଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡୋଳାମଣି ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଭିତ୍ତି ପ୍ରବନ୍ଧ ଓଡିଆ ବିଭାଗର ଛାତ୍ରୀ ରେଣୁକା ସୁନା ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡିଆ ବିଭାଗ ପ୍ରାଚୀନ ପ୍ରତିକ୍ରା ସୃଜନୀତା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଶ୍ରେଷ୍ଠ ଗଳ୍ପ ଲିଖନରେ ମହିମା ସାହୁ ଓ ଶ୍ରେଷ୍ଠ କବିତାରେ ଶାଶ୍ୱତୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।

## ଜୁନାଗଡ଼ ବଣିକ ସଂଘର ସମ୍ମିଳନୀ

**ଜୁନାଗଡ,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନ ପରିସରରେ ସୋମବାର ରାତିରେ ଜୁନାଗଡ ବଣିକ ସଂଘର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ସହରର ବିଭିନ୍ନ ବର୍ଗର ଅନେକ ବ୍ୟବସାୟୀ ଯୋଗଦେଇଥିଲେ। ଜୁନାଗଡ ସହର ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବଣିକ ସଂଘ ସଭାପତି ବିଜୟ କୁମାର ସାହୁ, ବରିଷ୍ଠ ବ୍ୟବସାୟୀ ଲଳିତ କୁମାର ଅଗ୍ରୱାଲ, ବିଶ୍ୱରଞ୍ଜନ ପଣ୍ଡା, ଉଦ୍ଧବ ସାହୁ, ଆଇନ ପରାମର୍ଶଦାତା ହିମାଂଶୁ ଶେଖର ବରାଡ ପ୍ରମୁଖ ଯୋଗଦେଇ ବଣିକ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ସହରର ବାଣିଜ୍ୟ କିପରି ବୃଦ୍ଧି ପାଇବ ଓ କ୍ରେତାମାନେ କିପରି ସୁବିଧାରେ ସମସ୍ତ ସାମଗ୍ରୀ ପାଇ ପାରିବେ ତାହା ଉପରେ ଆଲୋଚନା କରାଯାଇଥିଲା। ଜୁନାଗଡ ବଣିକ ସଂଘ ସମ୍ପାଦକ ପ୍ରଭାତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ସିଘଂଲ, ଅମିତ ଗୁପ୍ତା, ସୁରଜ ଅଗ୍ରୱାଲ, ଅଙ୍କିତ ଶର୍ମା, ହରିହର ସାହୁ, ନବୀନ କୁମାର ସାହୁ, ଜୟନ୍ତ ସାହୁ, ବିନୋଦ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ସନ୍ତୋଷ ସିଂଦେଓ, ସଞ୍ଜୀବ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଜୁନାଗଡ ବଣିକ ସଂଘର ଉପସଭାପତି ଗୋପାଲ ମିତ୍ତଲ ଧନ୍ୟବାଦ ଦେଇଥିଲେ।





ଅଗ୍ରସେନ ଭବନରେ ଅନୁଷ୍ଠିତ ବଣିକ ସଂଘର ସମ୍ମିଳନୀରେ କର୍ମକର୍ତ୍ତା।

### ରେଭିନ୍ୟୁ ଇନ୍‌ସପେକ୍ଟର ଈଶ୍ୱର ପ୍ରସାଦ ପୁରୋହିତଙ୍କୁ ବାଧ୍ୟତାମୂଳକ ଅବସର

**ଭବାନୀପାଟଣା,୨୫।୨(ଡି.ଏନ.ଏ.):**

କଳାହାଣ୍ଡି ଜିଲା କୋକସରା ତହସିଲର ରେଭିନ୍ୟୁ ଇନ୍ସିପେକ୍ଟର ଈଶ୍ୱରୀ ପ୍ରସାଦ ପୁରୋହିତଙ୍କ ଲାଞ୍ଚଖୋର ମନବୃତ୍ତି ମହଙ୍ଗାପଡିଛି। ତାଙ୍କୁ ବାଧତାମୂଳକ ଭାବେ ଚାକିରିରୁ ଅବସର ଦିଆଯାଇଛି। ଦେଶର ବିକାଶରେ ସବୁଠାରୁ ବଡ ପ୍ରତିବନ୍ଧକ ହୋଇ ଦୁର୍ନୀତି ଯେ ଠିଆହୋଇଛି ତାହା ମୁଖ୍ୟମନ୍ତ୍ରୀ ଅନୁଭବ କରି ଦୁର୍ନୀତି କ୍ଷେତ୍ରରେ ସୁନ୍ୟ ସହିଷ୍ଣୁତା ନୀତି ଉପରେ ଗୁରୁତ୍ୱ ଦେଇ ଏଭଳି ଦୃଢ ପଦକ୍ଷେପ ନେଇଛନ୍ତି। କୋକସରା ତହସିଲର ରେଭିନ୍ୟୁ ଇନ୍ସିପେକ୍ଟର ଈଶ୍ୱରୀ ପ୍ରସାଦ ପୁରୋହିତ ରାଜସ୍ୱ ବିଭାଗ ଅଧିକାରୀ ଭାବେ ରହି ଏକାଧିକ ବାର ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ବିଭାଗ ଦ୍ୱାରା ଧରାପଡିଥିଲେ ଓ ଜେଲ ମଧ ଯାଇଥିଲେ। ଗତ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ରେଭିନ୍ୟୁ ଇନ୍ସିପେକ୍ଟର ପୁରୋହିତଙ୍କୁ ବାଧତାମୂଳକ ଅବସର ଦିଆଯାଇଛି । ଏଥିସହ ୬ ଜଣ ଅଧିକାରୀଙ୍କ ପେନସନ୍ ସୁବିଧା ସ୍ଥାୟୀ ଭାବେ ବନ୍ଦ କରିବା ଓ ୨ ଜଣ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦିଆଯାଇଥିବା ଯୋଗୁ ରାଜ୍ୟର ଲାଞ୍ଚୁଆ ଅଧିକାରୀ ମାନଙ୍କ ମଧରେ କକୁଆ ଭୟ ସୃଷ୍ଟି ହୋଇଛି।

## ବିପଦ୍ ଅବସ୍ତାରେ କେଗାଁ ସ୍ୱାସ୍ଥ୍ୟକେନ୍ଦ୍ର କୁଠା

**କେଗାଁ, ୨୫।୨ (ଡି.ଏନ୍.ଏ.)**

- ୫ ବଛର ହେଲା କୁଠାକେ ବିପଦ୍ ଘୋଷନା କରାଯାଇଛେ
- ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛନ୍ ସୁଆସ୍‌ତିଅ କରମୀ
- ବରଷା ଦିନେ ଛାତୁ ସିମେଟ ପଡ଼ୁଛେ, ପାଏନ୍ ଗଲୁଛେ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛେ କେଗାଁ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର। ଉପକେନ୍ଦ୍ରଟା ଭଂଗା ଦଦ୍‌ରା ହେଇ ବିପଦ୍ ଅବସ୍‌ତାରେ ରହିଛେ। ଏନ୍‌ତାଥି ଇଠାନେ କାମ୍ କରୁଥିବାର ସୁଆସ୍‌ତିଅ କରମୀ ଝନ୍‌କ ନିଜର ଜୀବନ୍‌କେ ପାଏନ୍ ଛଡ଼େଇ ଇ ଦଦ୍‌ରା ଘରେ ରହୁଥିବାର ଅଭିଯୋଗ ହେଉଛେ।

ସୂଚନା ଅନ୍‌ସାରେ ଇ ସ୍ୱାସ୍ଥ୍ୟ ଉପକେନ୍ଦ୍ରର କୁଠାଟା ୩୫ ବଛର ପୁରନା। ଆଏଜ୍‌କେ ୫ ବଛର ତଲେ ଘରଟାକେ ବିପଦ ବଲି ବିଭାଗ ତରଫୁ ଘୋଷନା କରାଯାଇଛେ। କୁଠାର ଭିତ୍‌ରି ଫାଲର ଛାତ୍‌ରୁ ଭିନେ ଭିନେ ସମିଆରେ ଚକ୍‌ଡ଼ା ଚକ୍‌ଡ଼ା ସିମେଟ ପଲସ୍‌ତର ଛାଡ଼ି ଲୁହା ଛଡ୍ ଜଲ୍‌ଜଲ୍ ଦିଶୁଛେ। ବରଷା ଦିନେ ଇ ସମସିଆଟା ଦୁଇଗୁନା ହେଇଯାଉଛେ, ଛାତୁ ଅନବରତ ପାଏନ୍ ଗଲୁଛେ। ଛାତ୍‌ରେ ତାରପଲିନ୍ ଢପା ହେଇଥିଲେ ବି ସେଟା ଖରାବରଷା ଖାଇ ଖରାପ ହେଇଯାଉଛେ। ଇ ବିପଦ୍ ଅବସ୍‌ତାରେ ଥିବାର କୁଠାରେ ଜୀବନ୍‌କେ ପାଏନ୍ ଛଡ଼େଇ ସୁଆସ୍‌ତିଅ କରମୀ ଝନ୍‌କ ଲୁକ୍‌କୁ ସୁଆସ୍‌ତିଅ ସେବା ଯୁଗେଇ ଆସୁଛନ୍। ହେଲେ କେତେବେଲେ କେନ୍‌ପରକାର ଅଘଟନ ଘଟି ଧନ୍ ଜୀବନ୍‌ର କ୍ଷୟକ୍ଷତି ହେବା କିଛି କହି ନାଇଁହୁଏ ବଲି ସୁଆସ୍‌ତିଅ କରମୀ ସ୍ୱର୍ଣ୍ଣଲତା ମଲ୍ଲିକ କହିଛନ୍। ଇ ବାବ୍‌ଦେ ବାରବାର ଉଚ କର୍ତ୍ତୁରପକ୍ଷକୁଁ କୁହାଯାଉଥିଲେ ବି ନୂତନ କୁଠା ତିଆର କି ଇତାର ବିକଲ୍‌ପ ଦିଗେ ପଦକ୍ଷେପ ନାଇଁ ନିଆଯିବାର ବଲି କରମୀ ଝନ୍‌କ କହିଛନ୍। ଇଆଡ଼େ କେଗାଁରେ ଘର ଭଡ଼ା ନାଇଁ ମିଲବାର ଲାଗି କରମୀ ଝନ୍‌କ ଉପେ ଶୂଇନ୍ ହେଇ ଇ ଦଦ୍‌ରା କୁଠାରେ ରହୁଛନ୍। ସେନ୍‌ତା ସ୍ୱାସ୍ଥ୍ୟ ବିଭାଗ ତରଫୁ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୋଟି କୋଟି ଟଁକା ଖରଚ୍‌ରେ ନୂତନ କୁଠା ତିଆର ହେଇଛେ। ହେଲେ ସେ ସବୁ ଭୁତକୁଠି ଲେଖେଁ ପଡ଼ିରହିଥିଲାବେଲେ ଯେନ୍‌ଠାନେ ନିହାତି ଦରକାର ଅଛେ ସେଠାନେ କୁଠାର ଅଭାବ ରହିଛେ। ଇ ଘଟନାକେ ନେଇ ଦିନୁ ଦିନ୍‌କେ ଅଂଚଲବାସୀକର ଭିତରେ ଅସନ୍‌ତୋଷ ଭାବ ବଢ଼ତେଲ ଯାଉଛେ। ଇ ଦିଗେ ଜିଲା ପରଶାସନ ଆର ବିଭାଗୀୟ ଉଚ କର୍ତ୍ତୁରପକ୍ଷ ଦୁରୁଷ୍‌ଟି ଦେଇ ଉପକେନ୍ଦ୍ରର ଲାଗି ନୂତନ କୁଠା ତିଆରି ଦିଗେ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ବିପଦ୍ ଅବସ୍‌ତାରେ ଥିବାର କେଗାଁ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର।

# ଏନ୍‌ଟିପିସି ମେଡିକାଲକୁ ଏମ୍‌ସ କରାଯାଉ

ସୁନ୍ଦରଗଡ଼, ୨୫।୨ (ଡି.ଏନ୍.ଏ)

ରାଜ୍ୟର ଅନ୍ୟତମ ଆଦିବାସୀ ବହୁଳ ଉପାନ୍ତ ସୁନ୍ଦରଗଡ ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଦାବି ହୋଇଛି। ଜିଲା ସଦର ମହକୁମାଠାରେ ଏନ୍‌ଟିପିସି ଦ୍ୱାରା ନିର୍ମାଣଧୀନ ମେଡିକାଲ କଲେଜ ଓ ହସ୍ପିଟାଲ କାମ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାର ଓ ଏନ୍‌ଟିପିସି ମଧ୍ୟରେ ଏମଓୟୁ ବୁଝାମଣା ମାଧ୍ୟମରେ ନିର୍ମାଣ ହୋଇଥିବା ଏହି ମେଡିକାଲ କଲେଜକୁ ଅଖିଳ ଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ (ଏମସ୍ ) ହସ୍ପିଟାଲ ଓ ମେଡିକାଲ କଲେଜରେ ପରିଣତ କରିବାକୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଦାବି କରିଛନ୍ତି। ସୁନ୍ଦରଗଡ ବିଧାୟିକା ଟେଟେ ଓ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏନ୍‌ଟିପିସି ମେଡିକାଲ କଲେଜକୁ ଏମସ୍‌କୁ ହସ୍ତାନ୍ତର ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେବାକୁ ଦାବି କରିଛନ୍ତି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଜିଲାରେ ଥିବା କୋଇଲା ସମ୍ପଦରୁ ସରକାର ବିପୁଳ ରାଜସ୍ୱ ଆଦାୟ କରୁଥିବା ବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ଜିଲାବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ବିଶେଷକରି ମ୍ୟାଲେରିଆ



ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଦାବିପତ୍ର ଦେଉଛନ୍ତି।

ଡେଙ୍ଗୁ, ସିକିଲସେଲ ଆଦି ବିଭିନ୍ନ ରୋଗ ସମେତ ଅନ୍ୟାନ୍ୟ ଦୁରାରୋଗ୍ୟର ଉଚ୍ଚ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଏନ୍‌ଟିପିସି ଓ ରାଜ୍ୟ ସରକାରଙ୍କ ଏମୟୁ ମାଧ୍ୟମରେ ଏଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଏନ୍‌ଟିପିସି ମେଡିକାଲ କଲେଜର ନିର୍ମାଣ

- ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ଦାବି
- କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେବାକୁ ସ୍ମାରକପତ୍ର

କାର୍ଯ୍ୟ ମେ ୨୦୨୦ ସୁଦ୍ଧା ଶେଷ ହେବା ପରେ ଏନଟିପିସି ତରଫରୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ। ହେଲେ ଏହି ମେଡିକାଲ କଲେଜ ପରିଚାଳନା ସମ୍ପର୍କିତ କୌଣସି ନିଷ୍ପତି ସମ୍ପର୍କରେ ରାଜ୍ୟ ସରକାର ସ୍ପଷ୍ଟ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ଏମସ୍ ପ୍ରତିଷ୍ଠା କରାଯାଇଛି। ହେଲେ ଭୁବନେଶ୍ୱର ଠାରୁ ୩୬୦କିମି ଦୂରରେ ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟ ସୀମାନ୍ତରେ ଅବସ୍ଥିତ ସୁନ୍ଦରଗଡରେ ପ୍ରତିଷ୍ଠିତ ଏନ୍‌ଟିପିସିର ମେଡିକାଲ କଲେଜକୁ ଏମସ୍‌ରେ ପରିଣତ କରାଗଲେ କେବଳ ସୁନ୍ଦରଗଡ ଜିଲା ନୁହେଁ ପଡୋଶୀ କେଉଁଝର, ଦେବଗଡ଼, ଝାରସୁଗୁଡା ଓ ସମ୍ବଲପୁର ଜିଲା ସମେତ ପଡୋଶୀ ରାଜ୍ୟ ଛତିଶଗଡର ରାୟଗଡ, ଯଶପୁର ଓ ଝାଡଖଣ୍ଡର ସିମଡେଗା ଆଦିବାସୀ ବହୁଳ ଜିଲାବାସୀ ମଧ୍ୟ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ଏଣୁ ରାଜ୍ୟ ସରକାର ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାରଙ୍କୁ ଏ ସମ୍ପର୍କରେ ଅନୁମୋଦନ କରିବା ପାଇଁ ବିଧାୟିକା ଟେଟେ ଓ ବିଧାୟକ ଭୋଇ ଦାବି କରିଛନ୍ତି।

# ଓଡ଼ିଶାର ୨୪ ଜିଲାରେ ମହାପ୍ରଭୁଙ୍କ ସମ୍ପତ୍ତି

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କର ଓଡ଼ିଶାର ୨୪ଟି ଜିଲାରେ ୬୦,୪୨୬.୯୪୩ ଏକର ଜମି ରହିଥିବା ଚିହ୍ନଟ କରାଯାଇଛି। ସେଥିରୁ ଏ ପର୍ଯ୍ୟନ୍ତ ୩୪,୮୦୩.୦୧୩ ଏକର ପରିମିତ ଜମିର ଚୂଡାନ୍ତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପ୍ରାପ୍ତ ହୋଇଛି। ବିନା କାଗଜାତରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କର ଜମିକୁ ବେଆଇନ ଭାବେ ଅବରୋଧ କରିଥିବା ବ୍ୟକ୍ତିବିଶେଷଙ୍କୁ ସରଜମିନ ତଦନ୍ତରେ ଚିହ୍ନଟ କରାଯାଇ ଉକ୍ତ ଅବରୋଧକୁ ଉଚ୍ଛେଦ କରାଯିବା ନିମନ୍ତେ ଶ୍ରୀମନ୍ଦିର ଆଇନ-୧୯୫୫ର ଧାରା-୧୬-ଏ(୧) ଅନୁଯାୟୀ ୮୬୪ଟି ବେଆଇନ ଅବରୋଧ ମକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାଏର କରାଯାଇଛି। ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କର ସମସ୍ତ ପାଣ୍ଠିର ସ୍ଥାୟୀ ଜମା ପରିମାଣ ୫୫୨,୪୩,୨୧,୦୦୦ ଟଙ୍କା। ଫ୍ଲେକ୍ସି, ଚଳନ୍ତି ଖାତାରେ ୭୪,୦୧,୫୭,୪୪୪ ଟଙ୍କା ସହ ମୋଟ ୬୨୬,୪୪,୭୮,୪୪୪ ଟଙ୍କା ରହିଛି।

ଶ୍ରୀଜଗନ୍ନାଥଙ୍କ ସମସ୍ତ ପାଣ୍ଠିକୁ ସର୍ବାଧିକ ସୁଧ ହାର ପ୍ରଦାନ କରୁଥିବା ବ୍ୟାଙ୍କରେ ସ୍ଥାୟୀ ଭାବେ ବିନିଯୋଗ କରାଯିବା ପାଇଁ ପ୍ରଚଳିତ ଧାରାକୁ ଅବ୍ୟାହତ ରଖି ଟେଣ୍ଡର

## ମାର୍ଚ୍ଚରେ ୟେସ୍ ବ୍ୟାଙ୍କରୁ ଜମା ରାଶି ହଟିବ

ମାଧ୍ୟମରେ ୟେସ ବ୍ୟାଙ୍କରେ ୨୦୧୯ ସେପ୍ଟେମ୍ବର ୩୦ ତାରିଖରୁ ସ୍ଥାୟୀ ଜମାରେ ୫୪୫ କୋଟି ଏବଂ ଫ୍ଲେକ୍ସି ଜମାରେ ୪୭ କୋଟି ଟଙ୍କା ଏପରି ମୋଟ ୫୯୨ କୋଟି ଟଙ୍କା ରଖାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୪ ଧାରା-୨୮-ସି(୩) ଅନୁଯାୟୀ ଫାଉଣ୍ଡେଶନ ଫଣ୍ଡର ସମସ୍ତ ଅର୍ଥ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ କିମ୍ବା ଦୀର୍ଘମିଆଦୀ ବ୍ୟାଙ୍କଗୁଡିକରେ ଦୀର୍ଘମିଆଦୀ ସ୍ଥାୟୀ ଜମାରେ ରଖାଯିବା ବିଧି ରହିଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ୨୦୧୮ ଅକ୍ଟୋବର ୧୦ ତାରିଖ ଚିଠିସଂଖ୍ୟା ୩୨୬୪୮ ଏବଂ ୨୦୧୯ ଜୁଲାଇ ୨୦ ତାରିଖ ଚିଠି ସଂଖ୍ୟା ୨୪୭୦୫ରେ ପଞ୍ଜୀକୃତ ବ୍ୟାଙ୍କଗୁଡିକ ମଧ୍ୟରେ ୟେସ ବ୍ୟାଙ୍କ ସ୍ଥାନିତ ହୋଇଥିବାରୁ ଏବଂ ସର୍ବାଧିକ ସୁଧ ପ୍ରଦାନ କରୁଥିବାରୁ ଏହି ବ୍ୟାଙ୍କରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ପାଣ୍ଠିକୁ ସ୍ଥାୟୀ ଜମା ଫ୍ଲେକ୍ସି ଜମାରେ ବିନିଯୋଗ କରାଯାଇଥିଲା। ଇତିମଧ୍ୟରେ ଫ୍ଲେକ୍ସି ଜମା ୪୭ କୋଟିକୁ ୟେସ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଆସନ୍ତା ମାର୍ଚ୍ଚ ୧୯ ଓ ୩୦ ତାରିଖରେ ପ୍ରତ୍ୟାହାର କରାଯିବ। ସେହିଦିନ ଟେଣ୍ଡର ମାଧ୍ୟମରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସ୍ଥାୟୀ ଜାଗାରେ ପୁନଃ ବିନିଯୋଗ କରିବାକୁ ୨୦୨୦ ଫେବୃୟାରୀ ୫ତାରିଖରେ ନିଷ୍ପତ୍ତି ହୋଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନିଶା ନିବାରଣ ଉପରେ ଗୁରୁତ୍ୱ



ମହାସଭାରେ ଉପସ୍ଥିତ ସମାଜର ମହିଳା ପୁରୁଷ।

## ମଗଧା ଯାଦବ ସମାଜର ମହାସଭା

ବଡ଼ଗାଁ, ୨୫।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ମଗଧା ଯାଦବ ସମାଜ ୫ଶହ ଘରର ମହାସଭା ସୋମବାର ଅନୁଷ୍ଠିତ ହୋଇଛି। ସନାତନ ଭଏଁସାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ମହାସଭାରେ ସମାଜର କେନ୍ଦ୍ରୀୟ କମିଟି କର୍ମକର୍ତ୍ତା (ସାଙ୍ଗଠନିକ) କିଶୋର ନାଏକ, ପାମରା ଗାଦି ସଭାପତି ବାବୁଲି କର୍ସେଲ, ଉପେନ୍ଦ୍ର ହଂସ, ଜାଗେଶ୍ୱର ରାଜ, ଦୁର୍ଯ୍ୟୋଧନ ମହାକୁଡ, ରବି ନାରାୟଣ ଗହିର, ରବି ହଂସ, ପ୍ୟାରିଲାଲ ଧରେଇ, କିଶୋର ନାଏକ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସମାଜର ଲୋକେ ଶିକ୍ଷା ପ୍ରତି ସଚେତନ ହେବା ଛୋଟ ପିଲାଙ୍କୁ ସ୍କୁଲ ପଠାଇବା, ବାଳିକା ଶିକ୍ଷା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜ ଲୋକେ ମଦ, ହାଣ୍ଡିଆ ଆଦି ନିଶାରୁ ଦୂରେଇ ରହିବା ଉପରେ ସମସ୍ତ କର୍ମକର୍ତ୍ତା ଗୁରୁତ୍ୱାରୋପ କରିଥିଲେ। ମଦ ଯୋଗୁ ସମାଜରେ ପଡୁଥିବା କୁପ୍ରଭାବ ଉପରେ ବୁଝାଇବା ସହିତ ସମାଜ ଦ୍ୱାରା ପ୍ରସ୍ତୁତ ନୀତି ନିୟମ ପାଳନ ନ କଲେ ସାମାଜିକ କଟକଣା ଜାରି କରିବାକୁ ଚେତାବନୀ ଦେଇଥିଲେ। ମହାସଭାରେ କୁମର ହଂସ, ବନମାଳୀ ବାଗ, ଜଗବନ୍ଧୁ ରଥ, ଫକୀର ମୋହନ ନାଗ, ଦଇତାରୀ ଧରେଇ, ନବୀନ କବାଟ ମତାମତ ଉପସ୍ଥାପନ କରିଥିଲେ ।

# ଆଦିବାସୀ ଏକତା ମଞ୍ଚର ବାର୍ଷିକୋତ୍ସବ ଉଦ୍‌ଯାପିତ

ସୁନ୍ଦରଗଡ, ୨୫।୨ (ଡି.ଏନ.ଏ)

ଜନ ସଙ୍ଗଠନ ଆଦିବାସୀ ଏକତା ମଞ୍ଚର ତିନି ଦିନ ଧରି ଚାଲିଥିବା ୧୨ତମ ବାର୍ଷିକୋତ୍ସବ ଉଦ୍‌ଯାପନ ହୋଇଛି। ମଞ୍ଚର ସଭାପତି ପ୍ରେମ ସାଗର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହର ପୁରସ୍କାର ବିତରଣ ଉତ୍ସବର ମୁଖ୍ୟ ଅତିଥି ଭାବରେ ହେମଗିର ବ୍ଲକ ଅଧକ୍ଷା ସୁଧାରାଣୀ ରଉଡିଆ, ସରପଞ୍ଚ ଚନ୍ଦ୍ରକାନ୍ତି ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନ ତଥା ତୃତୀୟ ଦିବସକୁ ଜିଲାପରିଷଦ ସଭ୍ୟ ପୂରବୀ ନାଏକ ଉଦ୍‌ଘାଟନ କରିଥିଲେ। ହକି ଫାଇନାଲ ମ୍ୟାଚକୁ ହେମଗିର ଭାରପ୍ରାପ୍ତ ବିଡିଓ ସଚିଦାନନ୍ଦ ପଟେଲ ଉଦଘାଟନ କରିଥିଲେ। ଦ୍ୱିତୀୟ ଦିନରେ ମାଥିଆସ ଓରାମ ଅତିଥି ଭାବରେ ଯୋଗଦେଇଥିଲେ। ବର୍ଷା ସତ୍ତ୍ୱେ ମଞ୍ଚର ସମାରୋହ ପ୍ରତି ଜନସାଧାରଣଙ୍କ ଆଗ୍ରହ ଅତିଥିମାନଙ୍କୁ ଚକିତ କରିଥିବା ବେଳେ ସଙ୍ଗଠନକୁ ପ୍ରଶଂସା କରିଥିଲେ । ତିନିଦିନ ଧରି ଚାଲିଥିବା ବାର୍ଷିକୋତ୍ସବରେ ହକି, ସାଂସ୍କୃତିକ ନୃତ୍ୟ, ଧନୁତୀର, ଅନ୍ଧପୁଟୁଳି ଓ ଖେଳି ସିଲେଇ ଆଦି ପ୍ରତିଯୋଗିତା ହୋଇଥିଲା । ହକିରେ ଲେଫ୍ରିପଡା ବ୍ଲକର ମଙ୍ଗରକୁଣ୍ଡା ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବସୁନ୍ଧରା ସ୍ପୋର୍ଟ୍ସ କ୍ଲବ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସାଂସ୍କୃତିକ ନୃତ୍ୟରେ ଲେବଦାଯୋର ପ୍ରଥମ, ତୁମ୍ବିଖୋଲ ଦ୍ୱିତୀୟ ଓ ମସିଣା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧନୁତୀରରେ ପ୍ରକାଶ ବର୍ଜୁ, ପଦ୍ମନ ମାଝୀ, ଗୋବର୍ଦ୍ଧନ ହର୍ମା ଓ ଖଲି ସିଲେଇରେ ବିଶାଖା ଗିଦିଲି, ଜୟନ୍ତୀ କୁଜୁର ଓ ଅନିମା ବାରୁଆ ଏବଂ ଅନ୍ଧପୁଟୁଳିରେ ପାସ୍କାଲ ଏକ୍କା, ବିଜୁ ବାର୍ଲା ଓ ଗାରିମା ଖେସ ବିଜେତା ହୋଇଥିଲେ । ବିଜେତାମାନେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ସମାରୋହକୁ ସଫଳ କରିବା ପାଇଁ ମଞ୍ଚର ରାଜେନ୍ଦ୍ର ନାଏକ, ମାର୍କୁସ ବେକ, ପୁଷ୍ପା ତିର୍କୀ. ଗ୍ରିଗୋରୀ ସୋରେଙ୍ଗ, ଦୁଆରୁ ବିଲୁଙ୍ଗ, ଚାରଲେସ ଟପ୍ପୋ, ଜନ୍ମ ଓରାମ, ହାରାଚାନ୍ଦ ଡନସନା, ବେନେଦିକ୍ତା ଏକ୍କା, ସୁକାନ୍ତି ଲାକ୍ରା, କାନ୍ତ ଡୁଙ୍ଗଡୁଙ୍ଗ, ଲେଓସ କୁଜୁର, ରମେଶ ବେକ, ଖତୁ ଓରାମ, ରାତୁ ହର୍ମା ଓ ଜୋହାନ କୁଲୁ ପ୍ରମୁଖ ରହିଥିଲେ।



ଜନସଙ୍ଗଠନ ଆଦିବାସୀ ଏକତା ମଞ୍ଚର ବାର୍ଷିକୋତ୍ସବର ମୂହୂର୍ତ୍ତ।

# ପୁଞ୍ଜୀଭୂତ ଅସନ୍ତୋଷର ପ୍ରତିଫଳନ

ବଣାଇ, ୨୫।୨(ସ୍ୱ.ପ୍ର.)

ରବିବାର ବଣାଇ ଉପଖଣ୍ଡ କୋଇଡା ବ୍ଲକ ଅନ୍ତର୍ଗତ ରେଲହାତୁ ପଞ୍ଚାୟତରେ ବିପିଏଲ ଚାଉଳ ବଣ୍ଟନରେ ହେରଫେର ପ୍ରତିବାଦରେ ହିତାଧିକାରୀ ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସହାୟକ ସମେତ ୫ଜଣଙ୍କୁ ୮ ଘଣ୍ଟାଧରି ତାଲା ମାରି ରଖିଥିଲେ। ଏହି ଘଟଣା ସାଧାରଣତଃ ରବିବାରର ପରିସ୍ଥିତି ନେଇ ଉପୁଜିଥିଲା ବୋଲି ଚିନ୍ତା କରିବା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ସମ୍ପୃକ୍ତ ଅଞ୍ଚଳ ମାଓବାଦୀଗଡରେ ପରିଣତ ଥିବାବେଳେ ଅଞ୍ଚଳର ଜନସାଧାରଣ ପ୍ରଶାସନର ଅନବରତ ପ୍ରଚେଷ୍ଟା କାରଣରୁ ମାଓବାଦୀବିମୁଖ ହୋଇ ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ଅଞ୍ଚଳର ଅଧିବାସୀମାନଙ୍କୁ ସମସ୍ତ ପ୍ରକାର ସହାୟତା ସୂଚାରୁ ରୁପେ କେମିତି ମିଳିବ, ମାଓବାଦୀଙ୍କ ଭୟରେ ପ୍ରଶାସନ ସଦା ଚେଷ୍ଟା କରୁଥିଲା। ଏବେ ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମାଓବାଦୀମାନଙ୍କୁ ସହାୟତା ନ କରିବା କାରଣରୁ ଅଞ୍ଚଳ ଏକ ପ୍ରକାର ମାଓବାଦୀ ବିହିନ ହୋଇଛି। ଏହି କାରଣରୁ ପ୍ରଶାସନ ଉପରମୁହାଁ ହୋଇ ସମ୍ପୃକ୍ତ ଅଞ୍ଚଳପ୍ରତି ଧ୍ୟାନ ନ ଦେବା ପୁଣି ମାଓବାଦୀ ଅଞ୍ଚଳରେ ପରିଣତ କରିବାର କାରଣ ସାଜିପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶା -ଝାଡ଼ଖଣ୍ଡ ସୀମା ସଂଲଗ୍ନ ରେଲହାତୁ ପଞ୍ଚାୟତର ୫ଟି ଗ୍ରାମ ଯଥା ସାନବାଲିଯୋର, ଲଙ୍ଗଳକଟା, ରେଲହାତୁ, ମହୁପଦା ଏବଂ ଝାରବେଡା ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲ ଘେର ମଧ୍ୟରେ ରହିଛି। ଏହି ଅଞ୍ଚଳରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଅଧିବାସୀ ବସବାସ କରୁଥିବାବେଳେ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସାତସପନ ସାଜିଛି। ଅଞ୍ଚଳର ଲୋକେ ଖାଇବା ପାଇଁ ସକ୍ଷମ ନ ଥିବାବେଳେ ରୋଜଗାର ଅଭାବରୁ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି। କେବଳ ସେତିକି ନୁହେଁ, ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଆଇନ, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଖାଦ୍ୟପାଇଁ କାମ ଯୋଜନା ସମ୍ପୂର୍ଣ୍ଣ ବାଟବଣା ହୋଇପଡିଛି। କାମ ଅଭାବରୁ ରୋଜଗାର ହରାଇଥିବା ହିତାଧିକାରୀ ଓଳିଏ ଖାଇବା ପାଇଁ ପ୍ରତିଦିନ ଜୀବନ ସହ ସଂଘର୍ଷ କରୁଥିବା ଏକ ସାଧାରଣ ଘଟଣା ସାଜିଛି। ରେଲହାତୁରେ କାର୍ଯ୍ୟକ୍ଷମ ପଞ୍ଚାୟତ କାର୍ଯ୍ୟାଳୟର ବଡପଣ୍ଡାମାନେ ଶୋଷଣରୁ ବାଦ ପଡି ନାହାନ୍ତି। ଯାହାର ବିଜୁପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁଛି ତାଙ୍କୁ ପଞ୍ଚାୟତ କର୍ମଚାରୀମାନେ ଫଟୋ କରିବା ନାଁରେ ୫ଶହ ଟଙ୍କା ଏବଂ କୁକୁଡା ନଦେଲେ ମୁହଁ ବୁଲାଇ ଦେଉଛନ୍ତି। ସେହିଭଳି ସମ୍ପୂର୍ଣ୍ଣ ହୋଇଥିବା ଆବାସଗୃହ ଗୁଡିକର ହିତାଧିକାରୀମାନଙ୍କୁ ଅର୍ଥ ଦେବାକୁ ଦାବି କରୁଛନ୍ତି। ଏ ସମସ୍ତ କାରଣରୁ ଅତିଷ୍ଠ ହିତାଧିକାରୀଙ୍କ ପେଟରୁ ଦାନା କାଟିବା ଘଟଣା ହଠାତ ଉତ୍ତେଜନାର କାରଣ ସାଜିଥିଲା। ଯେହେତୁ ସମ୍ପୃକ୍ତ ଅଞ୍ଚଳ ମାଓବାଦୀ ଅଧ୍ୟୁଷିତ, ତେଣୁ ଉପରିସ୍ଥ କର୍ମଚାରୀ ଅଞ୍ଚଳର ପରିଦର୍ଶନରେ ନ ଯିବା ଏକ ପ୍ରକାର ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ସଦୃଶ ସାଜିବା କାରଣରୁ ଅବ୍ୟବସ୍ଥା ଏକ ସାଧାରଣ ଘଟଣା ସାଜିଛି। ଏ ସମସ୍ତ ଦିଗପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ନ ଦେଲେ ବିତସ୍ପୃହ ଅଧିବାସୀ ପୁନଃ ମାଓବାଦୀ ମୁହାଁ ହେବେ ଏଥିରେ ଦ୍ୱିମତ ନାହିଁ।

# ବଢୁଛି ଦୁର୍ଘଟଣା, ଗଡୁଛି ମୁଣ୍ଡ

ନୂଆଗାଁ, ୨୫।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ଆଦିବାସୀ ଅଧ୍ୟୁଷିତ ନୂଆଗାଁ ବ୍ଲକରେ ଏକ ବ୍ୟସ୍ତବହୁଳ ରାସ୍ତା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ରାସ୍ତାରେ ଦୁର୍ଘଟଣା ବଢିବା ସହ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ି ଚାଲିଛି। ଅଣଓସାରିଆ ରାସ୍ତା ଯୋଗୁ ଦୁର୍ଘଟଣା ବଢୁଛି ବୋଲି କୁହାଯାଉଛି। ଏହି ରାସ୍ତା ହେଉଛି ମିଟକୁନ୍ଦୁରୀ-ନୂଆଗାଁ ଆରଡ଼ି (ଗ୍ରାମ୍ୟ ଉନ୍ନୟନ) ବିଭାଗ ରାସ୍ତା।

କୃଷି ବହୁଳ ବ୍ଲକ ଭାବରେ ନୂଆଗାଁ ପ୍ରସିଦ୍ଧ। ଏକଦା ନିଜ କୃଷି ଉତ୍ପାଦନକୁ ବିକ୍ରି କରିବାରେ ବାଧକ ସାଜିଥିବା କୋଏଲ ନଦୀ ଉପରେ ପୋଲ ନିର୍ମାଣ ପରେ ଚାଷୀଙ୍କ ଗୋଟିଏ ସମସ୍ୟା ନିଶ୍ଚିତ ଦୂରହେଲା । ଏପରିକି ସାଧାରଣ ଲୋକେ ବି ଉପକୃତ ହେଲେ ଏହି ପୋଲ ନିର୍ମାଣ ଯୋଗୁ। ପୋଲ ନିର୍ମାଣ ପରେ ନୂଆଗାଁ ବ୍ଲକର ୨୦ଟି ପଞ୍ଚାୟତ ସହ ରାଉରକେଲା ସହର ସିଧାସଳଖ ସଂଯୋଗ ହୋଇପାରିଲା। ପୂର୍ବରୁ କୋଏଲ ନଦୀ ଯୋଗୁ ନୂଆଗାଁ ଲୋକେ ଝିରିପାଣି, ରାଉରକେଲା ସହ ସିଧାସଳଖ ସଂଯୋଗିକରଣ ନେଇ ସମସ୍ୟା ଉପୁଜୁଥିଲା। ଲୋକେ ବିଶ୍ରାଦେଇ ରାଉରକେଲା ଅଞ୍ଚଳକୁ ଯାଉଥିଲେ ଯାହା ସେମାନଙ୍କୁ ଅଧିକ ୧୫ କିଲୋମିଟର ରାସ୍ତା ଯିବାକୁ ପଡୁଥିଲା। ତେବେ ମିଟକୁନ୍ଦୁରୀଠାରେ ଏହି ପୋଲ ନିର୍ମାଣ ପରେ ନିଶ୍ଚିତ ଭାବରେ ନୂଆଗାଁ ବ୍ଲକବାସୀ ଉପକୃତ ହେଲେ। ହେଲେ ପୋଲ ନିର୍ମାଣ ପରେ ସମସ୍ୟା ବି ବଢ଼ିଗଲା। ସମସ୍ୟା ହେଲା ମିଟକୁନ୍ଦୁରୀଠାରୁ ନୂଆଗାଁକୁ ୨୦ କିମି ରାସ୍ତା। ଏହା ଅଣଓସାରିଆ (ସିଙ୍ଗଲ ରୋଡ) ହୋଇଥିବାରୁ ପ୍ରତିଦିନ ଏହି ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟିଚାଲିଛି। ମୁଖ୍ୟତଃ ଦେଖିବାକୁ ଗଲେ ପୋଲ ନିର୍ମାଣ ପରେ ବ୍ଲକର ସବୁଠାରୁ ଜନବହୁଳ ରାସ୍ତା କହିଲେ ମିଟକୁନ୍ଦୁରୀ- ନୂଆଗାଁ ରାସ୍ତା, ଏହି ଝିରିପାଣି, ମିଟକୁନ୍ଦୁରୀଠାରୁ ସିଧାସଳଖ ନୂଆଗାଁ ବ୍ଲକ ସଦର ମହକୁମାକୁ ସଂଯୋଗ କରୁଛି। ସେପଟେ ସୋରଡା ଦେଇ ଏହି ରାସ୍ତା ଝାଡଖଣ୍ଡକୁ ଯାଇଛି। ଏସବୁ ଦୃଷ୍ଟିରୁ ଏହି ରାସ୍ତାରେ ୨୪ ଘଣ୍ଟା ଗାଡି ଚଳପ୍ରଚଳ କରୁଛି। ହେଲେ ସିଙ୍ଗଲ ରାସ୍ତା ଯୋଗୁ ଦୁର୍ଘଟଣା ଘଟିଚାଲିଛି। ସେହିଭଳି ଆରଡି ଦ୍ୱାରା ନିର୍ମିତ ରାସ୍ତାଟି ଅଧିକାଂଶ ସମୟରେ ଶୋଚନୀୟ ହୋଇପଡୁଛି। ଲୋକଙ୍କୁ ଯିବା ଆସିବାରେ ବହୁ ସମସ୍ୟା ଉପୁଜୁଛି। ଉକ୍ତ ପୋଲ ନିର୍ମାଣ ପରେ ଏହି ମିଟକୁନ୍ଦୁରୀ- ନୂଆଗାଁ ମଝିରେ ଏକାଧିକ ଢ଼ାବା, ହୋଟେଲ ଖୋଲିଲା। ଏହି ସବୁ ଢାବା, ହୋଟେଲରେ ମଦବିକ୍ରି ବଢିଲା। ପ୍ରତିଦିନ ଲୋକେ ମଦ୍ୟପାନ କରି ଏହି ରାସ୍ତାରେ ଦ୍ରୁତ ଗତିରେ ଗାଡି ଚାଳନା କରୁଛନ୍ତି। ଯାହାଫଳରେ ଦୁର୍ଘଟଣା ବଢୁଛି। ସେହିପରି କେତେକ ଜମି ଦଲାଲ ସେହି ଅଞ୍ଚଳରେ ଆଦିବାସୀମାନଙ୍କ ଜମିଗୁଡିକ ଅତି କମ ଦାମରେ ନେଇ ରାସ୍ତାକୁ ଲାଗି ଘରତିଆରି କରିଲେଣି। ଯାହା ରାସ୍ତା ସଂକୁଚିତର ଅନ୍ୟତମ କାରଣ। ଏହି ଆରଡି ରାସ୍ତା ଉପରେ ବା ରାସ୍ତାକୁ ଲାଗି ଲୋକେ ଘରତିଆରି କରୁଥିଲେ ହିଁ ପ୍ରଶାସନ ମୁହଁ ଖୋଲୁନାହିଁ। ଯାହା ଦୁର୍ଘଟଣାର ଆଉ ଏକ କାରଣ। ସବୁଠାରୁ ଉଦବେଗର ବିଷୟ ହେଲା ବିଶ୍ରା ଥାନା



ମିଟକୁନ୍ଦୁରୀ- ନୂଆଗାଁ ଆରଡି ରାସ୍ତା।

- ମିଟକୁନ୍ଦୁରୀ- ନୂଆଗାଁ ଆରଡି ରାସ୍ତା
- ଅଣଓସାରିଆ ରାସ୍ତା ଯୋଗୁ ବଢୁଛି ଦୁର୍ଘଟଣା
- ବ୍ଲକର ସବୁଠୁ ବ୍ୟସ୍ତବହୁଳ ରାସ୍ତା ପାଲଟିଛି

ପୋଲିସ ଏ ଅଞ୍ଚଳରେ ଆଦୌ ପାଟ୍ରୋଲିଂ କରୁନାହିଁ। କେବଳ କାଁ ଭାଁ କେମିତି ଗାଡି ଯାଞ୍ଚ କରି ନିଜ କାର୍ଯ୍ୟ ସମ୍ପାଦନ କରୁଛି। ପାଟ୍ରୋଲିଂର ବ୍ୟବସ୍ଥା ନ ଥିବାରୁ ଉକ୍ତ ଅଞ୍ଚଳରେ ଦେଶୀ, ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ବେଳେ ମଦ୍ୟପମାନଙ୍କ ଉପଦ୍ରବ ବୃଦ୍ଧି ପାଉଛି। ସନ୍ଧ୍ୟା ପରେ ଗାଡି ଚାଳକମାନେ ଦ୍ରୁତ ଗତିରେ ଗାଡିଚାଳନା କରି ଯାଉଛନ୍ତି। ଫଳରେ ସେହି ସମୟରେ କୌଣସି ଦୁର୍ଘଟଣା ଘଟିଲେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟୁଛି । ଗତ ରବିବାର ରାତ୍ରିରେ ଏକ ଘଟଣା କ୍ରମେ ମିଟକୁନ୍ଦୁରୀ- ନୂଆଗାଁ ରାସ୍ତା ମଝିରେ ଥିବା କାର୍କାଟା ଗ୍ରାମର ମହେଶ୍ୱର ସିଂଙ୍କ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଅଜୟ ତିର୍କୀ ନାମକ ଯୁବକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ହେଲେ କେଉଁ ଗାଡି ଦୁର୍ଘଟଣା ଘଟାଇଛି ତାହା ପୋଲିସ ଜାଣିପାରୁନାହିଁ। ଏହା କେବଳ ଗୋଟିଏ ଘଟଣା ନୁହେଁ, ଏହି ରାସ୍ତା ଦେଇ ଅନେକ ଘଟଣା, ଦୁର୍ଘଟଣା ଘଟିଚାଲିଛି। ହେଲେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ନିକଟରେ ନୂଆଗାଁ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ତଥା ବିଜେଡିର ବ୍ଲକ ସଭାପତି ଦିଗାମ୍ବର ଦାସ, ଯୁବନେତା ପ୍ରଦୀପ ସାହୁ, ସିମନ କୁଜୁର, ଗଜେନ୍ଦ୍ର ସାହୁ ପ୍ରମୁଖ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ପୂର୍ତ୍ତ ବିଭାଗ ଏହି ରାସ୍ତାକୁ ନେଇ ଦୁଇ ପାର୍ଶ୍ୱରେ ଚଉଡା, ମଜବୁତ ଭାବରେ ତିଆରି କରିବା ପାଇଁ ସେମାନେ ଦାବି କରିଛନ୍ତି। ତେଣୁ ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଏନେଇ ରିଜ୍ୟୁଲେସନ କରାଯାଇ ଜିଲାପାଳଙ୍କୁ ଦିଆଯାଇଥିବା କୁହାଯାଉଛି। ସେହିଭଳି ସ୍ଥାନେ ସ୍ଥାନେ ଷ୍ଟ୍ରିଟ ଲାଇଟ ଦିଆଯାଉ। ମଦ୍ୟପଙ୍କ ଉପରେ କଡା ନଜର ରଖି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି ହୋଇଛି।